بِسۡمِ اللّٰہِ الرَّحۡمٰنِ الرَّحِیۡمِ　نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ　وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସଂଖ୍ୟା: 19-20

ବାର୍ଷିକ ଦେୟ: 600/-

**ସମ୍ପାଦକ:** କମ୍ବୁଲ୍ ହକ୍ ଖାନ୍

**ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

19-26 ଜୁଲ୍ କାଆଦା, 1447 ହି.କ, 07-14 ଶାହାଦତ୍ 1405 ହି.ଶ, 07-14 May 2026 ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

وَعَدَ اللّٰہُ الَّذِیۡنَ اٰمَنُوۡا مِنۡکُمۡ وَ عَمِلُوا الصّٰلِحٰتِ لَیَسۡتَخۡلِفَنَّہُمۡ فِی الۡاَرۡضِ کَمَا اسۡتَخۡلَفَ الَّذِیۡنَ مِنۡ قَبۡلِہِمۡ ۪ وَ لَیُمَکِّنَنَّ لَہُمۡ دِیۡنَہُمُ الَّذِی ارۡتَضٰی لَہُمۡ وَ لَیُبَدِّلَنَّہُمۡ مِّنۡۢ بَعۡدِ خَوۡفِہِمۡ اَمۡنًا ؕ یَعۡبُدُوۡنَنِیۡ لَا یُشۡرِکُوۡنَ بِیۡ شَیۡئًا ؕ وَ مَنۡ کَفَرَ بَعۡدَ ذٰلِکَ فَاُولٰٓئِکَ ہُمُ الۡفٰسِقُوۡنَ ۝

**ଅନୁବାଦ:** "ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରୁଛନ୍ତି ଅଲ୍ଲାଃତାଲା ସେମାନଙ୍କ ସହିତ ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିଦେବେ ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ । ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେମାନଙ୍କ ପାଇଁ ତାହାକୁ ଦୃଢ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ। ସେମାନେ ଆମ୍ଭର ଉପାସନା କରିବେ ଓ ଆମ୍ଭ ସହିତ କୌଣସି ବସ୍ତୁକୁ ଶିର୍କ (ସମକକ୍ଷ) କରିବେ ନାହିଁ ଏବଂ ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଗଣ୍ୟ ହେବେ ।" (ଅନ୍ ନୁର୍-56)

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ୍ ସ.ଅଙ୍କ ବାଣୀ

### ଅବତାରତ୍ୱ ଶୈଳୀ ଅନୁଯାୟୀ ଖିଲାଫତ ବ୍ୟବସ୍ଥା

عَنۡ حُذَیۡفَۃَ رَضِیَ اللّٰہُ عَنۡہُ قَالَ: قَالَ رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ تَکُوۡنُ النُّبُوَّۃُ فِیۡکُمۡ مَاشَآءَ اللّٰہُ اَنۡ تَکُوۡنَ ثُمَّ یَرۡفَعُھَا اللّٰہُ تَعَالٰی ثُمَّ تَکُوۡنُ خِلَافَۃٌ عَلٰی مِنۡھَاجِ النُّبُوَّۃِ مَاشَآءَ اللّٰہُ اَنۡ تَکُوۡنَ ثُمَّ یَرۡفَعُھَا اللّٰہُ تَعَالٰی ثُمَّ تَکُوۡنُ مُلۡکًا عَاضًّا فَتَکُوۡنُ مَاشَآءَ اللّٰہُ اَنۡ تَکُوۡنَ ثُمَّ یَرۡفَعُھَا اللّٰہُ تَعَالٰی ثُمَّ تَکُوۡنُ مُلۡکًا جَبۡرِیَّۃً فَیَکُوۡنُ مَاشَآءَ اللّٰہُ اَنۡ تَکُوۡنَ ثُمَّ یَرۡفَعُھَا اللّٰہُ تَعَالٰی ثُمَّ تَکُوۡنُ خِلَافَۃٌ عَلٰی مِنۡھَاجِ النُّبُوَّۃِ ثُمَّ سَکَتَ۔ **(ମସନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-4, ପୃ-273, ମିଶ୍‌କାତ୍, ବାବୁଲ୍ ଇନ୍‌ଜାରି ୱତ୍ ତହ୍‌ଜିରି)**

**ଅନୁବାଦ୍:** ହ ହୁଜୈଫା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ ସେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ନବୁୱତ୍ (ଅବତାରତ୍ୱ) ଅକ୍ଷୁର୍ଣ୍ଣ ରହିବ । ପୁନଶ୍ଚ ସେ ଖିଲାଫତ୍‌କୁ ଅପସାରଣ (ଉଠାଇ ନେବେ) କରିନେବେ ଓ ଖିଲାଫତ୍ ଅଲା ମିନ୍‌ହେଜେ ନବୁୱତ୍ ଅର୍ଥାତ୍ ଅବତାରତ୍ୱ ପନ୍ଥାନୁଯାୟୀ ଖିଲାଫତ୍ ବ୍ୟବସ୍ଥା ସ୍ଥାପିତ ହେବ । ପୁନଶ୍ଚ ଅଲ୍ଲାଃତାଲା ଯେତେବେଳେ ଚାହିଁବେ ସେ ଏହି ପୁରସ୍କାର ତଥା ଅବଦାନକୁ ଅପସାରଣ କରିନେବେ ଅର୍ଥାତ୍ ସମାପ୍ତ କରିଦେବେ । ପୁନଶ୍ଚ ପୀଡ଼ାଦାୟକ ସମ୍ରାଟ ବ୍ୟବସ୍ଥା ସ୍ଥାପିତ ହେବ । ଏହି ବ୍ୟବସ୍ଥା ସେପର୍ଯ୍ୟନ୍ତ ରହିବ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ । ଯେତେବେଳେ ଏହି ଯୁଗ ସମାପ୍ତ ହେବ ସେତେବେଳେ ଏହାଠୁ ବି ଅଧିକ କ୍ରୁର ସମ୍ରାଟତ୍ୱ ଯୁଗ ସ୍ଥାପିତ ହେବ । ଏହି ଯୁଗ ସେପର୍ଯ୍ୟନ୍ତ ରହିବ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ । ପୁନଶ୍ଚ ଅନ୍ୟାୟ ଓ ଅତ୍ୟାଚାରର ଯୁଗକୁ ଅଲ୍ଲାଃତାଲା ସମାପ୍ତ କରିଦେବେ । ତତ୍ପରେ ପୁନଶ୍ଚ ଅବତାରତ୍ୱ ପନ୍ଥାନୁଯାୟୀ ଖିଲାଫତ୍ ବ୍ୟବସ୍ଥା ସ୍ଥାପିତ ହେବ । ଏହା କହି ଆପଣ ସ.ଅ ନିରବ ହୋଇଗଲେ ।

"ଆଁହଜରତ୍ ସ.ଅ ହ. ହୁଜୈଫା ବିନ୍ ୟମାନ୍ ର.ଅଙ୍କୁ ସମ୍ବୋଧିତ କରି କହିଲେ: "اِنۡ رَاَیۡتَ یَوۡمَئِذٍ خَلِیۡفَۃَ اللّٰہِ فِی الۡاَرۡضِ فَالۡزَمۡہُ وَاِنۡ نُہِکَ جِسۡمُکَ وَاُخِذَ مَالُکَ" ଅର୍ଥାତ୍ ହେ ହୁଜୈଫା ! ଯଦିଓ ତୁମର ଶରୀରକୁ ଝୁଣି ଦିଆଯାଏ ଏବଂ ତୁମ୍ଭର ଧନକୁ ଲୁଣ୍ଠନ କରିନିଆଯାଏ ତେବେ ମଧ୍ୟ ତୁମେ ତାହାଙ୍କୁ (ଖଲିଫାଙ୍କୁ) ଦୃଢ ରୂପେ ଜାବୁଡ଼ି ରଖ । ଅର୍ଥାତ୍ ଖଲିଫାଙ୍କ ସହିତ ସଂଶ୍ଳିଷ୍ଟ ରୁହ ।" **(ମସନଦ୍ ଅହମଦ୍ ବିନ୍ ହମ୍ବଲ୍, ହଦିସ୍- ହୁଜୈଫା ବିନ୍ ୟମାନ୍, ହଦିସ୍ ନଂ-22916)** ☆--☆--☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

### ତୁମମାନଙ୍କ ନିମନ୍ତେ ଦ୍ୱିତୀୟ ଐଶ୍ୱରିକ (ଶକ୍ତି) ଲୀଳା ଦେଖିବା ମଧ୍ୟ ଆବଶ୍ୟକ ଅଟେ । ସେହି ଦ୍ୱିତୀୟ ଐଶୀ ଲୀଳାର ଆଗମନ ମଧ୍ୟ ତୁମମାନଙ୍କ ପକ୍ଷେ ଉତ୍ତମ ଅଟେ । କାରଣ ସେହି ଐଶୀ ଲୀଳା ସାର୍ବକାଳୀନ ଅଟେ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଖଲିଫା ଜାନଶିନ୍‌କୁ କୁହନ୍ତି । ଜାନଶିନ୍‌ର ଅର୍ଥ ହେଲା କୌଣସି ବ୍ୟକ୍ତିର ବିୟୋଗ ପରେ ତା' ସ୍ଥାନରେ ବସିବା (ଓଡ଼ିଆରେ ଏହାକୁ ଉତ୍ତରାଧିକାରୀ ଅର୍ଥର ଗ୍ରହଣ କରାଯାଇଥାଏ) । ଅତଏବ୍ ଅର୍ଥ ଦୃଷ୍ଟିରୁ ରସୁଲଙ୍କର ଉତ୍ତରାଧିକାରୀ ସେହି ବ୍ୟକ୍ତି ହିଁ ହୋଇ ପାରିବ ଯିଏ ଛାୟୀ ସ୍ୱରୂପ ରସୁଲ (ବାର୍ତ୍ତାବହ)ଙ୍କ ସମସ୍ତ ଗୁଣାବଳୀ ନିଜ ମଧ୍ୟରେ ଧାରଣ କରୁଥିବ । ତେଣୁ ଏଇଥି ପାଇଁ ରସୁଲ୍ କରୀମ୍ ସ.ଅ ଏହା ଚାହିଁଲେ ନାହିଁ ଯେ, ଅତ୍ୟାଚାରୀ ସମ୍ରାଟ ଉପରେ ଉକ୍ତ ଶବ୍ଦଟି ଚରିତାର୍ଥ ହେଉ । କାରଣ ଖଲିଫା ବାସ୍ତବରେ ରସୁଲଙ୍କର ହିଁ ଛାୟୀ ହୋଇଥାଏ । ଯେହେତୁ କୌଣସି ବ୍ୟକ୍ତି ନିମନ୍ତେ ସାର୍ବକାଳୀନ ଚିରଞ୍ଜୀବତ୍ୱ ନାହିଁ ତେଣୁ ଅଲ୍ଲାଃତାଲା ଏହା ଚାହିଁଲେ ଯେ, ରସୁଲ୍ କରୀମ୍ ସ.ଅଙ୍କ ଅସ୍ତିତ୍ୱ ଯାହାକି ସମସ୍ତ ସଂସାରର ଅସ୍ତିତ୍ୱ ଅପେକ୍ଷା ସର୍ବାଧିକ ସୌଜନ୍ୟ, ଶିଷ୍ଟ ଏବଂ ସର୍ବୋତ୍ତମ ଅଟେ, ଛାୟୀ ସ୍ୱରୂପ ଚିରକାଳ ପାଇଁ ପ୍ରଳୟ ଦିବସ ପର୍ଯ୍ୟନ୍ତ ତାହାକୁ ଅକ୍ଷୁର୍ଣ୍ଣ ରଖନ୍ତୁ । ତେଣୁ ଏହି ଅଭିପ୍ରାୟ ସକାଶେ ଈଶ୍ୱର ଖିଲାଫତ୍ ବ୍ୟବସ୍ଥାକୁ ପସନ୍ଦ କଲେ । କାରଣ ସଂସାର କେବେ ବି ଓ କୌଣସି ଯୁଗରେ ମଧ୍ୟ ଅବତାରତ୍ୱର କଲ୍ୟାଣରୁ ଯେପରି ବଞ୍ଚିତ ନରହୁ ।" **(ଶାହାଦତୁଲ୍ କୁରଆନ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-6, ପୃ-353)**

ହୁଜୁର ଅ.ସ କହିଲେ, "ତୁମମାନଙ୍କ ପକ୍ଷେ ଅନ୍ୟ ଐଶୀ ଶକ୍ତି ବା ଲୀଳା ଦେଖିବା ମଧ୍ୟ ଜରୁରୀ ଅଟେ ଓ ସେହି ଐଶୀ ଶକ୍ତି ବା ଲୀଳୀ (ଅର୍ଥାତ୍ ଖଲିଫାତ୍)ର ଆଗମନ ମଧ୍ୟ ଉତ୍ତମ ଅଟେ । କାରଣ ସେହି ଦ୍ୱିତୀୟ ଐଶୀ ଲୀଳା (ଖିଲାଫତ୍) ସାର୍ବକାଳୀନ ଅଟେ । ଖିଲାଫତ୍‌ର ପରମ୍ପରା ଏବଂ କ୍ରମବଦ୍ଧତା ପ୍ରଳୟ ଦିବସ୍ ପର୍ଯ୍ୟନ୍ତ ଛିନ୍ନ ହେବ ନାହିଁ। ଯେପର୍ଯ୍ୟନ୍ତ ମୁଁ ଯାଇ ନାହିଁ ସେପର୍ଯ୍ୟନ୍ତ ସେହି ଦ୍ୱିତୀୟ ଐଶୀ ଶକ୍ତି (ଐଶୀ ଲୀଳା ଅର୍ଥାତ୍ ଖିଲାଫତ୍) ଆସିବ ନାହିଁ । ଆପଣ ଅ.ଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯେପର୍ଯ୍ୟନ୍ତ ମୋର ମୃତ୍ୟୁ ଘଟି ନାହିଁ ସେପର୍ଯ୍ୟନ୍ତ ସେହି ଦ୍ୱିତୀୟ ଲୀଳା ଅର୍ଥାତ୍ ଖିଲାଫତ୍ ଆସି ପାରିବ ନାହିଁ । କିନ୍ତୁ ମୁଁ ଯେତେବେଳେ ଚାଲିଯିବି (ଅର୍ଥାତ୍ ଏହି ମର୍ତ୍ତ୍ୟ ମଣ୍ଡଳରୁ ବିଦାୟ ନେବି) ସେତେବେଳେ ଅଲ୍ଲାଃତାଲା ତୁମମାନଙ୍କ ନିମନ୍ତେ ଦ୍ୱିତୀୟ ଐଶୀ ଲୀଳାକୁ ପ୍ରେରଣ କରିଦେବେ । ଏହି ଦ୍ୱିତୀୟ ଐଶୀ ଲୀଳୀ (ଖିଲାଫତ୍) ସର୍ବଦା ତୁମ ସହିତ ରହିବ । ଯେପରିକି ଅଲ୍ଲାଃତାଲାଙ୍କ ବରାହିନେ ଅହେମଦୀରେ ପ୍ରତିଶୃତି ରହିଛି। ସେହି ପ୍ରତିଶୃତି ମୋ ଅସ୍ତିତ୍ୱ ସଂକ୍ରାନ୍ତରେ ନାହିଁ ବରଂ ତୁମମାନଙ୍କ ସଂପର୍କରେ ପ୍ରତିଶୃତି ରହିଛି । ଯେପରିକି ଈଶ୍ୱର କୁହନ୍ତି: "ମୁଁ (ଅଲ୍ଲାଃତାଲା) ଉକ୍ତ ସଂପ୍ରଦାୟକୁ ଯେକି ତୁମର ଅନୁଗାମୀ ଅଟନ୍ତି ଏହି ଅନୁଗାମୀମାନଙ୍କୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରୁଥିବି । ତେଣୁ ଏହା ସୁନଶ୍ଚିତ ଯେ, ତୁମମାନଙ୍କ ପାଇଁ ମୋର ବିଦାୟର ଦିନ ମଧ୍ୟ ଆସିବ। ସେହି ବିଦାୟର ଦିନ ଯାହାକି ଚିରକାଳୀନ ପ୍ରତିଶୃତି ଅଟେ। ମୋର (ହ. ମସିହ୍ ମଉଦ୍ ଅ.ସ) ଈଶ୍ୱର ଯେକି ସତ୍ୟବାଦୀ ଓ ବିଶ୍ୱସ୍ତ ଈଶ୍ୱର ଅଟନ୍ତି । ସେ ତୁମମାନଙ୍କ ସହିତ ଯେଉଁ ପ୍ରତଶୃତି ତଥା ଅଙ୍ଗୀକାର କରିଛନ୍ତି ସେହି ସବୁ ଅଙ୍ଗୀକାରକୁ ସେ ତୁମମାନଙ୍କୁ ସତ୍ୟ ବୋଲି ପ୍ରମାଣିତ କିର ଦେଖାଇ ଦେବେ । **ଇନ୍‌ଶାଅଲ୍ଲାଃ** । ଯଦିଓ ସଂସାରର ଶେଷ ଦିନ ଥିବ ଏବଂ ଅନେକ ବିପତ୍ତିମାନ ଅବତୀର୍ଣ୍ଣ ହେବାର ସମୟ ଥିବ ସେହି ଦିନ ଯେପର୍ଯ୍ୟନ୍ତ ସେହି ସମସ୍ତ କଥା ଓ ପ୍ରଭୁଙ୍କ ପ୍ରତିଶୃତ ତଥା ଅଙ୍ଗୀକୃତ ବାଣୀ ଯେପର୍ଯ୍ୟନ୍ତ ପୂର୍ଣ୍ଣ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଏହି ଜଗତ ଅକ୍ଷୁର୍ଣ୍ଣ ରହିବ । ମୁଁ ଈଶ୍ୱରଙ୍କ ତରଫରୁ ଏକ ଐଶୀ ଶକ୍ତି (ଲୀଳା) ସ୍ୱରୂପ ପ୍ରାଦୁର୍ଭୂତ ହୋଇଅଛି ଏବଂ ମୁଁ ଈଶ୍ୱରଙ୍କ ଏକ ସାକ୍ଷାତ୍ ଐଶୀ ଶକ୍ତି (ଲୀଳା) ଅଟେ। ମୋ ପରେ ଅନ୍ୟ କେତେକ ଅସ୍ତିତ୍ୱମାନେ ମଧ୍ୟ ହେବେ ଯେଉଁମାନେ ଅନ୍ୟ ଐଶୀ ଶକ୍ତିର ଅଧିକାରୀ ଏବଂ ଐଶୀ ଶକ୍ତିର ପରିପ୍ରକାଶକ ହେବେ । **(ରିସାଲା ଅଲ୍ ୱସିୟତ୍, ପୃ-8)** ☆--☆--☆



## ସମ୍ପାଦକୀୟ

لَآاِلٰہَ اِلَّا اللّٰہُ مُحَمَّدٌ رَّسُوْلُ اللّٰہ

# ସମଗ୍ର ପୃଥିବୀରେ ବାସ କରୁଥିବା ଜାତିମାନଙ୍କୁ ଏକ ଜାତିରେ ପରିଣତ କରିବାର ଏକମାତ୍ର ମାଧ୍ୟମ ହେଉଛି ଖିଲାଫତେ ଅହମଦିୟା


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | ହଦିସ୍ ଓ ହ. ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ | ୧ |
| ୨. | ସମ୍ପାଦକୀୟ | ୨, ୦୮, ୦୯ |
| ୩. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ (୨୭-୦୨-୨୬) | ୩-୦୮ |
| ୪. | ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଅଲ୍ଲାଃତାଲାଙ୍କ ଉପରେ ଗଭୀର ଈଶ୍ୱର ବିଶ୍ୱାସ | ୧୦ |
| ୫. | ଖିଲାଫତେ ଅହମଦିୟାର ଛତ୍ରଛାୟା ତଳେ ଯୁବପିଢୀଙ୍କର ଦାୟିତ୍ୱାବଳୀ | ୧୧-୧୨ |
| ୦୬. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ (୦୬-୦୩-୨୬) | ୧୩-୧୮, ୧୨ |
| ୦୭. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ (୧୩-୦୩-୨୬) | ୧୯-୨୩, ୦୯ |


ଆଁହଜରତ୍ ସ.ଅ ସୁରତୁଲ୍ ଜୁମାର ଆୟତ୍ وآخرین منہم لما یلحقوبہم ର ବ୍ୟାଖ୍ୟା କରି କହିଲେ, ମୁସଲମାନ ଧର୍ମ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଯିବା ଏବଂ ବିଶ୍ୱାସ ସୁରୈୟାହ୍ (କୃତିକା) ତାରକାକୁ ଚାଲିଯିବା ପରେ ପାରସ୍ୟ ସନ୍ତାନମାନଙ୍କ ମାଧ୍ୟମରେ ସେହି ବିଶ୍ୱାସକୁ ପୁନଃ ଭୂପୃଷ୍ଠକୁ ଫେରାଇ ଆଣିବା ଏବଂ ଜାତିକୁ ପୁନଃ ଏକତ୍ରିତ କରିବାର ଚର୍ଚ୍ଚା କରିଛନ୍ତି । ପୁନଶ୍ଚ ଏକ ସ୍ଥାନରେ ଆପଣ ସ.ଅ କହିଲେ, "ଇସ୍‌ଲାମ୍ ଧର୍ମରେ ଅବତାରତ୍ୱ ପରେ ଖିଲାଫତ୍ ବ୍ୟବସ୍ଥା ପ୍ରଚଳିତ ହେବ ଏବଂ ପୁନଶ୍ଚ ସମ୍ରାଟତ୍ୱ ଶାସନ ମାଧ୍ୟମରେ ମତଭେଦ, ଫାଟ, ହତ୍ୟା ବିଭୀଷୀକା ଇତ୍ୟାଦିର ଯୁଗ ଆରମ୍ଭ ହେବ । ପରିଶେଷରେ ଖିଲାଫତ୍ ଅଲା ମିନ୍‌ହାଜେ ନୁବୁୱତ୍ ଅର୍ଥାତ୍ ଅବତାରତ୍ୱ ପନ୍ଥାନୁଯାୟୀ ଖିଲାଫତ୍ ବ୍ୟବସ୍ଥା ସ୍ଥାପିତ ହେବ ।" **(ମିଶ୍‌କାତ୍, ବାବୁଲ୍ ଇନ୍‌ଜାରି ୱତ୍ ତହ୍‌ଜିରି)**

ସୁରତୁଲ୍ ଜୁମାର ଏହି ଆୟତ୍ ଏବଂ ଚର୍ଚ୍ଚିତ ହଦିସ୍‌ର ଅଧ୍ୟୟନ କରିବା ଦ୍ୱାରା ଏହା ଜ୍ଞାତ ହୁଏ ଯେ, ଏକ ସମୟରେ ବିଶ୍ୱାସ ସଂସାରରୁ ଅପସୃତ ହୋଇ କୃତିକା (ସୁରୈୟାହ୍) ତାରକାକୁ ଚାଲିଯିବ ଏବଂ ମୁସଲମାନମାନଙ୍କ ନିମନ୍ତେ ସେହି ଦିନଟି ଅତ୍ୟନ୍ତ ଭୟଙ୍କର ହେବ । ଦଜ୍ଜାଲ୍ (ଧୋକାବାଜ୍, ପ୍ରତାରକ ବା ପ୍ରବଞ୍ଚକ) ଓ ୟାଜୁଜ୍ ମାଜୁଜ୍‌ର ପ୍ରାଦୁର୍ଭୂତ ହେବେ । ମୁସଲମାନମାନଙ୍କ ଉପରେ ପ୍ରତ୍ୟେକ ପାର୍ଶ୍ୱରୁ ଆକ୍ରମଣ ହେବ । ମୁସଲମାନମାନଙ୍କ ମଧ୍ୟରେ ଅର୍ଥାତ୍ ପରସ୍ପର ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଓ ଫାଟ ସୃଷ୍ଟି ହେବା ଦ୍ୱାରା ମୁସଲମାନମାନେ ଦୁର୍ବଳ ହୋଇଯିବେ । ସମସ୍ତ ଜାତିମାନେ ଇସ୍‌ଲାମ୍ ଧର୍ମକୁ ଚପାଇବା ଦେବା ନିମନ୍ତେ ଚିନ୍ତା କରିବେ । ଆଁହଜରତ୍ ସ.ଅ ଏଭଳି ସମୟରେ ଇସ୍‌ଲାମ୍ ଧର୍ମକୁ ବଞ୍ଚାଇବା ନିମନ୍ତେ ଖଡ୍‌ଗକୁ ବର୍ତ୍ତିବାର ଓ ସୁରକ୍ଷାର ମାଧ୍ୟମ ବୋଲି କହିଲେ ନାହିଁ । ବରଂ ଆପଣ ସ.ଅ କହିଲେ ସେହି ଯୁଗରେ ଇମାମ୍ ମେହ୍‌ଦୀ ତଥା ପ୍ରତିଶୃତ ମସିହ୍ ମଉଦ୍ ମେହ୍‌ଦୀ ଅବତୀର୍ଣ୍ଣ ହେବେ । ସେ ତୀର ଏବଂ ଖଡ୍‌ଗ ବ୍ୟତୀରେକ ଇସ୍‌ଲାମ୍ ଧର୍ମର ମହାନ ଆଧ୍ୟାତ୍ମିକ ପ୍ରାମାଣ୍ୟମୂଳକ ଖଡ୍‌ଗ ଦ୍ୱାରା ଇସ୍‌ଲାମ୍ ଧର୍ମକୁ ସମସ୍ତ ମିଥ୍ୟା ଧର୍ମ ଉପରେ ଜୟଯୁକ୍ତ କରାଇବେ । ଆଁହଜରତ୍ ସ.ଅ ପ୍ରତିଶୃତ ମସିହ୍ ମଉଦ୍ ଅ.ସଙ୍କ ଆବିର୍ଭାବର ସୂଚନା ପ୍ରଦାନ କରି କହିଥିଲେ ଯେ, ویضع الحرب ଅର୍ଥାତ୍ ପ୍ରତିଶୃତ ମସିହ୍‌ଙ୍କର ଆଗମନ ଘଟିବ । ସେ ଆସିବେ ଏବଂ ଯୁଦ୍ଧକୁ ସ୍ଥଗିତ କରିଦେବେ ।

ଆଁହଜରତ୍ ସ.ଅଙ୍କ ଉପରୋକ୍ତ ଭବିଷ୍ୟବାଣୀ ଅନୁଯାୟୀ ଅଲ୍ଲାଃତାଲା କେବଳ ନିଜର କୃପା ଦ୍ୱାରା ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସଙ୍କୁ ମସହି ଓ ମେହ୍‌ଦୀ କରି ଅବତୀର୍ଣ୍ଣ କଲେ (ପେରଣ କଲେ) । "ଇସ୍‌ଲାମ୍ ଧର୍ମର ବିଜୟ ବଳିଷ୍ଠ ପ୍ରମାଣ ଓ ଜାଜ୍ୱଲ୍ୟମାନ ସିଦ୍ଧାନ୍ତ ଭିତ୍ତିକ ପ୍ରାମାଣ୍ୟ ଉପରେ ନିର୍ଭରଶୀଳ ଅଟେ । ତେଣୁ ଏହି ବିନୀତ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ବିଜୟ ନିୟତିକୃତ ଅଟେ । ଅର୍ଥାତ୍ ପ୍ରତିଶୃତ ମସିହ୍‌ଙ୍କ ଜୀବନ କାଳ ମଧ୍ୟରେ ଇସଲାମ୍ ଧର୍ମର ଜୟ ହେବ କିମ୍ବା ତାହାଙ୍କ ବିୟୋଗ ପରେ ଇସ୍‌ଲାମ୍ ଧର୍ମର ବିଜୟ ସମ୍ଭବପର ଅଟେ ।" **(ବରାହିନେ ଅହମଦିୟା, ପୃ-498-499, ପାଦଟୀକାପରେ ପାଦଟୀକା ତଫ୍‌ସିର୍ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରାମାଣ୍ୟରୁ ଉଦ୍ଧୃତ, ଗ୍ରନ୍ଥଖଣ୍ଡ-3, ତଫ୍‌ସିର୍ ସୁରତୁଲ୍ ଫତହ୍, ଆୟତ୍ ହୁଅଲ୍ ଲଜି ଅର୍‌ସଲା ରସୁଲହୁ ବିଲ୍ ହୁଦା......)**

ଏହି ବିଜୟ ନିମନ୍ତେ ଆପଣ ସ.ଅ ରିସାଲା ଅଲ୍ ୱସିୟତ୍ ଯାହାକୁ ଆପଣ ଅ.ସ 1905 ମସିହାରେ ରଚନା କରିଥିଲେ ଏବଂ ଆପଣ ଅ.ସଙ୍କ ବିୟୋଗ ପରେ ସ୍ଥାପିତ ହେବାକୁ ଥିବା ଖିଲାଫତେ ଅହମଦିୟାକୁ ଏକ ମହାନ୍ ମାଧ୍ୟମ ବୋଲି ଦର୍ଶାଇ କୁହନ୍ତି: "ତୁମମାନଙ୍କ ପକ୍ଷେ ଅନ୍ୟ ଐଶୀ ଶକ୍ତି ବା ଲୀଳା ଦେଖିବା ମଧ୍ୟ ଜରୁରୀ ଅଟେ ଓ ସେହି ଐଶୀ ଶକ୍ତି ବା ଲୀଳୀ (ଅର୍ଥାତ୍ ଖଲିଫାତ୍)ର ଆଗମନ ମଧ୍ୟ ଉତ୍ତମ ଅଟେ । କାରଣ ସେହି ଦ୍ୱିତୀୟ ଐଶୀ ଲୀଳା (ଖିଲାଫତ୍) ସାର୍ବକାଳୀନ ଅଟେ । ଖିଲାଫତ୍‌ର ପରମ୍ପରା ଏବଂ କ୍ରମବଦ୍ଧତା ପ୍ରଳୟ ଦିବସ୍ ପର୍ଯ୍ୟନ୍ତ ଛିନ୍ନ ହେବ ନାହିଁ (ଅବିଚ୍ଛିନ୍ନ ଅଟେ)। ଯେପର୍ଯ୍ୟନ୍ତ ମୁଁ ଯାଇ ନାହିଁ ସେପର୍ଯ୍ୟନ୍ତ ସେହି ଦ୍ୱିତୀୟ ଐଶୀ ଶକ୍ତି (ଐଶୀ ଲୀଳା ଅର୍ଥାତ୍ ଖିଲାଫତ୍) ଆସିବ ନାହିଁ । ଆପଣ ଅ.ଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯେପର୍ଯ୍ୟନ୍ତ ମୋର ମୃତ୍ୟୁ ଘଟି ନାହିଁ ସେପର୍ଯ୍ୟନ୍ତ ତୁମେମାନେ ସେହି ଦ୍ୱିତୀୟ ଲୀଳା ଅର୍ଥାତ୍ ଖିଲାଫତ୍ ଆସି ପାରିବ ନାହିଁ । କିନ୍ତୁ ମୁଁ ଯେତେବେଳେ ଚାଲିଯିବି (ଅର୍ଥାତ୍ ଏହି ମର୍ତ୍ତ୍ୟ ମଣ୍ଡଳରୁ ବିଦାୟ ନେବି) ସେତେବେଳେ ଅଲ୍ଲାଃତାଲା ତୁମମାନଙ୍କ ନିମନ୍ତେ ଦ୍ୱିତୀୟ ଐଶୀ ଲୀଳାକୁ ପ୍ରେରଣ କରିଦେବେ । ଏହି ଦ୍ୱିତୀୟ ଐଶୀ ଲୀଳୀ (ଖିଲାଫତ୍) ସର୍ବଦା ତୁମ ସହିତ ରହିବ । ଯେପରିକି ଅଲ୍ଲାଃତାଲାଙ୍କ ବରାହିନେ ଅହେମଦିରେ ପ୍ରତିଶୃତି ରହିଛି । ସେହି ପ୍ରତିଶୃତି ମୋ ଅସ୍ତିତ୍ୱ ସଂକ୍ରାନ୍ତରେ ନାହିଁ ବରଂ ତୁମମାନଙ୍କ ସଂପର୍କରେ ପ୍ରତିଶୃତି ରହିଛି । ଯେପରିକି ଈଶ୍ୱର କୁହନ୍ତି: "ମୁଁ (ଅଲ୍ଲାଃତାଲା) ଉକ୍ତ ସଂପ୍ରଦାୟକୁ ଯିଏ ତୁମର ଅନୁଗାମୀ ଅଟନ୍ତି, ସେହି ଅନୁଗାମୀମାନଙ୍କୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରୁଥିବି । ତେଣୁ ଏହା ସୁନଶ୍ଚିତ ଯେ, ତୁମମାନଙ୍କ ପାଇଁ ମୋର ବିଦାୟର ଦିନ ମଧ୍ୟ ଆସିବ । ସେହି ବିଦାୟର ଦିନ ଯାହାକି ଚିରକାଳୀନ ପ୍ରତିଶୃତି ଅଟେ । ମୋର (ହ. ମସିହ୍ ମଉଦ୍ ଅ.ସଙ୍କ) ଈଶ୍ୱର ଯେକି ସତ୍ୟବାଦୀ, ବିଶ୍ୱସ୍ତ ଈଶ୍ୱର ଅଟନ୍ତି । ସେ ତୁମମାନଙ୍କ ସହିତ ଯେଉଁ ପ୍ରତଶୃତି କରିଛନ୍ତି ସେହି ସବୁ ପ୍ରତିଶୃତିକୁ ସେ ତୁମମାନଙ୍କୁ ଅବଶ୍ୟ ସତ୍ୟ ବୋଲି ପ୍ରମାଣିତ କିର ଦେଖାଇ ଦେବେ । **ଇନ୍‌ଶାଅଲ୍ଲାଃ** । ଯଦିଓ ସଂସାରର ଶେଷ ଦିନ ଥିବ ଏବଂ ଅନେକ ବିପତ୍ତିମାନ ଅବତୀର୍ଣ୍ଣ ହେବାର ସମୟ ଥିବ ସେହି ଦିନ ଯେପର୍ଯ୍ୟନ୍ତ ସେହି ସମସ୍ତ କଥା ଓ ପ୍ରଭୁଙ୍କ ପ୍ରତିଶୃତ (ଅଙ୍ଗୀକୃତ) ବାଣୀ ପୂର୍ଣ୍ଣ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଏହି ଜଗତ ଅକ୍ଷୁର୍ଣ୍ଣ ରହିବ । ମୁଁ ଈଶ୍ୱରଙ୍କ ତରଫରୁ ଏକ ଐଶୀ ଶକ୍ତି (ଲୀଳା) ସ୍ୱରୂପ ପ୍ରାଦୁର୍ଭୂତ ହୋଇଅଛି ଏବଂ ମୁଁ ଈଶ୍ୱରଙ୍କ ଏକ ସାକ୍ଷାତ୍ ଐଶୀ ଶକ୍ତି (ଲୀଳା) ଅଟେ । ମୋ ପରେ ଅନ୍ୟ କେତେକ ଅସ୍ତିତ୍ୱମାନେ ମଧ୍ୟ ହେବେ ଯେଉଁମାନେ ଅନ୍ୟ ଐଶୀ ଶକ୍ତିର ଅଧିକାରୀ ଏବଂ ଐଶୀ ଶକ୍ତିର ପରିପ୍ରକାଶକ ହେବେ। **(ରିସାଲା ଅଲ୍ ୱସିୟତ୍, ପୃ-8)**

ସେହିପରି ହୁଜୁର୍ ଅ.ସ କହିଲେ, ସେ ଏହି ସଂପ୍ରଦାୟକୁ ସଂପୂର୍ଣ୍ଣ ରୂପେ ଉନ୍ନତି ପ୍ରଦାନ କରିବେ । ଅର୍ଥାତ୍ ମୋ ଜୀବନ କାଳରେ ମଧ୍ୟରେ ଓ ମୋର ବିୟୋଗ ପରେ ଏହି ସଂପ୍ରଦାୟକୁ ଉନ୍ନତି ପ୍ରଦାନ କରିବେ । ଏହା ଈଶ୍ୱରଙ୍କର ପରମ୍ପରା ଅଟେ । ଯେବେଠାରୁ ସେ ମନୁଷ୍ୟକୁ ଭୂପୃଷ୍ଠରେ ସୃଷ୍ଟି କରିଛନ୍ତି ସେବେଠାରୁ ସେ ଏହି ପରମ୍ପରାକୁ ପରିପ୍ରକାଶିତ କରି ଆସିଛନ୍ତି । ଅର୍ଥାତ୍ ସେ ନିଜର ବାର୍ତ୍ତାବହ ଏବଂ ଅବତାରମାନଙ୍କୁ ସାହାଯ୍ୟ କରିଥାଆନ୍ତି ଓ ସେମାନଙ୍କୁ ବିଜୟ ପ୍ରଦାନ କରିଥାଆନ୍ତି...... କିନ୍ତୁ ସଂପ୍ରଦାୟର ପରିପୂର୍ଣ୍ଣତ୍ୱତା ସେମାନଙ୍କ ହସ୍ତ ଦ୍ୱାରା କରନ୍ତି ନାହିଁ । ବରଂ ଏପରି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ସେମାନଙ୍କୁ ମୃତ୍ୟୁ ପ୍ରଦାନ କରନ୍ତି ଯାହା ପ୍ରକାଶ୍ୟ ଅସଫଳତାର ଭୟ ନିଜ ମଧ୍ୟରେ ରଖିଥାଏ, ବିରୋଧୀମାନଙ୍କୁ ଉପହାସ, ଥଟ୍ଟା ଏବଂ ବ୍ୟଙ୍ଗ ବିଦ୍ରୂପ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ । ଅତଏବ୍ ସେହି ବିରୋଧୀମାନେ ଯେତେବେଳେ ପରିହାସ ଏବଂ ଥଟ୍ଟା କରି ସାରନ୍ତି ସେତେବେଳେ ସେ (ଈଶ୍ୱର) ନିଜ ଲୀଳାର ଅର୍ଥାତ୍ ଚମତ୍କାରର ଅନ୍ୟ ଏକ ହସ୍ତ ପ୍ରଦର୍ଶନ କରିଥାଆନ୍ତି । **(ଅଲ୍ ୱସିୟତ୍)**

ଆପଣ ଅ.ସ କୁହନ୍ତି "ବର୍ତ୍ତମାନ ଆଜି ଠାରୁ ତୃତୀୟ ଶତାବ୍ଦୀ ପୂର୍ଣ୍ଣ ହୋଇ ନଥିବ କି ହ. ଇସା ଅ.ସଙ୍କୁ ଅପେକ୍ଷା କରିଥିବା ବ୍ୟକ୍ତିମାନେ ସେ ମୁସଲମାନମାନେ ହୁଅନ୍ତୁ ଅବା ଖ୍ରୀଷ୍ଟିଆନ୍‌ମାନେ ହୁଅନ୍ତୁ ସେମାନେ ଅତ୍ୟନ୍ତ ନିରାଶ ଓ କୁଧାରଣା ହୋଇ ସେହି ମିଥ୍ୟାଜନିତ ଆସ୍ଥାକୁ ପରିତ୍ୟାଗ କରିଦେବେ ଏବଂ ସଂସାରରେ କେବଳ ଗୋଟିଏ ଧର୍ମ ହେବ ଏବଂ ଗୋଟିଏ ଧର୍ମାବତାର ହେବ । ମୁଁ ତ' କେବଳ ବୀଜ ବପନ କରିବା ନିମନ୍ତେ ଆସିଅଛି । ଅତଏବ୍ ସେହି ବୀଜଟି ମୋ ହସ୍ତ ଦ୍ୱାରା ବପନ ହେଲା । ବର୍ତ୍ତମାନ ତାହା ଅଙ୍କୁରିତ ହୋଇ ବୃଦ୍ଧି ପାଇବ । କେହି ସେହି ବୀଜକୁ ବୃଦ୍ଧି ପାଇବାରୁ ଅଟକାଇ ପାରିବ ନାହିଁ ।"**(ତଜକିରତୁସ୍ ଶାହାଦତୈନ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-67)**

ଅଲ୍ଲାଃତାଲା ନିଜର ପ୍ରତିଶୃତି ଅନୁଯାୟୀ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ 1908 ମସିହା ମେ ମାସ 27 ତାରିଖ ଦିନ ଜମାଅତେ ଅହମଦିୟାରେ ଖିଲାଫତ୍ ବ୍ୟବସ୍ଥା ସ୍ଥାପନ କଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରଥମ ଖଲିଫା ସ୍ୱରୂପ ହ. ମୌଲନା ନୁରୁଦ୍ଦୀନ୍ ସାହେବ ର.ଅ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ମସ୍‌ନଦେ ଖିଲାଫତ୍ (ଖିଲାଫତ୍ ଆସନରେ) ଅଭିଷିକ୍ତ ହେଲେ । ଆପଣ ର.ଅଙ୍କ ଖଲିଫା ହେବା ମାତ୍ରେ ଇସ୍‌ଲାମ୍ ଧର୍ମର ବିଜୟର ଶୁଭ ସୂଚନା ନିରନ୍ତରତାର ସହିତ ପ୍ରକାଶିତ ହେବା ଆରମ୍ଭ ହୋଇଗଲା । ଆପଣ ଅ.ସଙ୍କ ମାଧ୍ୟମରେ ଜମାଅତ୍ ପୁନଶ୍ଚ ଜାତୀୟ ଏକତାର ମାଲ୍ୟ (ମାଳ)ରେ ଗ୍ରଥିତ (ଗୁନ୍ଥି) କରାଗଲା ଏବଂ ଖିଲାଫତ୍ ଯାହାକି ଜାତୀୟ ଏକତା ଏବଂ ଜମାଅତ୍‌ର ଭବିଷ୍ୟତର ଉନ୍ନତିର ପ୍ରତିଭୂ (ଗ୍ୟାରେଣ୍ଟି) ଥିଲା, ଖିଲାଫତ୍‌ର ଦୃଢତ୍ୱତା ଏବଂ ଇସ୍‌ଲାମ୍ ଧର୍ମର ଦୃଢତ୍ୱତା ସକାଶେ ଆପଣ ର.ଅ ପର ଆପଣାଙ୍କ ସମ୍ମୁଖରେ ଖିଲାଫତ୍‌ର ସ୍ଥାପନ ଏବଂ ଦୃଢତ୍ୱତା ନିମନ୍ତେ ଏକ ସୀସା ପାନ କରିଥିବା ପ୍ରାଚୀର ପରି ଛିଡ଼ା ହୋଇଗଲେ । ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଭଲ ଭାବରେ ଏକଥା ଜାଣିଥିଲେ ଯେ, ଖିଲାଫତ୍‌ର **(ଅବଶିଷ୍ଟାଂଶ...ପୃ-8ରେ)**

# (ଖୁତ୍‌ବା ଜୁମା)

## ଏକେଶ୍ୱରବାଦ ସ୍ଥାପନ ସଂପର୍କରେ ଆଁହଜରତ୍ ସ.ଅଙ୍କ ପବିତ୍ର ଜୀବନୀର ହୃଦୟାସୀନ ଏବଂ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବ ପ୍ରଦତ୍ତ 27 Feb 2026 ମସିହା ଅନୁଯାୟୀ ୨୭ ନବୁୱତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ସମସ୍ତ ଅବତାରମାନେ ସଂସାରରେ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଆସିଥିଲେ ଏବଂ ସେମାନେ ନିଜ ଜାତି ବା ସଂପ୍ରଦାୟକୁ ଏହି ଶିକ୍ଷା ଅର୍ଥାତ୍ ଏକେଶ୍ୱରବାଦ ଶିକ୍ଷା ପ୍ରଦାନ କଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସଂଖ୍ୟାଗରିଷ୍ଠ ଲୋକମାନେ ସେହି ଶିକ୍ଷାକୁ ପରିତ୍ୟାଗ କରିଦେଲେ। ଆଁହଜରତ୍ ସ.ଅ ମଧ୍ୟ ଏହି ସନ୍ଦେଶକୁ ନେଇ ଆସିଥିଲେ । ଆପଣ ସ.ଅ ସେହି କାର୍ଯ୍ୟକୁ ଜାରି ରଖିବା ନିମନ୍ତେ ଏବଂ ସେହି ଏକେଶ୍ୱରବାଦର ଆତ୍ମାକୁ ନିଜର ଆନୁଗାମୀ ତଥା ଆଜ୍ଞାବହଦ୍ ସ୍ୱୀକାରକାରୀମାନଙ୍କ ମଧ୍ୟରେ ସୃଷ୍ଟି କରିବା ନିମନ୍ତେ ଆସିଥିଲେ ଏବଂ ଏଥି ସଂକ୍ରାନ୍ତରେ ଯେଉଁ ମର୍ଯ୍ୟାଦା ଆପଣ ସ.ଅଙ୍କର ରହିଛି ତାହା ଅନ୍ୟ କୌଣସି ଅବତାରମାନଙ୍କର ନାହିଁ ।

ଯଦିଓ ଆପଣ ସ.ଅ ଏକେଶ୍ୱରବାଦ ସ୍ୱୀକାର କରିବା ନିମନ୍ତେ ଲୋକମାନଙ୍କୁ ଅନୁପ୍ରାଣିତ କଲେ । କିନ୍ତୁ ତାହା ଅଲ୍ଲାଃତାଲାଙ୍କ ଠାରୁ ଜ୍ଞାନ ପ୍ରାପ୍ତ କରିବା ପରେ ଯାଇ ଏକେଶ୍ୱରବାଦକୁ ସ୍ୱୀକାର କରିବା ନିମନ୍ତେ ଲୋକମାନଙ୍କୁ ପ୍ରମାଣ ଦେଲେ । ଆପଣ ସ.ଅ ଶିର୍କ ବିପକ୍ଷରେ ଯେଉଁ ଜିହାଦ୍ (ସଂଗ୍ରାମ/ଯୁଦ୍ଧ) କଲେ ତାହା ବିନା ପ୍ରମାଣରେ କଲେ ନାହିଁ । ବରଂ ଶିର୍କର ଅପକାରିତା ସଂପର୍କରେ ଲୋକମାନଙ୍କୁ ବୁଝାଇଲେ । ଏହାକୁ ବୁଝାଇ ଶିର୍କ ବିରୁଦ୍ଧରେ ଘୃଣା ସୃଷ୍ଟି କଲେ ଏବଂ ଆପଣ ସ.ଅଙ୍କ ଅନୁଗାମୀମାନେ ନିଜର କୃତ୍ୟ ଦ୍ୱାରା ଏହା ସିଦ୍ଧ କରିଦେଲେ ଯେ, ଏକେଶ୍ୱରବାଦର ଶିକ୍ଷା ଏବଂ ଶିର୍କ ପ୍ରତି ଘୃଣା ସେମାନଙ୍କ ଶିରା ପ୍ରଶିରାରେ ପ୍ରବାହିତ ହୋଇଯାଇଛି । ଏହା ସେଇଥି ପାଇଁ ଯେ, ଅଲ୍ଲାଃତାଲା ଆପଣ ସ.ଅଙ୍କ ଉପରେ ଯେଉଁ ଶିକ୍ଷା ଅବତୀର୍ଣ୍ଣ କଲେ ତାହା ଏପରି ସାମଗ୍ରିକ ତଥା ପ୍ରଭାବଶାଳୀ ଥିଲା ଯେ, ଏଥି ସଂକ୍ରାନ୍ତରେ ପ୍ରଶ୍ନ ଉତ୍ଥାପିତ ହୋଇ ପାରିବ ନାହିଁ ଯେ, କେହି ଏହାର (କୁରଆନର) ଗହ୍ୱରତ୍ୱକୁ ବୁଝି ପାରିବ ଏବଂ ପୁନଶ୍ଚ ତହିଁରୁ ଦୂରେଇ ପାରିବ ନାହିଁ ।

ଆପଣ ସ.ଅଙ୍କ ଏହି ଶିକ୍ଷା ଲୋକମାନଙ୍କ ଉପରେ ଯେଉଁ ପ୍ରଭାବ ପକାଇଲା ତାହା ଏଇଥି ପାଇଁ ଯେ, ଆଁହଜରତ୍ ସ.ଅଙ୍କ ସ୍ୱକରଣ ଏବଂ ସ୍ୱକଥନ ତା'ର ପ୍ରକୃତ ଓ ନିଚ୍ଛକ ପ୍ରତିଛବି ଥିଲା । ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଯେଉଁ ମହାନ୍ ଶିକ୍ଷା ପ୍ରଦାନ କଲେ ତା'ର ଆପଣ ସ.ଅ ବ୍ୟବହାରିକ ଉଦାହରଣ ଥିଲେ । ଆପଣ ସ.ଅ ଚିନ୍ତିତ ଥିଲେ ତ' ଏଇଥି ପାଇଁ ଯେ, ଯେଭଳି ଅନ୍ୟ ଜାତିମାନେ ନିଜର ଅବତାରମାନଙ୍କୁ ସିଜ୍‌ଦା କରି ସେମାନଙ୍କୁ ଦେବାଳୟ କରିନେଲେ । ଠିକ୍ ଏହିପରି ଭୟଙ୍କର ପାପ ମୁସଲମାନ ଜାତି ମଧ୍ୟରେ ସୃଷ୍ଟି ନହୋଇଯାଉ ଏବଂ ଆପଣ ସ.ଅ ତହିଁରୁ ପ୍ରଭୁଙ୍କ ଶରଣ ଭିକ୍ଷା କଲେ । କାରଣ ଆପଣ ସ.ଅଙ୍କୁ ଈଶ୍ୱରଙ୍କ ବିପକ୍ଷରେ କେବେ ବି ଉପସ୍ଥାପିତ କରା ନଯାଉ । ତେଣୁ ଆପଣ ସ.ଅ ନିଜର ସଂପ୍ରଦାୟକୁ ଉପଦେଶ ମଧ୍ୟ ଦେଲେ ଯେ, ହେ ମୁସଲମାନମାନେ ! ତୁମେମାନେ ମୋତେ କେବେ ବି ଶିର୍କର ମାଧ୍ୟମ କରିବ ନାହିଁ । ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହା ଉପରେ ତୁମର ଦୃଷ୍ଟି କେବେ ବି ନପଡୁ । **(ମସ୍‌ନଦ୍ ଅହମଦ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-3, ପୃ-54, ମସ୍‌ନଦ୍ ଅବି ହୁରୈରାହ୍ ର.ଅ, ହଦିସ୍ ନଂ-7352, ଆଲିମୁଲ୍ କୁତୁବ୍, ବୈରୁତ୍-1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବିଗତ ଖୁତ୍‌ବାରେ ମୁଁ ଈଶ୍ୱର ପ୍ରେମ ସଂପର୍କରେ ଚର୍ଚ୍ଚା କରିଥିଲି କିମ୍ବା ଉପାସନାର ଚର୍ଚ୍ଚା କରିଥିଲି । ତହିଁରେ ଯେଉଁ ପ୍ରସଙ୍ଗ ବା କଥା ମୁଁ ବର୍ଣ୍ଣନା କରିଥିଲି ଏବଂ ଆପଣ ସ.ଅଙ୍କର ଯେଉଁ ଘଟଣାବଳୀକୁ ମୁଁ ଏଥି ସଂକ୍ରାନ୍ତରେ ଉପସ୍ଥାପିତ କରିଥିଲି ତାହା ଏକେଶ୍ୱରବାଦ ଆଡ଼କୁ ମାର୍ଗଦର୍ଶନ କରିବା ଥିଲା କିମ୍ବା ତହିଁରେ ଆପଣ ସ.ଅଙ୍କ ଏକେଶ୍ୱରବାଦ ସ୍ଥାପନ ସଂପର୍କରେ ଯେଉଁ ଉତ୍ସାହ ଦୃଶ୍ୟମାନ ହେଉଥିଲା ତନ୍ମଧ୍ୟରୁ ଗୋଟି ଉତ୍ସାହ ହେଲା ଏକେଶ୍ୱରବାଦର ଉତ୍କଣ୍ଠା, ବ୍ୟାକୁଳତା ଓ ବେଦନା । ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଆପଣ ସ.ଅଙ୍କ ସର୍ବୋଚ୍ଚ ମର୍ଯ୍ୟାଦା ଏବଂ ପବିତ୍ର ସ୍ୱଭାବର ପ୍ରତିଫଳନ ଉପସ୍ଥାପିତ କରିଥାଏ । ଯେଉଁଠି ଏହି ସର୍ବୋଚ୍ଚ ମର୍ଯ୍ୟାଦା ଏବଂ ପବିତ୍ର ସ୍ୱଭାବର ପ୍ରତିଫଳନ ବାଲ୍ୟକାଳରୁ ହିଁ ଅଲ୍ଲାଃତାଲା ଆପଣ ସ.ଅଙ୍କ ସକାଶେ ସୃଷ୍ଟି କଲେ ସେଠାରେ ଆପଣ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶିକ୍ଷା ଯାହା ପୂର୍ଣ୍ଣାଙ୍ଗ ଶିକ୍ଷା ଅଟେ ତହିଁରୁ ମଧ୍ୟ ଆମେମାନେ ସେହି ଗହ୍ୱରତା ସଂପର୍କରେ ଜାଣିବାକୁ ମିଳିଥାଏ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପବିତ୍ର କୁରଆନ୍ କରୀମ୍‌ରେ ବାରମ୍ବାର ବିଭିନ୍ନ ଦୃଷ୍ଟିରୁ ଆମମାନଙ୍କୁ ଏକେଶ୍ୱରବାଦ ସଂପର୍କରେ ଶିକ୍ଷା ପ୍ରଦାନ କରାଯାଇଛି । ଯେପରିକି ଅଲ୍ଲାଃତାଲା ସୁରତୁଲ୍ ଅମ୍ବିୟାରେ କୁହନ୍ତି: وَمَآ اَرْسَلْنَا مِنْ قَبْلِكَ مِنْ رَّسُوْلٍ اِلَّا نُوْحِیْٓ اِلَیْهِ اَنَّهٗ لَآ اِلٰهَ اِلَّآ اَنَا فَاعْبُدُوْنِ **(ଅଲ ଅମ୍ବିୟା:26)** ଏବଂ ଆମ୍ଭେ ତୁମ୍ଭ ପୂର୍ବରୁ ଯେତେ ଜଣ ରସୁଲ୍ ପ୍ରେରଣ କରିଅଛୁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆମ୍ଭେ ଏହି ଓହି (ଐଶୀବାଣୀ) କରିଥିଲୁ ଯେ, ବାସ୍ତବରେ ଆମ୍ଭେ ହିଁ ଏକମାତ୍ର ଉପାସ୍ୟ ଅଟୁ । ସୁତରାଂ ତୁମ୍ଭେମାନେ ଆମ୍ଭର ହିଁ ଉପାସନା କର ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଉପାସନାର ଯେଉଁ ଶୈଳୀ ଆପଣ ସ.ଅ ଶିଖାଇଲେ ଏବଂ ଯେଭଳି ଭାବରେ ଆପଣ ସ.ଅ ଏକେଶ୍ୱରବାଦର ମର୍ଯ୍ୟାଦାର କର୍ତ୍ତବ୍ୟ ସମ୍ପାଦନ କରି ଉପାସନା କଲେ, ଅନ୍ୟ କୌଣସି ଧର୍ମରେ ଏପରି ଉପାସନାର ଶୈଳୀ ତଥା ପଦ୍ଧତି ଓ ଏକେଶ୍ୱରର ମର୍ଯ୍ୟାଦା ଦୃଶ୍ୟମାନ ହେଉ ନାହିଁ । ପୁନଶ୍ଚ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: قُلْ اِنِّیْٓ اُمِرْتُ اَنْ اَعْبُدَ اللّٰهَ مُخْلِصًا لَّهُ الدِّیْنَ **(ଅଜ୍ ଜୁମର:12)** ତୁମ୍ଭେ କୁହ ଆମ୍ଭଙ୍କୁ ଆଦେଶ ଦିଆଯାଇଛି ଯେ, ଧର୍ମରେ ଅକୃତ୍ରିମ ନିଷ୍ଠା ରଖି ଅଲ୍ଲାଙ୍କର ଉପାସନା କର । ଅତଏବ୍ ଯେତେବେଳେ ଜଣେ ପ୍ରକୃତ ମୁସଲମାନ ବ୍ୟକ୍ତି ଏହାକୁ ପାଠ କରିବ ତେବେ ସେ ମଧ୍ୟ ଏହି ଘୋଷଣା କରିବ ଯେ, ମୁଁ ନିଷ୍ଠାପର ଭାବରେ ଅଲ୍ଲାଃତାଲାଙ୍କର ଉପାସନା କରିବି, ନିଷ୍ଠାପୂର୍ଣ୍ଣ ତଥା ଅକୃତ୍ରିମ ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରିବି ଏବଂ ମୁଁ ସେହି ଆଦର୍ଶ ଉପରେ ପରିଚାଳିତ ହେବି ଯେଉଁ ଆଦର୍ଶ ଆପଣ ସ.ଅ ସେହି ଘୋଷଣା ସହିତ ସ୍ଥାପନ କରିଥିଲେ ଯାହା ପବିତ୍ର କୁରଆନ୍ କରୀମ୍‌ର ଆଦେଶ ଦେଇଛି । ଯଦି ଆମେମାନେ ନିଷ୍ଠାପର ଏକେଶ୍ୱରବାଦ ସ୍ଥାପନ ସହିତ ନିଜର ଉପାସନାର ସ୍ତରକୁ ସ୍ଥାପନ କରିବୁ ତେବେ ଆମେମାନେ ଏକ ବିପ୍ଳବ ସୃଷ୍ଟିକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇପାରିବୁ । ସେହିପରି ସେତେବେଳେ ଯାଇ ଆମେମାନେ ପ୍ରକୃତ ଏକେଶ୍ୱରବାଦୀ ବ୍ୟକ୍ତି ରୂପେ ବିବେଚିତ ଓ ପରିଗଣିତ ହୋଇପାରିବୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି: وَاعْبُدُوا اللّٰهَ وَلَا تُشْرِكُوْا بِهٖ شَیْـًٔا **(ଅନ୍ ନିସା:37)**" ଏବଂ ତୁମେମାନେ ଅଲ୍ଲାଃତାଲାଙ୍କର ଉପାସନା କର ଏବଂ ତାହାଙ୍କ ସହିତ ଅନ୍ୟ କୌଣସି ବସ୍ତୁକୁ ସମକକ୍ଷ କର ନାହିଁ ।" ସେହିପରି ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି: وَاِلٰهُكُمْ اِلٰهٌ وَّاحِدٌ لَآ اِلٰهَ اِلَّا هُوَ الرَّحْمٰنُ الرَّحِیْمُ **(ଅଲ୍ ବକରାହ୍:164)** "ଏବଂ ତୁମମାନଙ୍କ ଉପାସ୍ୟ ଅଲ୍ଲାଃ ଏକମାତ୍ର ଉପାସ୍ୟ । ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । ସେ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ।" ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ର ଶେଷାର୍ଦ୍ଧରେ ଅଲ୍ଲାଃତାଲା ନିଜର ଏକେଶ୍ୱରବାଦ ସ୍ଥାପନର ଘୋଷଣା କରି କୁହନ୍ତି: "قُلْ هُوَ اللّٰهُ اَحَدٌ۔ اَللّٰهُ الصَّمَدُ۔ لَمْ یَلِدْ وَلَمْ یُوْلَدْ۔ وَلَمْ یَكُنْ لَّهٗ كُفُوًا اَحَدٌ" **(ଅଲ୍ ଇଖ୍‌ଲାସ୍: 2-5)** ଅର୍ଥାତ୍ ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନମାନଙ୍କୁ ଆଦେଶ ଦେଉଅଛୁ ଯେ, ତୁମେ ଅନ୍ୟ ଲୋକମାନଙ୍କୁ କହୁଥାଅ, ସେ ହିଁ ଅଲ୍ଲାଃ ଯେ କି ଅଦ୍ୱିତୀୟ । ସେ ହିଁ ଅଲ୍ଲାଃ ଯାହାଙ୍କ ଉପରେ ସମସ୍ତେ ନିର୍ଭରଶୀଳ ଏବଂ ସେ କାହିରି ଉପରେ ନିର୍ଭରଶୀଳ ନୁହନ୍ତି । ସେ କାହାକୁ ପ୍ରସବ କରି ନାହାନ୍ତି କି ତାହାଙ୍କୁ ପ୍ରସବ କରାଯାଇ ନାହିଁ । ଏବଂ ଗୁଣାବଳୀ ଦୃଷ୍ଟିରୁ କେହି ତାହାଙ୍କର ସମକକ୍ଷ ନୁହନ୍ତି ।

ଅଲ୍ଲାଃତାଲା ଏଠାରେ ପ୍ରତ୍ୟେକ ପ୍ରକାରର ଶିର୍କର ଖଣ୍ଡନ କରି ଘୋଷଣା କରି ଦେଇଛନ୍ତି ଓ ଆଁହଜରତ୍ ସ.ଅଙ୍କୁ କହିଲେ, ସେ ସଂସାରରେ ଏହି ଘୋଷଣା କରି ଦିଅନ୍ତୁ । ଅତଏବ୍ ଯେତେବେଳେ ଆପଣ ସ.ଅଙ୍କ ଆଜ୍ଞାବହଦ୍ ପ୍ରଦର୍ଶନକାରୀମାନେ ମଧ୍ୟ ଏହାକୁ ପାଠ କଲେ ତେବେ ଆମମାନଙ୍କର ମଧ୍ୟ ଏହି କର୍ତ୍ତବ୍ୟ ରହିଛି ଯେ, ସେହି ପ୍ରକୃତ ବା ଅକୃତ୍ରିମ ଏକେଶ୍ୱରବାଦର ଘୋଷଣା କରିବୁ । ଏହି ପ୍ରସଙ୍ଗର ଚର୍ଚ୍ଚା ତଥା ଘୋଷଣା ସୁରାଃ ଇଖ୍‌ଲାସରେ କରାଯାଇଛି ଏବଂ ଅନେକ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଏହାର ଘୋଷଣା କରାଯାଇଛି । ଆପଣମାନେ ନିଜର ଆଚରଣ ଓ ଉଚ୍ଚାରଣ ମାଧ୍ୟମରେ ସଂସାରବାସୀଙ୍କୁ କୁହନ୍ତୁ ଯେ, ଅଲ୍ଲାଃତାଲା ଏକ ଅଟନ୍ତି ଏବଂ ପ୍ରତ୍ୟେକ ବସ୍ତୁ ଠାରୁ ସେ ନିସ୍ପୃହ ଅଟନ୍ତି । ତାଙ୍କୁ କୌଣସି ଜିନିଷର ଆବଶ୍ୟକତା ନାହିଁ । କିନ୍ତୁ ଅନ୍ୟମାନେ ତାହାଙ୍କ ଉପରେ ନିର୍ଭରଶୀଳ ଅଟନ୍ତି । ନା ସେ କାହାର ପିତା ଅଟନ୍ତି ଓ ନା ପୁତ୍ର । ତାହାଙ୍କ ପରି ଅନ୍ୟ କେହି ଉପାସ୍ୟ ହୋଇପାରିବ ନାହିଁ । ଏହି ଘୋଷଣା ପ୍ରତ୍ୟେକ ଧର୍ମର ବିଗିଡ଼ି ଯାଇଥିବାର ଶିକ୍ଷାର ଖଣ୍ଡନ ଅଟେ ଏବଂ ଏହି ଶିକ୍ଷା ଯାହାର ଘୋଷଣା ଦ୍ୱାରା ମନୁଷ୍ୟକୁ ଅଲ୍ଲାଃତାଲାଙ୍କର ସାନିଧ ପ୍ରାପ୍ତ ହୋଇପାରିବ । ଏ ସମସ୍ତ ସର୍ବୋଚ୍ଚ ତଥା ସର୍ବୋତ୍କୃଷ୍ଟ ଉଦାହରଣ ଆମମାନଙ୍କର ପ୍ରିୟ ମୁନିବ ହ. ମୁହମଦ୍ ସ.ଅ ଅଟନ୍ତି । ଆପଣ ସ.ଅଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଅତିବାହିତ ହୋଇଥିଲା । କେବଳ ସେତିକି ନୁହେଁ ବରଂ ଯେପରିକି ମୁଁ କହିଲି ଯେ, ବାଲ୍ୟ କାଳରୁ ହିଁ ଅଲ୍ଲାଃତାଲା ଆପଣ ସ.ଅଙ୍କର ନୈଷ୍ଠିକ ଏକେଶ୍ୱରବାଦ ନିମନ୍ତେ ସଂସ୍କାର କରିଥିଲେ । ଏହି କେତୋଟି ଉଦାହରଣ ଅଟେ ଯେଉଁ ଉଦାହରଣକୁ ପବିତ୍ର

କୁରଆନ୍ କରୀମ୍‌ରେ ଉପସ୍ଥାପିତ କରିଛନ୍ତି । ଉକ୍ତ ସନ୍ଦେଶ ଦ୍ୱାରା ପବିତ୍ର କୁରଆନ୍ କରୀମ୍ ପରିପୂର୍ଣ୍ଣ (ଭର୍ତ୍ତି) ହୋଇ ରହିଛି ।

ହୁଜୁର ଅନ୍‌ୱର ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ସ୍ୱଭାବ ଏପରି ପବିତ୍ର ଥିଲା ଯେ, ଏକେଶ୍ୱରବାଦର ପ୍ରେମ ଆପଣ ସ.ଅ.ଙ୍କ ଶିରା ପ୍ରଶିରାରେ ପ୍ରବିଷ୍ଟ କରାଯାଇଥିଲା। ଆପଣ ସ.ଅଙ୍କ ସ୍ୱଭାବ ଅବତାରତ୍ୱର ମର୍ଯ୍ୟାଦା ଆସନରେ ଆସନ୍ନିତ ହେବା ପୂର୍ବରୁ ହିଁ ଶିର୍କ ଏବଂ ପିତୁଳା ପୂଜା ଠାରୁ ବୀତସ୍ପୃହ ଥିଲା । ସୁତରାଂ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଉମ୍ମେ ଐମନ୍ ର.ଅ ବର୍ଣ୍ଣନା କରନ୍ତି ଯେ, "ବୁୱାନାହ୍ ସେହି ପିତୁଳା ଥିଲା ଯେଉଁ ପିତାଳାକୁ କୁରୈଶ୍‌ମାନେ ବେଶ୍ ସମ୍ମାନ ଜଣାଉଥିଲେ । ସେହି ପିତୁଳା ସମ୍ମୁଖରେ ଉପସ୍ଥିତ ହୋଇ ସେମାନେ ବଳି ଦେଉଥିଲେ ଓ ବର୍ଷରେ ଥରେ ସେଠାରେ ସେମାନେ ଏତେକାଫ୍ ବସୁଥିଲେ । ଅବୁ ତାଲିବ୍ ମଧ୍ୟ ନିଜ ଜାତି ବା ସଂପ୍ରଦାୟ ସହିତ ସେଠାକୁ ଯାଉଥିଲେ ଏବଂ ରସୁଲ୍ କରୀମ୍ ସ.ଅଙ୍କୁ ମଧ୍ୟ ସେଠାକୁ ନେଇ ଯିବାକୁ ଚାହୁଁଥିଲେ । କିନ୍ତୁ ଆପଣ ସ.ଅ ଅସ୍ୱୀକାର କରି ଦେଉଥିଲେ । ଏପର୍ଯ୍ୟନ୍ତକି ଏକଦା ହୁଜୁର୍ ର.ଅଙ୍କ ପିଉସୀମାନେ ଏବଂ ଅବୁ ତାଲିବ୍ ଆପଣ ସ.ଅଙ୍କ ଉପରେ କ୍ଷୁବ୍ଧ ହେଲେ ଏବଂ କହିବାକୁ ଲାଗିଲେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମେ କ'ଣ ଚାହୁଁଛ? ହେ ମୁହମ୍ମଦ ସ.ଅ ! କ'ଣ ତୁମେ ନିଜ ଜାତିର ଉତ୍ସବରେ ସାମିଲ୍ ହୋଇ ଜାତିର ସଂଖ୍ୟାକୁ ବୃଦ୍ଧି କରିବାକୁ ଚାହୁଁ ନାହଁ ? ସେ ଯାହା ହେଉ ଏକଦା ଆପଣ ସ.ଅ ନିଜର ପିଉସୀଙ୍କ ଜିଦ୍ କ୍ରମେ ସେଠାକୁ ଚାଲି ତ' ଗଲେ । କିନ୍ତୁ ଆପଣ ସ.ଅ ଭୟଙ୍କର ଭାବରେ ଭୟଭୀତ ହୋଇ ଫେରି ଆସିଲେ ଏବଂ କହିଲେ, ମୁଁ ସେଠାରେ ଏକ ଦୃଶ୍ୟ ଦେଖିଛି। ପିଉସୀମାନେ କହିଲେ, ଏତେ ପୁଣ୍ୟବାନ୍ ବ୍ୟକ୍ତି ଉପରେ ସୈତାନ୍ ପ୍ରଭାବ ପକାଇ ପାରିବ ନାହିଁ ବା ସୈତାନ୍‌ର ପ୍ରଭାବ ପଡ଼ି ପାରିବ ନାହିଁ । ପିଉସୀମାନେ ପଚାରିଲେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମେ କ'ଣ ଦେଖିଲ ? ଆପଣ ସ.ଅ କହିଲେ, ମୁଁ ଯେମିତି ପିତୁଳା ପାଖକୁ ଯିବାକୁ ଲାଗୁଥିଲି ଠିକ୍ ସେତିକିବେଳେ ଜଣେ ଧଳା ରଙ୍ଗର ବ୍ୟକ୍ତି ଚିତ୍କାର କହି କହିଲା, ହେ ମୁହମ୍ମଦ୍[ସ.ଅ] ! ପଛକୁ ଘୁଞ୍ଚି ଛିଡ଼ା ହୁଅ ଏବଂ ଏହି ପିତୁଳାକୁ ସ୍ପର୍ଶ କର ନାହିଁ । ଏତଦ୍‌ପରେ ରସୁଲୁଲ୍ଲାଃ ସ.ଅ ଅବିଶ୍ୱାସକାରୀମାନଙ୍କର କୌଣସି ଉତ୍ସବ ଏବଂ ପର୍ବ ପର୍ବାଣୀରେ ସାମିଲ୍ ହେଲେ ନାହିଁ ଏବଂ ଅଲ୍ଲାଃତାଲା ସର୍ବଦା ଆପଣ ସ.ଅଙ୍କୁ ଏପରି ଅବିଶ୍ୱାସକାରୀମୂଳକ କୁପ୍ରଥା ଠାରୁ ସୁରକ୍ଷିତ ରଖିଲେ ।" **(ଦଲାଇଲୁନ୍ ନୁବୁୱତା, ବହିକି, ଗ୍ରନ୍ଥଖଣ୍ଡ-1, ପୃ-138, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର ଅ.ବ କହିଲେ, ଅବତାରତ୍ୱର ଦାବି ପୂର୍ବର ଏକ ଘଟଣା ଥିଲା। ବାଲ୍ୟକାଳରେ ନିଜର ଚଚା ଅବୁ ତାଲିବଙ୍କ ସହିତ ସିରୀୟା ଯାତ୍ରା ସମୟରେ ଆଁହଜରତ୍ ସ.ଅଙ୍କ ଖ୍ରୀଷ୍ଟ ଜ୍ୟୋତିଷ୍କ ବହିରା ସହିତ ସାକ୍ଷାତ୍ ହୋଇଥିଲା । ସେ ଆଁହଜରତ୍ ସ.ଅଙ୍କୁ ସେ ଏକ ପ୍ରଶ୍ନ ପଚାରିଥିଲା । ତା' ପ୍ରଶ୍ନର ଉତ୍ତର ପ୍ରଦାନ କରି ଆଁହଜରତ୍ ସ.ଅ କହିଲେ, ହେ ବହିରାହ୍ ! ତୁମେ ମୋତେ ଲାତ୍ ଓ ଉଜ୍ଜା ପିତୁଳାମାନଙ୍କ ସଂପର୍କରେ ଆଦୌ ପଚାର ନା । ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଯେ, ମୁଁ ଏମାନଙ୍କ ବ୍ୟତୀତ ମୁଁ ଅନ୍ୟ କୌଣସି ବସ୍ତୁକୁ ଘୃଣା କରୁ ନାହିଁ । **(ଦଲାଇଲୁନ୍ ନୁବୁୱତା, ବହିକି, ଗ୍ରନ୍ଥଖଣ୍ଡ-2, ପୃ-35, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳ ନବୀ କରୀମ୍ ସ.ଅ ହ. ଖଦିଜା ର.ଅଙ୍କ ବାଣିଜ୍ୟିକ ଜିନିଷ ପତ୍ର ନେଇ ସିରୀୟା ଦେଶକୁ ଗଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ସେହି ଜିନିଷପତ୍ର ବିକ୍ରି କଲେ ଏବଂ ତା' ବଦଳରେ ଅନ୍ୟ ଜିନିଷ କିଣିଲେ । ଠିକ୍ ସେହି ସମୟରେ ଆପଣ ସ.ଅ ଓ ଆଉ ଏକ ବ୍ୟକ୍ତି ମଧ୍ୟରେ କୌଣସି ପ୍ରସଙ୍ଗକୁ ଆଧାର କରି ମତାନ୍ତର ଦେଖାଦେଲା । ସେହି ବ୍ୟକ୍ତି ଜଣକ କହିଲା, ହେ ମୁହମ୍ମଦ୍[ସ.ଅ]! ମୁଁ ସେତେବେଳେ ତୁମ କଥା ଉପରେ ବିଶ୍ୱାସ କରିବି ଯେତେବେଳେ ତୁମେ ଲାତ୍ ଓ ଉଜ୍ଜାର ରାଣ ଖାଇବ । ତେଣୁ ତୁମେ ଲାତ୍ ଦେବତାଙ୍କ ରାଣ ଖାଅ ଏବଂ ସାକ୍ଷୀ ଦିଅ। ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ମୁଁ କେବେ ବି ସେହି ପିତୁଳାମାନଙ୍କର ରାଣ ଖାଇବି ନାହିଁ । ଆଁହଜରତ୍ ସ.ଅ କହିଲେ, ମୁଁ ସେହି ପିତୁଳାମାନଙ୍କ ପାଖ ଦେଇ ଅତିକ୍ରମ କରେ ସେତେବେଳେ ମୁଁ ନିଜର ମୁଖକୁ ଅନ୍ୟତ୍ର ବୁଲାଇ ନିଏ । ଆଉ ତୁମେ ମୋତେ କହୁଛ ଯେ, ମୁଁ ଏହି ପିତୁଳାଙ୍କର ରାଣ ଖାଇବି ? ଏହା କିପରି ସମ୍ଭବ ହୋଇପୋରିବ ? ଅର୍ଥାତ୍ କସ୍ମିନକାଳେ ସମ୍ଭବ ନହେଁ **(ଅତ୍‌ତବକାତୁଲ୍ କୁବ୍ରା, ଗ୍ରନ୍ଥଖଣ୍ଡ-1, ପୃ-124, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ଏକେଶ୍ୱରବାଦ ପ୍ରାପ୍ତ କରିବା ନିମନ୍ତେ ଆପଣ ସ.ଅ ଗାରେ ହିରା (ହିରା ନାମକ ଏକ ଗୁମ୍ଫା) ଠାକୁ ମଧ୍ୟ ଯାଉଥିଲେ । ଏହାର ଚର୍ଚ୍ଚା ମଧ୍ୟ ହୋଇ ସାରିଛି ଏବଂ ସେଠାରେ ଏକେଶ୍ୱରବାଦଙ୍କ ଉପାସନା କରିବା ଆପଣ ସ.ଅଙ୍କ ହୃଦୟରେ ବେଦନା ହେଉଥିଲା । ଏହାର ବର୍ଣ୍ଣନା ଏକ ସ୍ଥାନରେ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଏହିପରି କରିଛନ୍ତି ଯେ, ଗାରେ ହିରା ମକ୍କାର ପର୍ବତମାନଙ୍କ ମଧ୍ୟରୁ ଅନ୍ୟତମ ଓ ବିଖ୍ୟାତ ପର୍ବତ ଅଟେ । ଏହା ମକ୍କା ଠାରୁ ତିନି ମାଇଲ୍ ବ୍ୟବଧାନର ଅବସ୍ଥିତ ଅଟେ । ଆଜିକାଲି ଏହି ପର୍ବତକୁ ଜବ୍‌ଲେ ନୁର୍ ବୋଲି କୁହନ୍ତି । ଆଁହଜରତ୍ ସ.ଅ ପିତୁଳାମାନଙ୍କୁ ଘୃଣା କରୁଥିଲେ । ଆପଣ ସ.ଅ ପିତୁଳା ଉପାସକମାନଙ୍କୁ ଏବଂ ଏକେଶ୍ୱରବାଦଙ୍କ ଠାରୁ ଦୂରତା ଅବଲମ୍ବନ କରୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ମଧ୍ୟ ଖେଦୋକ୍ତି ଏବଂ ଅନୁତାପ ପ୍ରକାଶ କରୁଥିଲେ । କେବଳ ସେତିକି ନୁହେଁ ବରଂ ଆପଣ ସ.ଅ ସେମାନଙ୍କ ଉପରେ ଏଇଥି ପାଇଁ ଅନୁତାପ କରୁଥିଲେ ଯେ, ସେମାନେ କାହିଁକି ପିତୁଳା ପୂଜା କରୁଛନ୍ତି ଏବଂ ଅବତୀର୍ଣ୍ଣ ହେବା ପୂର୍ବରୁ ଜନବସତି ଠାରୁ ଦୂରରେ ଅବସ୍ଥିତ ଗାରେ ହିରାକୁ ଯାଇ ଆପଣ ସ.ଅ ଅଲ୍ଲାଃତାଲାଙ୍କର ଉପାସନା କରୁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନବୀ କରୀମ୍ ସ.ଅ ଯେତେବେଳେ 40 ବର୍ଷ ବୟସରେ ଉପନୀତ ହେଲେ ସେତେବେଳେ ଦିନେ ହ. ଜିବ୍ରାଇଲ୍ ଅ.ସ ନାମକ ଏକ ଦେବଦୂତ ଦୃଶ୍ୟମାନ ବା ପ୍ରକଟ ହେଲେ ଏବଂ ନବୀ କରୀମ୍ ସ.ଅଙ୍କ ଉପରେ ସର୍ବପ୍ରଥମ ଐଶୀବାଣୀ ଅବତୀର୍ଣ୍ଣ ହେଲା । ଏହି ଐଶୀବାଣୀ ମାଧ୍ୟମରେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଅବତାର ରୂପେ ଅବତୀର୍ଣ୍ଣ ତଥା ଆବିର୍ଭୂତ କଲେ (ଘୋଷଣା କଲେ)। ଏହି ପ୍ରଥମ ଐଶୀବାଣୀ ସହିତ ଆଁହଜରତ୍ ସ.ଅ ଲୋକମାନଙ୍କୁ ଏକେଶ୍ୱରବାଦ ଆଡ଼କୁ ଡାକିବା ଆରମ୍ଭ କରିଦେଲେ ଏବଂ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ବିରୁଦ୍ଧରେ ଶିକ୍ଷା ପ୍ରଦାନ କରିବାକୁ ଲାଗିଲେ । କିନ୍ତୁ ପ୍ରାରମ୍ଭରେ ଆପଣ ସ.ଅ ନିଜର ମିଶନର ଖୋଲମ୍ ଖୋଲା ପରିପ୍ରକାଶ କଲେ ନାହିଁ । ବରଂ ଅତ୍ୟନ୍ତ ନୀରବତାର ସହିତ କାର୍ଯ୍ୟାନୁଷ୍ଠନ ଗ୍ରହଣ କଲେ ଏବଂ କେବଳ ନିଜର ଆତ୍ମୀୟ ସ୍ୱଜନ ଓ ବନ୍ଧୁ ପରିଜନମାନଙ୍କ ପର୍ଯ୍ୟନ୍ତ ଏହି ଶିକ୍ଷାକୁ ସୀମିତ ରଖିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ମିର୍ଜା ବଶୀର୍ ଅହମଦ ଏମ୍.ଏ, ପୃ-117,120) (ଜୀବନୀ ଶବ୍ଦକୋଷ, ପୃ-101)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ଆମର ପ୍ରିୟାବତାର ସତ୍ୟତା ପରିପ୍ରକାଶ ନିମନ୍ତେ ଏକ ସର୍ବବୃତହତ ସଂସ୍କାରକ ଥିଲେ । ଆପଣ ହଜି ଯାଇଥିବା ସତ୍ୟତାକୁ ପୁନଃ ସଂସାରରେ ଫେରାଇ ଆଣିଥିଲେ । ଉକ୍ତ ଗୌରବରେ ଅନ୍ୟ କୌଣସି ଅବତାର ଆମ ପ୍ରିୟ ମହାବତାରଙ୍କ ସହିତ ସମକକ୍ଷ ନୁହନ୍ତି କି ସମକକ୍ଷ ମଧ୍ୟ ହୋଇପାରିବେ ନାହିଁ । କାରଣ ଆପଣ ସ.ଅ ସମସ୍ତ ସଂସାରକୁ ଏକ ଅନ୍ଧକାରରେ ପାଇଲେ ଏବଂ ପୁନଶ୍ଚ ଆପଣ ସ.ଅଙ୍କ ଆବିର୍ଭାବ ଦ୍ୱାରା ସେହି ଅନ୍ଧକାର ଆଲୋକରେ ରୂପାନ୍ତରିତ ହୋଇଗଲା । ଆପଣ ସ.ଅ ଯେଉଁ ଜାତିରେ ଆବିର୍ଭୂତ ହୋଇଥିଲେ ସେହି ଜାତି ଯେପର୍ଯ୍ୟନ୍ତ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)କୁ ପରିତ୍ୟାଗ କରିଦେଇ ଏକେଶ୍ୱବାଦର ଜାମା ପରିଧାନ କରିନେଇ ନଥିଲା, ସେପର୍ଯ୍ୟନ୍ତ ଆପଣ ସ.ଅଙ୍କର ବିୟୋଗ ହୋଇ ନଥିଲା । କେବଳ ସେତିକି ନୁହେଁ ବରଂ ସେହି ଲୋକମାନେ ବିଶ୍ୱାସର ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚିଗଲେ ଏବଂ ସେହି କାର୍ଯ୍ୟ ସତ୍ୟତା, ବିଶ୍ୱସ୍ତତା ଓ ବିଶ୍ୱାସର ସହିତ ସେମାନଙ୍କ ଦ୍ୱାରା ପରିପ୍ରକାଶିତ ହୋଇଥିଲା ଯାହାର ଦୃଷ୍ଟାନ୍ତ ସଂସାରର କୌଣସି ଭାଗରେ ଦେଖିବାକୁ ମିଳେ ନାହିଁ । ଏହି ସଫଳତା ଏବଂ ଏଭଳି ସଫଳତା ଆଁହଜରତ୍ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ଅବତାରକୁ ପ୍ରାପ୍ତ ହେଲା ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଅବତାରତ୍ୱ ସଂପର୍କରେ ଏହା ହିଁ ସବୁଠୁ ବଳିଷ୍ଠ (ବଡ଼) ପ୍ରମାଣ ଅଟେ । ଅର୍ଥାତ୍ ଆପଣ ସ.ଅ ଏପରି ଏକ ଯୁଗରେ ଆବିର୍ଭୂତ ହେଲେ ବା ଆସିଲେ ଯେତେବେଳେ ଯୁଗ ଅତ୍ୟନ୍ତ ନିକୃଷ୍ଟ ସ୍ତରର ଅନ୍ଧକାରରେ ଅନ୍ଧ ହୋଇଯାଇଥିଲା ସେତେବେଳେ ଯୁଗରୁଚି ଏକ ମହାନ୍ ସୁଧାରକର ଆବଶ୍ୟକ କରୁଥିଲା । ସେହିପରି ଆପଣ ସ.ଅ ଏପରି ସମୟରେ ସଂସାରରୁ ବିଦାୟ ନେଲେ ଯେତେବେଳେ ଲକ୍ଷାଧିକ ଲୋକମାନେ ସିର୍କ, ପିତୁଳା ଉପାସନାକୁ ପରିତ୍ୟାଗ କରି ଏକେଶ୍ୱରବାଦ ଏବଂ ସତ୍‌ମାର୍ଗ ଅବଲମ୍ବନ କରି ସାରିଥିଲେ । ବାସ୍ତବରେ ଏହି ସଂପୂର୍ଣ୍ଣ ସୁଧାର ଏବଂ ସଂସ୍କାର କେବଳ ଆପଣ ସ.ଅଙ୍କ ଦ୍ୱାରା ହିଁ ସମ୍ଭବପର ହୋଇ ପାରିଥିଲା । ଅର୍ଥାତ୍ ଆପଣ ସ.ଅ ଏକ ଜାତିକୁ ନୃଶଂସ, ହିଂସ୍ର ଚରିତ୍ର ଏବଂ ପଶୁ ପ୍ରବୃତ୍ତି ଜାତିକୁ ମାନବିକ ଅଭ୍ୟାସ ଶିଖାଇଲେ କିମ୍ବା ଅନ୍ୟ ଶବ୍ଦରେ କହିବାକୁ ଗଲେ ପଶୁ ପ୍ରବୃତ୍ତିତ ଜାତିକୁ ମନୁଷ୍ୟ କଲେ, ପୁନଶ୍ଚ ମନୁଷ୍ୟରୁ ଶିକ୍ଷିତ ମନୁଷ୍ୟ କଲେ ଓ ପୁନଶ୍ଚ ଶିକ୍ଷିତ ମନୁଷ୍ୟରୁ ଈଶ୍ୱରପ୍ରିୟ ତଥା ଈଶ୍ୱର ଉପାସନାକାରୀ ମନୁଷ୍ୟ କଲେ। ଆପଣ ସ.ଅ ଆଧ୍ୟାତ୍ମିକତାର ଅବସ୍ଥା ସେମାନଙ୍କ ମଧ୍ୟରେ ସଂଚାର କରିଦେଲେ ଏବଂ ସତ୍ୟ ତଥା ପ୍ରକୃତ ଈଶ୍ୱରଙ୍କ ସହିତ ସେମାନଙ୍କର ସଂପର୍କ ସ୍ଥାପନ କରିଦେଲେ । ସେମାନେ ବା

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ସେହି ଜାତି ଈଶ୍ୱରଙ୍କ ମାର୍ଗରେ ଛେଳୀ ମେଣ୍ଢାଙ୍କ ପରି ଜେବହ୍ ହେଲ ଏବଂ ସେମାନଙ୍କୁ ପିମ୍ପୁଡ଼ି ଜନ୍ତାମାନଙ୍କ ପରି ପାଦ ତଳେ ଦଳି ଦିଆଗଲେ । କିନ୍ତୁ ସେମାନେ ବିଶ୍ୱାସକୁ ହାତରୁ ଯିବାକୁ ଦେଲେ ନାହିଁ । ବରଂ ପ୍ରତ୍ୟେକ ପ୍ରକାରର ବିପତ୍ତିରେ ସେମାନେ ନିଜର ପାଦ ଆଗକୁ ବଢାଇଲେ । ଅତଏବ୍ ନିଃସନ୍ଦେହ ରୂପେ ଆମର ପ୍ରିୟ ମୁନିବ୍ ସ.ଅ ଆଧାତ୍ମିକତା ସ୍ଥାପନ ଦୃଷ୍ଟିରୁ ଦ୍ୱିତୀୟ ଆଦମ୍ ଥିଲେ । କେବଳ ସେତିକି ନୁହେଁ ବରଂ ଆପଣ ସ.ଅ ହିଁ ସେହି ଆଦମ୍ ଅଟନ୍ତି ଯାହାଙ୍କ ମାଧ୍ୟମରେ ସକଳ ମାନବେତ କୃପା ଏବଂ ଶ୍ରେଷ୍ଠତ୍ୱ ଉନ୍ନତି କରିଥିଲା । ସମସ୍ତ ପୂଣ୍ୟ ଜାତି ନିଜ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ ଏବଂ ମାନବିକ ସ୍ୱଭାବମୂଳକ ବୃକ୍ଷର ଏପରି କୌଣସି ଶାଖା ନଥିଲା ଯହିଁରେ ଫଳ ଲାଗି ନଥିଲା, ଖତ୍‌ମେ ନବୁୱତ୍ (ଅବତାରତ୍ୱର ମୋହର) ଆପଣ ସ.ଅଙ୍କ ଉପରେ କେବଳ ଯୁଗର ବିଳମ୍ବତା ଯୋଗୁଁ ହେଲା ନାହିଁ ବରଂ ଅବତାରତ୍ୱର ସମସ୍ତ ଅନନ୍ୟ ଗୁଣାବଳୀ ଆପଣ ସ.ଅଙ୍କ ପାଖରେ ଆସି ସମାପ୍ତ ହୋଇଗଲା । **(ଲେକ୍‌ଚର୍ ସିୟାଲକୋଟ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-206-207)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ସ.ଅ ଅନ୍ୟ ଏକ ସ୍ଥାନରେ କୁହନ୍ତି: "ହେ ଈଶ୍ୱର ! ମୁଁ ତୁମ୍ଭକୁ କୋଟି କୋଟି କୃତଜ୍ଞତା ଜ୍ଞାପନ କରୁଛି ଯେ, ତୁମ୍ଭେ ମୋତେ ନିଜର ପରିଚୟର ମାର୍ଗ ସ୍ୱୟଂ ହିଁ ପ୍ରଦାନ କଲ ଏବଂ ନିଜର ପବିତ୍ର ଧର୍ମଗ୍ରନ୍ଥ (ପବିତ୍ର କୁରଆନ୍ କରୀମ୍)କୁ ଅଧମ ଉପରେ ଅବତୀର୍ଣ୍ଣ କରି ଚିନ୍ତା ଅର୍ଥାତ୍ ବୁଦ୍ଧି ଓ ବିବେକର ଭ୍ରମ ଜନିତ ପାପରୁ ଉଦ୍ଧାର କଲ । ଆପଣ ସ.ଅଙ୍କ ଉପରେ ସହସ୍ର ସହସ୍ର ଦୁରୁଦ୍ (ଶାନ୍ତି ଅବତୀର୍ଣ୍ଣ ହେଉ) ହେ ଅବତାରମାନଙ୍କର ଅଧିପତି ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ ହେଉ । ଏହି ମାର୍ଗଚ୍ୟୁତ ସାହାବାମାନଙ୍କୁ ଈଶ୍ୱର ସତ୍‌ମାର୍ଗ ଉପରେ ପରିଚାଳିତ କରାଇଲେ । ସେହି ସଂସ୍କାରକ ଏବଂ ହିତୈଷୁ ମହାବତାର ଯିଏ ମାନବ ଜାତିକୁ ପୁଣିଥରେ ସତ୍‌ମାର୍ଗକୁ ଫେରାଇ ଆଣିଲେ । ସେହି କୃତଜ୍ଞତା ଜ୍ଞାପନକାରୀ ଅବତାର ଯିଏ ଲୋକମାନଙ୍କୁ ସିର୍କ ଏବଂ ପିତୁଳା ଉପାସନାଜନିତ ବିପତ୍ତି ତଥା ବ୍ୟାଧିରୁ ମୁକୁଳାଇ ଆଣିଲେ, ସେହି ଆଲୋକ ଏବଂ ସେହି ଅନନ୍ୟ ପ୍ରକାଶ ଏକେଶ୍ୱରବାଦର ଆଲୋକକୁ ସଂସାରଲୋକରେ ପରିବ୍ୟାପ୍ତ କରିଦେଲେ । ଯୁଗର ସେହି ବୈଦ୍ୟ ଏବଂ ଚିକିତ୍ସକ ବିଗିଡ଼ି ଯାଇଥିବା ହୃଦୟକୁ ସଳଖ ମାର୍ଗରେ ଆଣି ଅବିଚଳିତ କରିଦେଲେ । ସେହି ଅଶେଷ ଦୟାବାନ୍ ଏବ ଚମତ୍କାରିକ ନିଦର୍ଶନ ଦ୍ୱାରା ଆପଣ ସ.ଅ ଆଧାତ୍ମିକ ମୃତ ବ୍ୟକ୍ତିମାନଙ୍କୁ ଜୀବନ ରୂପକ ଅମୃତ (ଜଳ) ପାନ କରାଇଲେ । ସେହି ଦୟାବାନ୍ ଓ କରୁଣାମୟ ମହାବତାର ଯିଏ ଜାତି ସକାଶେ ଦୁଃଖ ଉଠାଇଲା ଏବଂ କଷ୍ଟ ସହ୍ୟ କଲା । ସେହି ସାହସୀ ଏବଂ ପହିଲ୍‌ମାନ୍ ଯିଏ ଆମମାନଙ୍କୁ ମୃତ୍ୟୁମୁଖରୁ କାଢି ଆଣିଲା । ସେହି ବିନମ୍ର ଏବଂ ନିସ୍ୱାର୍ଥ ବ୍ୟକ୍ତି ଯିଏ ଭାକ୍ତିକତାରେ ନିଜର ମୁଣ୍ଡକୁ ନୁଆଁଇଲା ଏବଂ ନିଜର ଅସ୍ତିତ୍ୱକୁ ମାଟିରେ ମିଶାଇ ଦେଲା ,ସେହି ସଂପୂର୍ଣ୍ଣ ଏକେଶ୍ୱରବାଦୀ ମହାବତାର ତଥା ପରିଚୟର ସାଗର ଯାହାକୁ କେବଳ ଈଶ୍ୱରଙ୍କର ଲୀଳାମୟ ଆଲୋକ ହିଁ ଭଲ ଲାଗିଲା ଏବଂ ପରକୁ ଅର୍ଥାତ୍ ଈଶ୍ୱର ବ୍ୟତୀତ ଅନ୍ୟ ସତ୍ତା ଯଥା ପିତୁଳା ଇତ୍ୟାଦିକୁ ନିଜ ଦୃଷ୍ଟିରୁ ତଳେ ପକାଇଦେଲା। ଈଶ୍ୱରଙ୍କର ସେହି ଐଶୀ ଲୀଳାତ୍ମକ ଚମତ୍କାର ଏବଂ ସେହି ବାର୍ତ୍ତାବହ ଯିଏ ନିରକ୍ଷର ହୋଇ ସମସ୍ତ ସତ୍ୟାତ୍ମକ ଜ୍ଞାନ ମଧ୍ୟରେ ବିଜୟୀ ହେଲା ଏବଂ ପ୍ରତ୍ୟେକ ଜାତିକୁ ସେମାନଙ୍କର ଦୋଷ ଏବଂ ପାପ ଯୋଗୁଁ ଦୋଷୀ ବୋଲି ବିବେଚିତ କଲା ସେହି ମହାବତାର ହେଉଛନ୍ତି ଆମ୍ଭମାନଙ୍କର ପ୍ରିୟ ମହାମହିମ ତଥା ମହାବତାର ହ. ମୁହମ୍ମଦ୍ ସ.ଅ ।"

**(ବରାହିନେ ଅହମଦିୟା, ଭାଗ-5, ରୁହାନୀ ଖଜାଏନ୍ ଗ୍ରନ୍ଥଖଣ୍ଡ-1, ପୃ-17)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ ଅନ୍ୟ ଏକ ସ୍ଥାନରେ କୁହନ୍ତି: "ଆଜି ଭୂପୃଷ୍ଠରେ ଯେଉଁ ବସ୍ତୁ ରହିଛି ତାହାର ନାମ ହେଲା ଏକେଶ୍ୱରବାଦ। ଏହି ଏକେଶ୍ୱରବାଦ ଆଁହଜରତ୍ ସ.ଅଙ୍କ ଧର୍ମ ବ୍ୟତୀତ ଅନ୍ୟ କୌଣସି ଗୋଷ୍ଠୀ, ସଂପ୍ରଦାୟ ଓ ଧର୍ମରେ ଦେଖିବାକୁ ମିଳେ ନାହିଁ । ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥର ନିଦର୍ଶନ (ଏକେଶ୍ୱରବାଦର ନିଦର୍ଶନ) ଦେଖିବାକୁ ମିଳେ ନାହିଁ । ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମଗ୍ରନ୍ଥ ନାହିଁ ଯିଏ ଏହି ଏକେଶ୍ୱରବାଦକୁ କୋଟି କୋଟି ପ୍ରାଣୀମାନଙ୍କୁ (ଜନମାନସକୁ) ଏକେଶ୍ୱରବାଦ ଉପରେ ସ୍ଥାପିତ କରିଥିବ ଏବଂ ସମ୍ମାନର ସହିତ ସେହି ସତ୍ୟ ଈଶ୍ୱରଙ୍କ ଆଡ଼କୁ ମାର୍ଗଦର୍ଶନ କରିଥିବ । ପ୍ରତ୍ୟେକ ଜାତି ନିଜ ନିଜର କୃତ୍ରିମ ଈଶ୍ୱର ଗଢି ନେଇଛନ୍ତି ଏବଂ ମୁସଲମାନମାନେ ମଧ୍ୟ ନିଜ ନିଜର ଏକ କୃତ୍ରିମ ଈଶ୍ୱର ଗଢି ନେଇଛନ୍ତି କିନ୍ତୁ ମୁସଲମାନମାନଙ୍କର ସେହି ଈଶ୍ୱର ଅଟନ୍ତି ଯିଏ ଆବହମାନ କାଳରୁ ଅନଶ୍ୱର ବା ଅବିନାଶୀ, ଅପରିବର୍ତ୍ତିତ ଓ ନିଜର ଆବାହମାନ କାଳଜନିତ ବିଶେଷ ଗୁଣାବଳୀରେ ସେହିପରି ଅଟନ୍ତି ଯେପରି ସେ (ଅଲ୍ଲାଃତାଲା) ପୂର୍ବେ ଥିଲେ ।"**(ବରାହିନେ ଅହମଦିୟା, ଭାଗ-2, ରୁହାନୀ ଖଜାଏନ୍ ଗ୍ରନ୍ଥଖଣ୍ଡ-1, ପୃ-117, 118)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆଜି ମୁହମ୍ମଦ ସ.ଅଙ୍କ ଜାତି ମଧ୍ୟ ଏକେଶ୍ୱରବାଦର ସେହି ମର୍ଯ୍ୟାଦା ଏବଂ ସମ୍ମାନକୁ ଭୁଲି ଯାଉଛି । ଅଲ୍ଲାଃତାଲା ମୁସଲମାନମାନଙ୍କୁ ଯେଉଁ ଶିକ୍ଷା ପ୍ରଦାନ କରିଥିଲେ ସେହି ଶିକ୍ଷା ସେମାନଙ୍କ ମଧ୍ୟରେ ଆଉ ବାକି ରହିଲା ନାହିଁ । ଆଁହଜରତ୍ ସ.ଅ ଯେଉଁ ବେଦନାର ସହିତ ଆମମାନଙ୍କୁ ଏକେଶ୍ୱରବାଦ ସଂପର୍କରେ ଅନୁପ୍ରାଣିତ କରିଥିଲେ ସେହି ଏକେଶ୍ୱରବାଦ ଆମମାନଙ୍କ ମଧ୍ୟରେ ଆଉ ରହିଲା ନାହିଁ । ପ୍ରକୃତ ଏକେଶ୍ୱରବାଦକୁ ଭୁଲିବା ଯୋଗୁଁ ଅଲ୍ଲାଃତାଲାଙ୍କ ବିଶିଷ୍ଟ ଗୁଣାବଳୀ ଉପରେ ଯେଉଁ ପ୍ରକୃତ ବିଶ୍ୱାସ ଜଣେ ମୁସଲମାନ ବ୍ୟକ୍ତିର ବିଶେଷତ୍ୱ ଓ ଲକ୍ଷଣ ହେବା ଉଚିତ୍ ତାହା ଆଉ ରହିଲା ନାହିଁ ଯେଉଁ । ଏଭଳି ପରିସ୍ଥିତିରେ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ଯେଉଁମାନେ ମାନିଛନ୍ତି ସେମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଏକେଶ୍ୱରବାଦର ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ ଏବଂ ସେଥି ନିମନ୍ତେ ନିଜ ମଧ୍ୟରେ ବିଶେଷ ପ୍ରକାରର ପରିବର୍ତ୍ତନ ସୃଷ୍ଟି କରନ୍ତୁ । ଏହି ରମ୍‌ଜାନ୍ ମାସ ହେଉଛି ଉପାସନାର ବିଶେଷ ମାସ । ଉକ୍ତ (ଏହି) ମସାରେ ବିଶେଷ ରୂପେ ପ୍ରୟାସ କରିବା ଉଚିତ୍ ଏବଂ ଏଥି ନିମନ୍ତେ ଦୁଆ ମଧ୍ୟ କରିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ନିଜର ସମସ୍ତ ଜୀବନରେ ଯେଭଳି ଭାବରେ ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରିଛନ୍ତି ଯଦି ଆମମାନେ ଆପଣ ସ.ଅଙ୍କୁ ଭଲ ପାଇବାର ଦମ୍ଭୋକ୍ତି ପ୍ରକାଶ କରୁଛେ ବା ଦାବି କରୁଛେ ତେବେ ଆମମାନଙ୍କୁ ଏଥି ନିମନ୍ତେ ବିଶେଷ ପ୍ରକାରର ଉଦ୍ୟମ କରିବାକୁ ହେବ। ଅଲ୍ଲାଃତାଲାଙ୍କ ଆଦେଶରୁ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଆପଣ ସ.ଅ କିଭଳି ଉଦ୍ୟମ କଲେ ଏବଂ ଏଥି ନିମନ୍ତେ ଆପଣ ସ.ଅ କେତେ ଯେ କଷ୍ଟ ସହ୍ୟ କରିନଥିବେ। ଏହି ପ୍ରସଙ୍ଗକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ସ୍ଥାନରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: أَنْذِرْ عَشِيْرَتَكَ الْاَقْرَبِيْنَ ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ସଂସାରର କୋଣ ଅନୁକୋଣ ଲୋକମାନଙ୍କୁ ଡରାଅ । କିନ୍ତୁ ତୁମେ ସର୍ବପ୍ରଥମେ ନିଜର ଆତ୍ମୀୟ ସ୍ୱଜନମାନଙ୍କୁ ଡରାଅ । କାରଣ ସେମାନଙ୍କର ତୁମ ଉପରେ ଦୋହୋରା ଅଧିକାର ରହିଛି । 1- ଅନ୍ୟମାନଙ୍କ ପରି ଏମାନେ ମଧ୍ୟ ନଷ୍ଟ ହେଉଛନ୍ତି । 2- ଏମାନେ ତୁମ୍ଭର ସଂପର୍କୀୟ ଓ ଆତ୍ମୀୟ ସ୍ୱଜନ ଅଟନ୍ତି । ଏମାନଙ୍କର ବାପ ଅଜା ତୁମ ସହିତ ଅତୀତରେ ଉତ୍ତମ ଆଚରଣ ପ୍ରଦର୍ଶନ କରିଥିଲେ । ଇଂରାଜୀରେ ଏକ ରୂଢି ବିଖ୍ୟାତ ରହିଛି ଯେ, Charity begins at home ଅର୍ଥାତ୍ ଦାନ ଧର୍ମ ପ୍ରଥମେ ନିଜ ଘର ପରିବାର ଠାରୁ ଆରମ୍ଭ କରିବା ଉଚିତ୍। ସୁତରାଂ ମୁହମ୍ମଦ୍ ସ.ଅଙ୍କ ଉକ୍ତ ଆଦେଶକୁ ଏହିପରି ପାଳନ କଲେ ଯେ, ଆପଣ ସ.ଅ ମକ୍କାର ପ୍ରଥାନୁଯାୟୀ ସଫା ନାମକ ଏକ ପର୍ବତ ଉପରେ ଛିଡ଼ା ହୋଇଗଲେ ଏବଂ ଆପଣ ସ.ଅ ବିଭିନ୍ନ ସଂପ୍ରଦାୟର ନାଁ ଧରି ଡାକିବା ଆରମ୍ଭ କରିଦେଲେ । ପ୍ରଥମେ ଆପଣ ସ.ଅ ଆଲେ ଗାଲିବ୍ ନାମକ ସଂପ୍ରଦାୟକୁ ଡାକିଲେ ଏବଂ ସେମାନେ ମସଜିଦେ ହରାମ୍‌ରୁ ବାହାରି ସଫା ପର୍ବତର ପାଦଦେଶକୁ ଚାଲି ଆସିଲେ । ସେତେବେଳେ ଅବୁ ଲହବ୍ ରସୁଲ୍ କରୀମ୍ ସ.ଅଙ୍କୁ କହିଲେ, ହେ ମୁହମ୍ମଦ୍ ସ.ଅ ! ଆଲେ ଗାଲିବ୍ ତ' ଆସି ଯାଇଛନ୍ତି ଆପଣ ଯାହା କିଛି କହିବାକୁ ଚାହୁଁଛନ୍ତି ତାହା ଆପଣ କହି ଦିଅନ୍ତୁ । କିନ୍ତୁ ଆପଣ ସ.ଅ ଅବୁ ଲହବ୍ କଥା ପ୍ରତି କର୍ଣ୍ଣପାତ କଲେ ନାହିଁ (ଧ୍ୟାନ ଦେଲେ ନାହିଁ) । ତତ୍ପରେ ଆପଣ ସ.ଅ ଲୁଇ ସଂପ୍ରଦାୟର ଲୋକମାନଙ୍କୁ ଡାକ ମାରିଲେ । ସେମାନେ ଯେତେବେଳେ ଆସି ପହଞ୍ଚିଗଲେ ସେତେବେଳେ ଅବୁ ଲହବ୍ ପୁଣି କହିଲା, ହେ ମୁହମ୍ମଦ୍ ସ.ଅ ! ଲୁଇ ସଂପ୍ରଦାୟ ତ' ଆସି ଯାଇଛି ଆପଣ ଯାହା କିଛି କହିବାକୁ ଚାହୁଁଛନ୍ତି ଏବେ ଆପଣ କହି ଦିଅନ୍ତୁ । ଆପଣ ସ.ଅ କ'ଣ କହିବାକୁ ଚାହୁଁଛନ୍ତି ? କିନ୍ତୁ ରସୁଲ୍ କରୀମ୍ ସ.ଅ ତଥାପି ଅବୁ ଲହବ୍ କଥା ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ମନେକଲେ ନାହିଁ । ଏହାପରେ ଆପଣ ସ.ଅ ଆଲେ ମୁରରାହ୍ ସଂପ୍ରଦାୟକୁ ଡାକ ମାରିଲେ । ସୁତରାଂ ସେମାନେ ମଧ୍ୟ ଆସିଗଲେ । ପୁନଶ୍ଚ ଆପଣ ସ.ଅ ଏତଦ୍‌ପରେ ଆଲେ କିଲାବ୍ ସଂପ୍ରଦାୟ ଓ ଆଲେ କୁସୈଇ ସଂପ୍ରଦାୟକୁ ଡାକ ମାରିଲେ । ଏପର୍ଯ୍ୟନ୍ତକି ସମସ୍ତ ଲୋକମାନେ ଏକତ୍ରିତ ହୋଇଗଲେ ଏବଂ ଯେଉଁ ଲୋକମାନେ ସ୍ୱୟଂ ଆସି ପାରିଲେ ନାହିଁ ସେମାନେ ନିଜ ନିଜର ଦୂତ ପ୍ରେରଣ କରିଦେଲେ । କାରଣ ସେହି ଦୂତ ନିଜର ସଂପ୍ରଦାୟମାନଙ୍କୁ ଖବର ସଂପର୍କରେ ଅବଗତ କରାନ୍ତୁ ଏବଂ ସେମାନଙ୍କୁ ସୂଚନା ଦିଅନ୍ତୁ ଯେ, ସେମାନଙ୍କୁ କେଉଁ ଅଭିପ୍ରାୟ ସକାଶେ ଏକତ୍ରିତ କରାଯାଇଛି । ଯେତେବେଳେ ମକ୍କାର ସମସ୍ତ ସଂପ୍ରଦାୟ ଓ କୁରୈଶ୍‌ମାନେ ଏକତ୍ରିତ ହୋଇଗଲେ ସେତେବେଳେ ରସୁଲ୍ କରୀମ୍

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"**

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସ.ଅ ସେମାନଙ୍କୁ ସୂଚନା ଦେଲେ ଯେ, ଆଜି ସେମାନଙ୍କୁ କେଉଁ ଅଭିପ୍ରାୟ ତଥା ଉଦ୍ଦେଶ୍ୟ ସକାଶେ ଏଠାରେ ଏକତ୍ରିତ କରାଯାଇଛି ? ଅତଏବ୍ ରସୁଲ୍ କରୀମ୍ ସ.ଅ ସେମାନଙ୍କୁ ଉଦ୍‌ବୋଧନ ଦେବା ଆରମ୍ଭ କଲେ ଏବଂ କହିଲେ, ଦେଖନ୍ତୁ ! ମୁଁ ଯଦି ଆପଣମାନଙ୍କୁ ଏକଥା କହେ କି ଏହି ପର୍ବତ ପଛ ପଟେ ଏକ ବିଶାଳ ସୈନ୍ୟବାହିନୀ ଏକତ୍ରିତ ହୋଇଛି ଏବଂ ସେହି ସୈନ୍ୟବାହିନୀ ତୁମମାନଙ୍କ ଉପରେ ଆକ୍ରମଣ କରିବାକୁ ଚାହୁଁଛି । ତେବେ କ'ଣ ତୁମେମାନେ ମୋର ଉକ୍ତ କଥାକୁ ବିଶ୍ୱାସ କରିବ ଓ ମୋ କଥାକୁ ମାନିବ ଅବା ନୁହେଁ ? ସେମାନେ ଅର୍ଥାତ୍ ସମସ୍ତ ସଂପ୍ରଦାୟମାନେ କହିଲେ ଅବଶ୍ୟ ଆମେମାନେ ତୁମର କଥାକୁ ମାନିବୁ ଓ ତୁମ ଉପରେ ବିଶ୍ୱାସ କରିବୁ। କାରଣ ଆମେମାନେ ସର୍ବଦା ଆପଣ ସ.ଅଙ୍କୁ ସତ୍ୟବାଦୀ ରୂପେ ପାଇଛୁ । ମକ୍କାର ପରିସ୍ଥିତି ସହିତ ଅବଗତ ଥିବା ଲୋକମାନେ ଅବଗତ ଅଟନ୍ତି ଯେ, ରସୁଲ୍ କରୀମ୍ ସ.ଅଙ୍କ ଏହି ଦାବି ବାସ୍ତବରେ ଏପରି ଥିଲା ଯେପରିକି କୌଣସି ଅସମ୍ଭବ ପ୍ରସଙ୍ଗକୁ ସମ୍ଭବ ମନେକରି ସ୍ୱୀକାର କରିବା ନିମନ୍ତେ ଦାବି କରାଯାଉ । କାରଣ ମକ୍କାରେ ବାସ କରୁଥିବା ଲୋକମାନଙ୍କର ଜୀବମାନେ ଉପତ୍ୟକାର ଠାରେ ଚରୁଥିଲେ ଏବଂ ତାହା ଏପରି ଏକ ଅଞ୍ଚଳ ଥିଲା ଯେ, ସେହି ଅଞ୍ଚଳରେ କୌଣସି ସୈନ୍ୟବାହିନୀର ଲୁଚିକି ରହିବା ସମ୍ଭବ ପର ମଧ୍ୟରୁ ଅନ୍ୟତମ ପ୍ରସଙ୍ଗ ଥିଲା । କିନ୍ତୁ ସେହି ଲୋକମାନଙ୍କ ଉପରେ ଆପଣ ସ.ଅଙ୍କ ସତ୍ୟତାର ଏପରି ପ୍ରଭାବ ପଡ଼ିଥିଲା ଯେ, ସେମାନେ କହିଲେ, ହେ ମୁହମ୍ମଦ୍ ସ.ଅ ! ଆମର ଆଖି ଉକ୍ତ କଥାକୁ ସ୍ୱୀକାର କରୁ ଅବା ନକରୁ। କିନ୍ତୁ ଆମେମାନେ ଆପଣ ସ.ଅଙ୍କ କଥାକୁ ଅବଶ୍ୟ ଗ୍ରହଣ କରିବୁ । କାରଣ ଆପଣ ସ.ଅଙ୍କ ସତ୍ୟବାଦୀତା ଆମମାନଙ୍କ ନିକଟରେ ସ୍ୱୀକୃତ ଅଟେ । ଅତଏବ୍ ସେମାନେ ଯେତେବେଳେ ଏକ ସ୍ୱର ହୋଇ ରସୁଲ୍ କରୀମ୍ ସ.ଅଙ୍କ ସଂପର୍କରେ ନିଜର ସେହି ବିଶ୍ୱାସ ଏବଂ ଭରସାର ପରିପ୍ରକାଶ କଲେ ସେତେବେଳେ ଆପଣ ସ.ଅ କହିଲେ, ହେ ସଂପ୍ରଦାୟମାନେ ! ତାହାହେଲେ ତୁମେମାନେ ମୋ କଥାକୁ ଧ୍ୟାନପୂର୍ବକ ଶୁଣ । ମୁଁ ତୁମମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଶୁଣାଇ ଦେଉଛି । ସେହି ଖବରଟି ଏହିପରି ଅଟେ ଯେ, ଅଲ୍ଲାଃତାଲା ମୋତେ ତୁମମାନଙ୍କ ଆଡ଼କୁ ବାର୍ତ୍ତାବହ କରି ପ୍ରେରଣ କରିଛନ୍ତି । ତେଣୁ ମୁଁ ତୁମମାନଙ୍କୁ କହୁଛି ଯେ, ତୁମେମାନେ ଯଦି ଅଲ୍ଲାଃତାଲାଙ୍କ ଶାସ୍ତିରୁ ସୁରକ୍ଷିତ ରହିବାକୁ ଚାହୁଁଛ ତେବେ ତୁମେମାନେ ମୋର ଅନୁକରଣ କର । ଆପଣ ସ.ଅଙ୍କ ଏତିକି କହିବାର ଥିଲା କି ନାହିଁ ଅବୁ ଲହବ୍ ଉତ୍ତେଜିତ ଓ ଉତକ୍ଷିପ୍ତ ହୋଇ କହିଲା, تَبًّا لَكَ سَائِرَ الْاَيَّامِ اَلِهٰذَا جَمَعْتَنَا ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭର ସର୍ବନାଶ ହେଉ ଏବଂ ତୁମର ବିପର୍ଯ୍ୟୟ ଘଟୁ । ତୁମେ ଏତିକି କଥା ପାଇଁ (ସାମାନ୍ୟ କଥା ପାଇଁ) ଆମମାନଙ୍କୁ ଏକତ୍ରିତ କରିଥିଲ ଏବଂ ଏହିପରି ଭାବରେ ଅନ୍ୟ ଲୋକମାନେ ଉପହାସ ଓ ତାଚ୍ଛଲ୍ୟ କରି ବିକ୍ଷିପ୍ତ ହୋଇଗଲେ ।"

**(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-9, ପୃ-582-583, ସଂସ୍କରଣ ବର୍ଷ 2023 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ଉପହାସ ଏବଂ ବିରୋଧ ଆପଣ ସ.ଅଙ୍କୁ ଏକେଶ୍ୱରବାଦ ସ୍ଥାପନରୁ ଅଟକାଇ ପାରିଲା ନାହିଁ । ଆପଣ ସ.ଅ ଅହରହ ଏକେଶ୍ୱରବାଦ ସ୍ଥାପନରେ ପ୍ରୟାସରତ ଥିଲେ । ଯେପରିକି ମୁଁ ବର୍ଣ୍ଣନା କରିଛି ଯେ, ଆପଣ ସ.ଅଙ୍କ ସହିତ ବିରୋଧୀମାନେ (ଅବିଶ୍ୱାସକାରୀମାନେ) ଉପହାସ କଲେ । ପୁନଶ୍ଚ ଆପଣ ସ.ଅଙ୍କର ବିରୋଧ କ୍ରମଶଃ ବୃଦ୍ଧି ପାଇଲା । ବିରୋଧର ଇତିହାସକୁ ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଇତିହାସର ପୁସ୍ତକ ଅନୁଯାୟୀ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଆଁହଜରତ୍ ସ.ଅ ଯେଉଁ ମହାନ୍ ମିଶନ ନେଇ ଆସିଥିଲେ ସେତିକି ହିଁ ଘୋର ବିରୋଧ ଆପଣ ସ.ଅଙ୍କ ହେବାର ଉଚିତ୍ ଥିଲା । କାରଣ ଆପଣ ସ.ଅ ଏପରି କାଳରେ ଅବତୀର୍ଣ୍ଣ (ଅବିର୍ଭୂତ) ହୋଇଥିଲେ ଯେତେବେଳେ ଅନ୍ଧକାରର ବିଶେଷ ପ୍ରାବଲ୍ୟତା (ଆଧିପତିତ୍ୱତା) ରହିଥିଲା । ତେଣୁ ଏହା ଜରୁରୀ ଥିଲା ଯେ, ଆଲୋକ ଆସିବା ପରେ ଅନ୍ଧକାରର ସୈନ୍ୟବାହିନୀ ନିଜର ସକଳ ଶକ୍ତି ସହିତ ତା'ର ମୁକାବିଲା କରୁ । ସୁତରାଂ ଏହିପରି ହିଁ ହେଲା ଯେ, ବିଗତ ଅବତାରମାନଙ୍କ ଅପେକ୍ଷା ଆପଣ ସ.ଅଙ୍କ ବିରୋଧ ସର୍ବାଧିକ ହେଲା । ସେହି ବିରୋଧର ବଡ଼ ବଡ଼ ପ୍ରକାଶ୍ୟଗତ କାରଣ........ମଧ୍ୟରୁ ଅନ୍ୟତମ କାରଣ ଏହା ମଧ୍ୟ ଥିଲା ଯେ, କୁରୈଶ୍‌ମାନେ ଅତ୍ୟନ୍ତ ନିକୃଷ୍ଟ ସ୍ତରର ପିତୁଳା ପୂଜକ ଜାତି ଥିଲେ ଏବଂ ପିତୁଳାମାନଙ୍କର ସମ୍ମାନ ଏବଂ ପ୍ରେମ ସେମାନଙ୍କ ମନରେ ଏପରି ବସା ବାନ୍ଧି ନେଇଥିଲା ଯେ, ସେମାନେ ପିତୁଳାମାନଙ୍କ ବିରୁଦ୍ଧର ପଦେ ଶୁଣିବା ଉଚିତ୍ ବୋଲି ମନେକରୁ ନଥିଲେ । ଖାନା କାଆବା ଯାହାକି କେବଳ ଅଲ୍ଲାଃତାଲାଙ୍କ ଉପାସନା ସକାଶେ ନିର୍ମିତ ହୋଇଥିଲା ସେଠାରେ ମଧ ଏହି ଅତ୍ୟାଚାରୀମାନେ ଶତାଧିକ ପିତୁଳାମାନଙ୍କୁ ଏକତ୍ରିତ କରି ରଖିଥିଲେ ଏବଂ ନିଜର ସକଳ ଆବଶ୍ୟକତା ସକାଶେ ସେହି ପିତୁଳା ଦେବତାମାନଙ୍କୁ ମୁଖକୁ ଚାହୁଁଥିଲେ। ଅର୍ଥାତ୍ ଦର୍ଶନ କରୁଥିଲେ । ବର୍ତ୍ତମାନ ଯେତେବେଳେ ଇସ୍‌ଲାମ୍ ଧର୍ମ ଆସିଲା ସେତେବେଳେ ଏହି ମୌଳିକ ନୀତି ହିଁ ଏକେଶ୍ୱରବାଦ ଥିଲା ଏବଂ ସ୍ପଷ୍ଟ ଆଦେଶ ଥିଲା ଯେ, କୌଣସି ମନୁଷ୍ୟ କିମ୍ବା ବୃକ୍ଷ କିମ୍ବା ପ୍ରସ୍ତର (ପଥର) କିମ୍ବା ତାରକା ଇତ୍ୟାଦିମାନଙ୍କ ସମ୍ମୁଖରେ ନତମସ୍ତକ ହୁଅ ନାହିଁ ବରଂ وَاسْجُدُوْا لِلّٰهِ الَّذِيْ خَلَقَهُنَّ ଅର୍ଥାତ୍ କେବଳ ସେହି ଅସ୍ତିତ୍ୱଙ୍କ ସମ୍ମୁଖରେ ନତମସ୍ତକ ହୁଅ ଯିଏ ଏମାନଙ୍କୁ ସୃଷ୍ଟି କରିଛନ୍ତି । କେବଳ ସେତିକି ନୁହଁ ବରଂ କୁରୈଶ୍‌ମାନଙ୍କର ପିତୁଳମାନଙ୍କୁ ସେମାନଙ୍କ ଧାରଣରେ ତିରସ୍କାରମୂଳକ ଶବ୍ଦରେ ସ୍ମରଣ କରାଯାଉଥିଲା ଏବଂ ସେମାନଙ୍କୁ ନର୍କର ଇନ୍ଧନ ବୋଲି ବିବେଚିତ କରାଯାଉଥିଲା........ଏହିସବୁ କଥା କୁରୈଶ୍‌ମାନଙ୍କର ମନ ଓ ପ୍ରାଣରେ ନିଆଁ ଲଗାଇ ଦେଇଥିଲା ଏବଂ ସେମାନେ ଏକପ୍ରାଣ ହୋଇ ଇସଲାମ୍ ଧର୍ମକୁ ନିଶ୍ଚିହ୍ନ କରିଦେବା ସକାଶେ ଛିଡ଼ା ହୋଇପଡ଼ିଲେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ମିର୍ଜା ବଶୀର୍ ଅହମଦ ଏମ୍.ଏ, ପୃ-132, 133)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆହୁରି ଅନେକ କାରଣଗୁଡ଼ିକ ରହିଥିଲା । କିନ୍ତୁ ସେ ଯାହା ହେଉ ଉପରୋକ୍ତରେ ଯେଉଁ କାରଣଗୁଡ଼ିକ ରହିଛି ତାହା ବଡ଼ ବଡ଼ କାରଣ ଅଟେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଜଣେ ଅବତାର ଈଶ୍ୱରଙ୍କ ତରଫରୁ ଅବତୀର୍ଣ୍ଣ ହୁଏ ଏବଂ ତା' ସଂପ୍ରଦାୟ ଲୋକମାନଙ୍କୁ ସେ କୁଶଳୀ, ସତ୍ୟବାଦୀ, ସାହସୀ ଓ ଉନ୍ନତି ତଥା ଅଭିବୃଦ୍ଧିକାରୀ ବୋଲି ପ୍ରତୀୟମାନ ହୋଇଥାଏ ତେବେ ତା' ସଂପର୍କରେ ସାଂପ୍ରତିକ ଜାତି ଏବଂ ଗୋଷ୍ଠୀ ହୃଦୟରେ ଅବଶ୍ୟ ଏକ ପ୍ରକାରର ଦ୍ୱେଷିଭାବ ଏବଂ ଈର୍ଷାଭାବ ସୃଷ୍ଟି ହୋଇ ଯାଇଥାଏ । ବିଶେଷ କରି ବିଦ୍ୱାନ୍ ଏବଂ ସିଂହାସନ ଆରୋହଣକାରୀମାନେ ତ' ଅତ୍ୟନ୍ତ ବିଦ୍ୱେଷଭାବ ପ୍ରକାଶ କରିଥାଆନ୍ତି। କାରଣ ଈଶ୍ୱରଙ୍କର ସେହି ବୀର ପୁରୁଷଙ୍କ ଆବିର୍ଭାବ ଦ୍ୱାରା ସେମାନଙ୍କର ଆୟ ଏବଂ ମର୍ଯ୍ୟାଦା ତଥା ଖ୍ୟାତିରେ ପାର୍ଥକ୍ୟ ଆସିଥାଏ । ସେମାନଙ୍କର ଶିଷ୍ୟ ଏବଂ ଅନୁଗାମୀମାନେ ସେମାନଙ୍କର ଜାଲରୁ ବାହାରିବା ଆରମ୍ଭ କରି ଦିଅନ୍ତି । କାରଣ ସମସ୍ତ ବିଶ୍ୱାସିକ, ଚାରିତ୍ରିକ ଏବଂ ଶୈକ୍ଷିକ ବିଶେଷତ୍ୱ ସେହି ବ୍ୟକ୍ତି ମଧ୍ୟରେ ଦେଖିବାକୁ ପାଆନ୍ତି ଯେଉଁ ବିଶେଷତ୍ୱ ଈଶ୍ୱରଙ୍କ ତରଫରୁ ସୃଷ୍ଟି ହୋଇଥାଏ । ଶିଷ୍ୟମାନେ ନିଜର ଗୁରୁଙ୍କୁ ଛାଡ଼ି ବୀର ପୁରୁଷଙ୍କ ଆଡ଼କୁ ଆସିଥାଆନ୍ତି ଯେଉଁମାନେ ପୁଣ୍ୟ ସ୍ୱଭାବର ଅଧିକାରୀ ହୋଇଥାଆନ୍ତି । ତେଣୁ ବୁଦ୍ଧିମାନ ଓ ଶିଷ୍ଟ ବ୍ୟକ୍ତିମାନେ ବୁଝିବାକୁ ଲାଗନ୍ତି ଯେ, ଶୈକ୍ଷିକ ଧାରଣା ଅନୁଯାୟୀ ଯେଉଁ ସମ୍ମାନ, ପ୍ରତିଷ୍ଠା, ଧର୍ମପରାୟଣତା ତଥା ଧର୍ମନିଷ୍ଠତା ସେହି ବିଦ୍ୱାନ୍‌ମାନଙ୍କୁ ପ୍ରଦାନ କରାଯାଇଥିଲା ବର୍ତ୍ତମାନ ସେମାନେ ସେହିସବୁ ସମ୍ମାନ, ପ୍ରତିଷ୍ଠା, ଧର୍ମପରାୟଣତା ତଥା ଧର୍ମନିଷ୍ଠତାର ସେମାନେ ପାତ୍ର ନୁହନ୍ତି । ସେମାନଙ୍କୁ ଯେଉଁ ସମ୍ମାନାସ୍ପଦ ଉପାଧି ପ୍ରଦାନ କରାଯାଇଥିଲା ଯେପରିକି ନଜମୁଲ୍ ଉମ୍ମତ୍ ଏବଂ ଶମ୍‌ଶୁଲ୍ ଉମ୍ମତ୍ ଓ ଶୈଖୁଲ୍ ମଶାଏଖ୍ ଇତ୍ୟାଦି ଉପାଧି ସେମାନଙ୍କ ନିମନ୍ତେ ଯଥୋଚିତ ରହିଲା ନାହିଁ । ଅତଏବ୍ ସେହି କାରଣରୁ ବୁଦ୍ଧିମାନ ବ୍ୟକ୍ତିମାନେ ସେମାନଙ୍କ ଠାରୁ ମୁହଁ ବୁଲାଇ ନିଅନ୍ତି । କାରଣ ସେମାନେ ନିଜର ବିଶ୍ୱାସକୁ ନଷ୍ଟ କରିବାକୁ ଚାହାନ୍ତି ନାହିଁ । ଯେଉଁମାନେ ସ୍ୱୀକାରକ ଅଟନ୍ତି, ସାଧୁ ସ୍ୱଭାବର ଅଟନ୍ତି ସେମାନଙ୍କର ତ' ଏହି କୃତ୍ୟ ହୋଇଥାଏ । ନିରୁପାୟ ବ୍ୟକ୍ତିମାନେ ସେହି କ୍ଷୟକ୍ଷତି ଯୋଗୁଁ ବିଦ୍ୱାନ୍ ଏବଂ ମଶାଏଖ୍‌ମାନଙ୍କର ସଂପ୍ରଦାୟ ସର୍ବଦା ଅବତାର ଏବଂ ରସୁଲମାନଙ୍କ ପ୍ରତି ଈର୍ଷାଭାବ ବ୍ୟକ୍ତି କରି ଆସିଛି । କାରଣ ଈଶ୍ୱରଙ୍କ ଅବତାରମାନେ ଏବଂ ନିଯୁକ୍ତ ବ୍ୟକ୍ତିମାନଙ୍କ ସମୟରେ ସେହି ଲୋକମାନଙ୍କର ଗୁପ୍ତ ରହସ୍ୟ ଉନ୍ମୋଚିତ ହୋଇଥାଏ । କାରଣ ବାସ୍ତବରେ ସେମାନେ ଅପୂର୍ଣ୍ଣ (ଦୂଷିତ) ହୋଇଥାଆନ୍ତା ଏବଂ ଖୁବ୍ ସ୍ୱଳ୍ପଭାଗ ଆଲୋକର ଅଧିକାରୀ ଅଟନ୍ତି ଏବଂ ସେମାନଙ୍କର ଶତ୍ରୁତା ଈଶ୍ୱରଙ୍କ ଅବତାର ଏବଂ ସତ୍ୟବାଦୀମାନଙ୍କ ସହିତ କେବଳ ଆତ୍ମିକ ତଥା ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁଁ ହିଁ ହୋଇଥାଏ। ସେମାନେ ସ୍ୱାର୍ଥ କୈନ୍ଦ୍ରିକ ତଥା ସ୍ୱାର୍ଥର ବଶବର୍ତ୍ତୀ (ଅନୁଗାମୀ) ହୋଇ ଅବତାର ଏବଂ ସତ୍ୟବାଦୀମାନଙ୍କର ଅନିଷ୍ଟ (କ୍ଷତି) ସାଧନ ନିମନ୍ତେ ଯୋଜନା ସଂପର୍କରେ ଚିନ୍ତା କରିଥାଆନ୍ତି । କେବଳ ସେତିକି ନୁହେଁ ବରଂ ବେଳେବେଳେ ସେମାନେ ନିଜ ହୃଦୟରେ ଏହା ଅନୁଭବ କରିଥାଆନ୍ତି ଯେ, ସେମାନେ ଈଶ୍ୱରଙ୍କର ଏକ ପବିତ୍ର ହୃଦୟ ବ୍ୟକ୍ତିକୁ ଅଯଥାରେ କ୍ଷତି ପହଞ୍ଚାଇ ଈଶ୍ୱରଙ୍କ କୋପ ତଳେ ଆସିଯାଇଛନ୍ତି ଏବଂ ସେମାନଙ୍କର କର୍ମ ମଧ ବିରୋଧୀ କାର୍ଯ୍ୟ ନିମନ୍ତେ ସର୍ବଦା ସମ୍ପାଦିତ ହୋଇଥାଏ । ସେମାନଙ୍କ ହୃଦୟର ଦୋଷାତ୍ମକ ଅବସ୍ଥାକୁ ସେମାନଙ୍କ ଆଗରେ ପରିପ୍ରକାଶ କରିଥାଏ । କିନ୍ତୁ ତଥାପି ଈର୍ଷାର ଅସ୍ଥିର ଦ୍ରୁତଗାମୀ ଇଞ୍ଜିନ୍ ଶତ୍ରୁତାର ଗଡ଼ ଅଭିମୁଖେ ସେମାନଙ୍କୁ ଆକର୍ଷିତ କରି ନେଇଥାଏ। ଏହି କାରଣଗୁଡ଼ିକ ରହିଥିଲା ଯାହା ଆଁହଜରତ୍ ସ.ଅଙ୍କ ସମୟରେ ଅବିଶ୍ୱାସକାରୀ ଏବଂ ଇହୁଦୀମାନଙ୍କର ଓ ଖ୍ରୀଷ୍ଟ ଧର୍ମର ବିଦ୍ୱାନ୍‌ମାନଙ୍କୁ କେବଳ ସତ୍ୟକୁ ସ୍ୱୀକାର

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

କରିବାରୁ ବଞ୍ଚିତ ରଖିଲା ନାହିଁ ବରଂ ଘୋର ଶତ୍ରୁତା ପ୍ରଦର୍ଶନ କରିବା ପ୍ରତି ପ୍ରସ୍ତୁତ କରିଦେଲା । ତେଣୁ ସେମାନେ ଏହି ଚିନ୍ତାରେ ଲାଗି ପଡ଼ିଲେ ଯେ, କିପରି ଇସଲାମ୍ ଧର୍ମକୁ ଭୂପୃଷ୍ଠରୁ ନିଶ୍ଚିହ୍ନ କରିଦେବେ । ଯେହେତୁ ମୁସଲମାନମାନେ ଇସ୍‌ଲାମ୍ ଧର୍ମର ପ୍ରାରମ୍ଭିକ କାଳରେ ସ୍ୱଳ୍ପ ସଂଖ୍ୟକ ଥିଲେ ତେଣୁ ସେହି ବିରୋଧୀମାନେ ଉକ୍ତ ଅହଂକାର ଯୋଗୁଁ ସ୍ୱଭାବତଃ ଏପରି ସଂପ୍ରଦାୟର ମନ ଏବଂ ମସ୍ତିଷ୍କରେ ଆସନ୍ନିତ ହୋଇଥାଏ, ଯିଏ ନିଜକୁ ଧନ ଦୌଲତ୍‌ରେ, ସଂଖ୍ୟାଗରିଷ୍ଠତାରେ, ସମ୍ମାନରେ, ମର୍ଯ୍ୟାଦାରେ ଅନ୍ୟ ସଂପ୍ରଦାୟ ଅପେକ୍ଷା ଉତ୍କୃଷ୍ଟ ବୋଲି ମନେକରି ଥାଆନ୍ତି ସେତେବେଳର ମୁସଲମାନ ଅର୍ଥାତ୍ ସାହାବାମାନଙ୍କ ସହିତ ଘୋର ଶତ୍ରୁତାମୂଳକ ଆଚରଣ ପ୍ରଦର୍ଶନ କଲେ ଏବଂ ସେମାନେ ଏହା ଚାହୁଁ ନଥିଲେ ଯେ,ଏହି ଆକାଶୀୟ ବୃକ୍ଷ ଭୂପୃଷ୍ଠରେ ସ୍ଥାପିତ ହେଉ । କେବଳ ସେତିକି ନୁହେଁ ବରଂ ସେହି ବିରୋଧୀମାନେ ଏବଂ ବିରୋଧୀ ସଂପ୍ରଦାୟମାନେ ସତ୍ୟବାଦୀମାନଙ୍କୁ ବିନାଶ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରୁଥିଲେ । ସେମାନେ ଏପରି କୌଣସି ସୁଯୋଗକୁ ହାତଛଡ଼ା କରୁ ନଥିଲେ। ଯାହା ସତ୍ୟବାଦୀମାନଙ୍କର ଅନିଷ୍ଟ ସାଧନ କରିବ । ସେମାନଙ୍କ ମନରେ ଏହି ଭୟ ରହିଥିଲା ଯେ, ଏପରି ନହେଉ ଯେ, ସେହି ଧର୍ମ ଅର୍ଥାତ୍ ଇସ୍‌ଲାମ୍ ଧର୍ମର ପାଦ ଜମିଯାଉ । ପୁନଶ୍ଚ ଇସ୍‌ଲାମ୍ ଧର୍ମର ଉନ୍ନତି ସେମାନଙ୍କ ଧର୍ମ ତଥା ଜାତିର ବିନାଶର କାରଣ ହୋଇଯାଉ । ତେଣୁ ଏହି ଭୟଟି ସେମାନଙ୍କ ମନରେ ଅତ୍ୟନ୍ତ ଭୟଙ୍କର ସ୍ଥିତି ରୂପେ ଆସନ୍ନିତ ହୋଇଯାଇଥିଲା। ତେଣୁ ସେମାନେ ଅତ୍ୟନ୍ତ ସାହସିକତାର ସହିତ ଓ ଅତ୍ୟାଚାରମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ତଥା ଅତ୍ୟନ୍ତ ନିର୍ମମ ପନ୍ଥା ଦ୍ୱାରା ସେମାନେ ଅନେକ ମସୁଲମାନମାନଙ୍କୁ ହତ୍ୟା କରିଦେଲେ । ଅବିଶ୍ୱାସକାରୀମାନଙ୍କ ପକ୍ଷରୁ ଦୀର୍ଘ 13 ବର୍ଷ କାଳ ପର୍ଯ୍ୟନ୍ତ ଏହି କାର୍ଯ୍ୟାନୁଷ୍ଠାନ ଜାରି ରହିଲା । ସେମାନେ ଅତ୍ୟନ୍ତ ନିର୍ଦୟ ଭାବରେ ଈଶ୍ୱରଙ୍କ ବିଶ୍ୱସ୍ତ ଭକ୍ତମାନଙ୍କୁ ନାନା ପ୍ରକାରର ମାନବିକ ନୃଶଂସନୀୟ ଖଡ୍‌ଗ ଦ୍ୱାରା ଖଣ୍ଡ ବିଖଣ୍ଡିତ କରିଦେଲେ । ଅନାଥ ପିଲାମାନେ ଏବଂ ଅବଳା ଦରିଦ୍ର ନାରୀମାନଙ୍କୁ ଗଳି ସାହିରେ ଜେବହ୍ କଲେ । ଏହି କାର୍ଯ୍ୟାନୁଷ୍ଠାନ ହେବା ସତ୍ତ୍ୱେ ମଧ୍ୟ ଅଲ୍ଲାଃତାଲାଙ୍କ ତରଫରୁ ମୁସଲମାନମାନଙ୍କୁ ଏହି ଆଦେଶ ଦିଆଯାଇଥିଲେ ଯେ, ସେମାନେ ପାପ ତଥା ଉପଦ୍ରବର ମୁକାବିଲା କରନ୍ତୁ ନାହିଁ । ସୁତରାଂ ସେହି ପୁଣ୍ୟାତ୍ମକ ସତ୍ୟବାଦୀ ମୁସଲମାନମାନେ ତାହା ହିଁ କଲେ । ସେମାନଙ୍କ ରକ୍ତ ଦ୍ୱାରା ଗଳି ରକ୍ତାକ୍ତ ହୋଇଗଲା । ପରନ୍ତୁ ସେହି ବିରୋଧୀ ଅବିଶ୍ୱାସକାରୀମାନେ ଏତିକିରେ ଅଟକି ଗଲେ ନାହିଁ । ସେମାନେ ବଳିଦାନର ଜୀବମାନଙ୍କ ପରି ଜେବହ୍ ହେଲେ । କିନ୍ତୁ ଏହି ମୁସଲମାନମାନେ ଟିକେ ଆହ୍ ମଧ୍ୟ କଲେ ନାହିଁ ।"

**(ଗର୍ଣ୍ଣମେଣ୍ଟ ଅଂରେଜୀ ଔର୍ ଜିହାଦ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-17, ପୃ-4-5)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମକ୍କାର ଅବିଶ୍ୱାସକାରୀମାନେ ଆପଣ ସ.ଅଙ୍କୁ ଏକେଶ୍ୱରବାଦର ସନ୍ଦେଶ ସଂପ୍ରସାରିତ ପରିତ୍ୟାଗ କରିବା ନିମନ୍ତେ ଡରାଇଲେ, ଧମକ ଦେଲେ ଏବଂ ପ୍ରଲୋଭନ ମଧ୍ୟ ଦେଲେ । କିନ୍ତୁ ଆପଣ ସ.ଅଙ୍କର ଏହି ଉତ୍ତର ଥିଲା ଯେ, ଏହା ତ' ମୋ ଜୀବନର ଅଭିପ୍ରାୟ ଅଟେ । ଅର୍ଥାତ୍ ମୁଁ ଏକେଶ୍ୱରବାଦ ସ୍ଥାପନ କରିବି । ସେଇଥି ପାଇଁ ଅଲ୍ଲାଃତାଲା ମୋତେ ଏହି ସଂସାରକୁ ପ୍ରେରଣ କରିଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ବିରୋଧ ବୃଦ୍ଧି ପାଇଲା ଏବଂ ସେପଟେ ରସୁଲ୍ କରୀମ୍ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନେ ଜିଦ୍ କରି ମକ୍କାବାସୀଙ୍କୁ ଈଶ୍ୱରଙ୍କ ସନ୍ଦେଶ ଦେବା ଆରମ୍ଭ କରି ନଥିଲି କି ଏହି ସଂସାରର ସୃଷ୍ଟିକର୍ତ୍ତା ଏକ ଈଶ୍ୱର ଅଟନ୍ତି, ତାହାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି। ଯେତେସବୁ ଅବତାରମାନେ ଅତିକ୍ରାନ୍ତ ହୋଇଛନ୍ତି ସେମାନେ ସମସ୍ତେ ଏହି ଏକେଶ୍ୱରବାଦର ସ୍ୱୀକାରୋକ୍ତି ପ୍ରକାଶକାରୀ ଥିଲେ ଏବଂ ନିଜର ଜାତିକୁ ମଧ୍ୟ ଏହି ଏକେଶ୍ୱରବାଦ ଶିକ୍ଷା ଆଡ଼କୁ ଡାକୁଥିଲେ । ମୁସଲମାନମାନେ ସେମାନଙ୍କୁ କହୁଥିଲେ ଯେ, ହେ ଅବିଶ୍ୱାସକାରୀମାନେ ! ତୁମେମାନେ ଏକେଶ୍ୱରଙ୍କ ଉପରେ ବିଶ୍ୱାସ ଆଣ, ତୁମେମାନେ ଏହି ପଥର ନିର୍ମିତ ପିତୁଳାକୁ ଉପାସନା କରିବା ପରିତ୍ୟାଗ (ଛାଡ଼ିଦିଅ) କରିଦିଅ । କାରଣ ଏମାନେ ସଂପୂର୍ଣ୍ଣ ରୂପେ ନିରର୍ଥକ ଓ ବେକାର ଅଟନ୍ତି । ଏମାନଙ୍କ ମଧ୍ୟରେ କୌଣସି ଶକ୍ତି ନାହିଁ । ହେ ମକ୍କାବାସୀମାନେ ! କ'ଣ ତୁମେମାନେ ଦେଖି ନାହଁ ଯେ, ଏମାନଙ୍କ ସମ୍ମୁଖରେ ଯେଉଁ ଭୋଗ ଲାଗେ ଯଦି ସେହି ଭୋଗ ଉପରେ ମାଛି ଦଳ ଆସି ବସିଯାଏ ତେବେ ଏହି ପଥରର ମୂର୍ତ୍ତିମାନେ ସେହି ମାଛିମାନଙ୍କୁ ଉଡ଼ାଇବା ପାଇଁ ମଧ୍ୟ ସମର୍ଥ ଓ ସକ୍ଷମ ନୁହନ୍ତି । ଏହି ମୂର୍ତ୍ତିମାନଙ୍କ ଉପରେ ଯଦି କେହି ଆକ୍ରମଣ କରେ ତେବେ ଏମାନେ ନିଜର ସୁରକ୍ଷା ନିଜେ କରିପାରିବେ ନାହିଁ। ଯଦି କେହି ଏମନାଙ୍କୁ କିଛି ମାଗେ ତେବେ ସେମାନେ ଉତ୍ତର ମଧ୍ୟ ଦେଇପାରିବେ ନାହିଁ, ଯଦି କୌଣସି ବ୍ୟକ୍ତି ଏହି ପଥର ନିର୍ମିତ ମୂର୍ତ୍ତିମାନଙ୍କ ଠାରୁ ସାହାଯ୍ୟ ଲୋଡ଼ନ୍ତି ତେବେ ଏମାନେ ସେହି ବ୍ୟକ୍ତିକୁ ସାହାଯ୍ୟ କରିପାରିବେ ନାହିଁ । କିନ୍ତୁ ଏକେଶ୍ୱର ପ୍ରଭୁ ତ' ମାଗିଲାବାଲା ବ୍ୟକ୍ତିର ଆବଶ୍ୟକତାକୁ ଅବଶ୍ୟ ପୂର୍ଣ୍ଣ କରିଥାଆନ୍ତି । ପ୍ରଶ୍ନକାରୀର ପ୍ରଶ୍ନର ଉତ୍ତର ପ୍ରଦାନ କରିଥାଆନ୍ତି । ସାହାଯ୍ୟ ମାଗୁଥିବା ବ୍ୟକ୍ତିକୁ ସାହାଯ୍ୟ କରନ୍ତି ଓ ଶତ୍ରୁକୁ ପରାସ୍ତ କରନ୍ତି ଏବ ନିଜର ଉପାସକ ଭକ୍ତମାନଙ୍କୁ ସର୍ବୋଚ୍ଚ ଉନ୍ନତି ପ୍ରଦାନ କରିଥାଆନ୍ତି । ତାହାଙ୍କ ଠାରୁ ଅର୍ଥାତ୍ ଈଶ୍ୱରଙ୍କ ଠାରୁ ଆଲୋକ ଆସିଥାଏ ଯାହା ସେହି ଉପାସକମାନଙ୍କ ହୃଦୟକୁ ଆଲୋକିତ କରି ଦେଇଥାଏ । ପୁନଶ୍ଚ ତୁମେମାନେ କାହିଁକି ଏପରି ଈଶ୍ୱରଙ୍କୁ ପରିତ୍ୟାଗ କରି ନିର୍ଜୀବ ପିତୁଳାମାନଙ୍କ ସମ୍ମୁଖରେ ଆନତ ହୋଇଥାଅ ଏବଂ ନିଜର ଆୟୁଷ ନଷ୍ଟ କରୁଛ । ତୁମେମାନେ ଦେଖୁ ନାହଁ ଯେ, ଈଶ୍ୱରଙ୍କ ଏକେଶ୍ୱରବାଦକୁ ପରିତ୍ୟାଗ କରି ତୁମର ଧାରଣା ମଧ୍ୟ ଅପବିତ୍ର ଏବଂ ହୃଦୟ ଅନ୍ଧକାର ହୋଇଯାଇଛି । ତୁମେମାନେ ନାନା ପ୍ରକାରର କୁଧାରଣା, କୁବିଶ୍ୱାସ, କୁସଂସ୍କାର, ଭ୍ରମାତ୍ମକ ଶିକ୍ଷାରେ ପ୍ରପିଡ଼ୀତ ଅଟ । ଭ୍ରମ ଲୋକମାନଙ୍କ ହୃଦୟରେ ଏଇଥି ପାଇଁ ସୃଷ୍ଟି ହୁଏ ଯେ, ଲୋକମାନେ ଏକେଶ୍ୱରବାଦକୁ ଛାଡ଼ି ଦେଇଥାଆନ୍ତି । ବୈଧ ଓ ଅବୈଧ ସଂପର୍କରେ ତୁମମାନଙ୍କ ମଧ୍ୟରେ ହିତାହିତ ଜ୍ଞାନ ଆଉ ରହିଲା ନାହିଁ। ଭଲ ଏବଂ ମନ୍ଦ କର୍ମ ମଧ୍ୟରେ ତୁମେମାନେ ପାର୍ଥକ୍ୟ କରିପାରୁ ନାହଁ । ତୁମେମାନେ ନିଜର ମାତାମାନଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିଥାଅ । ନିଜର ଭଉଣୀମାନଙ୍କ ଉପରେ ଏବଂ କନ୍ୟାମାନଙ୍କ ଉପରେ ଅତ୍ୟାଚାର କରିଥାଅ ଓ ସେମାନଙ୍କର ସମ୍ପତ୍ତିଗତ ଅଧିକାର ସେମାନଙ୍କୁ ପ୍ରଦାନ କରୁ ନାହଁ । ନିଜର ପତ୍ନିମାନଙ୍କର ସହତି ତୁମର ସଂପର୍କ ଭଲ ନାହିଁ। ଅନାଥମାନଙ୍କର ଅଧିକାରକୁ ତୁମେମାନେ ହଡ଼ପ କରୁଛ ଓ ବିଧବା ମହିଳାମାନଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କରୁଛ, ଦରିଦ୍ର ଓ ଦୁର୍ବଳ ଲୋକମାନଙ୍କ ଉପରେ ଅତ୍ୟାଚାର କରୁଛ । ତୁମେମାନେ ଅନ୍ୟମାନଙ୍କର ଅଧିକାରକୁ ହଡ଼ପ କରି ନିଜକୁ ବଡ଼ ବୋଲି ସାବ୍ୟସ୍ତ କରିବାକୁ ଚାହୁଁଛ । ମିଥ୍ୟା, କପଟତାକୁ ତୁମେମାନେ ଲଜ୍ଜା ବୋଲି ମନେକରୁ ନାହଁ । ଚୋରି, ଡକାୟତିକୁ ତୁମେମାନେ ଘୃଣା କରୁ ନାହିଁ । ପଶାଖେଳ ଏବଂ ମଦ୍ୟପାନ ତୁମମାନଙ୍କର ଅଭ୍ୟାସ ଅଟେ । ଜ୍ଞାନ ଅର୍ଜନ କରିବା ଏବଂ ଜାତିର ସେବା କରିବା ପ୍ରତି ତୁମର ଧ୍ୟାନ ନାହିଁ । ଏକେଶ୍ୱରବାଦ ଠାରୁ ତୁମେମାନେ କେଉଁ ପର୍ଯ୍ୟନ୍ତ ଅବଚେତନ ହୋଇ ରହିଥିବ ? ଆସ ନିଜର ସୁଧାର କର ଏବଂ ଅନ୍ୟାୟ ଓ ଅତ୍ୟାଚାରକୁ ପରିତ୍ୟାଗ କରିଦିଅ । ଏହିସବୁ ଦୋଷ ଦୁର୍ବଳତା ତୁମମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇଛି ତେଣୁ ଏହାର ସୁଧାର ତୁମେମାନେ କର ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜି ମଧ୍ୟ ଯେଉଁମାନେ ଏହିସବୁ ପାପ, ଦୋଷ ଦୁର୍ବଳତାର ଶିକାର ଅଟନ୍ତି (ପ୍ରପୀଡ଼ିତ ଅଟନ୍ତି) । ସେମାନେ ଏକେଶ୍ୱରବାଦ ଠାରୁ ଦୂରରେ ରହିବା ଯୋଗୁଁ ଏହାର ଶିକାର ହୋଇଛନ୍ତି । ଯେଉଁ ଜାତି ମଧ୍ୟରେ ଏହିସବୁ ଦୋଷ ଦୁର୍ବଳତା ରହିଛି ଯଦି ଗୋଟିଏ ଅଧେ ସୁକର୍ମ ସେମାନଙ୍କ ମଧ୍ୟରେ ରହିଛି ତେବେ ତାହା ପାପ ଏବଂ ଅନ୍ୟାନ୍ୟ ଦୋଷ ଦୁର୍ବଳତା ଅପେକ୍ଷା ଖୁବ୍ କମ୍ ଅଟେ। ଅର୍ଥାତ୍ ପାପ ଏବଂ ଦୋଷ ଦୁର୍ବଳତା ଅଧିକ ଦେଖିବାକୁ ମିଳେ ଏବଂ ପୁଣ୍ୟ ସ୍ୱଳ୍ପ ଦେଖିବାକୁ ମିଳେ। ଏହାର କାରଣ ଏହିକି ଯେ, ଲୋକମାନେ ଏକେଶ୍ୱରବାଦ ଠାରୁ ଦୂରରେ ଅଛନ୍ତି । ଦୁର୍ଭାଗ୍ୟବଶତଃ କେତେକ ମୁସଲମାନମାନଙ୍କର ମଧ୍ୟ ସମାନ ଅବସ୍ଥା ରହିଛି । ହୁଜୁର୍ ଅନୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ର.ଅ କୁହନ୍ତି ଯେ, "ଈଶ୍ୱରଙ୍କ ସାନ୍ନିଧ ପ୍ରାପ୍ତ କରିବା ନିମନ୍ତେ ଏହି ପନ୍ଥା ରହିଛି ଯେ, ପ୍ରତ୍ୟେକ ଅଧିକାରୀ ବ୍ୟକ୍ତିର ଅଧିକାର ସମ୍ପାଦନ କର । ଏହା ଅତ୍ୟନ୍ତ ଜରୁରୀ ପ୍ରସଙ୍ଗ ଅଟେ । ଈଶ୍ୱର ଯଦି ଧନ ଦେଇଛନ୍ତି ତେବେ ଦେଶ ଓ ଜାତିର ସେବା ନିମନ୍ତେ, ଦୁର୍ବଳ ତଥା ଅଭାବିମାନଙ୍କର ଉନ୍ନତି ସକାଶେ ଧନ ଦେଇଛନ୍ତି । ତେଣୁ ସେହି ଧନକୁ ସେମାନେ ବ୍ୟୟ କରିବା ଉଚିତ୍ । ମହିଳାମାନଙ୍କୁ ସମ୍ମାନ ଜଣାଅ, ସେମାନଙ୍କର ଅଧିକାର ସମ୍ପାଦନ କର। ଅନାଥମାନଙ୍କୁ ଅଲ୍ଲାଃତାଲାଙ୍କ ଅମାନତ ବୋଲି ମନେକର । ସେମାନଙ୍କର ଦେଖାଶୁଣାକୁ ସର୍ବୋଚ୍ଚ ସ୍ତରୀୟ ପୁଣ୍ୟ ବୋଲି ମନେକର । ବିଧବା ମହିଳାମାନଙ୍କର ସାହାରା ହୁଅ । ପୁଣ୍ୟ ଏବଂ ଧର୍ମପରାୟଣତା ସ୍ଥାପନ କର । କେବଳ ନ୍ୟାୟ ଓ ମୀମାଂସା ନୁହେଁ ବରଂ ଦୟା ତଥା ଉପକାରକୁ ନିଜର ପରମ ଧ୍ୟେୟ ବୋଲି ମନେକର । କେବଳ ନ୍ୟାୟ ନୁହେଁ ବରଂ ଦୟା ମଧ୍ୟ ହେବା ଉଚିତ୍ । ଉପକାର ମଧ୍ୟ ହେବା ଉଚିତ୍ । ଏହା ଜଣେ ବିଶ୍ୱାସକାରୀର ଶିକ୍ଷା ଅଟେ । ଏହି ସଂସାରରେ ତୁମମାନଙ୍କ ଆସିବା ଅର୍ଥାତ୍ ଜନ୍ମଗ୍ରହଣ କରିବା ନିରର୍ଥକ ନହେଉ । ତୁମେମାନେ ନିଜ ପଛରେ ଭଲ ଚିହ୍ନ ଛାଡ଼ିଯାଅ । ଅର୍ଥାତ୍ ସୁକର୍ମ କରି ଯାଅ । କାରଣ ପୁଣ୍ୟର ବୀଜ ଚିରକାଳ ପାଇ ବପନ କରିବା ଉଚିତ୍ । ଅଧିକାର

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ନେବାରେ ପ୍ରକୃତ ସମ୍ମାନ ନାହିଁ । ବରଂ ବଳିଦାନ ଓ ତ୍ୟାଗ କରିବାରେ ହିଁ ପ୍ରକୃତ ସମ୍ମାନ ନିହିତ ରହିଛି । ତୁମେମାନେ କେବଳ ଅଧିକାର ନେବା ନିମନ୍ତେ ଉଦ୍ୟମ କର ନାହିଁ । ବରଂ ବଳିଦାନ ଏବଂ ତ୍ୟାଗ ମଧ୍ୟ ଜରୁରୀ ଅଟେ । ଅତଏବ୍ ତୁମେମାନେ ବଳିଦାନ ଦିଅ, ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ । ଈଶ୍ୱରଙ୍କ ଭକ୍ତମାନାନଙ୍କ ବିପକ୍ଷରେ ବଳିଦାନର ଉଦାହରଣ ପ୍ରଦର୍ଶନ କର । କାରଣ ଈଶ୍ୱରଙ୍କ ନିକଟରେ ତୁମର ଅଧିକାର ସ୍ଥାପିତ ହେବ ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏସବୁ ନିଦର୍ଶନ ପ୍ରକୃତ ଏକେଶ୍ୱରବାଦ ସ୍ଥାପନକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟନ୍ତି । ନିଃସନ୍ଦେହ ଆମେମାନେ ଦୁର୍ବଳ ଅଟୁ । କିନ୍ତୁ ଆମମାନଙ୍କର ଦୁର୍ବଳତାକୁ ଦେଖ ନାହିଁ । ଆପଣ ଅ.ସ ଏହି ଘୋଷଣା କଲେ ଯେ, "ଆକାଶରେ ସତ୍ୟତାର ରାଜତ୍ୱର ନିର୍ଣ୍ଣୟ ହୋଇ ସାରିଛି । ବର୍ତ୍ତମାନ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ମାଧ୍ୟମରେ ହିଁ ନ୍ୟାୟର ନିକିତି ସ୍ଥାପିତ ହେବ ଏବଂ ନ୍ୟାୟ ଓ ଦୟାର ଶାସନ ସ୍ଥାପନ କରାଯିବ । ତହିଁରେ କାହା ଉପରେ କୌଣସି ଅତ୍ୟାଚାର ହେବ ନାହିଁ । ଧର୍ମ ପ୍ରସଙ୍ଗରେ ହସ୍ତକ୍ଷେପ କରାଯିବ ନାହିଁ । ମହିଳାମାନଙ୍କ ଉପରେ ଏବଂ ଦାସମାନଙ୍କ ଉପରେ ଯେଉଁ ଅତ୍ୟାଚାର ହୋଇ ଆସିଥିଲା ତାହା ସମାପ୍ତ କରିଦିଆଯିବ। ସୈତାନ୍ ଶାସନ ସ୍ଥାନରେ ଏକେଶ୍ୱରବାଦଙ୍କ ଶାସନ ସ୍ଥାପନ କରିଦିଆଯିବ ।" ଯେତେବେଳେ ମକ୍କାବାସୀଙ୍କୁ ଏହି ଶିକ୍ଷା ବରାମ୍ବାର ଶୁଣାଇ ଦିଆଗଲା ଏବଂ ସାଧୁ ସ୍ୱଭାବର ବ୍ୟକ୍ତିମାନଙ୍କର ଧ୍ୟାନ ଇସ୍‌ଲାମ ଧର୍ମ ଆଡ଼କୁ ବୃଦ୍ଧି ପାଇବାକୁ ଲାଗିଲା । ଅତଏବ୍ ଦିନେ ମକ୍କାର ଅଧିପତିମାନେ ଏକତ୍ରିତ ହୋଇ ଆପଣ ସ.ଅଙ୍କ ଚଚା ଅବୁ ତାଲିବ୍‌ଙ୍କ ପାଖକୁ ଆସିଲେ ଏବଂ ତାଙ୍କୁ କହିଲେ ଯେ, ହେ ଅବୁ ତାଲିବ୍ ! ଆପଣ ଆମମାନଙ୍କର ଅଧିପତି ଅଟନ୍ତି ଏବଂ ଆମେମାନେ ଆପଣଙ୍କ ସକାଶେ ଆପଣଙ୍କର ପୁତୁରା ମୁହମ୍ମଦକୁ କିଛି କହିଲୁ ନାହିଁ । ବର୍ତ୍ତମାନ ସମୟ ଆସିଯାଇଛି ଯେ, ଆପଣଙ୍କ ଠାରୁ ଆମେମାନେ ଶେଷ ନିଷ୍ପତ୍ତି ଚାହୁଁଛୁ । ଆପଣ କୌଣସି ନିଷ୍ପତ୍ତି ନିଅନ୍ତୁ ଅବା ମୁହମ୍ମଦ ସ.ଅଙ୍କୁ ବୁଝାଇ ଦିଅନ୍ତୁ । ଆପଣ ମୁହମ୍ମଦ୍ ସ.ଅଙ୍କୁ କୁହନ୍ତୁ ଯେ, ସେ କ'ଣ ଚାହୁଁଛନ୍ତି । ଯଦି ସେ ସମ୍ମାନ ଚାହୁଁଛନ୍ତି ତେବେ ଆମେମାନେ ତାଙ୍କୁ ଆମମାନଙ୍କର ଅଧିପତି କରିବା ନିମନ୍ତେ ପ୍ରସ୍ତୁତ ଅଛୁ । ଯଦି ସେ ଧନ ଚାହୁଁଛନ୍ତି ତେବେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଜ ଧନର କିଛି ଅଂଶ ଦେବା ନିମନ୍ତେ ପ୍ରସ୍ତୁତ ଅଛି । ଯଦି ସେ ବିବାହ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ମକ୍କାର ଯେଉଁ କନ୍ୟା ଆପଣ ସ.ଅଙ୍କୁ ଭଲ ଲାଗିବ ଆମେ ସେହି କନ୍ୟା ସହିତ ତାଙ୍କର ବିବାହ କରାଇବା ନିମନ୍ତେ ପ୍ରସ୍ତୁତ ଅଛୁ । ଆମେ ଏସବୁ ବଦଳରେ କିଛି ଚାହୁଁ ନାହୁଁ ଏବଂ ମୁହମ୍ମଦ ସ.ଅଙ୍କୁ କୌଣସି ପ୍ରସଙ୍ଗରେ ଅଟକାଉ ନାହୁଁ । ଆମେମାନେ ତ' କେବଳ ଏହା ଚାହୁଁଛୁ ଯେ, ମୁହମ୍ମଦ୍ ସ.ଅ ଆମମାନଙ୍କର ପିତୁଳାମାନଙ୍କୁ ମନ୍ଦ କହିବା ପରିତ୍ୟାଗ କରି ଦିଅନ୍ତୁ । ମୁହମ୍ମଦ୍ ସ.ଅ ନିଃସନ୍ଦେହ ରୂପେ ଏହା କୁହନ୍ତୁ ଯେ, ଈଶ୍ୱର ଅଛନ୍ତି । କିନ୍ତୁ ମୁହମ୍ମଦ ସ.ଅ ଏହା କୁହନ୍ତି ନାହିଁ ଯେ, ଆମମାନଙ୍କର ପିତୁଳାମାନେ ଖରାପ୍ ଅଟନ୍ତି । ଯଦି ସେ ଅର୍ଥାତ୍ ମୁହମ୍ମଦ୍ ସ.ଅ ଆମମାମନଙ୍କର ଏତିକି କଥା ମାନି ନିଅନ୍ତି ତେବେ ତାଙ୍କ ସହିତ ଆମମାନଙ୍କର ସନ୍ଧି ହୋଇଯିବ । ଆପଣ ତାଙ୍କୁ ଟିକେ ବୁଝାନ୍ତୁ ଏବଂ ଆମମାନଙ୍କର ପ୍ରସ୍ତାବ ଗ୍ରହଣ କରିବା ନମିନ୍ତେ ତାଙ୍କୁ ଟିକେ ରାଜି କରାନ୍ତୁ । ଅନ୍ୟଥା ଦୁଇଟି କଥା ମଧ୍ୟରୁ ଗୋଟିଏ କଥା ହେବ । 1- ଆପଣଙ୍କୁ ନିଜର ପୁତୁରାକୁ ଛାଡ଼ିବାକୁ ପଡ଼ିବ କିମ୍ବା 2- ଆପଣଙ୍କ ଜାତି ଆପଣଙ୍କୁ ବଶ୍ୟତାକୁ ଅସ୍ୱୀକାର କରି ଆପଣଙ୍କୁ ପରିତ୍ୟାଗ କରିଦେବେ । ଅବୁ ତାଲିବ୍ ନିମନ୍ତେ ଉପରୋକ୍ତ କଥାଟି ଅତ୍ୟନ୍ତ କଷ୍ଟଦାୟକ ଥିଲା । ଆରବ୍ୟମାନଙ୍କ ପାଖରେ ଟଙ୍କା ପଇସା ଖୁବ୍ ସ୍ୱଳ୍ପ ହେଉଥିଲା । ସେମାନଙ୍କର ସମସ୍ତ ଆନନ୍ଦ ସେମାନଙ୍କ ରାଜ୍ୟର ଶାସନ ବ୍ୟବସ୍ଥାରେ ହିଁ ରହୁଥିଲା । ଅଧିପତିମାନେ ଜାତି ନିମନ୍ତେ ଜୀବିତ ରହୁଥିଲେ ଏବଂ ଜାତି ଅଧିପତିମାନଙ୍କ ସକାଶେ ଜୀବିତ ରହୁଥିଲା। ଏକଥା ଶୁଣି ଅବୁ ତାଲିବ୍ ବ୍ୟାକୁଳିତ ହୋଇ ଉଠିଲେ । ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କୁ ଡକାଇଲେ ଏବଂ କହିଲେ, ହେ ମୋର ପୁତୁରା ! ମୋ ଜାତି ମୋ ପାଖକୁ ଆସିଥିଲା। ସେ ମୋତେ ଅମକ ସନ୍ଦେଶ ଦେଇଛି ଓ ତତ୍‌ସହିତ ସେମାନେ ମୋତେ ଏହା ମଧ୍ୟ କହି ଦେଇଛନ୍ତି ଯେ, ଯଦି ତୁମର ପୁତୁରା ଅର୍ଥାତ୍ ତୁମେ (ମୁହମ୍ମଦ୍ ସ.ଅ) ଅମକ ଅମକ କଥା ମଧ୍ୟରୁ ଗୋଟିଏ କଥା ଉପରେ ବି ରାଜି ନହୁଅ ତେବେ ସେମାନଙ୍କର ପକ୍ଷରୁ ପ୍ରତ୍ୟେକ ପ୍ରକାରର ପ୍ରସଙ୍ଗ ଉପସ୍ଥାପିତ ହୋଇ ସାରିଛି । ସେମାନେ କହିଲେ ଯେ, ସେମାନେ ସବୁ ଦେବା ନିମନ୍ତେ ପ୍ରସ୍ତୁତ ଅଟନ୍ତି । ତୁମେ ଯଦି ଏସବୁ ପ୍ରସଙ୍ଗ ସତ୍ତ୍ୱେ ସେମାନଙ୍କର ଈଶ୍ୱରଙ୍କୁ ମନ୍ଦ କହିବାରୁ ନିବୃତ୍ତ ନହୁଅ ତେବେ ସେମାନେ ମୋତେ (ଅବୁ ତାଲିବଙ୍କୁ) ଚେତାବନୀ ଦେଇଛନ୍ତି ଯେ, ମୁଁ ତୁମକ ଛାଡ଼ିଦେବି । ଆଉ ଯଦି ମୁଁ ତୁମକୁ ଛାଡ଼ିବା ନିମନ୍ତେ ପ୍ରସ୍ତୁତ ନହୁଏ ତେବେ ସେମାନେ ମୋର ରାଜତ୍ୱ ଏବଂ ବଶ୍ୟତାକୁ ଅସ୍ୱୀକାର କରିଦେବେ ଏବଂ ମୋତେ ସେମାନେ ଛାଡ଼ିଦେବେ। ଯେତେବେଳେ ଅବୁ ତାଲିବ୍ ଏକଥା ଆଁହଜରତ୍ ସ.ଅଙ୍କୁ କହିଲେ, ସେତେବେଳେ ତାଙ୍କ ଆଖିରେ ଲୁହ ଆସିଗଲା । ଅବୁ ତାଲିବ୍‌ଙ୍କ ଆଖିରେ ଲୁହକୁ ଦେଖି ରସୁଲ୍ କରୀମ୍ ସ.ଅଙ୍କ ଆଖିରେ ମଧ୍ୟ ଲୁହ ଆସିଗଲା ଏବଂ ଆପଣ ସ.ଅ କହିଲେ: "ହେ ମୋର ଚଚା ! ମୁଁ ଏକଥା କହୁ ନାହିଁ ଯେ, ଆପଣ ନିଜ ଜାତିକୁ ଛାଡ଼ି ଦିଅନ୍ତୁ ଏବଂ ମୋତେ ସାହାଯ୍ୟ ଓ ସମର୍ଥନ ଜଣାନ୍ତୁ । ନା, ବରଂ ଆପଣ ନିଃସନ୍ଦେହ ମୋର ସଙ୍ଗତ୍ୱ ଅର୍ଥାତ୍ ମୋତେ ଛାଡ଼ି ଦିଅନ୍ତୁ ଏବଂ ନିଜ ଜାତି ସହିତ ମିଶି ଯାଆନ୍ତୁ । କିନ୍ତୁ ମୁଁ ଏକ ଓ ଅଦ୍ୱିତୀୟ ଏକେଶ୍ୱରଙ୍କ ଶପଥ କରି କହୁଛି ଯେ, ଯଦି ମକ୍କାରେ କୁରୈଶ୍ ଅର୍ଥାତ୍ ଅବିଶ୍ୱାସକାରୀମାନେ ମୋର ଗୋଟିଏ ହାତରେ ସୂର୍ଯ୍ୟ ଅନ୍ୟ ହାତରେ ଚନ୍ଦ୍ର ମଧ୍ୟ ଦେଇ ଦିଅନ୍ତି ତେବେ ମଧ୍ୟ ମୁଁ ଈଶ୍ୱରଙ୍କର ଏକେଶ୍ୱରବାଦ ସଂପର୍କିତ ଉପଦେଶ ଦେବାକୁ ନିବୃତ୍ତି ହେବି ନାହିଁ । ଯେପର୍ଯ୍ୟନ୍ତ ଈଶ୍ୱର ମୋତେ ମୃତ୍ୟୁ ପ୍ରଦାନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ମୁଁ ନିଜ କାର୍ଯ୍ୟରେ ସେହିପରି ଲାଗିଥିବି ।" ହୁଜୁର ଅନ୍ୱର୍ ଅ.ବ କହିଲେ, ଆପଣମାନେ ନିଜର ଦଶା ନିଜେ ଚିନ୍ତା କରନ୍ତୁ । ଏହି ବିଶ୍ୱାସରେ ପରିପୂର୍ଣ୍ଣ ଏବଂ ନିଷ୍ଠାରେ ପରିପୂର୍ଣ୍ଣ ଉତ୍ତର ଅବୁ ତାଲିବ୍‌ର ଆଖି ଖୋଲିବା ନିମନ୍ତେ ଯଥେଷ୍ଟ ଥିଲା । ସେ ବୁଝିଗଲେ ଯେ, ମୋତେ ବିଶ୍ୱାସ ଆଣିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଲା ନାହିଁ କିନ୍ତୁ ବିଶ୍ୱାସର ଏହି ଦୃଶ୍ୟକୁ ଦେଖିବାକୁ ସାମର୍ଥ୍ୟ ପ୍ରାପ୍ତ ହେବା ହିଁ ଧନ ସମ୍ପତ୍ତି ଅପେକ୍ଷା ଅଧିକ ଶ୍ରେୟସ୍କର ଅଟେ । ଆପଣ (ଅବୁ ତାଲିବ୍) କହିଲେ, ହେ ମୋର ପୁତୁରା ! ଯାଅ ଏବଂ ନିଜର କର୍ତ୍ତବ୍ୟ ସମ୍ପାଦନ କର । ମୋର ଜାତି ଯଦି ମୋତେ ଛାଡ଼ିବାକୁ ଚାହୁଁଛି ତେବେ ନିଃସନ୍ଦେହ ଛାଡ଼ି ଦେଉ । ମୁଁ ତୋତେ ଛାଡ଼ି ପାରିବି ନାହିଁ ।" **(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-199-202)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଆଁହଜରତ୍ ସ.ଅ ମକ୍କାର ଅବିଶ୍ୱାସକାରୀମାନଙ୍କ ପକ୍ଷରୁ ପ୍ରତ୍ୟେକ ପ୍ରକାରର ଅନ୍ୟାୟ ଓ ଅତ୍ୟାଚାରକୁ ସହ୍ୟ କଲେ । ଏହି ଆତ୍ମା ଆପଣ ସ.ଅ ନିଜର ସାହାବାମାନଙ୍କ ମଧ୍ୟରେ ହିଁ ସୃଷ୍ଟି କଲେ । ଯେପରିକି ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସେମାନେ ଅର୍ଥାତ୍ ସାହାବାମାନେ ନିଜର ବେକ କଟାଇଲେ । ଏହାର ପରିଣାମ ଏହା ଥିଲା ଯେ, ସେମାନେ ଅହଦ୍ ଅହଦ୍ (ଏକ୍, ଏକ୍) (ଈଶ୍ୱର ଏକ) ବୋଲି ଘୋଷଣା କରି ଅତ୍ୟାଚାର ସହ୍ୟ କଲେ ଏବଂ ନିଜର ପ୍ରାଣ ଉତ୍ସର୍ଗ କରିଦେଲେ । **(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଗ୍ରନ୍ଥଖଣ୍ଡ-3, ପୃ-175, ବିଲାଲ୍ ବିନ୍ ରିବାହ୍, ଏବଂ ଗ୍ରନ୍ଥଖଣ୍ଡ-8, ପୃ-207, ସମିୟାହ୍ ବିନ୍ତ୍ ଖିବାତ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ମକ୍କାର ବିଶ୍ୱାସକାରୀଙ୍କ ସମସ୍ତ ପାପର ଚର୍ଚ୍ଚା ମଧ୍ୟ ହୋଇ ସାରିଛି । ମକ୍କାର ବିଶ୍ୱାସକାରୀମାନେ ଶିର୍କ ଯୋଗୁଁ ଏକେଶ୍ୱରବାଦ ଠାରୁ ଦୂରେଇ ରହିଥିଲେ । ଆଜି ମଧ୍ୟ ଯେଉଁ ଜାତିମାନଙ୍କରେ ଏବଂ ଲୋକମାନଙ୍କ ମଧ୍ୟରେ ଏହି ଦୋଷ ଦୁର୍ବଳତା ମଧ୍ୟ ରହିଛି ତାହାର କାରଣ ହେଲା ସେମାନେ ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିଥାଆନ୍ତି ତେଣୁ ସେମାନେ ଏକେଶ୍ୱରବାଦ ଠାରୁ ଦୂରରେ ଅଛନ୍ତି। ଅତଏବ୍ ଏପରି ସ୍ଥିତିରେ ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ଏକେଶ୍ୱରବାଦର ଚର୍ଚ୍ଚା କରୁଥିବା ଉଚିତ୍ । ଆମେମାନେ ଯେଉଁଠି ଏକେଶ୍ୱରବାଦର ସନ୍ଦେଶ ପହାଞ୍ଚାଉଥିବୁ ସେଠାରେ ନିଜର ଆଧାତ୍ମିକ ଏବଂ ଚାରିତ୍ରିକ ଅବସ୍ଥାରେ ମଧ୍ୟ ଏକ ସ୍ୱଷ୍ଟ ପରିବର୍ତ୍ତନ ମଧ୍ୟ ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ତେବେ ଯାଇ ଆମେମାନେ ପ୍ରକୃତ ଏକେଶ୍ୱରବାଦର ସ୍ୱୀକାରୋକ୍ତି ପ୍ରକାଶକାରୀ ଏବଂ ଈଶ୍ୱରଙ୍କ ଆଦେଶାବଳୀ ଉପରେ ପରିଚାଳିତ ହେଉଥିବା ବ୍ୟକ୍ତି ରୂପେ ପରିଗଣିତ ହୋଇପାରିବୁ । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍। (ଅଲ୍‌ଫଜଲ୍ ଇଣ୍ଟର୍ ନ୍ୟାସ୍‌ନଲ୍, 2026 ମସିହା ମାର୍ଚ୍ଚ ମାସ 20 ତାରିଖ, ପୃ-2-7)**

☆--☆--☆

## ପୃ-2ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ସ୍ଥାପନ ଏବଂ ଖିଲାଫତ୍‌ର ଦୃଢତ୍ୱତା ହିଁ ବାସ୍ତବରେ ଜମାଅତ୍ ଅହମଦିୟାର ସ୍ଥାପନ ଓ ଜମାଅତ୍ ଅହଦମିୟାର ଦୃଢତ୍ୱତା ଅଟେ । କେବଳ ସେତେକି ନୁହେଁ ବରଂ ଖିଲାଫତେ ଅହମଦିୟା ଇସ୍‌ଲାମ୍ ଧର୍ମର ଦୃଢତ୍ୱତା ଏବଂ ଇସ୍‌ଲାମ୍ ଧର୍ମର ବିଜୟର ପ୍ରତିଭୂ (ଗ୍ୟାରେଣ୍ଟି) ଅଟେ । ଖିଲାଫତ୍ ମାଧ୍ୟମରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସଂସ୍କାର ଏବଂ ଇସ୍‌ଲାମ୍ ଧର୍ମର ପ୍ରଚାରର କର୍ତ୍ତବ୍ୟ ନିର୍ବାହ କରାଯାଇପାରିବ ।

**ଅଲ୍‌ହମଦୁଲିଲ୍ଲାଃ** ଆଜି ଯେତେବେଳେ ଖିଲାଫତ୍‌ର ସ୍ଥାପନ ହେବାକୁ 118 ବର୍ଷ ଅତିକ୍ରାନ୍ତ ହୋଇ ସାରିଛି । ଜମାଅତ୍‌ର ସଦସ୍ୟବୃନ୍ଦ ଏବଂ **(ଅବଶିଷ୍ଟାଂଶ..ପୃ-9ରେ)**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଲ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

**ତାଲିବେ ଦୁଆ:** Akhtara Begum & Family, B.D.A, Bhubaneshwar (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଲ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

**ତାଲିବେ ଦୁଆ:**Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

## ପୃ-08 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ଅଣ ଅହମଦିମାନେ ଭଲ ଭାବରେ ଏହା ବୁଝି ନେଇଛନ୍ତି ଯେ, ଏହି ଶୀଘ୍ର ଶୀଘ୍ର ଉନ୍ନତି ଏବଂ ସ୍ୱଳ୍ପ କାଳରେ ମଧ୍ୟରେ ଏଭଳି ବୃଦ୍ଧି ବାସ୍ତବରେ କେବଳ ଓ କେବଳ ଖିଲାଫତ୍ ଅଲା ମିନ୍‌ହାଜେ ନୁବୁଓ୍ୱତ୍‌ର ହିଁ ଅବଦାନ ଓ ଉପକାର ଅଟେ । ଯେଉଁ ଲୋକମାନେ ଖିଲାଫତ୍ ବ୍ୟବସ୍ଥା ସ୍ଥାପନ ସମୟରେ ଖିଲାଫତକୁ ଅସ୍ୱୀକାର ତଥା ପ୍ରତ୍ୟାଖ୍ୟାନ କରି ଦେଇଥିଲେ ଏବଂ ଖିଲାଫତର ଅହରହ ରୂପେ ବିରୋଧ କରିଥିଲେ, ଆଜି ସେମାନଙ୍କ ମାଧ୍ୟମରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବିଜୟ, ଇସ୍‌ଲାମ୍ ଧର୍ମର ବିଜୟର ପ୍ରତିଶୃତି ପୂର୍ଣ୍ଣ ହେଉଅଛି ।

ଆଜି ସେହି ବିରୋଧୀମାନଙ୍କୁ ନିଜର ଜାତୀୟ ଜୀବନ ବଞ୍ଚାଇବା କଷ୍ଟକର ହୋଇ ପଡ଼ିଛି । ଅନ୍ୟ ପାର୍ଶ୍ୱରେ ଜମାଅତ୍ ଅହମଦିୟା ଖିଲାଫତ୍‌ର ଛତ୍ରଛାୟା ତଳେ ବର୍ତ୍ତମାନ ପୃଥିବୀର 200ରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ବ୍ୟାପୀ ସାରିଲାଣି । ଜମାଅତ୍‌ରେ ଉପଦେଶକାରୀମାନଙ୍କର ଯେଉଁ ବୀଜ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ବପନ କରାଯାଇଥିଲା ତାହା ଖିଲାଫତେ ଅହମଦିୟା କାଳରେ ବର୍ତ୍ତମାନ ପରିବ୍ୟାପ୍ତ ହୋଇ ଏସିଆ, ଇଉରୋପ, ଆଫ୍ରିକା, ଆମେରିକା ଓ ଅନ୍ୟାନ୍ୟ ଉପଦ୍ୱୀପମାନଙ୍କରେ ପରିବ୍ୟାପ୍ତ ହୋଇ ଆଁହଜରତ୍ ସ.ଅଙ୍କ ସୁମିଷ୍ଟ ଝରଣା ତୃଷାର୍ତ୍ତ (ତୃଷ୍ଣା ବା ଶୋଷିଲା) ଆତ୍ମା (ଲୋକମାନଙ୍କୁ)ଙ୍କୁ ଆଧ୍ୟାତ୍ମିକ ଜଳପାନ କରାଉଛି । ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାର ସେହି ଶିକ୍ଷା ଯାହାର ପ୍ରାରମ୍ଭ ହ. ଖଲିଫତୁଲ୍ ମସିହ୍ ଅଓ୍ୱଲ୍‌ଙ୍କ ମାଧ୍ୟମରେ କାଦିୟାନ୍‌ର ମସ୍‌ଜିଦ୍ ଅକ୍‌ସା ଠାରୁ ବାହାରିଥିଲା ତାହା ଆଜି ଏମ୍.ଟି.ଏ ମାଧ୍ୟମରେ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇ ସାରିଛି । ସମଗ୍ର ବିଶ୍ୱ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦରୁ ଉପକୃତ ହେଉଅଛି । ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ଯାହା ବର୍ତ୍ତମାନ 70ରୁ ଊର୍ଦ୍ଧ୍ୱ ଭାଷାରେ ଅନୁବାଦ ହୋଇ ପ୍ରକାଶିତ ହୋଇ ସାରିଛି । ସଂସାରବାସୀମାନେ ତହିଁରୁ ଉପକୃତ ହେଉଛନ୍ତି । ସେହିପରି ମାଦ୍ରାସା ଅହମଦିୟା ଯାହାର ମୂଳଦୁଆ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ 1906 ମସିହାରେ ସ୍ଥାପନ କରିଥିଲେ ଆଜି ଖିଲାଫତେ ଅହମଦିୟା କାଳରେ ତାହା ଯାମିୟା ଅହମଦିୟା ନାମରେ ଖ୍ୟାତ ଅଟେ । ଏହି ଯାମିୟା ଅହମଦିୟାର ଶାଖା ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇ ସାରିଛି ଏବଂ ସହସ୍ର ସହସ୍ର ଇସ୍‌ଲାମ୍ ଧର୍ମର ମୁବଲ୍ଲିଗିନ୍‌ମାନେ ଦିନ ରାତି ଇସ୍‌ଲାମ୍ ଧର୍ମ ଜୀବନ ପ୍ରଦାନକାରୀ ଶିକ୍ଷାକୁ ସମଗ୍ର ବିଶ୍ୱରେ ସଂପ୍ରସାରିତ କରିବାରେ ନିମଗ୍ନ ଓ ବ୍ୟସ୍ତ ଅଟନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ରୁହାନୀ ଖଜାଏନ୍ ଏବଂ ଅହମଦି ଜମାଅତ୍‌ର ଖଲିଫାମାନଙ୍କ ଦ୍ୱାରା ରଚିତ ପୁସ୍ତକର ଜ୍ଞାନଭିତ୍ତିକ କୋଷ ତଥା ଅନ୍ୟାନ୍ୟ ଜମାଅତୀୟ ପ୍ରବନ୍ଧ ସାହିତ୍ୟର ପ୍ରକାଶନର ପ୍ରାରମ୍ଭ ମଧ୍ୟ ପବିତ୍ର ଖିଲାଫତେ ଅହମଦିୟା କାଳରେ ହିଁ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଏହି ପୁସ୍ତକଗୁଡ଼ିକ ସଂସାରର ବିଭିନ୍ନ ଭାଷାରେ ଅନୁବାଦ ହୋଇ ପ୍ରକାଶିତ ହୋଇଛି । କେବଳ ପୁସ୍ତକ ପ୍ରକାଶିତ ହୋଇ ନାହିଁ ବରଂ କାଦିୟାନ୍‌ରୁ ପ୍ରକାଶିତ ଖବର କାଗଜ ଶୈଳୀରେ ସଂସାର ବ୍ୟାପୀ ଜମାଅତୀୟ ଖବର କାଗଜ ଏବଂ ପତ୍ରିକା ଇତ୍ୟାଦିର ପ୍ରକାଶନ ପରମ୍ପରା ଆରମ୍ଭ ହୋଇଗଲା ଏବଂ ବର୍ତ୍ତମାନ ପୃଥିବୀର ଅନେକ ରାଷ୍ଟ୍ରରୁ ଅନେକ ଭାଷାରେ ଜମାତୀୟ ଖବର କାଗଜ ଏବଂ ପତ୍ରିକା ପ୍ରକାଶିତ ହେଉଛି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ وسع مکانک ର ଇଲ୍‌ହାମ୍ (ଐଶୀବାଣୀ) ହେଲା ଏବଂ ପୁନଶ୍ଚ ଅଲ୍ଲାଃତାଲାଙ୍କ ଘର ଏବଂ ତାହାଙ୍କ ଦୀନ ଦରିଦ୍ର ଭକ୍ତମାନଙ୍କ ଘରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ପୃଥିବୀ ବ୍ୟାପୀ ଏଯାବତ୍ ସହସ୍ର ସହସ୍ର ମସ୍‌ଜିଦ ନିର୍ମିତ ହୋଇ ସାରିଛି ଏବଂ ଅଭାବିମାନଙ୍କର ଶତାଧିକ ଘର ନିର୍ମିତ ହୋଇ ସାରିଛି । ଏତଦ୍‌ଭିନ୍ନ ଖିଲାଫତେ ଅହମଦିୟା ମାଧ୍ୟମରେ ଦୀନ ଦରିଦ୍ର ଲୋକମାନଙ୍କ ପାଇଁ ଡାକ୍ତରଖାନା ନିର୍ମାଣ ଏବଂ ଗରିବ ଶ୍ରେଣୀର ପିଲାମାନଙ୍କ ନିମନ୍ତେ ବିଦ୍ୟାଳୟ ଜାରି ହେବା ଇତ୍ୟାଦି କାର୍ଯ୍ୟ ଖିଲାଫତେ ଅହମଦିୟାର ସୁମିଷ୍ଟ (ମିଠା) ଫଳମାନଙ୍କ ମଧ୍ୟରୁ ଅନ୍ୟତମ ଫଳ ଅଟେ ।

ବର୍ତ୍ତମାନ ତ' ହିଉମାନିଟି ଫାର୍ଷ୍ଟ ଅନୁଷ୍ଠାନ ମାଧ୍ୟମରେ ପୃଥିବୀ ବ୍ୟାପୀ ଅଭାବି ଏବଂ ଗରିବ ଶ୍ରେଣୀର ଲୋକମାନଙ୍କର ସେବା ଏବଂ ସହସା ବିପତ୍ତି ସମୟରେ ସାହାଯ୍ୟ ଜାରି ରହିଛି । ଖିଲାଫତେ ଅହମଦିୟା ଏହିସବୁ ଆବଶ୍ୟକତା ସହିତ ଜମାଅତ୍‌ର ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ମଧ୍ୟ ଦିନରାତି କାର୍ଯ୍ୟରତ ଅଟେ । ପାଞ୍ଚବେଳା ନମାଜ ପାଠ ପ୍ରତି ଅନୁପ୍ରାଣିତ ଜନିତ ଈଶ୍ୱର ଚର୍ଚ୍ଚା, ନମାଜ୍ ବାତର୍‌ଜୁମା ପାଠ, ଦରସ୍ ଇତ୍ୟାଦିର ବ୍ୟବସ୍ଥା ଦୁଆ କରିବା ନିମନ୍ତେ ଆହ୍ୱାନ ଇତ୍ୟାଦି ସମସ୍ତ ପ୍ରସଙ୍ଗ ଖିଲାଫତ୍‌ର ଛତ୍ରଛାୟା ତଳେ ଜାରି ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହିକି ଯେ, ପ୍ରତ୍ୟେକ ବ୍ୟକ୍ତି ସହିତ ଉପସ୍ଥିତ ଖଲିଫାଙ୍କର ବ୍ୟକ୍ତିଗତ ସଂପର୍କ । ପରିଶେଷରେ ଜାତୀୟ ଏକତାର ଚର୍ଚ୍ଚା କରିବା ମଧ୍ୟ ଜରୁରୀ ଅଟେ ଯେ, ଖିଲାଫତର ଛତ୍ରଛାୟା ତଳେ ବର୍ତ୍ତମାନ କେବଳ ଜମାଅତ୍ ଅହମଦିୟାକୁ ହିଁ ଏହି ଅଧିକାର ପ୍ରାପ୍ତ ଅଟେ । ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲାଙ୍କ ଖୁତ୍‌ବା ଜୁମା ଯାହା ସତ୍‌ମାର୍ଗ ଏବଂ ଆଲୋକର ସୌଧ ଅଟେ ଯେଉଁ ଆଲୋକ ସୌଧ ମାଧ୍ୟମରେ ଜମାଅତ୍ ଏକ ସମୟରେ ସମଗ୍ର ପୃଥିବୀରେ କେବଳ ଏକତାର ରଜ୍ଜୁରେ ବାନ୍ଧି ହୋଇଯାଏ ନାହିଁ ବରଂ ଭରପୁର ଆଧ୍ୟାତ୍ମିକ ଏବଂ ଶାରୀରୀକ ଲାଭ ତଥା ଉପକାରିତା ମଧ୍ୟ ପ୍ରାପ୍ତ କରୁଅଛି ।

ଆଜି ଖିଲାଫତେ ଅହମଦିୟା ସେହି ଆନ୍ତର୍ଜାତିକ ଏକତା ଆଡ଼କୁ ସମଗ୍ର ବିଶ୍ୱବାସୀଙ୍କୁ ଡାକୁଅଛି ଏବଂ ସଂସାରବାସୀମାନଙ୍କୁ ମତଭେଦକୁ ଭୁଲାଇ ଏକେଶ୍ୱରବାଦ ଆଡ଼କୁ ଆସିବା ନିମନ୍ତେ ଆହ୍ୱାନ ଓ ଆମନ୍ତ୍ରିତ କରୁଛି । ଲୋକମାନଙ୍କର ହୃଦୟରେ ଏକଥା ଆସନ୍ନିତ ହେଉଛି ଯେ, ଏକେଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ଏବଂ ମନୁଷ୍ୟ ମଧ୍ୟରେ ନ୍ୟାୟ ସ୍ଥାପନ କରିବା ହିଁ ବିଶ୍ୱ ଶାନ୍ତିର ଏକମାତ୍ର ମାଧ୍ୟମ ଅଟେ ।

ପୁଣ୍ୟଶ୍ଳୋକ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଦିନ ରାତି ପୃଥିବୀ ବ୍ୟାପୀ ରାଷ୍ଟ୍ରମାନଙ୍କୁ ଏବଂ ସେମାନଙ୍କର ପ୍ରମୁଖ ନେତାମାନଙ୍କୁ ସେହି ପ୍ରକୃତ ଶାନ୍ତି ଆଡ଼କୁ ଆମନ୍ତ୍ରିତ କରୁଛନ୍ତି। ଅଲ୍ଲାଃତାଲା କରନ୍ତୁ କି ଖିଲାଫତେ ଅହମଦିୟାର ଏହି ଜୀବନ ପ୍ରଦାନକାରୀ ସ୍ୱର ସମଗ୍ର ବିଶ୍ୱବାସୀଙ୍କ ହୃଦୟରେ ଶୀଘ୍ରାତିଶୀଘ୍ର ସୁପ୍ରଭାବ ପକାଉ। କାରଣ ଏହା ହିଁ ଏକମାତ୍ର ମାଧ୍ୟମ ଅଟେ ଯାହା ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ଦୁର୍ଗ ଓ ମୂଳମନ୍ତ୍ର ଅଟେ । ଏପରି କରିବାକୁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍ ।**

☆--☆--☆

## ଓଡ଼ିଆ ନଜମ୍

ରହିମ୍ ଖାଁ (ମୁନ୍ନା), ତାଳବରକୋଟ୍

| | |
|---|---|
| ମତ୍‌ଲବି ଦୁନିଆଁରୁ (୨ଥର) | କ'ଣ ତୁ ପାଇବୁ |
| ଆଲ୍ଲାଃ ନାଆଁ ନେଏ ତୁରେ | ଜନ୍ନତ୍ ପାଇବୁ । (ଘୋଷା) |
| ଫୁର୍‌ସତ୍ ନାହିଁ ତୋତେ | ଆଲ୍ଲାଃ ନାଆଁ ନେବାକୁ |
| ଅନ୍ତିମ ସମୟ ହେଲେ | ଖୋଜିବୁ ଆଲ୍ଲାଃକୁ । (୧) |
| କମାଇ କରୁଛୁ ଯାହା | ଛାଡ଼ିକି ତୁ ଯିବୁ |
| ଖାଲି ହାତେ ଆସିଥିଲୁ | ଖାଲି ହାତେ ଯିବୁ । (୨) |
| ଜୀବନ ତୋ ଥିବାଯାଏ | ରିସ୍ତେଦାର୍ ସବୁ |
| ଚାଲିଗଲେ ଏ ଜୀବନ | ପର ହୋଇଯିବୁ । (୩) |
| ଭୁଲିବେନି କେହି ଜଣେ | ଶବ କହିବାକୁ |
| ଚାହିଁବେନି କେହି ତୋତେ | ଆଉ ରଖିବାକୁ । (୪) |
| ସରିଯିବ ସବୁ ଖେଳ | ବିଦାୟୀ ତୁ ନେବୁ |
| କବ୍ରସ୍ଥାନେ ଯିବେ ସର୍ବେ | ତୋତେ ଛାଡ଼ିବାକୁ ।(୫) |
| ଶେଷ ଠିକଣାକୁ ତୋର | ସଭିଙ୍କୁ କହିବୁ |
| ଛଅଫୁଟ ଜମିନ୍‌ର | ଭିତରେ ରହିବୁ । (୬) |
| ମତ୍‌ଲବି ଦୁନିଆଁରୁ | କ'ଣ ତୁ ପାଇବୁ (୨ଥର) |
| ଆଲ୍ଲାଃ ନାଆଁ ନେଏ ତୁରେ | ଜନ୍ନତ୍ ପାଇବୁ । (୨ଥର) |

☆--☆--☆

## ପୃ-23ରେ ବର୍ଣ୍ଣିତ ଖୁତ୍‌ବା ଜୁମା 13-3-26ରେ ଅବଶିଷ୍ଟାଂଶ....

ଈଶ୍ୱରଙ୍କର ଆବଶ୍ୟକତାକୁ ଗ୍ରହଣ କରାଯାଇଛିବାସ୍ତବରେ ସେ ବିଦ୍ୟମାନ ମଧ୍ୟ ଅଟନ୍ତି, ଏହା ଅନ୍ୟ ଏକ ପ୍ରସଙ୍ଗ ଅଟେ । କେବଳ ଏହା କହିବା କି ଏହି ସଂସାରର କେହି ଜଣେ ନିର୍ମାତା ହେବା ଉଚିତ୍ ଏହା ଯଥେଷ୍ଟ ନୁହେଁ । ବରଂ ସେ ବିଦ୍ୟମାନ ଅଟନ୍ତି, ସେ କିଏ ଅଟନ୍ତି ? ସେ ଚିରଞ୍ଜୀବ ତଥା ଜୀବନ୍ତ ଈଶ୍ୱର ଅଟନ୍ତି । ଏ ସଂପର୍କରେ ଯଦି ଜାଣିବାକୁ ଚାହଁ ତେବେ ଏହାର ଜ୍ଞାନ ଆଁହଜରତ୍ ସ.ଅଙ୍କ ସହିତ ସଂଶ୍ଳୀଷ୍ଟ ହେବା ଦ୍ୱାରା ହିଁ ପ୍ରାପ୍ତ ହୋଇପାରିବ ।" **(ଅବିଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

**ତାଲିବେ ଦୁଆ:** Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ହ. ମୌଲାନା ହକିମ୍ ନୁରୁଦ୍ଦୀନ୍ ସାହେବ ତଥା ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଅଲ୍ଲାଃତାଲାଙ୍କ ଉପରେ ଥିବା ଗଭୀର (ଅଗାଧ) ଈଶ୍ୱର ବିଶ୍ୱାସ

(ନିମ୍ନ ଲିଖିତ ବିଷୟବସ୍ତୁଟି ମଲକ୍ ସଲାହୁଦ୍ଦୀନ୍ ସାହେବ ସ୍ୱର୍ଗତ ଦରୱେଶ୍ ତଥା ଅସହାବେ ଅହମଦର ଲେଖକଙ୍କ ଜୀବନୀ, ପବିତ୍ର କୁରଆନ୍ କରୀମର ଇଂରାଜୀ ବ୍ୟାଖ୍ୟାକାର ହ. ମଲକ୍ ଗୁଲାମ୍ ଫରିଦ୍ ସାହେବ ଏମ୍.ଏଙ୍କ ପୁସ୍ତକରୁ ଉଦ୍ଧୃତ ଅଟେ)

ଜାମ୍ମୁ କାଶ୍ମୀର ରାଜ୍ୟରୁ ଆସିବା ସମୟରେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଉପରେ 1 ଲକ୍ଷ 95 ହଜାର୍ ଋଣ ଥିଲା । ଏହି ଋଣ ଟଙ୍କା ଆପଣ ର.ଅ ଜଣେ ବ୍ୟକ୍ତିଙ୍କୁ ପୈଠ କରିଥାଆନ୍ତେ । ଶ୍ରୀଯୁକ୍ତ ମିଆଁ ମୁହମ୍ମଦ ଅବଦୁର୍ ରହମାନ୍ ଖାନ୍ ସାହେବ ର.ଅ (ହ. ନୱାବ୍ ମୁହମ୍ମଦ୍ ଖାନ୍ ସାହେବଙ୍କ ଉତ୍ତରାଧିକାରୀ) ଏହି ଋଣ ସଂପର୍କରେ ହ. ମୀର୍ ମୁହମ୍ମଦ ଇସ୍‌ହାକ୍ ସାହେବଙ୍କ ଠାରୁ ଶୁଣିଥିଲେ ଯେ, "ପ୍ରଥମ ଥର ଆପଣ (ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ) ଋଣ ପରିଶୋଧ ନିମନ୍ତେ 5ଟଙ୍କା କିସ୍ତି ଯେତେବେଳେ ପ୍ରେରଣ କଲେ ସେତେବେଳେ ଋଣଦାତା ବିପୁଳ ଋଣ ବିପରୀତ ଏତେ ସ୍ୱଳ୍ପ ଟଙ୍କା କିସ୍ତିର ଦେଖି ଉଲ୍ଲେଖ କଲା ଯେ, ମହୋଦୟ ! କ'ଣ ଆପଣ ଥଟ୍ଟା କରୁଛନ୍ତି ? ଅତଏବ୍ ପ୍ରତ୍ୟୁତ୍ତରରେ ଆପଣ ର.ଅ (ଖଲିଫା ଅୱଲ୍ ର.ଅ) ଲେଖିଲେ ଯେ, ମହୋଦୟ ବର୍ତ୍ତମାନ ମୋ ପାଖରେ କେବଳ ଏତିକି ହିଁ ଟଙ୍କା ରହିଥିଲା ଯାହାକୁ ମୁଁ ଆପଣଙ୍କ ନିକଟକୁ ପ୍ରେରଣ କରିଦେଇଛି । ଆପଣ ମୋତେ ଋଣ ପ୍ରଦାନ କରିଛନ୍ତି। ମୁଁ ଋଣଗ୍ରସ୍ତ ଅଟେ ଓ ମୁଁ ହିଁ ଆପଣଙ୍କ ଋଣ ପରିଶୋଧ କରିବି । ଋଣ ପରିଶୋଧ କରିବା ମୋର ଦାୟିତ୍ୱ ଅଟେ । ଆପଣ ଆଦୌ ଚିନ୍ତିତ ଓ ବ୍ୟସ୍ତ ହୁଅନ୍ତୁ ନାହିଁ ।"

**(ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ-485)**

ଅଲ୍ଲାଃ ଅଲ୍ଲାଃ !! କି ବିଶ୍ୱାସ ଓ କି ଆସ୍ଥା ଥିଲା ଯେ, ପ୍ରକାଶ୍ୟଗତ ପରିସ୍ଥିତି ଅନୁକୂଳ ନଥିବା ସତ୍ତ୍ୱେ ମଧ୍ୟ (ପ୍ରତିକୂଳ ପରିସ୍ଥିତି) ଏପରି ପୂର୍ଣ୍ଣ ବିଶ୍ୱାସ ଥିଲା ଯେ, ଆପଣ ର.ଅ ଏତେ ବିପୁଳ ଅର୍ଥରାଶିକୁ ପୈଠ କରିବା ନିମନ୍ତେ ଦମ୍ଭୋକ୍ତି ପ୍ରକାଶ କରିଥିଲେ ।

ମଲକ୍ ଗୁଲାମ୍ ମୁହମ୍ମଦ ସାହେବ କୁସୁରୀ କହିଲେ ଏବଂ ସେ ଉକ୍ତ ଘଟଣା ସ୍ୱୟଂ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଠାରୁ ଶୁଣିଛନ୍ତି । ଅର୍ଥାତ୍ ଯେତେବେଳେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କୁ ମହାରାଜା ହଠାତ୍ ଚାକିରୀରୁ ବହିଷ୍କୃତ କରି ତୁରନ୍ତ ରାଜ୍ୟ ଛାଡ଼ି ଚାଲିଯିବା ନିମନ୍ତେ କହିଲା ସେତେବେଳେ ଏହି ଘଟଣାର କିଛି ଦିନ ପରେ ରାଜା ନିଜେ ଅନୁଭବ କଲା ଯେ, ସେ ଠିକ୍ କରି ନାହିଁ । ଅତଏବ୍ ସେ ପୁନଶ୍ଚ ଆପଣ ର.ଅଙ୍କୁ ଡକାଇଲା ଯେ, ମହୋଦୟ ! ଆପଣ ପୁନଶ୍ଚ ଆସି ଯାଆନ୍ତୁ । ଆମେ ପୂର୍ବାପେକ୍ଷା ଅଧିକ ଆପଣଙ୍କ ସେବା କରିବୁ । ପ୍ରତ୍ୟୁତ୍ତରରେ ଆପଣ ର.ଅ କହିଲେ, ମହାରାଜ୍ ! ଆପଣ ସେହି ରାଜ୍ୟର ସର୍ବେସର୍ବା ଅଟନ୍ତି । ମୁଁ ଯେଉଁ ଘରର କର୍ମଚାରୀ ହୋଇଯାଇଛି ସେହି ଘର ତୁଳନାରେ ସଂସାରର ବଡ଼ ବଡ଼ ଶାସନର ଶାସକଙ୍କୁ ମୁଁ ହେୟ ଓ ତୁଚ୍ଛ ବୋଲି ମନେକରୁଛି ?

ମଲକ୍ ସାହେବ ଉଲ୍ଲେଖ କଲେ ଯେ, "ମୁଁ ହ. ଖଲିଫତୁଲ୍ ମସିହ୍ ର.ଅଙ୍କ ତୁଣ୍ଡରୁ ଅନେକ ଥର ଶୁଣିଛି ଯେ, ଆପଣ ର.ଅ କହୁଥିଲେ ଯେ, ଯେତେବେଳେ ମୁଁ (ଖଲିଫା ଅୱଲ୍ ର.ଅ) ଜାମ୍ମୁ କାଶ୍ମୀରର ମହାରାଜାଙ୍କ ଚାକିରୀରୁ ହଠାତ୍ ପୃଥକ୍ ହେଲି ସେତେବେଳେ ମୋ ଉପରେ 1 ଲକ୍ଷ 95 ହଜାର୍ ଟଙ୍କା ଋଣ ଥିଲା । ଉକ୍ତ କଥାଟି ପ୍ରାୟ 1892-1893 ମସିହାର କଥା ଅଟେ । ସେହି ଦିନମାନଙ୍କରେ ମୋ ପାଖକୁ ଜଣେ ହିନ୍ଦୁ ବ୍ୟକ୍ତି ଯିଏ ମୋତେ ବହୁତ ଭଲ ପାଉଥିଲା ସେ ମୋ ପାଖକୁ ଆସୁଥିଲା । ଯେହେତୁ ମୁଁ ନିଜ ଆୟର ଅଧିକାଂଶ ଭାଗ ଦାନ କାର୍ଯ୍ୟରେ ବ୍ୟୟ କରିଦେଉଥିଲି ଏବଂ ନିଜ ପାଖରେ ମୁଁ କିଛି ବି ରଖୁ ନଥିଲି । ସେହି ବ୍ୟକ୍ତି ମୋ ପ୍ରତି ଅତ୍ୟନ୍ତ ଆନ୍ତରୀକତା ପ୍ରକାଶ କରୁଥିଲା ଏବଂ କହୁଥିଲା, ହକିମ୍ ସାହେବ ! ଆପଣ ନିଜ ପାଖରେ ବି କିଛି ଟଙ୍କା ରଖନ୍ତୁ । ସେହି ରାଜାଙ୍କର କିଛି ଭରସା ନାହିଁ । ରାଜା ସାମାନ୍ୟ କଥାରେ ଚାକିରୀରୁ ବହିଷ୍କାର କରି ଦିଅନ୍ତି । ମୁଁ ତାକୁ ଏହି ଉତ୍ତର ଦେଇଥିଲି ଯେ, ମହୋଦୟ! ଯେଉଁ ଈଶ୍ୱରଙ୍କ ମାର୍ଗରେ ମୁଁ ଧନକୁ ବ୍ୟୟ କରିଥାଏ, ସମୟ ଆସିଲେ ସେ ଅବଶ୍ୟ ମୋତେ ସାହାଯ୍ୟ କରିବେ ।"

ଯେଉଁ ସମୟରେ ମୋତେ ହଠାତ୍ ଚାକିରୀରୁ ବହିଷ୍କୃତର ପରୱାନା (ପତ୍ର) ପ୍ରଦାନ କରାଗଲା ସେତେବେଳେ ସେହି ହିନ୍ଦୁ ବ୍ୟକ୍ତି ମୋ ପାଖରେ ବସିଥିଲା । ସେ ମୋତେ କହିଲା, ମହୋଦୟ ! ମୁଁ ଆପଣଙ୍କୁ କହୁ ନଥିଲି ଯେ, ଏହି ରାଜାଙ୍କର କିଛି ଭରସା ନାହିଁ । ବର୍ତ୍ତମାନ ଆପଣ ସେହି ବ୍ୟକ୍ତିଙ୍କୁ କି ଉତ୍ତର ଦେବେ ଯେଉଁ ବ୍ୟକ୍ତି ଠାରୁ ଆପଣ 1 ଲକ୍ଷ 95 ହଜାର ଟଙ୍କା ଧାର ଆଣିଥିଲେ ? ଆପଣ ମୋ ଉପଦେଶକୁ ଭୃକ୍ଷେପ କରୁ ନଥିଲେ । ବର୍ତ୍ତମାନ ଆପଣ ଠିକ୍ ଜାଣି ପାରୁଥିବେ ଏବଂ ମୋ ଉପଦେଶକୁ ଆପଣ ସମ୍ମାନ ପ୍ରଦର୍ଶନ କରିବେ । ହୁଜୁର୍ ର.ଅ କହିଲେ, ମହୋଦୟ ! ମୁଁ ଯେପରି ତୁମର ଉପଦେଶକୁ ତୁଚ୍ଛ ଓ ହୀନ ଚକ୍ଷୁରେ ଦେଖୁଥିଲି ଠିକ୍ ସେହିପରି ବର୍ତ୍ତମାନ ମଧ୍ୟ ହୀନ ଦୃଷ୍ଟିରେ ଦେଖୁଛି । ବର୍ତ୍ତମାନ ସେ ଏତିକି କହି ନଥିଲା କି ଜଣେ ମହାରାଣୀ କ୍ଷମାର ସହିତ ସହସ୍ର ସହସ୍ର ଟଙ୍କା ପ୍ରେରଣ କଲେ ଯେ, ହକିମ୍ ସାହେବ ! ମୋ ପାଖରେ ଏତିକି ହିଁ ଅର୍ଥରାଶି ରହିଥିଲା ।

ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କହିଲେ, ଏହାପରେ ଯେଉଁ ବ୍ୟକ୍ତିଙ୍କୁ ମୋତେ ଲକ୍ଷେ 95 ହଜାର ଟଙ୍କାର ଋଣ ଦେବାର ଥିଲା ସେହି ଋଣଦାତାର କର୍ମୀ ମୋ ପାଖକୁ ଆସିଲା ଏବଂ କହିବାକୁ ଲାଗିଲା ଯେ, ହକିମ୍ ସାହେବ ! ମାଲିକ ମୋତେ ଏହା କହି ପଠାଇଛନ୍ତି ଯେ, ଆପଣ ରାଜ୍ୟ ଛାଡ଼ି ଯାଉଛନ୍ତି, ଆପଣଙ୍କୁ ଅର୍ଥର ଆବଶ୍ୟକତା ଥିବ। ତେଣୁ ଆପଣ ଯେଉଁ ପର୍ଯ୍ୟନ୍ତ ଯିବେ ସେପର୍ଯ୍ୟନ୍ତ ଆପଣଙ୍କର ଓ ଆପଣଙ୍କ ଜିନିଷ ପତ୍ର ପହଞ୍ଚାଇ ଦେବାର ମୁଁ ବ୍ୟବସ୍ଥା କରିଦେବି । ପ୍ରତ୍ୟୁତ୍ତରରେ ସେହି ହିନ୍ଦୁ ବ୍ୟକ୍ତି ଆଶ୍ଚର୍ଯ୍ୟଚକିତ ହୋଇ କହିଲା, ହେଁ ଏହି ମୂର୍ଖ କର୍ମୀକୁ ଦେଖ ! ମାଲିକ ନିଜ ଋଣର ଟ' ଦାବି କଲା ନାହିଁ ଓଲଟା ହକିମ୍ ସାହେବଙ୍କୁ ଆଉ ଟଙ୍କା ଦେବା ନିମନ୍ତେ ନିଜର ସେବକକୁ ଆଦେଶ ଦେଇ ପଠାଇଛି । ସେହି ଉପଦେଶ ଦେଉଥିବା ହିନ୍ଦୁ ବ୍ୟକ୍ତି ଜଣକ କହିଲା, ପ୍ରକୃତରେ ପରମେଶ୍ୱରଙ୍କ ନିକଟରେ ମଧ୍ୟ ମାନ ସମ୍ମାନ ରହିଛି । ଆମେମାନେ ଦିନ ସାରା କାମ କରିଥାଉ । ତା' ପରେ ଯାଇ କିଛି ଟଙ୍କାର ମୁହଁ ଦେଖିବାକୁ ପାଇଥାଉ ଅପରପକ୍ଷେ ମୌଲବୀ ସାହେବ ଅଛନ୍ତି ଯେ, ତାଙ୍କ ଆବଶ୍ୟକତା ନିମନ୍ତେ କିଛି ନମାଗି ଟଙ୍କା ଆସି ଯାଉଛି ! ।

ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କହୁଥିଲେ ଯେ, ଏଠାରେ (ଅର୍ଥାତ୍ କାଦିୟାନ୍‌ରେ ଲେଖକ) ବସୁ ବସୁ ଅଲ୍ଲାଃତାଲା ମୋର ଋଣ ପରିଶୋଧ କରିଦେଲେ । ଏକଥା ତ' ମୁଁ ଅନେକ ଥର ହ. ସାହେବଙ୍କ ତୁଣ୍ଡରୁ ଶୁଣିଥିଲି । କିନ୍ତୁ ମୁଁ ବୁଝିପାରୁ ନଥିଲି ଯେ, ଏତେ ବିପଳୁ ପରିମାଣର ଅର୍ଥ ରାଶି ଆଜିକା ଯୁଗରେ 20 ଲକ୍ଷ ପାଖାପାଖି ଥିଲା କେଉଁଠୁ ହୁଜୁର ର.ଅଙ୍କ ପାଖରେ ବସୁବସୁ ଆସି ପହଞ୍ଚିଗଲା ?

ଏଥି ସଂକ୍ରାନ୍ତରେ ପ୍ରିୟ ସ୍ୱର୍ଗତ ଗୁଲାମ୍ ମୁହମ୍ମଦ କୁସୁରୀ ସାହେବ ଏକଦା ସବିଶେଷ ବିବରଣୀ ପ୍ରଦାନ କରି ମୋତେ କହିଲେ, ଯେ, ଜାମ୍ମୁ କାଶ୍ମୀର ରାଜ୍ୟରେ ପ୍ରତ୍ୟେକ ବର୍ଷ କାଠ ନିଲାମ୍ ହୋଇଥାଏ । ସେହି ବର୍ଷ କାଠ ନିଲାମ୍ ସଂପର୍କରେ ମହାରାଜା ଟେଣ୍ଡର୍ ଘୋଷଣା କଲେ । ରାଜା ଯେଉଁ ବ୍ୟକ୍ତିର ଟେଣ୍ଡର୍ ମଞ୍ଜୁର କଲେ ତା'ର ଟେଣ୍ଡର୍ ଏହି ସର୍ତ୍ତରେ ମଞ୍ଜୁର୍ କଲେ ଯେ, କାଠ ବିକି ଯେତେ ଲାଭ ହେବ ତା'ର ଅର୍ଦ୍ଧେକ ଅଂଶ ହକିମ୍ ନୁରୁଦ୍ଦୀନ୍ ସାହେବଙ୍କୁ ଦିଆଯାଉ । ଈଶ୍ୱରଙ୍କ ଲୀଳାତ୍ମକ ରହସ୍ୟ ଯେ, ସେହି ବ୍ୟକ୍ତିଙ୍କୁ ସେହି ବର୍ଷ 3 ଲକ୍ଷ 90 ହଜାର ଟଙ୍କା ଲାଭ ହେଲା । ଅତଏବ୍ ସର୍ତ୍ତାନୁଯାୟୀ ସେହି ଲାଭାଂଶ ଅର୍ଥରୁ 1 ଲକ୍ଷ 95 ହଜାର ଅର୍ଥରାଶି ମୋତେ (ହ. ଖଲିଫା ଅୱଲ୍ ର.ଅଙ୍କୁ) ଦିଆଗଲା ଏବଂ ମୋର ଋଣ ପରିଶୋଧ ହୋଇଗଲା ।

ସ୍ୱର୍ଗତ ମଲକ୍ ଗୁଲାମ୍ ମୁହମ୍ମଦ୍ ସାହେବ ମୋତେ କହିଲେ, ଆସନ୍ତା ବର୍ଷ ମଧ୍ୟ ମହାରାଜା ଯେଉଁ ବ୍ୟକ୍ତିର ଟେଣ୍ଡର ମଞ୍ଜୁର କଲେ ସେହି ବ୍ୟକ୍ତି ଉପରେ ମଧ୍ୟ ଏହିପରି ସର୍ତ୍ତ ଲଗାଇଲେ ଯେ, କାଠ ବିକ୍ରିର ଅର୍ଦ୍ଧ ଲାଭାଂଶ ମୌଲବୀ ହକିମ୍ ସାହେବଙ୍କୁ ଦିଆଯାଉ ।

ସ୍ୱର୍ଗତ ମଲକ୍ ସାହେବ କହିଲେ, "ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ତାଙ୍କୁ ଏହା କହି ନଥିଲେ ଯେ, ସେହି ବ୍ୟକ୍ତିର କେତେ ଲାଭ ହୋଇଥିଲା ? କିନ୍ତୁ ଯେତେବେଳେ ଲାଭାଂଶ ଅର୍ଥରାଶି ହ. ଖଲିଫା ଅୱଲ୍ ର.ଅଙ୍କ ପାଖକୁ ପଠାଇ ଦିଆଗଲା ସେତେବେଳେ ଆପଣ ର.ଅ ଏହା କହି ଅର୍ଥରାଶି ନେବାକୁ ଅସ୍ୱୀକାର କରିଦେଲେ ଯେ, ଗତବର୍ଷ ତ' ମୁଁ ଏଇଥି ପାଇଁ ଟଙ୍କା ଆଦାୟ କରି ନେଇଥିଲି ଯେ, ମୋର ପାଳନକର୍ତ୍ତା ମୋର ଋଣ ପରିଶୋଧ କରିବା ନିମନ୍ତେ ବ୍ୟବସ୍ଥା କରିଦେଇଥିଲେ । ତେଣୁ ଯେତେବେଳେ ମୋର ଋଣ ପିରଶୋଧ ହୋଇଗଲା ସେତେବେଳେ ମୋତେ ଆଉ କୌଣସି ଅତିରିକ୍ତ ଅର୍ଥର ଆବଶ୍ୟକତା ନାହିଁ କି ମୁଁ ସେହି ଅର୍ଥରାଶିର ଅଧିକାରୀ ନୁହେଁ ।"(1)

ହ. ମସିହ୍ ମଉଦ୍ ଅ.ସ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ସଂପର୍କରେ ବର୍ଣ୍ଣନା କରି କୁହନ୍ତି: "ମୁଁ ନିଜ ଆଧାତ୍ମିକ ଭାଇର ଚର୍ଚ୍ଚା କରିବା ନମିନ୍ତେ ମନ ମଧ୍ୟରେ ଏକ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥାଏ । ସେହି ଭାଇଙ୍କର ନାମ ଆଲୋକର ନିଷ୍ଠା ପରି ନୁରୁଦ୍ଦୀନ୍ ଅଟେ । ମୁଁ ତାଙ୍କର ଧାର୍ମିକ ସେବାକୁ ନିଜର ବୈଧ ଧନରୁ ଈଶ୍ୱରଙ୍କର ବାଣୀ ଉଚ୍ଚ ହେବା ସକାଶେ ସେ ଯେଉଁ ଧନକୁ ବ୍ୟୟ କରୁଛନ୍ତି ତାହାକୁ ମୁଁ ଆକାଂକ୍ଷିତ ଦୃଷ୍ଟିରେ ଦେଖିଥାଏ ଯେ, ଏପରି ହୁଅନ୍ତା କି ସେହି ସେବା ମୋ ଦ୍ୱାରା ମଧ୍ୟ ସମ୍ପାଦିତ ହୋଇଥାଆନ୍ତା....... । ସେ ମୋ ପାଇଁ ଧନ କ'ଣ ବରଂ ନିଜର ପ୍ରାଣ ମଧ୍ୟ ଉତ୍ସର୍ଗ କରିବାକୁ ପଶ୍ଚାତ୍‌ପଦ ହେବେ ନାହିଁ ।" **(ଫତହ୍ ଇସ୍‌ଲାମ୍)**

---

**(1) ଟିପ୍ପଣୀ: ତାରିଖେ ଅହମଦିୟତ୍ (ଅହମଦିୟା ଇତିହାସ) ଗ୍ରନ୍ଥଖଣ୍ଡ-4, ପୃ-136ରେ ଋଣ ସଂପର୍କିତ ବିସ୍ତୃତ ବିବରଣୀ ଦରଜ୍ (ଉଲ୍ଲେଖ) ରହିଛି ଏବଂ ସେହିପରି ଦ୍ୱିତୀୟ ଥର ଯେଉଁ ଲାଭାଂଶ ପ୍ରାପ୍ତ ହୋଇଥିଲା ତାହା ପୂର୍ବ ଲାଭାଂଶ ଅପେକ୍ଷା ଅଧିକ ଥିଲା । ସେହିପରି କାଶ୍ମୀରରୁ ପ୍ରେରଣ କରିବାର ସମୟ 1892 ମସିହା ଅଟେ ।**

☆--☆--☆

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

# ଖିଲାଫତେ ଅହମଦିୟାର ଛତ୍ରଛାୟା ତଳେ ଯୁବପିଢୀଙ୍କର ଦାୟିତ୍ୱାବଳୀ

(ବଶୀରୁଦ୍ଦୀନ କାଦିର୍ ସାହେବ, ସାପ୍ତାହିକ ଖବର କାଗଜ ବଦରରେ କାର୍ଯ୍ୟରତ ମୁବଲ୍ଲିଗ୍ ସିଲସିଲା, କାଦିୟାନ୍)

ଖିଲାଫତେ ଅହମଦିୟା ଅଲ୍ଲାଃତାଲାଙ୍କ ତରଫରୁ ଜମାଅତ୍ ଅହମଦିୟା ସକାଶେ ଏକ ମହାନ୍ ଆଧ୍ୟାତ୍ମିକ ପୁରସ୍କାର ତଥା ଅବଦାନ ଅଟେ । ଏହା ସେହି କଲ୍ୟାଣମୟ ବ୍ୟବସ୍ଥା ଅଟେ ଯାହା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ଜମାଅତ୍ର ମାର୍ଗଦର୍ଶନ, ସୁରକ୍ଷା ଏବଂ ଉନ୍ନତିର ମାଧ୍ୟମ ହୋଇଥିଲା । ବାସ୍ତବରେ ଖିଲାଫତ୍ ଇସଲାମ୍ ଧର୍ମର ପ୍ରକୃତ ବ୍ୟବସ୍ଥାର ନିରନ୍ତରତା ଅଟେ । ଏହା ମାଧ୍ୟମରେ ଅଲ୍ଲାଃତାଲା ନିଜର ଭକ୍ତମାନଙ୍କୁ ଏକତା, ଅବିଚଳତା ଓ ଆଧ୍ୟାତ୍ମିକ ଉନ୍ନତି ଆଡ଼କୁ ମାର୍ଗଦର୍ଶନ କରିଥାଆନ୍ତି ।

ପବିତ୍ର କୁରଆନ୍ କରୀମ୍ରେ ଅଲ୍ଲାଃତାଲା କୁହନ୍ତି: وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِي الْاَرْضِ كَمَا اسْتَخْلَفَ الَّذِيْنَ مِنْ قَبْلِهِمْ **(ଅନ୍ ନୁର୍: 56)**"ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରୁଛନ୍ତି ଅଲ୍ଲାଃତାଲା ସେମାନଙ୍କ ସହିତ ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିଦେବେ ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ।

ଉପରୋକ୍ତ ଆୟତ୍ ବାସ୍ତବତାକୁ ଉଜାଗର କରିଥାଏ । ଅର୍ଥାତ୍ ଖିଲାଫତ୍ ଅଲ୍ଲାଃତାଲାଙ୍କ ଦ୍ୱାରା ସ୍ଥାପିତ ଏକ ବ୍ୟବସ୍ଥା ଅଟେ ଯାହା ବିଶ୍ୱାସ ଏବଂ ସତ୍‌କର୍ମ ଫଳରେ ପ୍ରାପ୍ତ ହୋଇଥାଏ । ଜମାଅତ୍ ଅହମଦିୟାରେ ଏହି ଅଙ୍ଗୀକାର ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ଖିଲାଫତ୍ ଆକାରରେ ପୂର୍ଣ୍ଣ ହେଲା ଏବଂ ଆଜି ପର୍ଯ୍ୟନ୍ତ ତାହା ଜାରି ରହିଛି ।

ଏହି କଲ୍ୟାଣମୟ ବ୍ୟବସ୍ଥାର ଛତ୍ରଛାୟା ତଳେ ଯୁବପିଢୀଙ୍କର ଦାୟିତ୍ୱ ଅତୀବ୍ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଥାଏ । କାରଣ ଯୁବପିଢୀ କୌଣସି ଜାତି ଏବଂ ସଂପ୍ରଦାୟର ଭବିଷ୍ୟତ ଅଟନ୍ତି । ଯଦି ଯୁବପିଢୀ ନିଜ ନିଜର କର୍ତ୍ତବ୍ୟକୁ ସଠିକ୍ ରୂପେ ସମ୍ପାଦନ କରନ୍ତି ତେବେ ଜମାଅତ୍ର ଉନ୍ନତି ନୂତନ ସ୍ଥାନ ଅତିକ୍ରମ କରିଥାଏ ।

**ଖିଲାଫତର ଆଜ୍ଞା ପାଳନ:**

ଯୁବପିଢୀଙ୍କ ସର୍ବ ପ୍ରଥମ ଏବଂ ମୌଳିକ କର୍ତ୍ତବ୍ୟ ବା ଦାୟିତ୍ୱ ହେଲା ଖିଲାଫତର ଆଜ୍ଞାପାଳନ ଓ ଆଜ୍ଞାବହତ୍ୱ ପ୍ରକାଶ । ଅତଏବ୍ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ରେ କୁହନ୍ତି: يٰۤاَيُّهَا الَّذِيْنَ اٰمَنُوْۤا اَطِيْعُوا اللّٰهَ وَاَطِيْعُوا الرَّسُوْلَ وَاُولِي الْاَمْرِ مِنْكُمْ **(ଅନ୍ ନିସା: 60)** ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃତାଲାଙ୍କର ଆଦେଶ ପାଳନ କର ଏବଂ ତାହାଙ୍କ ପ୍ରେରିତ ରସୁଲ (ବାର୍ତ୍ତାବହ)ଙ୍କର ଓ ତୁମମାନଙ୍କ ମଧ୍ୟରେ ଥିବା କର୍ତ୍ତୃପକ୍ଷଙ୍କର ମଧ୍ୟ ଆଦେଶ ପାଳନ କର । ଉକ୍ତ ଆୟତ୍‌ରେ ମୁସଲମାନମାନଙ୍କୁ ସ୍ପଷ୍ଟ ଭାବରେ ଏହି ଶିକ୍ଷା ପ୍ରଦାନ କରାଯାଇଛି ଯେ, ସେମାନେ ନିଜର ଧାର୍ମିକ ନେତା ଅର୍ଥାତ୍ ଧର୍ମଗୁରୁମାନଙ୍କର ଆଜ୍ଞା ପାଳନ କରନ୍ତୁ । ଜମାଅତ୍ ଅହମଦିୟାରେ ଉପସ୍ଥିତ ଖଲିଫା ଅଲ୍ଲାଃତାଲାଙ୍କର ବିଶେଷ ସାହାଯ୍ୟ ଓ ସମର୍ଥନ ଦ୍ୱାରା ଜମାଅତ୍ର ମାର୍ଗଦର୍ଶନ କରିଥାଆନ୍ତି । ତେଣୁ ଅହମଦି ଯୁବକ ଯୁବତୀମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନେ ଉପସ୍ଥିତ ଖଲିଫାଙ୍କ ସହିତ ପ୍ରେମ, ଆନ୍ତରୀକତା, ବିଶ୍ୱସ୍ତତା ଏବଂ ନିଷ୍ଠାପରତା ସଂପର୍କ ସ୍ଥାପନ କରନ୍ତୁ ଓ ଖଲିଫାଙ୍କର ମାର୍ଗଦର୍ଶନକୁ ନିଜ ଜୀବନର ଏକ ଅଭିନ୍ନ ଅଙ୍ଗ ରୂପେ ବରଣ କରି ନିଅନ୍ତୁ ।

**ଇସଲାମ୍ ଧର୍ମର ତବ୍‌ଲିଗ୍ (ଧର୍ମପ୍ରଚାର) ଓ ଅହମଦିୟତ୍:**

ଯୁବକ ବା ଯୁବପିଢୀଙ୍କର ଦ୍ୱିତୀୟ ପ୍ରମୁଖ ଦାୟିତ୍ୱ ହେଲା ଇସଲାମ୍ ଓ ଅହମଦିୟତ୍ର ସନ୍ଦେଶ ସଂସାରବାସୀଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା । ଏଥି ନିମନ୍ତେ ରସୁଲ୍ କରୀମ୍ ସ.ଅ କହିଲେ: بَلِّغُوْا عَنِّيْ وَلَوْ اٰيَةً ଅର୍ଥାତ୍ ସେ ଗୋଟିଏ ଆୟତ୍ (ନିର୍ଦ୍ଦେଶନ) ହୋଇଥାଉ ନା କାହିଁକି, ତୁମେମାନେ ମୋ ତରଫରୁ ଲୋକମାନଙ୍କ ପର୍ଯ୍ୟନ୍ତ ସନ୍ଦେଶ ପହଞ୍ଚାଇ ଦିଅ । **(ସହି ବୁଖାରୀର ହଦିସ୍ ସଂଖ୍ୟା-3461)**

ଉପରୋକ୍ତ ହଦିସ୍ ଉକ୍ତ କଥା ଆଡ଼କୁ ଧ୍ୟାନ ଆକର୍ଷିତ କରିଥାଏ ଯେ, ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ନିଜ ଧର୍ମର ସନ୍ଦେଶକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ଜରୁରୀ ଅଟେ । ସାଂପ୍ରତିକ ଯୁଗରେ ଯେତେବେଳେ ସଂସାର ଆଧ୍ୟାତ୍ମିକ ଅଶାନ୍ତି ଏବଂ ଚାରିତ୍ରିକ ସଂକଟ ଶିକାର ଅଟେ, ଅହମଦି ଯୁବକମାନଙ୍କ ଉପରେ ଏହି ଦାୟିତ୍ୱ ଆହୁରି ବୃଦ୍ଧି ପାଇଥାଏ ଯେ, ସେମାନେ ଇସଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ସଂସାର ସମ୍ମୁଖରେ ଉପସ୍ଥାପିତ କରନ୍ତୁ ।

ଯୁବକମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନେ ନିଜ ଚରିତ୍ର, ଆଚରଣ, ଜ୍ଞାନ ଓ ଉତ୍ତମ ବ୍ୟବହାର ମାଧ୍ୟମରେ ଇସଲାମ୍ ଧର୍ମର ବ୍ୟବହାରିକ ଉଦାହରଣ ଉପସ୍ଥାପିତ କରନ୍ତୁ । କାରଣ ଲୋକମାନେ ଇସଲାମ୍ ଧର୍ମର ସୁନ୍ଦର ଶିକ୍ଷାକୁ ଦେଖି ପାରିବେ ।

**ଉପାସନା ଏବଂ ଆଧ୍ୟାତ୍ମିକ ଉନ୍ନତି:**

ଖିଲାଫତେ ଅହମଦିୟାର ପ୍ରକୃତ ଲାଭ ସେତେବେଳେ ମିଳି ପାରିବ ଯେତେବେଳେ ମନୁଷ୍ୟ ଅଲ୍ଲାଃତାଲାଙ୍କ ସହିତ ନିଜର ସଂପର୍କକୁ ଦୃଢ଼ୀଭୂତ କରିବ । ଅତଏବ୍ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ରେ କୁହନ୍ତି: اَلَا بِذِكْرِ اللّٰهِ تَطْمَئِنُّ الْقُلُوْبُ **(ଅର୍ ରାଆଦ୍:29)** ମନେରଖ ! ଅଲ୍ଲାଃତାଲାଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । ତେଣୁ ଯୁବକମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନେ ପାଞ୍ଚବେଳା ନମାଜ୍ ବାଜମାଅତ୍ ପାଠ କରନ୍ତୁ, ପବିତ୍ର କୁରଆନ୍ କରୀମ୍ର ନିୟମିତ ତିଲାଓତ୍ କରନ୍ତୁ, ଦୁଆ ଓ ଇସ୍ତିଗଫାର୍‌କୁ ନିଜ ଜୀବନର ଅଭିନ୍ନ ଅଙ୍ଗ କରି ନିଅନ୍ତୁ । ସୁତରାଂ ରସୁଲ୍ କରୀମ୍ ସ.ଅ ଏଥି ସଂକ୍ରାନ୍ତରେ କହିଲେ, اَحَبُّ الْاَعْمَالِ اِلَى اللّٰهِ اَدْوَمُهَا وَاِنْ قَلَّ ଅର୍ଥାତ୍ ସେହି କର୍ମକୁ ସର୍ବାଧିକ ପସନ୍ଦ କରନ୍ତି ଯାହା ନିୟମିତତାର ସହିତ ସମ୍ପାଦନ କରାଯାଏ । ସେହି କର୍ମଟି ସ୍ୱଳ୍ପ ହୋଇଥାଉ ନା କାହିଁକି କିନ୍ତୁ ଅଲ୍ଲାଃତାଲାଙ୍କୁ ତାହା ସର୍ବାଧିକ ପ୍ରିୟ ଅଟେ । **(ସହି ବୁଖାରୀ, ହଦିସ୍ ନଂ-6464/6465)**

ଏହି ଶିକ୍ଷା ଆମମାନଙ୍କୁ ଏହି ଦିଗ୍‌ଦର୍ଶନ ଦିଏ ଯେ, ଉପାସନାରେ ନିରନ୍ତରତା ଏବଂ ନିଷ୍ଠାପରତା ହିଁ ସର୍ବାଧିକ ରୂପେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ ।

**ସର୍ବୋଚ୍ଚ ଉତ୍ତମ ଚରିତ୍ର ଏବଂ ପବିତ୍ର ଭୂମିକା:**

ଇସଲାମ୍ ଧର୍ମରେ ଚରିତ୍ରକୁ ମୌଳିକ ତଥା ଗୁରୁତ୍ୱପୂର୍ଣ୍ଣ ମର୍ଯ୍ୟାଦା ପ୍ରାପ୍ତ ହୋଇଛି । ସୁତରାଂ ଏଥି ସଂକ୍ରାନ୍ତରେ ରସୁଲ୍ କରୀମ୍ ସ.ଅ କହିଲେ: "اِنَّمَا بُعِثْتُ لِاُتَمِّمَ مَكَارِمَ الْاَخْلَاقِ ଅର୍ଥାତ୍ ମୋତେ ଏଇଥି ପାଇଁ ପ୍ରେରଣ କରାଯାଇଛି ଯେ, ମୁଁ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାକୁ ସ୍ଥାପିତ କରିବି ।"**(ମସ୍‌ନଦ୍ ଅହମଦ୍, ହଦିସ୍ ନଂ-15540)**

ଅର୍ଥାତ୍ ଅହମଦି ଯୁବକ ଯୁବତୀମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନେ ନିଜର ଜୀବନରେ ସତ୍ୟତା, ବିଶ୍ୱସ୍ତତା, ବିନୀତତା, ଧୈର୍ଯ୍ୟଶୀଳତା, ସହିଷ୍ଣୁତା ଓ ଉତ୍ତମ ଆଚରଣ ପ୍ରଦର୍ଶନକୁ ଅବଲମ୍ବନ କରନ୍ତୁ ।

**ଜମାଅତୀୟ ସେବା ଓ ମାନବ ସେବା:**

ଇସଲାମ୍ ଧର୍ମ ମାନବିକତାର ସେବାକୁ ମହତ୍ୱପୂର୍ଣ୍ଣ ପୁଣ୍ୟ ବୋଲି ବିବେଚିତ କରିଛି । ସୁତରାଂ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ରେ କୁହନ୍ତି: وَتَعَاوَنُوْا عَلَى الْبِرِّ وَالتَّقْوٰى **(ଅଲ୍ ମାଏଦା: 3)** ଅର୍ଥାତ୍ ତୁମେମାନେ ପୁଣ୍ୟ ଏବଂ ଧର୍ମପରାୟଣତା କାର୍ଯ୍ୟରେ ପରସ୍ପରକୁ ସାହାଯ୍ୟ କର ।

ଉପରୋକ୍ତ ଆୟତ୍‌ରୁ ଏହି ଶିକ୍ଷା ପ୍ରାପ୍ତ ହୁଏ ଯେ, ମୁସଲମାନମାନଙ୍କୁ ପୁଣ୍ୟ କାର୍ଯ୍ୟରେ ପ୍ରତିଦ୍ୱନ୍ଦ୍ୱିତ ରୂପେ ଭାଗ ନେବା ଉଚିତ୍ । ଅହମଦି ଯୁବକମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନେ ଜମାଅତ୍ର କାର୍ଯ୍ୟକ୍ରମରେ ଭାଗ ନିଅନ୍ତୁ । ଧାର୍ମିକ କାର୍ଯ୍ୟରେ ସହଯୋଗ କରନ୍ତୁ, ମାନବ ସେବାର ଯୋଜନା କାର୍ଯ୍ୟରେ ସାମିଲ୍ ହେବା ଉଚିତ୍ । ମାନବା ସେବା ବାସ୍ତବରେ ଇସଲାମ୍ ଧର୍ମର ଆତ୍ମା ଅଟେ । ଏହା ହିଁ ପ୍ରକୃତ ତବ୍‌ଲିଗ୍ (ଧର୍ମପ୍ରଚାର) ମଧ୍ୟ ଅଟେ ।

**ଖିଲାଫତ୍ ସହିତ ପ୍ରେମ ଓ ସଂପର୍କ:**

ଯୁବକମାନଙ୍କ ନିମନ୍ତେ ଏହା ଜରୁରୀ ଅଟେ ଯେ, ସେମାନେ ଖିଲାଫତ୍ ସହିତ ନିବିଡ଼ ସଂପର୍କ ସ୍ଥାପନ କରନ୍ତୁ । ଉପସ୍ଥିତ ଖଲିଫାଙ୍କର ଖୁତ୍‌ବାତ୍ ଶୁଣିବା, ତାହାଙ୍କର ମାର୍ଗଦର୍ଶିକା ଉପରେ କାର୍ଯ୍ୟାନୁସରଣ କରିବା ଓ ଖଲିଫାଙ୍କ ସକାଶେ ଦୁଆ କରିବା ଇତ୍ୟାଦା କାର୍ଯ୍ୟ ବିଶ୍ୱାସକାରୀର କର୍ତ୍ତବ୍ୟ ଅଟେ ।

ଏକ ଅବସରରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, "ଆମ (ମୋ ଅର୍ଥାତ୍ ମସିହ୍ ମଉଦ୍ ଅ.ସଙ୍କ) ଜମାଅତ୍‌ରେ ସେହି ବ୍ୟକ୍ତି ପ୍ରବିଷ୍ଟ ହୋଇପାରିବ ଯିଏ ଆମର ଶିକ୍ଷାକୁ ନିଜର ପ୍ରତ୍ୟେକଟି କାର୍ଯ୍ୟରେ ଅନିର୍ବାଯ୍ୟ ବୋଲି ବିବେଚିତ କରିଥାଏ ଏବଂ ନିଜର ସାହସ ଓ ଉଦ୍ୟମାନୁଯାୟୀ ଏହି ଶିକ୍ଷାକୁ କାର୍ଯ୍ୟକାରୀ କରିଥାଏ । କିନ୍ତୁ ଯେଉଁ ବ୍ୟକ୍ତି କେବଳ ନାମକୁ ମାତ୍ର ନିଜକୁ ଅହମଦି ବୋଲାଇ ଆମ ଶିକ୍ଷା ଅନୁଯାୟୀ ଆମ ଶିକ୍ଷାକୁ କାର୍ଯ୍ୟକାରୀ କରେ ନାହିଁ ସେହି ବ୍ୟକ୍ତି ଏକଥା ମନେରଖୁ ଯେ, ଈଶ୍ୱର ଏହି ସଂପ୍ରଦାୟକୁ ଏକ ବିଶେଷ ସଂପ୍ରଦାୟ ରୂପେ ଗଢି ତୋଳିବା ନିମନ୍ତେ ଇଚ୍ଛା ପ୍ରକାଶ କିରଛନ୍ତି । ଜମାଅତ୍‌ରେ ପ୍ରବିଷ୍ଟ ହୋଇ ନାଁ ଲେଖାଇ ଦେଲେ କୌଣସ ବ୍ୟକ୍ତି ନିଜକୁ ଅହମଦି ଆଖ୍ୟାୟିତ (କହିପାରିବ ନାହିଁ) କିମ୍ବା ଜମାଅତର ସଦସ୍ୟ ବୋଲି ବିବେଚିତ କରି ପାରିବ ନାହିଁ ।" କହିବାର ତାତ୍ପର୍ଯ୍ୟ ଏହିକି ଯେ, ବ୍ୟବହାରକି ଅବସ୍ଥା ଯଦି ଏହି ଶିକ୍ଷାନୁଯାୟୀ ହୋଇ ନାହିଁ ତେବେ ସେପର୍ଯ୍ୟନ୍ତ କେବଳ ନାମ ଲେଖାଇ ଜମାଅତ୍‌ରେ ସାମିଲ୍ ହେବା କଥା ଅଟେ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବାସ୍ତବରେ ମୋ ଦୃଷ୍ଟିରେ ସେହି ବ୍ୟକ୍ତି ଜମାଅତ୍‌ରେ ସାମିଲ୍ ହୋଇ ନାହିଁ ଯିଏ ବ୍ୟବହାରିକ ରୂପେ ମୋ ଦ୍ୱାରା ପ୍ରଦତ୍ତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରି ନାହିଁ । .......ତେଣୁ ମୁଁ ଯେଉଁ ଶିକ୍ଷା ପ୍ରଦାନ କରିଥାଏ ସେହି ଶିକ୍ଷାନୁଯାୟୀ ତୁମେମାନେ ଯଥା ସମ୍ଭବ ନିଜର କର୍ମ ସମ୍ପାଦନ କର ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-439)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ହେ ମୁସଲମାନମାନେ ! ତୁମେମାନେ ଆଜ୍ଞାପାଳନ ତଥା ଆଜ୍ଞାବହତ୍ୱତାର ସମସ୍ତ ମାର୍ଗ ଅବଲମ୍ବନ କରିବା ନିମନ୍ତେ ଉଦ୍ୟମ କର ଓ କୌଣସି ଆଦେଶକୁ ପରିତ୍ୟାଗ କର ନାହିଁ । ଅନ୍ୟ ପରିସ୍ଥିତିର ଉପରୋକ୍ତ ଆଦେଶାବଳୀର ଏହି ଅର୍ଥ ରହିଛି ଯେ, ତୁମେମାନେ ସଂପୂର୍ଣ୍ଣ ରୂପେ ଇସଲାମ୍ ଧର୍ମ ସ୍ୱୀକାର କରିନିଅ । ଅର୍ଥାତ୍ ଇସଲାମ୍ ଧର୍ମର ଏପରି କୌଣସି ଆଦେଶ ନଥିବ ଯାହା ଉପରେ ତୁମେ କାର୍ଯ୍ୟାନୁସରଣ କରୁ ନଥିବ । ଏହା ବଳିଦାନ ଅଟେ ଯେଉଁ ବଳିଦାନ ଅଲ୍ଲାଃତାଲା ପ୍ରତ୍ୟେକ ବିଶ୍ୱାସକାରୀମାନଙ୍କ ଠାରୁ ଆଶା କରିଥାଆନ୍ତି । ଅର୍ଥାତ୍ ମନୁଷ୍ୟ ସମସ୍ତ ଆଶା, ଆକାଂକ୍ଷା, କାମନା ଓ ଉଦ୍ଦୀପନାକୁ ଈଶ୍ୱରଙ୍କ ସକାଶେ ବଳିଦାନ ତଥା ଉତ୍ସର୍ଗ କରିଦେଉ । ତୁମେମାନେ ଯଦି ମୋକ୍ଷ ପ୍ରାପ୍ତ କରିବାକୁ ଚାହୁଁଛ ତେବେ ଏହାର ପନ୍ଥା ଏହିକିଯେ, 1- ତୁମେମାନେ ପ୍ରତ୍ୟେକ ପ୍ରକାରର କପଟବିଶ୍ୱାସ ଏବଂ କୁବିଶ୍ୱାସକୁ

ନିଜ ମଧ୍ୟରୁ ଦୂର କରିବା ନିମନ୍ତେ ଉଦ୍ୟମ କର । ଜାତିର ପ୍ରତ୍ୟେକ ସଦସ୍ୟଙ୍କୁ ବିଶ୍ୱାସ ଓ ଆଜ୍ଞାବହତ୍ୱର ଦୃଢ ଚଟାଣ ଉପରେ ପ୍ରତିଷ୍ଠିତ କର । 2- କେବଳ କିଛିଟା ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରି ଆନନ୍ଦିତ ହୋଇଯାଅ ନାହିଁ । ବରଂ ଈଶ୍ୱରଙ୍କ ସମସ୍ତ ଆଦେଶାବଳୀକୁ ସମ୍ପାଦନ କର ଓ ଈଶ୍ୱରଙ୍କ ବିଶିଷ୍ଟ ଗୁଣାବଳୀର ପୂର୍ଣ୍ଣ ପରିପ୍ରକାଶକ ହେବା ନିମନ୍ତେ ଉଦ୍ୟମ କର ।"

**(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-2, ପୃ-456-457)**

ହ. ମସିହ୍ ମଉଦ୍ ଅ.ସ ଜମାଅତ୍‌ର ଅମହିଦୟାର ଅଭିପ୍ରାୟ ସଂପର୍କରେ ବର୍ଣ୍ଣନା କରି କୁହନ୍ତି: "ସାଂପ୍ରତିକ ଯୁଗ ମଧ୍ୟ ଆଧ୍ୟାତ୍ମିକ ଯୁଦ୍ଧର ଯୁଗ ଅଟେ । ସୈତାନ୍ ସହିତ ଯୁଦ୍ଧ ଆରମ୍ଭ ହୋଇ ସାରିଛି । ସୈତାନ୍ ନିଜର ସମସ୍ତ ଅସ୍ତ୍ର ଏବଂ କପଟତାକୁ ସାଙ୍ଗରେ ଘିନି ଇସ୍‌ଲାମ୍ ଧର୍ମର ଦୁର୍ଗ ଉପରେ ଆକ୍ରମଣ କରୁଅଛି । ସେ (ସୈତାନ୍) ଏହା ଚାହେଁ ଯେ, ସେ ଇସ୍‌ଲାମ୍ ଧର୍ମକୁ ପରାସ୍ତ କରିଦେବ । କିନ୍ତୁ ଈଶ୍ୱର ବର୍ତ୍ତମାନ ସୈତାନ୍‌କୁ ଶେଷ ଯୁଦ୍ଧରେ ସବୁଦିନ ପାଇଁ ପରାସ୍ତ କରିଦେବା ନିମନ୍ତେ ଏହି ସଂପ୍ରଦାୟକୁ ସ୍ଥାପନ କରିଛନ୍ତି ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-3, ପୃ-16, ନୂତନ ସଂସ୍କରଣ, ପ୍ରକାଶନ ସ୍ଥାନ- ରବୱା)**

ସାରାଂଶ ଏହିକି ଯେ, ଉପରୋକ୍ତ ବିବରଣୀରୁ ଏହି ବାସ୍ତବତା ଦିବାଲୋକ ପରି ସ୍ପଷ୍ଟ ହୋଇଯାଇଛି ଯେ, ଖିଲାଫତେ ଅହମଦିୟା ଅଲ୍ଲାଃତାଲାଙ୍କ ତରଫରୁ ପ୍ରାପ୍ତ ଏକ ମହାନ ଆଧ୍ୟାତ୍ମିକ ପୁରସ୍କାର ଅଟେ ଏବଂ ଏହା ଜମାଅତ୍‌ର ସ୍ଥାୟୀତ୍ୱତା ତଥା ସ୍ଥିରତାର ପ୍ରତିଭୂତିମୂଳକ ବ୍ୟବସ୍ଥା ଅଟେ । ଏହି କଲ୍ୟାଣମୟ ବ୍ୟବସ୍ଥାର ଛତ୍ରଛାୟା ତଳେ ଯୁବକମାନଙ୍କର ଭୂମିକା ଅତ୍ୟନ୍ତ ମୌଳିକ ଏବଂ ନିର୍ଣ୍ଣାୟକ ଅସ୍ତିତ୍ୱର ଅଧିକାରୀ ଅଟେ।

ଯଦି ଅହମଦି ଯୁବକମାନେ ନିଷ୍ଠାପର ହୃଦୟର ସହିତ ଖିଲାଫତ୍‌ର ଆଜ୍ଞାବହତ୍ୱକୁ ନିଜ ଜୀବନର ଏକ ଅଭିନ୍ନ ଅଙ୍ଗ ରୂପେ ବରଣ କରି ନିଅନ୍ତି, ଉପାସନାରେ ନିୟମିତତା ଅବଲମ୍ବନ କରି ନିଅନ୍ତି, ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରଦର୍ଶନ କରନ୍ତି, ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ ତଥା ମାନବ ସେବାର କ୍ଷେତ୍ରରେ ମଗ୍ନ ହୋଇ କାର୍ଯ୍ୟାନୁସରଣ କରନ୍ତି ତେବେ ସେମାନେ କେବଳ ନିଜର ଜାତି ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରିପାରିବେ ନାହିଁ ବରଂ ଜମାଅତ୍ ଅହମଦିୟାକୁ ମଧ୍ୟ ଉନ୍ନତିର ନୂତନ ସର୍ବୋଚ୍ଚ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚାଇ ପାରିବେ ।

ଖିଲାଫତ୍ ସହିତ ପ୍ରେମ, ବିଶ୍ୱସ୍ତତା ଏବଂ ବ୍ୟବହାରିକ ସଂପର୍କ ହିଁ ବାସ୍ତବରେ ସଫଳତାର କୁଞ୍ଜିକା (ଚାବି) ଅଟେ । ଏହି ସଂପର୍କ ମନୁଷ୍ୟକୁ ଆଧ୍ୟାତ୍ମିକ ଶକ୍ତି, ଅବିଚଳତା ଜନିତ ଚିନ୍ତା ଓ ଧାର୍ମିକ ସ୍ୱାଭିମାନ ପ୍ରଦାନ କରିଥାଏ । ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଏବଂ ଖୁଲଫାଏ ଅହମଦିୟତ୍‌ର ଶିକ୍ଷା ଉକ୍ତ କଥା ଉପରେ ଗୁରୁତ୍ୱାରୋପ କରିଥାଏ ଯେ, କେବଳ ନାମକୁ ମାତ୍ର ସଂପର୍କ ଯଥେଷ୍ଟ ନୁହେଁ । ବରଂ ବ୍ୟବହାରିକ ଜୀବନରେ ସେହି ଶିକ୍ଷାକୁ ଲାଗୁ (ପ୍ରଣୟନ) କରିବା ମଧ୍ୟ ଜରୁରୀ ଅଟେ ।

ଅତଏବ୍ ପ୍ରତ୍ୟେକ ଅହମଦି ଯୁବକଙ୍କୁ ଏହି ଅଙ୍ଗୀକାର କରିବା ଉଚିତ୍ ଯେ, ସେ ନିଜର ସକଳ ସାମର୍ଥ୍ୟକୁ ଇସ୍‌ଲାମ୍ ଧର୍ମର ସେବା, ଖିଲାଫତ୍‌କୁ ମଜଭୁତ କରିବା ଏବଂ ମାନବିକତାର ପୁଣ୍ୟ ସମ୍ପାଦନ ନିମନ୍ତେ ଉତ୍ସର୍ଗ କରିଦେବ । ଯେତେବେଳେ ଯୁବକମାନେ ଉକ୍ତ ଉତ୍ସାହର ସହିତ ଆଗକୁ ଅଗ୍ରସର ହେବେ ତେବେ ସେତେବେଳେ ନିଃସନ୍ଦେହ ରୂପେ ଅଲ୍ଲାଃତାଲାଙ୍କ ସାହାଯ୍ୟ ପ୍ରାପ୍ତ ହେବ ଓ ଜମାଅତ୍ ଅହମଦିୟା ସଂସାରରେ ଶାନ୍ତି, ପ୍ରେମ ଏବଂ ସତ୍‌ମାର୍ଗର ଉଜ୍ଜ୍ୱଳ ମିନାରା (ସୌଧ) ହୋଇ ବାହାରି ଆସିବ ।

☆--☆--☆

## ପୃ-18ରେ ବର୍ଣ୍ଣିତ ଖୁତ୍‌ବା ଜୁମା-07-03-26ରେ ଅବଶିଷ୍ଟାଂଶ

ସମାର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତୃତୀୟ ଯନାଜାଃ ହେଉଛି ଜଣେ ମହିଳାଙ୍କର । ସେହି ମୃତକା ମହିଳା ଜଣକ ହେଲେ ଶ୍ରୀମତୀ ସ୍ୱର୍ଗତା ଜୈନବ୍ ବିବି ସାହେବା । ସ୍ୱର୍ଗତା କର୍ତ୍ତାରପୁର ଜିଲ୍ଲାର ପୂର୍ବତନ ସଦର୍ ତଥା ଇମାମ୍ ମସ୍‌ଜିଦ୍ ଚକ୍ 275ର ଶ୍ରୀଯୁକ୍ତ ବଶୀର୍ ଅହମଦ ସାହେବଙ୍କ ପତ୍ନି ଥିଲେ । ବିଗତ ଦିନ ୫୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । انالله وانا اليه راجعون । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ମୁସିୟା (ଓସିୟତ୍ କରି) ଥିଲେ ଏବଂ ତାଙ୍କର ପିତା ଅଲୀ ମୁହମ୍ମଦ୍ ସାହେବ ଫୈସ୍‌ଲାବାଦ୍ ସ୍ଥିତ ଦାରୁଜ୍ ଜିକର୍ ମସ୍‌ଜିଦର ସେବକ ଥିଲେ । ସ୍ୱର୍ଗତା ଅତ୍ୟନ୍ତ ଦୁଆକାରୀଣୀ, ତହଜ୍ଜୁଦ୍ ପ୍ରିୟା, ନିୟମାନୁବର୍ତ୍ତୀ ହୋଇ ନମାଜ ପାଠ କରୁଥିବା ମହିଳା, ନିୟମିତ ପବିତ୍ର କୁରଆନ୍ କରୀମ୍‌ର ତିଲାଓତ୍ କାରୀଣୀ, ଅତିଥି ସତ୍କାରକା, ଖିଲାଫତ୍ ସହିତ ନିବିଡ଼ ସଂପର୍କ ଓ ବିଶ୍ୱାସ, ପୁଣ୍ୟବାନ୍ ସ୍ୱଭାବର ଅଧିକାରୀଣୀ ଥିଲେ । ସ୍ୱର୍ଗତା ଅଭାବି ଓ ଦରିଦ୍ର ଲୋକମାନଙ୍କୁ ସାହାଯ୍ୟ ମଧ୍ୟ କରୁଥିଲେ । ସେ ନିୟମିତ ରୂପେ ଖୁତ୍‌ବା ଜୁମା ଶୁଣୁଥିଲେ ଓ ନିଜର ପରିବାରବର୍ଗଙ୍କୁ ମଧ୍ୟ ଖୁତ୍‌ବା ଶୁଣାଉଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ 3ଟି ପୁତ୍ର ସନ୍ତାନ ଏବଂ 4ଟି କନ୍ୟା ସନ୍ତାନ ରହିଛି । ସ୍ୱର୍ଗତାଙ୍କର ଅନେକ ନାତି ନାତୁଣୀମାନେ ୱାକ୍‌ଫେ ଜିନ୍ଦିଗୀ ଅଛନ୍ତି । ତାଙ୍କର ସୁପୁତ୍ରୀ ଅମତୁର୍ ରଶିଦ୍ ସାହେବା ଯେକି ତାହେର ଅହମଦ ସୈଫି ମୁବଲ୍ଲିଗ୍ ସିଲ୍‌ସିଲାଙ୍କର ପତ୍ନି ଅଟନ୍ତି । ଶ୍ରୀଯୁକ୍ତ ତାହେର୍ ଅହମଦ ସୈଫି ସାହେବ ଜ୍ୟାମ୍ବିୟାର ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସେ ଆଜିକାଲି ଲୋସାକା ଠାରେ ରହୁଥିଲେ । ଯେତେବେଳେ ତାଙ୍କର ବିୟୋଗ ହେଲା ସେତେବେଳେ ତାଙ୍କର ସୁପୁତ୍ରୀ ନିଜ ମାତାଙ୍କ ଅନ୍ତିମ ସଂସ୍କାରରେ ସାମିଲ୍ ହୋଇପାରିଲେ ନାହିଁ, ଯାଇ ପାରିଲେ ନାହିଁ ଏବଂ ନିଜ ମାତାଙ୍କ ଶେଷ ଦର୍ଶନ କରି ପାରିଲେ ନାହିଁ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସେହିପରି ଅଲ୍ଲାଃତାଲା ସ୍ୱର୍ଗତାଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଓ ସନ୍ତାନ ସନ୍ତତିମାନଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍ ।**

**(ଅଲ୍‌ଫଜଲ୍ ଇଣ୍ଟର୍ ନ୍ୟାସନଲ୍, 2026 ମସିହା ମାର୍ଚ୍ଚ ମାସ 27 ତାରିଖ)**

☆--☆--☆

## କାଦିୟାନରୁ ପ୍ରକାଶତି ଖବରକାଗଜ ସାପ୍ତାହିକ ବଦରର (ଏକ ସଂକ୍ଷିପ୍ତ) ପରିଚୟ ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ

ଶେଷ ଯୁଗର ଆଗମନାକାରୀ ମସିହ୍ ମଉଦ୍ ଓ ମେହଦୀ ମାହୁଦ୍ (ପ୍ରତିଶ୍ରୁତ ମସିହ୍ ଏବଂ ଅଙ୍ଗୀକୃତ ମେହଦୀ)ଙ୍କ ଆବିର୍ଭାବ ସଂପର୍କରେ ପବିତ୍ର କୁରଆନ୍ କରୀମ୍ ଏବଂ ଆହଦିସ୍‌ମାନଙ୍କରେ ଯେଉଁ ନିର୍ଦ୍ଦେଶନ ତଥା ଲକ୍ଷଣ ବର୍ଣ୍ଣିତ ହୋଇଛି ତନ୍ମଧ୍ୟରୁ ଗୋଟିଏ ନିର୍ଦ୍ଦେଶନ ହେଲା وَ اِذَا الصُّحُفُ نُشِرَتۡ ଆକାରରେ ବର୍ଣ୍ଣିତ ହୋଇଛି । ଅର୍ଥାତ୍ ସେହି କାଳରେ ପୁସ୍ତକର ପ୍ରଚାର ପ୍ରସାରର କାର୍ଯ୍ୟ ବ୍ୟାପକ ହୋଇଯିବ । ଅର୍ଥାତ୍ କଲମ୍ ଦ୍ୱାରା ଜ୍ଞାନ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯିବ । ସେହି ପ୍ରଚାରିତ, ପ୍ରସାରିତ ପୁସ୍ତକ ପୃଷ୍ଠା, ଖବରକାଗଜ ଏବଂ ପତ୍ର ପତ୍ରିକା ମଧ୍ୟରୁ ଖବର କାଗଜ ଅନ୍ୟତମ ଖବର କାଗଜ ଅଟେ । ଏହି ଖବର କାଗଜଟି କେବଳ ଇସ୍‌ଲାମ୍ ଅହମଦିୟତ୍‌ର ପ୍ରଚାର କରିଥାଏ ଏହଂ ଏହାର ଅର୍ଥାତ୍ ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ଶୈକ୍ଷିକ, ସାଂସ୍କାରିକ ଉନ୍ନତିର କର୍ତ୍ତବ୍ୟ ସମ୍ପାଦନ କରିଥାଏ ।

ହ. ମସିହ୍ ମଉଦ୍ ଅ.ସ ଖବର କାଗଜ ବଦର୍ ଏବଂ ଅଲ୍ ହକମ୍ ସଂପର୍କରେ କହିଥିଲେ: "ଉକ୍ତ ଖବରକାଗଜଟି ମୋର ଦୁଇ ବାହୁ ଅଟନ୍ତି । ଉକ୍ତ ଖବର କାଗଜ ମୋର ଐଶୀବାଣୀକୁ ତୁରନ୍ତ ଦେଶରେ ପ୍ରକାଶିତ କରିଥାଆନ୍ତି ଏବଂ ପାଠକମାନଙ୍କୁ ମୋ ଐଶୀବାଣୀର ସାକ୍ଷ୍ୟ କରି ନେଇଥାଆନ୍ତି ।" **(ବଦର୍, 1905 ମସିହା, ଜୁନ୍ ମାସ 8 ତାରିଖ, ପୃ-2, ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-292)**

ଈଶ୍ୱରଙ୍କ କୃପାରୁ ଭାରତ ବିଭାଜନ ପରେ 1952 ମସିହା ମାର୍ଚ୍ଚ ମାସ 7 ତାରିଖ ଠାରୁ ଅଖ୍‌ବାର୍ ବଦର୍ (ଖବର କାଗଜ ବଦର୍) ଅହରହ ଭାବରେ ଅହମଦିୟତ୍‌ର ପ୍ରାଣ କେନ୍ଦ୍ର କାଦିୟାନ୍ ଠାରୁ ପ୍ରକାଶିତ ହୋଇ ଆସୁଛି । ବର୍ତ୍ତମାନ ଏହି ଖବରକାଗଜଟି 74ତମ ବର୍ଷରେ ପଦାର୍ପଣ କରି ସାରିଛି । 2016 ମସିହାରୁ ଉକ୍ତ ଖବର କାଗଜଟି 7ଟି ପ୍ରାଦେଶିକ (ଆଞ୍ଚଳିକ) ଭାଷା ଯଥା ହିନ୍ଦୀ, ବଙ୍ଗଳା, ଓଡ଼ିଆ, ତାମିଲ୍, ତେଲୁଗୁ, ମାଲିୟାଲମ୍ ଓ କନ୍ନଡ ଭାଷାରେ ପ୍ରକାଶିତ ହେଉଅଛି । ଉକ୍ତ ଖବର କାଗଜଟି ପ୍ରତ୍ୟେକ ସପ୍ତାହ ଜମାଅତ୍‌ର ୱେବ୍ ସାଇଟ୍ akhbarbadrqadian.inରେ ଅପ୍‌ଲୋଡ୍ ହୋଇଥାଏ ।

ଉକ୍ତ ଖବରକାଗଜ ଖିଲାଫତ୍‌ର ସ୍ୱର ଅଟେ ଏବଂ ଉକ୍ତ ଖବରକାଗଜରେ ଉପସ୍ଥିତ ଖଲିଫାଙ୍କ ଖୁତ୍‌ବା, ଉଦ୍‌ବୋଧନ, ନିକାହ୍‌ର ଘୋଷଣା, ପ୍ରଶ୍ନ ଉତ୍ତର ଛଳରେ ଖୁତ୍‌ବା ଜୁମା, ପ୍ରମୁଖ ତେହ୍‌ରିକାତ୍ (ଆହ୍ୱାନ), ହୁଜୁର୍ ଅନ୍‌ୱର୍ ଅ.ବଙ୍କ କାର୍ଯ୍ୟ ବ୍ୟସ୍ତତା ଏବଂ ଗସ୍ତ ସଂପର୍କିତ ସଦ୍ୟତମ ରିପୋର୍ଟସ୍ ଇତ୍ୟାଦି ପ୍ରକାଶିତ ହୋଇଥାଏ । ସେହିପରି ଉକ୍ତ ଖବର କାଗଜରେ ଜମାଅତ୍‌ର ଉନ୍ନତି ଏବଂ ପରିଚୟ ଉପରେ ଆଧାରିତ ବିଷୟବସ୍ତୁ ମଧ୍ୟ ପ୍ରକାଶିତ ହୋଇଥାଏ । ଅତଏବ୍ ଏହା ତାରିଖେ ଅହମଦିୟତ୍ (ଅହମଦିୟା ଇତିହାସ)ର ପ୍ରାଣକେନ୍ଦ୍ର ଏବଂ ଜମାଅତ୍‌ର ବଡ଼ ବଡ଼ ପୂର୍ବ ପୁରୁଷଙ୍କ ଜୀବନୀର ରେକର୍ଡ଼ ଅଟେ । ଜମାଅତ୍ ଅହମଦିୟାରେ ଜନ୍ମ ଗ୍ରହଣ କରୁଥିବା ଶିଶୁ, ବିୟୋଗ, ନିକାହ୍, ବିବାହ ଏବଂ ସଫଳତାର ଘୋଷଣା ମଧ୍ୟ ପ୍ରକାଶିତ ହୋଇଥାଏ। ସେହିପରି ଯେଉଁ ଲୋକମାନେ ଅସୁସ୍ଥ ଅଟନ୍ତି ସେମାନଙ୍କ ନିମନ୍ତେ ଦୁଆର ଏଲାନ୍ (ଘୋଷଣା), ମୃତକମାନଙ୍କର ଚର୍ଚ୍ଚା ଯେପରିକି اُذۡکُرُوۡا مَوۡتَاکُمۡ بِالۡخَیۡرِ ଅନୁଯାୟୀ ବିବାହ, ଜନ୍ମଗ୍ରହଣ ଓ ସଫଳତା ଇତ୍ୟାଦିର ଚର୍ଚ୍ଚା ଉକ୍ତ ଖବର କାଗଜରେ ହୋଇଥାଏ। କାରଣ ପୃଥିବୀ ବ୍ୟାପୀ ଅହମଦି ସଦସ୍ୟବୃନ୍ଦ, ମହିଳାମାନେ ସେମାନଙ୍କ ସଂପର୍କରେ ଦୁଆ କରି ପାରିବେ । ପ୍ରମୁଖ ବିଷୟ ବସ୍ତୁ, ନାନା ବିଷୟ ବସ୍ତୁ ଉପରେ ଆଧାରିତ ଲେଖନୀର ଆଲବମ୍ (ଚିତ୍ର ଗ୍ରନ୍ଥ) ଏହି ଆନ୍ତର୍ଜାତିକ ଖବର କାଗଜଟି ସାହିତ୍ୟିକ, ଗବେଷଣାତ୍ମକ ବିଷୟ ବସ୍ତୁର ଗନ୍ତାଘର ଅଟେ । ଏହି ଖବର କାଗଜଟି ସାହିତ୍ୟିକ ପତ୍ର ଖଣ୍ଡ, ନଜମ୍, ଗଜଲ୍ ଇତ୍ୟାଦିର ଉଦ୍ୟମ ଅଟେ । ଅତଃ ଅହମଦିୟତ୍‌ର ଏହି ଉଦ୍ୟାନଟି ସେହି ଝରଣା ଅଟେ ଯାହା ପ୍ରତ୍ୟେକ ସପ୍ତାହ ଅସଂଖ୍ୟ ହୃଦୟର ତୃଷ୍ଣା (ଶୋଷ)କୁ ମେଣ୍ଟାଇଥାଏ ।

ଚାରୋଟି କାର୍ଯ୍ୟବିନ୍ଦୁ ଅନୁଯାୟୀ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ଅହମଦିର ଘରମାନଙ୍କରେ ଖବର କାଗଜ ବଦର୍ ପହଞ୍ଚାଇବା ଅନିର୍ବାର୍ଯ୍ୟ ଅଟେ । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ଉର୍ଦ୍ଦୁ କିମ୍ବା ନିଜର ସ୍ଥାନୀୟ ପ୍ରାଦେଶିକ ଭାଷାର ଖବର କାଗଜ ବଦର୍‌ର କ୍ରେତା ଅବଶ୍ୟ ହୁଅନ୍ତୁ ଓ ଖବର କାଗଜ ବଦର୍‌ର ଆର୍ଥିକ ସାହାଯ୍ୟ ମଧ୍ୟ କରନ୍ତୁ । କାରଣ ଏହି ଖବର କାଗଜଟି ନିଜେ ନିଜର ଖର୍ଚ୍ଚ ବହନ କରିବାକୁ ସକ୍ଷମ ହେଉ ଓ ସଦା ସର୍ବଦା ଉକ୍ତ ଖବର **(ଅବଶିଷ୍ଟାଂଶ.....ପୃ-23ରେ)**

# (ଖୁତ୍‌ବା ଜୁମା)

**ମଧ୍ୟ ପୂର୍ବରେ ସାଂପ୍ରତିକ ଯୁଦ୍ଧର ସ୍ଥିତିର ପୃଷ୍ଠଭୂମିରେ ମୁସଲମାନ ଧର୍ମାବଲମ୍ବୀମାନଙ୍କୁ ଉପାଦେୟ ତଥା ବହୁମୂଲ୍ୟ ଉପଦେଶ ଓ ଦୁଆ ପାଇଁ ଆହ୍ୱାନ ।**

**ସମ୍ମାନିତ ସାହିବଜାଦି ଅମତୁଲ୍ ଜମିଲ୍ ସାହେବା, ବିନତ୍ ହ. ମୁସଲେହ୍ ମଉଦ୍ ର.ଅ, ହଲାଣ୍ଡର ସମ୍ମାନିତ ଡାକ୍ତର ରଶିଦ୍ ଅହମଦ୍ ଖାନ୍ ସାହେବ ଏବଂ କର୍ତ୍ତାରପୁର ଜିଲ୍ଲାର ପୂର୍ବତନ ସଦର ଏବଂ ଇମାମ୍ ମସଜିଦ୍ ଚକ୍ 275ର ଶ୍ରୀଯୁକ୍ତ ବଶୀର୍ ଅହମଦ ସାହେବଙ୍କ ପତ୍ନି ସ୍ୱର୍ଗତା ଶ୍ରୀମତି ଜୈନବ୍ ବିବି ସାହେବାଙ୍କ ବିୟୋଗ, ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବ ପ୍ରଦତ୍ତ 06 March 2026 ମସିହା ଅନୁଯାୟୀ ୦୬ ଆମାନ୍ ନବୁୱତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି

**أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅ ଯେଉଁ ସନ୍ଦେଶ ଆଣିଥିଲେ ସେହି ସନ୍ଦେଶର ଅଭିପ୍ରାୟ ଏକେଶ୍ୱର ପ୍ରଭୁଙ୍କ ଉପରେ ବିଶ୍ୱାସ ଆଣିବା, ତାହାଙ୍କ ଉପାସନା କରିବା, ତାହାଙ୍କ ଏକେଶ୍ୱରବାଦ ସ୍ଥାପନ କରିବା, ଏଥି ନିମନ୍ତେ ପ୍ରୟାସ କରିବା, ତାହାଙ୍କ ଭକ୍ତମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରଯୁଜ୍ୟ ଅଟେ । ପୁନଶ୍ଚ ଏକ ଜାତି ହୋଇ ପରସ୍ପର ମଧ୍ୟରେ ଭାଇ ଭାଇ ହୋଇ ରହିବା । କିନ୍ତୁ ଆଜି ସେହି ଦାବି ସତ୍ତ୍ୱେ ଆମେମାନେ ଯଦିଓ ଈଶ୍ୱରବାଣୀ କୁହାଳୀ ଅଟୁ ଏବଂ **ଲା ଇଲାହା ଇଲ୍ଲଲ୍ଲାଃହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ** ସ.ଅଙ୍କ ଉପରେ ବିଶ୍ୱାସ ରଖିଥାଉ । ଆମମାନଙ୍କ ମଧ୍ୟରେ ପାଠ ରହିଛି ଏକତା ନାହିଁ । ଆମମାନଙ୍କର କର୍ମ ତାହା ନୁହେଁ ଯେଉଁ ଶିକ୍ଷା ଆମେମାନେ ଦମ୍ଭୋକ୍ତି ଓ ଦାବି ପ୍ରକାଶ କରିଥାଉ । ପରିଣାମତଃ ଯଦି ଆମେମାନେ ମୁସଲିମ୍ ଜଗତରେ ସାଂପ୍ରତିକ ପରିସ୍ଥିତି ଉପରେ ବିଚାର କରୁ ତେବେ ତାହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ଅଟେ ।

ଯଦିଓ କେତେକ ଇସ୍‌ଲାମୀୟ ରାଷ୍ଟ୍ର ପାଖରେ ପ୍ରାକୃତିକ ସମ୍ବଳ ଏବଂ ଧନ ରହିଛି। କିନ୍ତୁ ଏସବୁ ସତ୍ତ୍ୱେ ସଂସାରର ମହା ଶକ୍ତିଙ୍କ ସମ୍ମୁଖରେ ସେମାନଙ୍କର କୌଣସି ବିଶେଷ ମର୍ଯ୍ୟାଦା ନାହିଁ, ନା ହିଁ ଧର୍ମର ଉନ୍ନତି ସକାଶେ ସେମାନଙ୍କର କୌଣସି ବିଶେଷ ଭୂମିକା ରହିଛି ଓ ନା ହିଁ ଇସଲାମୀୟ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସେମାନଙ୍କର ଯେଉଁ ପ୍ରୟାସ ହେବା କଥା ତାହା ଦୃଶ୍ୟମାନ ହୁଏ ନାହିଁ । ଏହାର ପରିଣାମ ସଂପୂର୍ଣ୍ଣ ରୂପେ ପ୍ରକାଶ୍ୟ ଅଟେ । ଯେପରିକି ମୁଁ ପୂର୍ବେ ଅନେକ ଥର କହିଛି ଯେ, ଅଣମୁସଲମାନମାନେ ପରିସ୍ଥିତିରୁ ଫାଇଦା ଉଠାଇ ଥାଆନ୍ତି । ଅତଏବ୍ ମୁସଲମାନ ରାଷ୍ଟ୍ରମାନଙ୍କୁ, ରାଜନୈତିକ ନେତୃବନ୍ଦମାନଙ୍କୁ, ସମ୍ରାଟମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପ୍ରାପ୍ତ କରିବା ପରିବର୍ତ୍ତେ ଏହି ଉଦ୍ୟମ କରନ୍ତୁ କି ଆମେମାନେ ଇସ୍‌ଲାମ୍ ଧର୍ମାବଲମ୍ବୀ ହିସାବରେ ଏକ ହେବୁ ଏବଂ ଏଥି ନିମନ୍ତେ ଆମେମାନଙ୍କୁ ଭରପୁର ଉଦ୍ୟମ କରିବା ଉଚିତ୍ । ଯେତେବେଳେ ଏପରି ହେବା ତେବେ ଯାଇ ଆମେମାନେ ସଂସାରର ଆକ୍ରମଣରୁ ବର୍ତ୍ତି ପାରିବୁ । ସେତେବେଳେ ଯାଇ ଆମେମାନେ ନିଜର ମର୍ଯ୍ୟାଦା ସ୍ଥାପନ କରିପାରିବୁ, ସେତେବେଳେ ଯାଇ ଆମେମାନେ ଇସ୍‌ଲାମ୍ ବିରୋଧୀ ଶକ୍ତିମାନଙ୍କୁ ନିଜ ମଧ୍ୟରେ ଫାଟ ସୃଷ୍ଟି କରିବାରୁ ଅଟକାଇ ପାରିବୁ । ଏଥି ନିମନ୍ତେ ଆମମାନଙ୍କୁ ଉକ୍ତ କଥା ଉପରେ ମଧ୍ୟ ଧ୍ୟାନ ଦେବା ଉଚିତ୍ ଯେ, ଅଲ୍ଲାଃତାଲା ସାଂପ୍ରତିକ ଯୁଗରେ କେଉଁ ବ୍ୟବସ୍ଥା କରିଛନ୍ତି ? ସେହି ଐଶୀ ବ୍ୟବସ୍ଥାଟି କେଉଁ ବ୍ୟବସ୍ଥା ଅଟେ ଯାହା ଉପରେ ଆମମାନେ କାର୍ଯ୍ୟାନୁସରଣ କରିବୁ କିମ୍ବା ସେହି ବ୍ୟବସ୍ଥାକୁ ଆମେମାନେ ସ୍ୱୀକାର ବା ଗ୍ରହଣ କରି ଆମେମାନେ ସେହିସବୁ କଥାକୁ ବର୍ତ୍ତି ପାରିବୁ ଏବଂ ଏକ ଧର୍ମାବଲମ୍ବୀ ହୋଇ ପାରିବୁ । ଅଲ୍ଲାଃତାଲାଙ୍କ ସେହି ବ୍ୟବସ୍ଥାଟି ଏହିକି ଯେ, ସେ ଅର୍ଥାତ୍ ଅଲ୍ଲାଃତାଲା ପ୍ରତିଶ୍ରୃତ ମସିହଙ୍କୁ ପ୍ରେରଣ କଲେ । କାରଣ ସେ ମୁସଲମାନମାନଙ୍କୁ ଏକ ଧର୍ମାବଲମ୍ବୀ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କୁ ଉକ୍ତ କଥା ଉପରେ ବିଚାର କରିବା ଉଚିତ୍ । ଯେତେବେଳେ ଆମେମାନେ ଏଥି ସଂପର୍କରେ ଚିନ୍ତା କରିବୁ, ଇସ୍‌ଲାମୀୟ ଜଗତର ଏହି ମୁସଲମାନ ରାଷ୍ଟ୍ରମାନେ ଉକ୍ତ କଥା ଉପରେ ଚିନ୍ତା କରିବେ ତେବେ ଯାଇ ଆମମାନଙ୍କ ବିରୁଦ୍ଧରେ ସୃଷ୍ଟି ହେଉଥିବା ଉପଦ୍ରବ ଏବଂ ବିଦ୍ରୋହରୁ ଆମେମାନେ ବର୍ତ୍ତିପାରିବୁ । ସେ ଯାହା ହେଉ ଅହମଦି ହେବା ହିସାବରେ ଆମମାନଙ୍କର ଏହି ଉଦ୍ୟମ ଏବଂ ଦୁଆ ହେବା ଉଚିତ୍ ଯେ, ଅଲ୍ଲାଃତାଲା ମୁସଲମାନ ଧର୍ମାବଲମ୍ବୀମାନଙ୍କୁ ଏକତ୍ରିତ କରନ୍ତୁ ଏବଂ ସେମନାଙ୍କୁ ସେହି ଉପଦ୍ରବ ତଥା ଅତ୍ୟାଚାରରରୁ ସୁରକ୍ଷିତ ରଖନ୍ତୁ ଯହିଁରେ ସେମାନେ ଆଜିକାଲି ପେଷି ହେଉଛନ୍ତି। ସଂସାରର ପରିସ୍ଥିତି ସଂପର୍କରେ ମୁଁ ଦୀର୍ଘ କାଳ ଧରି କହି ଆସୁଛି । ପୂର୍ବେ ଏହା ଧାରଣା ଥିଲା ଯେ, କେବଳ ଇଉରୋପ ଏବଂ ଅନ୍ୟ ପାଶ୍ଚାତ୍ୟ ଦେଶମାନେ ସେହି ପରିସ୍ଥିତିର କାରଣ ସାଜିବେ । କିନ୍ତୁ ସେମାନେ ତ' ଏହାର କାରଣ ସାଜୁଛନ୍ତି । କିନ୍ତୁ ସେମାନେ ସ୍ୱୟଂ ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କରେ ଉପଦ୍ରବ ସୃଷ୍ଟି କରାଇଲେ ଏବଂ ପୁନଶ୍ଚ ଧୀରେ ଧୀରେ ସେହି ଉପଦ୍ରବ ଜନିତ ନିଆଁରେ ଘିଅ ଢାଳି ତାହାକୁ ଅନ୍ୟ ରାଷ୍ଟ୍ର ପର୍ଯ୍ୟନ୍ତ ପହଞ୍ଚାଇ ଦେଲେ । ଏହା ପଛରେ ସେମାନଙ୍କର କ'ଣ ଯୋଜନା ତଥା ଉଦ୍ଦେଶ୍ୟ ରହିଛି ? ଏହା ସ୍ପଷ୍ଟ ରୂପେ ପ୍ରକାଶ୍ୟ ଯେ, ସେମାନେ ନିଜର ଶକ୍ତି ମାଧ୍ୟମରେ ସେହି ରାଷ୍ଟ୍ରମାନଙ୍କର ସାଧନ ତଥା ସମ୍ବଳ ଉପରେ ଅଧିକାର କରିବାକୁ ଚାହୁଁଛନ୍ତି ଏବଂ ତାହାକୁ ଅର୍ଥାତ୍ ସମ୍ବଳକୁ ନିଜ ବ୍ୟବହାର ଅଧୀନ ଆଣିବାକୁ ଚାହୁଁଛନ୍ତି । ଅର୍ଥାତ୍ ନିଜେ ବ୍ୟବହାର କରିବାକୁ ଚାହୁଁଛନ୍ତି । ଯଦିଓ କେତେକ ଆରବ୍ୟ ଦେଶମାନଙ୍କ ପାଖରେ ଧନ ସମ୍ପତ୍ତି ରହିଛି । ଯେପରିକି ମୁଁ ପୂର୍ବେ କହିଛି । କିନ୍ତୁ ଏସବୁ ସତ୍ତ୍ୱେ ଏହି ପାଶ୍ଚାତ୍ୟ ରାଷ୍ଟ୍ରମାନେ ସେମାନଙ୍କୁ ନିଜ ଅଧୀନକୁ ଆଣିବାକୁ ଚାହୁଁଛନ୍ତି । ସେ ଯାହା ହେଉ ମୁଁ ଯେଉଁ କଥା ଦୀର୍ଘ କାଳ ଧରି କହି ଆସୁଥିଲି ସେହି ଲୋକମାନଙ୍କ ସମ୍ମୁଖର, ଅପରିଚିତମାନଙ୍କ ସମ୍ମୁଖରେ ଏବଂ ନିଜ ସମ୍ମୁଖରେ ମଧ୍ୟ ଆଜି ସେମାନଙ୍କର ପରିଣାମ ଆମେମାନେ ସ୍ପଷ୍ଟ ଭାବରେ ଦେଖୁଅଛୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କୁ ଏକଥା ସର୍ବଦା ମନେରଖିବା ଉଚିତ୍ ଯେ, ଦଜ୍ଜାଲୀୟ (ପ୍ରବଞ୍ଚକ) ଶକ୍ତି ଆମ ମୁସଲମାନମାନଙ୍କୁ କେବେ ବି ଶାନ୍ତିର ସହିତ ଜୀବନ ଯାପନ କରୁଥିବାର ଦେଖିବାକୁ ଚାହୁଁ ନାହାନ୍ତି । ସେମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ଏହିକି ଯେ, ମୁସଲମାନ ରାଷ୍ଟ୍ରମାନଙ୍କରେ ସର୍ବଦା ଉପଦ୍ରବ ସୃଷ୍ଟି କରାଯାଉ । ଦଜ୍ଜାଲିକ ଶକ୍ତି ସର୍ବଦା ଧୋକା ଦେଇ ଆସିଛନ୍ତି ଯେ, ଆରବ ଦେଶମାନଙ୍କରେ ଯେଉଁଠି ତୈଳ ସମ୍ପତ୍ତି କିମ୍ବା ଅନ୍ୟାନ୍ୟ ସମ୍ବଳଗୁଡ଼ିକ ରହିଛି ଆମେମାନେ ଶାନ୍ତି ସ୍ଥାପନ ନିମନ୍ତେ ତୁମ ସହିତ ଚୁକ୍ତି କରୁଛୁ । କିନ୍ତୁ ବାସ୍ତବରେ ସେମାନଙ୍କ ଆଭ୍ୟନ୍ତରୀଣ ଯୋଜନା ଆଉ କିଛି ରହିଥିଲା ଯାହା ଆଜି ସ୍ପଷ୍ଟ ଭାବରେ ଆମମାନଙ୍କ ସମ୍ମୁଖରେ ଆସିଯାଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କର କାର୍ଯ୍ୟ ଏହିକି ଯେ, ଆଜି ଦୁଆ ମାଧ୍ୟମରେ ବିଶେଷ ରୂପେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଏବଂ ମୁସଲମାନ ଜଗତ ପାଇଁ ବିଶେଷ ଦୁଆ କରନ୍ତୁ । ବର୍ତ୍ତମାନ ଏହାର ଅର୍ଥାତ୍ ଦୁଆର ବହୁତ ଆବଶ୍ୟକତା ରହିଛି। ଆଜିକାଲି ମିଡ଼ିଲ୍ ଇଷ୍ଟ (ମଧ୍ୟ ପୂର୍ବ)ରେ ଯେଉଁ ଯୁଦ୍ଧ ଚାଲିଛି, ତା'ର ଯଦି ଆମେ ସମୀକ୍ଷା କରୁ ତେବେ ଏହା ଆମମାନଙ୍କୁ ଦୃଶ୍ୟମାନ ହୁଏ ଯେ, ଆମେରିକା ଅନେକ ମୁସ୍‌ଲିମ୍ ରାଷ୍ଟ୍ରମାନଙ୍କରେ ନିଜର ସୈନ୍ୟ ଆଡ୍ଡା ସ୍ଥାପନ କରିଛି । କିନ୍ତୁ ଏସବୁ କେଉଁଥି ପାଇଁ ? ଏହାର କାରଣ କ'ଣ ? କ'ଣ ସେହି ଦେଶମାନଙ୍କର ସୁରକ୍ଷା ପାଇଁ ଏହି ସୈନ୍ୟ ଆଡ୍ଡା ସ୍ଥାପନ କରାଯାଇଛି ? ସେହି ଆରବ୍ୟ ଦେଶମାନଙ୍କୁ କାହା ଠାରୁ ଭୟ ରହିଥିଲା ? ସେହି ଶକ୍ତିମାନେ ସ୍ୱୟଂ ବିପଦ ସୃଷ୍ଟି କଲେ ଏବଂ ପୁନଶ୍ଚ ଏହା ଧାରଣା ସୃଷ୍ଟି କଲେ ଯେ, ହେ ଆରବ୍ୟ ଜାତି ! ତୁମମାନଙ୍କ ପ୍ରତି ବିପଦ ରହିଛି । ତେଣୁ ତୁମମାନଙ୍କ ସୁରକ୍ଷା ସକାଶେ ଏହା ଜରୁରୀ ଅଟେ ଯେ, ଏହି ସୈନ୍ୟ ଆଡ୍ଡା ସ୍ଥାପନ କରାଯାଉ । ମୁସଲମାନମାନଙ୍କୁ ଯାହା ଠାରୁ ବିପଦ ରହିଥିଲା ତା' ବିରୁଦ୍ଧରେ ସମ୍ଭବତଃ ମୁସଲମାନ ରାଷ୍ଟ୍ରମାନେ କେବେ ବି ନିଜର ଶକ୍ତି କିମ୍ବା ଅସ୍ତ୍ର ବ୍ୟବହାର କରିବେ ନାହିଁ। ପୁନଶ୍ଚ ସେମାନଙ୍କର ତରଫରୁ ମୁସଲମାନମାନଙ୍କୁ ଉକ୍ତ କଥା ପାଇଁ ରାଜି କରାଗଲା ଯେ, ମୁସଲମାନମାନେ ଅମେରିକା ଇତ୍ୟାଦି ରାଷ୍ଟ୍ରମାନଙ୍କର ସୈନ୍ୟ ଠିକଣା ଉପଲବ୍ଧ କରାନ୍ତୁ । ଏହା ବଦଳରେ ସେମାନଙ୍କୁ ଏମାନେ ଅମକ ଲାଭ ପହଞ୍ଚାଇବେ ଅର୍ଥାତ୍ ଶତ୍ରୁ ଆକ୍ରମଣରୁ ରକ୍ଷା କରିବେ ଓ ବାଣିଜ୍ୟିକ ଲାଭ ପ୍ରଦାନ କରିବେ । କିନ୍ତୁ ସେମାନଙ୍କର ପ୍ରକୃତ ଅଭିପ୍ରାୟ ସେହି ଅଞ୍ଚଳରେ ସେମାନଙ୍କ ବିରୋଧରେ ଯେଉଁ ଶକ୍ତି ଯେପରିକି ଇରାନ୍ ରାଷ୍ଟ୍ର ରହିଛି ତା' ବିରୁଦ୍ଧରେ ବଳିଷ୍ଠ ଭିତ୍ତିଭୂମି ସହିତ ନିଜର ଉପସ୍ଥିତିକୁ ସ୍ଥାପନ ଓ ସୁନିଶ୍ଚିତ କରାଯାଉ । ସେହି ଅଞ୍ଚଳମାନଙ୍କର ନିଜର ଦବ୍‌ଦବା ସ୍ଥାପନ କରାଯାଉ। ଅଣଇସ୍‌ଲାମୀୟ ଜଗତ ଉପରେ ମଧ୍ୟ ଏବଂ ଇସ୍‌ଲାମୀୟ ଜଗତ ଉପରେ ମଧ୍ୟ ନିଜର ଶ୍ରେଷ୍ଠତା ସ୍ଥାପିତ ଓ ପ୍ରତିପାଦିତ କରିବା ଉଚିତ୍ । ଇରାନ୍ ତ' ସର୍ବଦା ସେହି ରାଷ୍ଟ୍ରମାନଙ୍କୁ ଚୁଭି ଆସୁଛି । ଧର୍ମମତରେ ଭିନ୍ନତା ଯୋଗୁଁ କେତେକ ମୁସଲମାନ ରାଷ୍ଟ୍ରମାନେ ମଧ୍ୟ ସେମାନଙ୍କ ଅର୍ଥାତ୍ ଇରାନ୍ ବିରୋଧୀ ଅଟନ୍ତି । ଏହାର ଲାଭ ଅନ୍ୟ ରାଷ୍ଟ୍ର (ଶକ୍ତିମାନେ) ମଧ୍ୟ ଉଠାଇଲେ । ଯେହେତୁ ଇସ୍ରାଇଲ୍ ବିରୁଦ୍ଧରେ ଇରାନ୍‌ର ନୀତି ଓ ଆଭିମୁଖ୍ୟ ସର୍ବଦା କଠୋର (କଡ଼ା) ରହିଛି ତେଣୁ ଅନ୍ୟ ସେମାନେ ଅର୍ଥାତ୍ ଆମେରିକା ଇତ୍ୟାଦି ରାଷ୍ଟ୍ରମାନେ ଏହା ଉଚିତ୍ ବୋଲି ମନେକଲେ ଯେ, ଆରବ୍ୟ ରାଷ୍ଟ୍ରମାନଙ୍କୁ କିଭଳି ରାଜି କରାଇ ସେଠାରେ ସୈନ୍ୟ ଆଡ୍ଡା ସ୍ଥାପନ କରାଯାଉ ।

କାରଣ ଇସ୍ରାଇଲର ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ ଓ ଇରାନକୁ ଭୟଭୀତ କରିବା ସକାଶେ ନିଜର ଉପସ୍ଥିତିକୁ ଅକ୍ଷୁର୍ଣ୍ଣ ଓ ଜାହିର କରାଯାଇପାରିବ । ଉକ୍ତ କଥାଟି ସ୍ପଷ୍ଟ  ଅଟେ । ଆମେମାନେ ଏହାର ପରିଣାମ ମଧ୍ୟ ଦେଖି ସାରିଛୁ ଯେ, ସେହି ଆଡ୍ଡା ଯୋଗୁଁ ଆରବ୍ୟ ଦେଶ ଉପରେ ମଧ୍ୟ ଆକ୍ରମଣ ହେବାର ଯେଉଁ ସମ୍ଭାବନା ରହିଥିଲା ତାହା ମଧ୍ୟ ସତ ହେଲା ଏବଂ ସେମାନଙ୍କର ଅର୍ଥନୀତି ମଧ୍ୟ ଧ୍ୱଂସ ହେଲା । ଯେଉଁଠି ତୈଳ ସମ୍ପତ୍ତି ରହିଛି କିମ୍ବା ପର୍ଯ୍ୟଟନ ରହିଛି ତାହା ଉପରେ ନକାରାତ୍ମକ ପ୍ରଭାବ ପଡୁଛି ଏବଂ ପଡ଼ିଲା ମଧ୍ୟ । ଏସବୁ ସ୍ଥିତିର ଲାଭ ମଧ୍ୟ ସେହି ଶକ୍ତିମାନଙ୍କୁ ହେଲା ଏବଂ ଭବିଷ୍ୟତରେ ମଧ୍ୟ ହେବ । କାରଣ ଯେତେବେଳେ ଯୁଦ୍ଧ ହୁଏ ସେତେବେଳେ ଅର୍ଥନୀତି ପ୍ରଭାବିତ ହୋଇଥାଏ । ଅତଏବ୍ ଏହା ସ୍ପଷ୍ଟ ଯେ, ବିରୋଧୀ ପ୍ରତିପକ୍ଷ ମଧ୍ୟ ପାଲଟା ଆକ୍ରମଣ କରୁଛି ଏବଂ ଅନ୍ୟ ଠିକଣାକୁ ଧ୍ୱଂସ କରିବା ନିମନ୍ତେ ଉଦ୍ୟମ କରୁଛି। ଯେହେତୁ ସେମାନଙ୍କର ଇରାନ୍ ସହିତ ଯୁଦ୍ଧ ଥିଲା ତେଣୁ ଇରାନ୍ ମଧ୍ୟ ତାହା ହିଁ କଲା ଯାହା ଆମମାନଙ୍କୁ ଦୃଶ୍ୟମାନ ହେଉଛି । ଅର୍ଥାତ୍ ଇରାନ୍ ଆରବ୍ୟ ଦେଶରେ ସ୍ଥିତ ଆମେରିକୀୟ ଆଡ୍ଡାମାନଙ୍କୁ ଟାର୍ଗେଟ କରି ସେମାନଙ୍କର ଧ୍ୱଂସ ସାଧନ କରି ସେମାନଙ୍କର କ୍ଷତି ସାଧନ କରୁଛି । ଜଣେ ଆରବ୍ୟ ସାମ୍ବାଦିକ କାଲି ଲେଖିଛନ୍ତି ଯେ, ଆରବ୍ୟମାନଙ୍କୁ ସତର୍କ ରହିବା ଉଚିତ୍ । କାରଣ ଯାହା କୁହାଯାଉଛି ଯେ, ଏସବୁ ଆକ୍ରମଣ ଇରାନ୍ ହିଁ କରୁଛି, ଏହା ଇରାନ୍ ନୁହେଁ ବରଂ ଆମେରିକା ଓ ଇସ୍ରାଇଲ୍ ମଧ୍ୟ ସ୍ୱୟଂ କରିପାରନ୍ତି । ଯଦି ପୂର୍ବେ ତଥା ପ୍ରଥମେ ଇରାନ୍ ଆକ୍ରମଣ କରିଛି ତେବେ ବର୍ତ୍ତମାନ ତହିଁରୁ ଫାଇଦା ଉଠାଇ ସେମାନେ ଆକ୍ରମଣ କରିବେ । କେତେକ ଆକ୍ରମଣକୁ ଇରାନ୍ ଖଣ୍ଡନ ମଧ୍ୟ କରିଛି । ଇରାନ୍ ଏପର୍ଯ୍ୟନ୍ତ ମଧ୍ୟ ଲେଖି ଦେଇଛି ଯେ, ସମ୍ଭବତଃ ଏକ ସମୟ ଆସିବ ଯେତେବେଳେ ଆମେରିକା ଓ ଇସ୍ରାଇଲ୍ ଉକ୍ତ ଯୁଦ୍ଧରୁ ବାହାରିଯିବେ ଏବଂ ମୁସ୍‌ଲିମ୍ ଜଗତ ପରସ୍ପର ମଧ୍ୟ ଲଢୁଥିବେ । ଏହା ହିଁ ସେମାନଙ୍କର (ଅର୍ଥାତ୍ ଆମେରିକା ଓ ଇସ୍ରାଇଲ୍‌ର) ଏକାନ୍ତ କାମ୍ୟ ଓ ଲକ୍ଷ୍ୟ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ,"ହ. ଖଲିଫତୁଲ୍ ମସିହ୍ ରାବେ ଅ.ବ ଇରାକ୍ ଯୁଦ୍ଧ ସମୟରେ ମଧ୍ୟ ଏହି ସତର୍କ ବାଣୀ କହିଥିଲେ ଯେ, ବର୍ତ୍ତମାନ ଏହି ଉପଦ୍ରବ ସଂସାରରେ ପରିବ୍ୟାପ୍ତ ହୋଇ ଚାଲିବ ।" **(ଖଲିଜ୍ ସଂକଟରୁ ଉଦ୍ଧୃତ, ପୃ-29, 76)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତ୍ୟନ୍ତ ଅବଶୋଷର ସହିତ କହିବାକୁ ପଡୁଛି ଯେ, ମୁସଲମାନ ରାଷ୍ଟ୍ରମାନେ ଉକ୍ତ କଥାକୁ ହୃଦୟଙ୍ଗମ କରି ନିଅନ୍ତେ କି । ବର୍ତ୍ତମାନ ଆପଣମାନେ ନିଜ ନିଜର ସମୀକ୍ଷା କରନ୍ତୁ । କାରଣ ଇରାକ୍ ଯୁଦ୍ଧ ସହିତ ଅନ୍ୟ ମୁସଲମାନ ରାଷ୍ଟ୍ରମାନଙ୍କରେ ମଧ୍ୟ ଅଶାନ୍ତି ପରିବ୍ୟାପ୍ତ କରାଯାଇଛି । ସେମାନଙ୍କ ମଧ୍ୟରେ ଉପଦ୍ରବ ସୃଷ୍ଟି କରାଯାଇଛି ଏବଂ ଏହା ପରେ ଅନ୍ୟ ମୁସଲମାନ ରାଷ୍ଟ୍ରମାନଙ୍କରେ ମଧ୍ୟ ଅହରହ ଆଶାନ୍ତି, ଅରାଜକତା ସୃଷ୍ଟି ହେଉଛି । ଏହାକୁ କେହି ଅସ୍ୱୀକାର କରିପାରିବ ନାହିଁ । ଆମେମାନେ ଦେଖିଥାଉ ଯେ, ମୁସଲମାନ ଜଗତରେ କେତେକ ମୁସଲମାନ ରାଷ୍ଟ୍ରମାନେ ହିଁ ପରସ୍ପର ବିରୁଦ୍ଧରେ ଯୁଦ୍ଧ ଲଢୁଛନ୍ତି । ଯେପରିକି ମୁଁ କହିଲି, ଏହି ଅଶାନ୍ତି, ଅରାଜକତା ସେହି ପାଶ୍ଚାତ୍ୟ ଶକ୍ତିମାନେ ହିଁ ସୃଷ୍ଟି କରିଛନ୍ତି ଏବଂ ପ୍ରକାଶ୍ୟ ରୂପେ ତାହା ଥମିବାର କୌଣସି ସମ୍ଭାବନା ଦୃଶ୍ୟମାନ ହେଉ ନାହିଁ । କିନ୍ତୁ ଅଲ୍ଲାଃତାଲାଙ୍କ କୌଣସି ବିଶେଷ ବିଧାନ ଯଦି ଥିବ ତେବେ ତାହା ଥମିଯିବ । ସେ ଯାହା ହେଉ ଏଥି ନିମନ୍ତେ ସେମାନଙ୍କୁ ଉଦ୍ୟମ କରିବାକୁ ପଡ଼ିବ । ଏଥି ନିମନ୍ତେ ଆମମାନଙ୍କୁ ଦୁଆ ମଧ୍ୟ କରିବା ଉଚିତ୍ । କାରଣ ଅଲ୍ଲାଃତାଲା ମୁସଲମାନ ଜଗତକୁ ଏହି ଅଶାନ୍ତି ଓ ଅରାଜକତା ଠାରୁ ସୁରକ୍ଷିତ ରଖନ୍ତୁ , ମୁସଲମାନ ରାଷ୍ଟ୍ରମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ସେମାନେ ଶାନ୍ତିପୂର୍ଣ୍ଣ ହୋଇଯାଆନ୍ତୁ ଏବଂ ପରସ୍ପର ମଧ୍ୟରେ ଭାଇ ଭାଇ ହୋଇ ରୁହନ୍ତୁ । ଏହା ହିଁ ଇସ୍‌ଲାମୀୟ ଶିକ୍ଷା ଅଟେ ଏବଂ ଇସ୍‌ଲାମୀୟ ଶିକ୍ଷା ଏହା ନୁହେଁ ଯେ, ପରସ୍ପରର ସ୍କନ୍ଧଚ୍ୟୁତକାରୀ ହୁଅନ୍ତୁ ।

ହୁଜୁର ଅନୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କର ଏହି କାର୍ଯ୍ୟ ରହିଛି ଓ ଆମେମାନେ ଦୀର୍ଘ କାଳ ଧରି ଏହି ପ୍ରୟାସ କରି ଆସୁଛୁ ଯେ, ଆମେମାନେ ପର ଆପଣାମାନଙ୍କୁ ଅତ୍ୟାଚାରରୁ ଅଟକାଇବା ନିମନ୍ତେ ସତର୍କ ଓ ସାବଧାନ କରିବୁ, ସେମାନଙ୍କୁ ହୁଶିୟାର୍ କରିବୁ । କାରଣ ଏହି ଅତ୍ୟାଚାର ବର୍ତ୍ତମାନ ଯେଉଳି ଭାବରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ତହିଁରୁ ଏହା ପ୍ରତୀୟମାନ (ଲାଗୁଛି) ଯେ, ବ୍ୟାପକ ରୂପେ ମହାଯୁଦ୍ଧ ହେବ । କେବଳ ସେତିକି ନୁହେଁ ବରଂ ପାଶ୍ଚାତ୍ୟ ସମାଲୋଚକମାନଙ୍କ ନିକଟରେ ତ' ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ସାରିଛି । ମୁଁ ମଧ୍ୟ ଏହା କୁହେ ଯେ, ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ସାରିଛି । କିନ୍ତୁ ବର୍ତ୍ତମାନ ବି ଯଦି ମୁସଲମାନ ଜଗତ ବୁଦ୍ଧିକୁ ବିନିଯୋଗ କରନ୍ତି, ହେଜ ତଥା ଚେତା ପଶିଲା, ଏକ ହୋଇଯାଆନ୍ତି ଏବଂ ପରସ୍ପର ମଧ୍ୟରେ ଏକତ୍ରିତ ହୋଇଯାଆନ୍ତି ତେବେ ବର୍ତ୍ତମାନ ମଧ୍ୟ ସେମାନେ ଦଜ୍ଜାଲ୍‌ର ଉପଦ୍ରବରୁ ସୁରକ୍ଷିତ ରହିପାରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସଂସାରର ସମୀକ୍ଷା କରି ଦେଖନ୍ତୁ ତେବେ ବର୍ତ୍ତମାନ ବହୁତ ବଡ଼ ବିପଦ ରହିଛି । ଯେପରିକି ମୁଁ ପୂର୍ବେ ମଧ୍ୟ କହିଛି ଯେ, ପ୍ରତ୍ୟେକଙ୍କର  ସ୍ୱାର୍ଥ ରହିଛି । ଯେତେବେଳେ ଶୋଚନୀୟମୂଳକ ସ୍ୱାର୍ଥପରତା ସୃଷ୍ଟି ହୋଇଯାଏ ସେତେବେଳେ ମନୁଷ୍ୟ ଆଉ କିଛି ଭାବି ନଥାଏ କି କିଛି ବିଚାର ମଧ୍ୟ କରି ନଥାଏ । ସେତେବେଳେ ମନୁଷ୍ୟ କେବଳ ନିଜ ସଂପର୍କରେ ଚିନ୍ତା କରିଥାଏ । ଅତଏବ୍ ଆମମାନଙ୍କୁ ଏହା ଦେଖିବାକୁ ହେବ ଯେ, ଯଦି ସଂସାରରେ ଉପଦ୍ରବ ହ୍ରାସ କରିବାର ଅଛି ତେବେ କେବଳ ନିଜର ଅଧିକାର ନେବା ଦ୍ୱାରା ଉପଦ୍ରବ ହ୍ରାସ ହେବ ନାହିଁ । ବରଂ ଅଧିକାର ମଧ୍ୟ ଦେବାକୁ ପଡ଼ିବ । ଯଦି ମୁସଲମାନ ଜଗତ ଉକ୍ତ କଥାକୁ ହୃଦୟଙ୍ଗମ କରିନିଏ ଏବଂ ପାଶ୍ଚାତ୍ୟ ଓ ବଡ଼ ବଡ଼ ରାଷ୍ଟ୍ରମାନଙ୍କରେ ଉପସ୍ଥିତ ଥିବା ନିଜର ସମବେଦନା ପ୍ରକାଶକାରୀମାନଙ୍କୁ କୁହେ କି ଶାନ୍ତି ସ୍ଥାପନ ନିମନ୍ତେ ତୁମମାନଙ୍କୁ ମଧ୍ୟ ନିଜର ଅଧିକାରକୁ ପରିତ୍ୟାଗ କରିବାକୁ ପଡ଼ିବ ନାହିଁ ବରଂ ସେମାନେ ତ' ସ୍ୱୟଂ ଅନ୍ୟମାନଙ୍କର ଅଧିକାରକୁ ହଡ଼ପ କରୁଛନ୍ତି । ସେମାନଙ୍କୁ ଏହା କହିବାକୁ  ପଡ଼ିବ ଯେ, ତୁମେମାନେ ମଧ୍ୟ ନ୍ୟାୟକୁ ବିନିଯୋଗ କର । ତେବେଯାଇ ଆମେମାନେ ସଂସାରରେ ଶାନ୍ତି ସ୍ଥାପନ କରିପାରିବୁ । ଯେପରିକି ମୁଁ କହିଲି ଯେ, ଏଥି ନିମନ୍ତେ ମୁଁ ଲୋକମାନଙ୍କୁ ଦୀର୍ଘ କାଳ ଧରି ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରି ଆସୁଛି । ସେହି ଲୋକମାନେ ଯେଉଁମାନେ ବର୍ତ୍ତମାନ ମୋ କଥାକୁ ଶୁଣି ସେତେବେଳେ କହୁଥିଲେ ଯେ, ତୁମେମାନେ ସଂସାର ସଂପର୍କରେ ବହୁତ ନୈରାଶ୍ୟପୂର୍ଣ୍ଣ କଥା କହୁଛ, ନକାରାତ୍ମକ ପ୍ରକାରର ଧାରଣା ପୋଷଣ କରୁଛ । ତୁମେମାନେ ଏହା କହୁଛ ଯେ, ସଂସାର ଭୟଙ୍କର ଯୁଦ୍ଧରେ ସାମିଲ୍ ହୋଇଯିବ । ଆଜି ସେହି ଲୋକମାନେ ସ୍ୱୟଂ କହିବାକୁ ଲାଗିଲେଣି ଯେ, କିଛି ବର୍ଷ ପୂର୍ବେ ଯେଉଁ ପ୍ରସଙ୍ଗକୁ ଆମେମାନେ ଅସମ୍ଭବ ବୋଲି ମନେକରୁଥିଲୁ ଆଜି ତାହା ସମ୍ଭବପର ହୋଇଯାଇଛି ଏବଂ ଯୁଦ୍ଧ ଆରମ୍ଭ ହୋଇ ସାରିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେମାନଙ୍କ ନିଜର ବିଶ୍ଳେଷକ ଯେଉଁମାନେ ଆମେରିକା ଏବଂ ଇଉରୋପରେ ବସିଛନ୍ତି ସେମାନେ ବର୍ତ୍ତମାନ ଏହା ଲେଖିବାକୁ ଲାଗିଲେଣି ଯେ, ବିଶ୍ୱଯୁଦ୍ଧ (ମହାଯୁଦ୍ଧ) ଆରମ୍ଭ ହୋଇ ସାରିଛି । ଯେପରିକି ମୁଁ ପୂର୍ବେ କହିଲି ଏବଂ ଏହା  ବୃଦ୍ଧି ପାଇ ଚାଲିଛି ଏବଂ ଯେପର୍ଯ୍ୟନ୍ତ ଏହି ଲୋକମାନେ ନିଜର ଭୁଲ ପ୍ରକାରର ସ୍ୱାର୍ଥ ପ୍ରାପ୍ତି ନିମନ୍ତେ ଉଦ୍ୟମ କରୁଥିବୁ । ସେପର୍ଯ୍ୟନ୍ତ ଏହି ଭୟ ହ୍ରାସ ପାଇବାର କୌଣସି ସମ୍ଭାବନା ନାହିଁ । ଯେତେବେଳେ ଯୁଦ୍ଧ ହୋଇଥାଏ ସେତେବେଳେ କ୍ଷତି ଉଭୟ ପକ୍ଷର ହୋଇଥାଏ । ବର୍ତ୍ତମାନ ମଧ୍ୟପୂର୍ବରେ ଯେଉଁ ଯୁଦ୍ଧ ଚାଲିଛି, କହିବାକୁ ଗଲେ ଏହି ଯୁଦ୍ଧ ଆମେରିକା ଇରାନ୍ ଉପରେ ଆକ୍ରମଣ କରି ଆରମ୍ଭ କରିଛି। କିନ୍ତୁ ଇରାନ୍ ସ୍ପଷ୍ଟ ରୂପେ ପୂର୍ବେ ୱାର୍ଣ୍ଣିଂ (ଚେତାବନୀ) କରି ଦେଇଥିଲା ଯେ, ଯଦି ଆମମାନଙ୍କ ଉପେରେ ଆକ୍ରମଣ ହେଲା ତେବେ ଆରବ୍ୟ ଦେଶରେ ଆମେରିକାର ଯେଉଁ ସୈନ୍ୟ ଆଡ୍ଡାଗୁଡ଼ିକ ରହିଛି ତଥା ଯେଉଁ ବିଶେଷ ଅଭିପ୍ରାୟ ସକାଶେ ସେମାନେ ସେହି ଆଡ୍ଡା  ନିର୍ମାଣ କରିଥିଲେ ସେହି ଅଭିପ୍ରାୟକୁ ସେମାନେ ବର୍ତ୍ତମାନ ପ୍ରାପ୍ତ ମଧ୍ୟ କରୁଛନ୍ତି । ତେଣୁ ଇରାନ୍ ସ୍ପଷ୍ଟ ଭାବରେ ଚେତାଇ ଦେଇଥିଲା ଯେ, ସେ ଆକ୍ରମଣ କରିବ । ସୁତରାଂ ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ଏବଂ ସେତେବେଳେ ଇରାନ୍ ଉପରେ ବୋମା ବର୍ଷଣ ହେଲା । ସେମାନଙ୍କର ସହରକୁ ଧ୍ୱଂସ କରିଦିଆଗଲା । ନିରୀହ ଲୋକମାନଙ୍କୁ ଏବଂ ଛୋଟ ପିଲାମାନଙ୍କୁ ମାରି ଦିଆଗଲା । ସେମାନଙ୍କର ଆଧ୍ୟାତ୍ମିକ ନେତାଙ୍କର ବାସ ଭବନ ଉପରେ ଆକ୍ରମଣ କରାଗଲା । ସେମାନଙ୍କ ବଂଶର ଅନେକ ସଦସ୍ୟଙ୍କ ପ୍ରାଣହାନୀ ହେଲା । ସେମାନଙ୍କର (ଆମେରିକାବାଲାଙ୍କର) ଏହି ଧାରଣା ରହିଥିଲା ଏବଂ ସେମାନେ ଏହି ଶ୍ଳୋଗାନ୍ ଦେଉଥିଲେ ଯେ, ଆମେମାନେ ଏହି Regime (ଶାସନ ପ୍ରଣାଳୀ)କୁ ସମାପ୍ତ କରିଦେବୁ ତେବେ ଇରାନବାସୀମାନଙ୍କୁ ସ୍ୱାଧୀନତା ପ୍ରାପ୍ତ ହୋଇଯିବ । କିନ୍ତୁ ଏହା ଦ୍ୱାରା କେଉଁ ପ୍ରଭାବ ପଡ଼ିଲା ? ଯେଉଁ ସ୍ୱଳ୍ପ ସଂଖ୍ୟକ ବିରୋଧୀମାନେ ରହିଥିଲେ ସେମାନେ ମଧ୍ୟ ବର୍ତ୍ତମାନ ଏମାନଙ୍କ ଅର୍ଥାତ୍ ଇରାନ୍ ସରକାରଙ୍କ ସପକ୍ଷରେ ହୋଇଯାଇଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ନେତାଙ୍କୁ, ଯାହାଙ୍କର ନାମ ଖାମନେଇ ସାହେବ ଅଟେ, ଯାହାଙ୍କୁ ଶାହାଦତ୍‌ର ମର୍ଯ୍ୟାଦା ପ୍ରାପ୍ତ ହୋଇଛି ଏବଂ ଏହି ଶାହାଦତ୍ (ବୀରଗତି ପ୍ରାପ୍ତ) ମର୍ଯ୍ୟାଦା ଯୋଗୁଁ ଜାତିରେ ତାଙ୍କର ମର୍ଯ୍ୟାଦା ତଥା ସମ୍ମାନ ଆହୁରି ବୃଦ୍ଧି ପାଇଛି । ଶହୀଦ୍‌ଙ୍କ ପରିବାରର ଛୋଟ ପିଲାମାନଙ୍କୁ ମାରି ଦିଆଗଲା, ସମଗ୍ର ବଂଶକୁ ମାରି ଦିଆଗଲା । ଅତଏବ୍ ଏହି ଯେଉଁ ଅତ୍ୟାଚାରଟି ହେଲା ତହିଁରୁ regime change କ'ଣ ହୋଇଥାଆନ୍ତା ବରଂ ସ୍ୱର୍ଗତ ଖାମେନେଇ ସାହେବଙ୍କର ମର୍ଯ୍ୟାଦା ଏବଂ ସମ୍ମାନ ଆହୁରି ବୃଦ୍ଧା ପାଇଛି regime change ସେ ଯାହା ହେଉ ଇରାନ୍ ମଧ୍ୟ ପ୍ରତିକ୍ରିୟା ସ୍ୱରୂପ ଆରବ୍ୟ ଦେଶମାନଙ୍କରେ ଆମେରିକା ବାଲାଙ୍କର ସୈନ୍ୟ ଆଡ୍ଡା  ରହିଥିଲା ତାହା ଉପରେ ଆକ୍ରମଣ କଲା । ଏତଦ୍‌ଭିନ୍ନ ଏପରି କେତେକ ସ୍ଥାନ ମଧ୍ୟ ରହିଛି ଯେଉଁଠି ତୈଳ କୂପ ରହିଥିଲା ସେଠାରେ ଆମେରିକା ଏହି ଧମକ ଦେବା ଆରମ୍ଭ କରିଦେଲା ଯେ, ଇରାନ୍ ଯଦି ସାଉଦି ଆରବର ଅମକ ତୈଳ ଅଞ୍ଚଳ ଉପରେ ଆକ୍ରମଣ କଲା, ତେବେ ଆମେ ଅମକ କରିଦେବୁ ସମକ କରିଦେବୁ । କେତେକ ସ୍ଥାନରେ ମଧ୍ୟ କହିଲେ, ଯେ, ଆମେ ଆକ୍ରମଣ କରି ଦେଇଛୁ । ତେଣୁ ଆମେ ଏହା କରିଦେବୁ ତାହା କରିଦେବୁ । ପ୍ରତ୍ୟୁତ୍ତରରେ ଇରାନ୍ ମଧ୍ୟ ସ୍ପଷ୍ଟ ଭାବରେ କହିଲା କି ନା ଆମେ ଏପରି ସ୍ଥାନ ଉପରେ ଆକ୍ରମଣ କରିଛୁ ଓ ନା ହିଁ ଆମମାନଙ୍କର ଏପରି କୌଣସି ଉଦ୍ଦେଶ୍ୟ ରହିଛି । ଏମାନେ ଅର୍ଥାତ୍ ଆମେରିକା ମୁସଲମାନମାନଙ୍କ ମନରେ ମୁସଲମାନ ବିରୁଦ୍ଧରେ ଘୃଣା ସୃଷ୍ଟି କରିବା ନିମନ୍ତେ ଏକ ଚାଲ୍ (ଯୋଜନା) ଅଟେ। ଯୁଦ୍ଧ ତ' ପୂର୍ବରୁ  ହିଁ ହେଉଛି । ଏହା କହିବା କି କେବଳ ସେହି ଘୃଣାକୁ ଅତିରିକ୍ତ ବୃଦ୍ଧି କରିବା ଏବଂ ନିଆଁରେ ଘିଅ ଢାଳିବାର ଉଦ୍ୟମ କରାଯାଉଛି । ଯେପରିକି ମୁଁ (ହୁଜୁର୍ ଅନ୍‌ୱର୍ ଅ.ବ) ପୂର୍ବେ  ଜଣେ ସାମ୍ବାଦିକଙ୍କର ବିବୃତି ପାଠ କରିଛି । ସେହି ସାମ୍ବାଦିକ ଜଣକ କହିଲେ, "ସମ୍ଭବତଃ ଏମାନେ ସ୍ୱୟଂ କ୍ଷତି ପହଞ୍ଚାଇଥିବେ ଏବଂ ଇରାନ୍‌ରେ ନାମ ଯୋଡ଼ି ଦେଇଛନ୍ତି ।" ଏଭଳି ପରିସ୍ଥିତିରେ ମୁସଲମାନ ଜଗତକୁ ଖୁବ୍ ଭଲ ଭାବରେ ଭାବି ଚିନ୍ତି ପଦକ୍ଷେପ ନେବା ଉଚିତ୍ । କିନ୍ତୁ  ଆମେ ଅହମଦିମାନେ ମୁସଲମାନମାନଙ୍କ ପ୍ରତି ସମବେଦନା ପୋଷଣ କରିବା ସତ୍ତ୍ୱେ ବାଧ୍ୟ ଅଟୁ । କାରଣ ଆମେମାନେ ସେମାନଙ୍କୁ ହୁଶିୟାର କରିବା ବ୍ୟତୀତ ଅନ୍ୟ କିଛି କରି ପାରିବୁ ନାହିଁ।

ତେଣୁ ଜମାଅତ୍ର ସଦସ୍ୟବୃନ୍ଦଙ୍କୁ ମୋର ଆହ୍ୱାନ କି ସେମାନେ ମୁସଲମାନ ଏବଂ ଇରାନ୍‌ବାସୀଙ୍କ ନିମନ୍ତେ ଦୁଆ କରନ୍ତୁ । ଆପଣମାନେ ଅନ୍ୟ ଅଣମୁସଲମାନମାନଙ୍କୁ ଏକଥା ବୁଝାଇବାକୁ ଚେଷ୍ଟା କରନ୍ତୁ କି ଯାହା ହେଉଛି ତାହା ସଂପୂର୍ଣ୍ଣ ରୂପେ ଭୁଲ୍ ହେଉଛି । ଠିକ୍ ହେଉ ନାହିଁ । ମୁସଲମାନ ରାଷ୍ଟ୍ରମାନେ ବର୍ତ୍ତମାନ ବୁଝି ଯାଆନ୍ତୁ ଏବଂ କେବଳ ନିଜର ଦେଶର ସ୍ୱାର୍ଥକୁ ନୁହେଁ ବରଂ ମୁସଲମାନ ଜାତିର ସ୍ୱାର୍ଥକୁ ଦୃଷ୍ଟି ସମ୍ମୁଖରେ ରଖନ୍ତୁ ଏବଂ କୌଣସି ପ୍ରକାରର ବିଶ୍ୱାସଘାତକତା କରନ୍ତୁ ନାହିଁ । ତେଣୁ ଏବେ ମଧ୍ୟ କିଛିଟା ସଞ୍ଚୟ ହୋଇପାରିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମଧ୍ୟପୂର୍ବରେ ଯେଉଁ ଆରବ୍ୟ ଦେଶଗୁଡ଼ିକ ରହିଛନ୍ତି ସେମାନଙ୍କ ମଧ୍ୟରୁ କେତେକଙ୍କ ନିକଟରେ ତୈଳ ସମ୍ପତ୍ତି ରହିଛି । କିନ୍ତୁ ସେମାନଙ୍କ ନିକଟରେ ନା ତ' ଆତ୍ମରକ୍ଷା ଏବଂ ପ୍ରତିରକ୍ଷା ଯୋଗ୍ୟତା ତଥା ସାମର୍ଥ୍ୟତା ରହିଛି ଓ ନା ହିଁ ସେମାନଙ୍କର ବ୍ୟାପାର ବୃଦ୍ଧି ପାଉଛି । କେବଳ ତୈଳ ସମ୍ପତ୍ତି କିମ୍ବା କେତେକ ସ୍ଥାନରେ ପର୍ଯ୍ୟଟନର ପ୍ରସାର କରିଦେବା ଦ୍ୱାରା ଏବଂ ପର୍ଯ୍ୟଟନର ବିକାଶ କରିବା ଦ୍ୱାରା ଉନ୍ନତି ହୋଇପାରିବ ନାହିଁ । ସେମାନଙ୍କର ସଂପୂର୍ଣ୍ଣ ନିର୍ଭରଶୀଳତା ପାଶ୍ଚାତ୍ୟ ଜଗତ ଏବଂ ପାଶ୍ଚାତ୍ୟ ଶକ୍ତି ଉପରେ ହିଁ ନିର୍ଭରଶୀଳ ଅଟେ । ଯେପରିକି ମୁଁ କହିଲି ଏମାନଙ୍କର ଅର୍ଥାତ୍ ଆରବ୍ୟ ଦେଶମାନଙ୍କର ଏହି ଦୁର୍ବଳତା ଯୋଗୁଁ ପାଶ୍ଚାତ୍ୟ ଦେଶମାନେ ଲାଭ ଉଠାଇ ପାଶ୍ଚାତ୍ୟ ଶକ୍ତିମାନେ ସେଠାରେ ନିଜର ଆଡ୍ଡା ସ୍ଥାପନ କରିଛନ୍ତି । ପୁନଶ୍ଚ ଯେତେବେଳେ ଇରାନ୍ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଇରାନ୍ ମଧ୍ୟ ଆରବ୍ୟ ଦେଶ ଉପରେ ଆକ୍ରମଣ କରିଦେଲା । ଇରାନ୍ କେବଳ ଆରବ୍ୟ ଦେଶ ଉପରେ ଆକ୍ରମଣ କରି ନାହିଁ ବରଂ ଆମେରିକୀୟ ସୈନ୍ୟ ଠିକଣା ବା ଆଡ୍ଡା ଉପରେ ମଧ୍ୟ ଆକ୍ରମଣ କରିଛି । କିନ୍ତୁ ବର୍ତ୍ତମାନ ଆରବ୍ୟମାନଙ୍କୁ ଏହା ଅନୁଭବ କରଛନ୍ତି ଯେ, ସେମାନଙ୍କ ଉପରେ ଆକ୍ରମଣ ହୋଇଛି । ଯେପରିକି ସ୍ପଷ୍ଟ ଅଟେ ଯେ, ବର୍ତ୍ତମାନ ଏହି ଯୁଦ୍ଧ ଏକ ଭୟଙ୍କର ରୂପ ଧାରଣ କରି ସାରିଛି । ଇରାନ୍ ପକ୍ଷରୁ ମିସାଇଲ୍ (କ୍ଷେପଣାସ୍ତ୍ର) ପ୍ରୟୋଗ କରାଯାଉଛି । ସେହି କ୍ଷେପଣାସ୍ତ୍ରକୁ intercept କରିବା ନିମନ୍ତେ ଆମେରିକା ନିଜର ଏକ ଆତ୍ମରକ୍ଷା ବ୍ୟବସ୍ଥା ତିଆରି କରିଛି । କିନ୍ତୁ ସମୀକ୍ଷକ ଓ ବିଶ୍ଳେଷକମାନେ ବର୍ତ୍ତମାନ ଏହା ଲେଖୁଛନ୍ତି ଯେ, ଯଦି ଇରାନ୍ 50,000 ଡଲାରର ଏକ କ୍ଷେପଣାସ୍ତ୍ର ମାଡ କରେ ତେବେ ସେହି କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ ତଥା ନଷ୍ଟ କରିବା ପାଇଁ ଯେଉଁ ଖର୍ଚ୍ଚ ଆସିବ ତାହା ଅନେକ ମିଲିୟନ୍ ଡଲାର୍ ଅଟେ । ଅତଏବ୍ କେତେକ ବିଶ୍ଳେଷଣକାରୀମାନେ ଉଲ୍ଲେଖ କରନ୍ତି ଯେ, ଅର୍ଥନୀତି ଦୃଷ୍ଟିରୁ ଏହାର କ୍ଷତି ଆମେରିକାକୁ ହେଉଛି । କିନ୍ତୁ ଏହା କେବଳ ଧାରଣା ଅଟେ । ଏହି ଶକ୍ତିମାନେ ପୂର୍ବରୁ ହିଁ ପ୍ରତ୍ୟେକ ବସ୍ତୁର ହିସାବ୍ କିତାବ ରଖନ୍ତି ଏବଂ ସଂପୂର୍ଣ୍ଣ ସମୀକ୍ଷା କରିଥାଆନ୍ତି । ସେମାନେ ଏସବୁ ଧାର୍ଯ୍ୟ କରିଛନ୍ତି ଏବଂ ମୋର ଏହି ଧାରଣା ରହିଛି ଯେ, ଏହି ମହାଶକ୍ତିମାନେ କେବେ ବି କ୍ଷତି ନିଜ ଉପରେ ପକାଇବେ ନାହିଁ ବରଂ ସେମାନେ ଆରବ୍ୟ ଦେଶମାନଙ୍କ ଠାରୁ ହିଁ ଏହି ଅର୍ଥ ଆଦାୟ କରିବେ ଏବଂ ଆରବ୍ୟମାନଙ୍କୁ ଭକୁଆଙ୍କ ବନାଇ ଏହା କହିବେ କି ହେ ଆରବ୍ୟ ଜାତି ! ଆମେମାନେ ତୁମମାନଙ୍କର ରକ୍ଷା କରୁଛି । ଏକ ପକ୍ଷରେ ଆରବ୍ୟମାନଙ୍କର ତୈଳ କୂପ ବନ୍ଦ ହେଉଛି ଏବଂ ଉତ୍ପାଦନରେ ହ୍ରାସ ପରିଲକ୍ଷିତ ହେଉଛି । ଅନ୍ୟ ପକ୍ଷେ ସେମାନଙ୍କୁ ଏହି କ୍ଷତି ଭରଣା କରିବାକୁ ପଡ଼ିବ ଯଦ୍ଦ୍ୱାରାକି ସେମାନଙ୍କର ଏହି ରିଜର୍ଭ ଖୁବ୍ ହ୍ରାସ ପାଇବ କିମ୍ବା ସମାପ୍ତ ହୋଇଯିବ । ପରିଶେଷରେ ଆରବ୍ୟ ଜଗତକୁ ବହୁତ କ୍ଷତି ସହ୍ୟ କରିବାକୁ ପଡ଼ିବ ଓ ପାଶ୍ଚାତ୍ୟ ଦେଶମାନଙ୍କୁ ମଧ୍ୟ କ୍ଷତି ସହ୍ୟ କରିବାକୁ ପଡ଼ିବ । କିନ୍ତୁ ସବୁଠୁ ବେଶୀ କ୍ଷତି ଆରବ୍ୟମାନଙ୍କୁ ପହଞ୍ଚିବ । ସୁତରାଂ ଆରବ୍ୟମାନଙ୍କୁ ଉକ୍ତ କଥାକୁ ବର୍ତ୍ତମାନ ହୃଦୟଙ୍ଗମ କରିନେବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଆମେମାନେ ଦେଖୁଛେ ଯେ, ଆମେରିକାର ସାଂପ୍ରତିକ ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍ ନିଜ ରାଷ୍ଟ୍ରର ପୁରୁଣା ନୀତିକୁ ହିଁ କାର୍ଯ୍ୟକାରୀ କରାଇ ରୂପ ଦେବାକୁ ଚାହୁଁଛନ୍ତି । ଏହା କେବଳ ଆଜିକାର ରାଷ୍ଟ୍ର ନିୟାମକ ନିତୀ ନୁହେଁ ବରଂ ସବୁଦିନିଆ ସେମାନଙ୍କର ଏହି ନୀତି ରହି ଆସିଛି ଯେ, ଯେଉଁଠି ସେମାନଙ୍କର ଇଚ୍ଛା ହେଲା ସେଠାକାର ସାଧନ ତଥା ସମ୍ବଳ ଉପରେ ଜୋର ଜବରଦସ୍ତ ଅଧିକାର କରିନିଅ । ପୁନଶ୍ଚ କୌଣସି ନା କୌଣସି ବାହାନାରେ ଏହାର ଔଚିତ୍ୟତା ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କର ଯେ, ଅମକ କାରଣ ହେଲା କିମ୍ବା ସମକ କାରଣ ହେଲା । କେବଳ ସେତିକି ନୁହେଁ ବରଂ ବର୍ତ୍ତମାନ ତ' ଆଜି ଆମେରିକାର ଯେଉଁ ସାଂପ୍ରତିକ ଉପରାଷ୍ଟ୍ରପତି ଅଟନ୍ତି ଏପର୍ଯ୍ୟନ୍ତକି ସେ ଏହା କହି ଦେଇଛନ୍ତି ଯେ, ଯଦି ଅମକ ରାଷ୍ଟ୍ର ଆମ ସହିତ ସାମିଲ୍ ହେଉ ନାହିଁ ତେବେ ଆମେ ବଳପୂର୍ବକ ସେମାନଙ୍କର ସମ୍ବଳ ତଥା ସାଧନ ଉପରେ କବ୍‌ଜା କରିନେବୁ ଓ ସେହି ଦେଶକୁ ଆମ ସହିତ ମିଶାଇ ଦେବୁ। ଯେଉଁ ରାଷ୍ଟ୍ରମାନେ ଯୁଦ୍ଧରେ ସାମିଲ୍ ହୁଅନ୍ତି ନାହିଁ ସେମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଥାଏ । ସେମାନଙ୍କ ଉପରେ ଦଫା ଏବଂ sanction ଲଗାଇ ଦିଆଯାଇଥାଏ । ହୁଜୁର ଅନୱର୍ ଅ.ବ କହିଲେ, ସ୍ପେନ୍‌ର ପ୍ରଧାନମନ୍ତ୍ରୀ ଏହି ସାହସ ଦେଖାଇଛନ୍ତି ଏବଂ କହିଛନ୍ତି ଯେ, ଆମେ ଏହି ଯୁଦ୍ଧରେ ଅଂଶୀଦାର ହେବୁ ନାହିଁ ଓ ନା ହିଁ ଆମେ ନିଜ ଆଡ୍ଡା ଅନ୍ୟକୁ ବ୍ୟବହାର କରିବା ପାଇଁ ଦେବୁ । ତେବେ ସ୍ପେନ୍‌କୁ ମଧ୍ୟ ଧମକ ଦିଆଯାଇଛି ଯେ, ଆମେରିକା ସ୍ପେନ୍ ସହିତ ନିଜର ବାଣିଜ୍ୟିକ ସଂପର୍କ ସମାପ୍ତ କରିଦେବ । ଏହିପରି ଜୋର ଜବରଦସ୍ତ ଧମକ ଦେଇ ଏବଂ ଅସତ୍ ଉପାୟରେ କ୍ଷତି ପହଞ୍ଚାଇବା ନିମନ୍ତେ ଉଦ୍ୟମ କରି ଦେଶକୁ ଏବଂ ଅନ୍ୟ ଲୋକମାନଙ୍କୁ ବାଧ୍ୟ କରାଯାଇଥାଏ । କାରଣ ସେମାନେ ଏମାନଙ୍କ ସହିତ ସାମିଲ୍ ହୁଅନ୍ତୁ । ଏହି ସ୍ଥିତିରେ ନ୍ୟାୟ ତ' କେଉଁଠି ବାକି ରହିଲା ନାହିଁ ଏବଂ ଯେତେବେଳେ ନ୍ୟାୟ ନରହେ ତେବେ ସେପରିପ୍ରେକ୍ଷୀରେ ବିନାଶ ହିଁ ଆସିଥାଏ । ଏପରି ଭୟଙ୍କର ପରିଣାମ ବାହାରିଥାଏ ଯେ, ତାହାର କଳନା କରିହେବ ନାହିଁ । ତେଣୁ ବର୍ତ୍ତମାନ ସେହି ଭୟଙ୍କର ପରିଣାମ ସୃଷ୍ଟି ହେଉଛି । କେବଳ ସେତିକି ନୁହେଁ ବରଂ ଏହାଠୁ ବି ଅଧିକ ଭୟଙ୍କର ପରିଣାମ ସୃଷ୍ଟି ହେବ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଗତ ଦିନମାନଙ୍କରେ ଇଉରୋପୀୟ ସଂସଦରେ ଜଣେ ମହିଳା ସ୍ପାନିଶ୍ ସାଂସଦ ଖୋଲା ଖୋଲି ଭାବରେ ବିବୃତ୍ତି ରଖିଛନ୍ତି ଯେ, କୌଣସି ଯୁଦ୍ଧରେ ଆମେରିକାର କୌଣସି ମହିଳାକୁ ତ' ସ୍ୱାଧୀନତା ମିଳିଯାଇ ନାହିଁ । ଯେହେତୁ ସେହି ମହିଳା ସାଂସଦ ଜଣକ ମହିଳା ଅଟନ୍ତି ତେଣୁ ସେ ମହିଳାଙ୍କର ମୁଦ୍ଦା (ପ୍ରସଙ୍ଗ) ଉଠାଇଛନ୍ତି । ସେହି ମହିଳା ସାଂସଦ କୁହନ୍ତି ଯେ, ଆମେରିକା ଯେଉଁ ଦାବି କରୁଛି ଯେ, ସେ ଇରାନ୍‌ର ମହିଳାମାନଙ୍କ ନିମନ୍ତେ ଯୁଦ୍ଧ ଲଢୁଛି । ତେଣୁ ଏସବୁ ତାହା ମିଛ କଥା ଅଟେ ଏବଂ ଏହା ଦ୍ୱାରା କେବେ ବି ଇରାନ୍‌ର ମହିଳାକୁ ସ୍ୱାଧୀନତା ମିଳିବ ନାହିଁ ଓ ନା ହିଁ କେବେ ବି ଆମେରିକା କୌଣସି ମହିଳାର ସ୍ୱାଧୀନତା ନିମନ୍ତେ ଯୁଦ୍ଧ ଲଢିଛନ୍ତି ତଥା ନା ହିଁ ଯୁଦ୍ଧ ମାଧ୍ୟମରେ ମହିଳାମାନଙ୍କୁ କୌଣସି ସ୍ୱାଧୀନତା ପ୍ରଦାନ କରିବାରେ ଆମେରିକା ସଫଳ ହୋଇଛି । ସେ ଯାହା ହେଉ ସାରାଂଶ ଏହିକି ଯେ, ସେହି ଦେଶମାନଙ୍କରେ ଆମେରିକାର ପୂର୍ବରୁ ହିଁ ଏକ ପକ୍ଷେ ଏକାଧିକାର ବା ଠିକାଦାର ଥିଲା । କିନ୍ତୁ ବର୍ତ୍ତମାନ ତହିଁରେ ଇସ୍ରାଇଲ୍‌କୁ ଖୋଲମଖୋଲା ଭାବରେ ସାମିଲ୍ କରି ସେହି ଠିକାଦାରୀ ବ୍ୟବସ୍ଥାକୁ ଦୃଢରୁ ଦୃଢତର କରାଯାଉଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆରବ୍ୟ ଏବଂ ଇସ୍‌ଲାମୀୟ ରାଷ୍ଟ୍ରମାନେ ଏକଥାକୁ ବୁଝୁ ନାହାନ୍ତି ଯେ, ଜୋର ଜବରଦସ୍ତ, ଯୁଦ୍ଧ, ଭୁଲ୍ ପନ୍ଥା ଏବଂ ଦଜ୍ଜାଲିକ ଯୋଜନା ଦ୍ୱାରା ସେମାନଙ୍କୁ ଏପରି ଏକ ସ୍ଥାନରେ ଫସାଇ ଦିଆଯାଉଛି ଯେଉଁଠି ଆମେମାନେ ନିଜର ଏକ ମୁସଲମାନ ରାଷ୍ଟ୍ର ସହିତ ଯୁଦ୍ଧ କରିବାକୁ ବାଧ୍ୟ ଅଟୁ । ମୁସଲମାନମାନଙ୍କୁ ମୁସଲମାନ ସହିତ କଳହ କରାଯାଉଛି । ସେ ଯାହା ହେଉ ବର୍ତ୍ତମାନ ଋଷିଆ ଓ ଚୀନ୍ ମଧ୍ୟ ନିଜର ବ୍ଲକ୍ ତିଆରି କରୁଛନ୍ତି । ଏକଥା ସ୍ପଷ୍ଟ ଯେ, ବର୍ତ୍ତମାନ ଯେଉଁ ବ୍ଲକ୍ ତିଆରି ହେଉଛି ତାହା ଭବିଷ୍ୟତରେ ମଧ୍ୟ ତିଆରି ହେବ କିମ୍ବା ସେମାନଙ୍କ ମଧ୍ୟରେ ବ୍ୟାପକତା ସୃଷ୍ଟି ହେବ ଏବଂ ଅତିରିକ୍ତ ଭାବରେ ବ୍ଲକ୍ ସଂଖ୍ୟା ବୃଦ୍ଧି ପାଇବ ଏବଂ ଦୃଢୀଭୂତ ହେବ । ଇସ୍‌ଲାମୀୟ ଜଗତ୍ ବର୍ତ୍ତମାନ ରଣକ୍ଷେତ୍ର ପାଲଟୁଛି । କାରଣ ସେମାନଙ୍କ ପାଖରେ ଏପରି ସାଧନ ତଥା ସମ୍ବଳ ମହଜୁଦ୍ ରହିଛି ଯେ, ସେହି ସମ୍ବଳ ଉପରେ ଏହି ଲୋକମାନେ କବ୍‌ଜା କରିବାକୁ ଚାହୁଁଛନ୍ତି । ଏପରି ହୁଅନ୍ତା କି ମୁସଲମାନମାନେ ଉକ୍ତ କଥାକୁ ବୁଝି ନିଅନ୍ତେ ଏବଂ ବୁଦ୍ଧିକୁ ବିନିଯୋଗ କରନ୍ତେ ।

ବର୍ତ୍ତମାନ ଏହା ଅର୍ଥାତ୍ ଆମେରିକା ଏବଂ ତା'ର ସାଥିମାନେ କହୁଛନ୍ତି ଯେ, ଆମେମାନେ ଇରାନ୍ ଉପରେ ଏଇଥି ପାଇଁ ଆକ୍ରମଣ କଲୁ ଯେ, ଇରାନ୍‌ର ଅମକ ଉଦ୍ଦେଶ୍ୟ ଥିଲା । ଯଦି ଇରାନ୍ ଏପରି କରିଥାଆନ୍ତା ତେବେ ସେପରି ହୋଇ ଯାଇଥାଆନ୍ତା । ଇରାନ୍ ଯଦି ପରମାଣୁ ଅସ୍ତ୍ର ତିଆରି କରିନେଇ ଥାଆନ୍ତା ତେବେ ଅମକ ହୋଇ ଯାଇଥାଆନ୍ତା । ଅର୍ଥାତ୍ ଏହା କେବଳ ଏକ କାଳ୍ପନିକ ଧାରଣା ସୃଷ୍ଟି କରାଇ ଯୁଦ୍ଧ ଆରମ୍ଭ କରିଦିଆଗଲା । ଏହା ତ' ସଂପୂର୍ଣ୍ଣ ରୂପେ ଜୋର୍ ଜବରଦସ୍ତ କଥା ଅଟେ । ବର୍ତ୍ତମାନ ତ' ସ୍ୱୟଂ ସେମାନଙ୍କର ପାଶ୍ଚାତ୍ୟ ବିଶ୍ଳେଷକମାନେ ମଧ୍ୟ ଏହା କହିବା ଆରମ୍ଭ କରିଦେଲେଣି ଯେ, ଇରାନ୍‌କୁ ଧ୍ୱଂସ କରିବା କିମ୍ବା ଇରାନ୍ ସହିତ ଯୁଦ୍ଧ କରିବା ଏତେ ସହଜ କଥା ନୁହେଁ ଯେତେ ଏମାନେ ଭାବୁଛନ୍ତି । ଇରାନ୍ ଏକ ବ୍ୟାପକ ଅଞ୍ଚଳରେ ପରିବ୍ୟାପ୍ତ ରାଷ୍ଟ୍ର ଅଟେ । ତାଙ୍କ ଅର୍ଥାତ୍ ଇରାନ୍ ପାଖରେ କିଛି ନା କିଛି ଶକ୍ତି ଅବଶ୍ୟ ରହିଛି ଯଦ୍ଦ୍ୱାରାକି ଏହି ଯୁଦ୍ଧ ଦୀର୍ଘ ଦିନ ହେଲା ଜାରି ରହିଛି । ଅର୍ଥାତ୍ ଏହାର କ୍ଷତି ସମଗ୍ର ସଂସାରର ଅର୍ଥନୀତି ଉପରେ ପଡ଼ିବ । କିନ୍ତୁ ମୁସଲମାନ ଜଗତ ଉପରେ ଏହାର ପ୍ରଭାବ ବେଶ୍ ଅଧିକ ହେବ । କିନ୍ତୁ ଏହାଠୁ ବି ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଉକ୍ତ ଯୁଦ୍ଧରେ ମୁସଲମାନ ହିଁ ମୁସଲମାନର ରକ୍ତପାତ କରୁଛି । ସେ ଯାହା ହେଉ ମୁସଲମାନମାନଙ୍କୁ ଅଲ୍ଲାଃତାଲାଙ୍କ ଶାସ୍ତି ଠାରୁ ଡରିବା ଉଚିତ୍ । ଶତାଧିକ ଛୋଟପିଲାମାନଙ୍କୁ ମାରିଦିଆଗଲା, ଶତାଧିକ ନିରୀହ ଲୋକମାନଙ୍କୁ ମାରି ଦିଆଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯଦି ପାଶ୍ଚାତ୍ୟ ଦେଶ ଆଡ଼କୁ ଲକ୍ଷ୍ୟ କରାଯାଏ ତେବେ ସେଠାକାର ସ୍ତମ୍ଭାକାରମାନେ ଲେଖିବାକୁ ଲାଗିଲେଣି ଯେ, ଯଦି ଇସ୍ରାଇଲ୍ କିମ୍ବା ଆମେରିକାରେ କିମ୍ବା କୌଣସି ପାଶ୍ଚାତ୍ୟ ଦେଶରେ ଆକ୍ରମଣ ହୁଏ ଏବଂ ଆମର କିଛି ଲୋକ ପ୍ରାଣ ହରାନ୍ତି ତେବେ ଖବର କାଗଜରେ ସ୍ତମ୍ଭାକାରମାନେ ସ୍ତମ୍ଭ ଲେଖିବା ଆରମ୍ଭ କରି ଦିଅନ୍ତି ଓ ଅନେକ ଦିନ ପର୍ଯ୍ୟନ୍ତ ଖବର କାଗଜରେ ସ୍ତମ୍ଭ ରଚନା କରିବାକୁ ଲାଗି ପଡ଼ନ୍ତି । କିନ୍ତୁ ଏଠାରେ ଗୋଟିଏ ବିଦ୍ୟାଳୟ ଉପରେ ବୋମା ବର୍ଷ କରି ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ମାରି ଦିଆଗଲା । କିନ୍ତୁ ସେଠି କେହି କିଛି କହିଲା ବାଲା ନାହିଁ । ପ୍ରଥମେ ପାଲେଷ୍ଟାଇନ୍‌ର ଏହି ଅବସ୍ଥା ବା ଦଶା କଲେ ଏବଂ ବର୍ତ୍ତମାନ ଇରାନ ବିରୁଦ୍ଧରେ ମଧ୍ୟ ଏହିପରି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏପରି ପ୍ରତିତ ହେଉଛି ଯେପରିକି ସେମାନଙ୍କ ନିକଟରେ ମୁସଲମାନମାନଙ୍କ ପ୍ରାଣର କୌଣସି ମୂଲ୍ୟ ହିଁ ନାହିଁ । ସେ ଯାହା ହେଉ ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ କି ସେମାନେ ବୁଦ୍ଧି ଓ ବିବେକକୁ ବିନିଯୋଗ କରନ୍ତୁ, ପରସ୍ପର ମଧ୍ୟରେ ମିଳିମିଶି ବସିକି ସମସ୍ୟାର ସମାଧାନ କରିବା ନିମନ୍ତେ ଉଦ୍ୟମ କରନ୍ତୁ । ଯେତେବେଳେ ସେମାନେ ଏକେଶ୍ୱରବାଦର ଦାବି କରୁଛନ୍ତି ସେତେବେଳେ ସେମାନଙ୍କୁ ଏକେଶ୍ୱରବାଦର ସ୍ଥାପନ ନିମନ୍ତେ ଏକ ହେବା ଉଚିତ୍ । ଖାଲିଟାରେ ଦୋଷାରୋପଣ ଦ୍ୱାରା କଳହ କରିବାର

ଆବଶ୍ୟକତା ନାହିଁ । ଏହା କହିଦେବା କି ଅମକ ଆସ୍ଥା ଓ ଧର୍ମମତ ଯୋଗୁଁ କଳହ ବୃଦ୍ଧି ପାଇଥାଏ । ଏହା ତ' ସାଧାରଣ କଥା ଏବଂ ଘଟଣା ଅଟେ । ସେମାନଙ୍କର ଯାହା ଇଚ୍ଛା ସେମାନେ ତାହା କରି ନିଅନ୍ତୁ । ମୁସଲମାନମାନଙ୍କ ପରସ୍ପର ମଧ୍ୟରେ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱ ତଥା କଳ ରହିଛି ତାହା ଏହି କାରଣରୁ ଅର୍ଥାତ୍ ଧର୍ମମତ ଯୋଗୁଁ ମଧ୍ୟ ରହିଛି। କିନ୍ତୁ ଆଁହଜରତ୍ ସ.ଅ ତ' ଏତେ ସତର୍କ ଏବଂ ଏତେ ଦୟା ପ୍ରଦର୍ଶନ କରୁଥିଲେ ଯେ, "ସାହାବାମାନେ ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯେ, ଅମକ ବ୍ୟକ୍ତି କପଟବିଶ୍ୱାସୀ ଅଟେ । ତେବେ ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ମୁସଲମାନମାନେ ! ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି لا اله الا الله କହିଥାଏ ସେପର୍ଯ୍ୟନ୍ତ ମୁଁ ସେହି ବ୍ୟକ୍ତିକୁ କିଛି କହି ପାରିବି ନାହିଁ । ତେଣୁ ହେ ମୁସଲମାନମାନେ ! ତୁମେମାନେ ମଧ୍ୟ ସେହି ବ୍ୟକ୍ତିକୁ କପଟବିଶ୍ୱାସୀ କୁହ ନାହିଁ ।" **(ସହିହୁଲ୍ ବୁଖାରୀ, କିତାବୁସ୍ ସଲାତ୍, ବାବ୍-ଅଲ୍ ମସାଜିଦୁ ଫି ବୁୟୁତି, ହଦିସ୍ ନଂ- 425)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ସାମାନ୍ୟ କଥାରେ (କଥା କଥାକେ) କଳି ଝଗଡ଼ା କରିବା ବାସ୍ତବରେ ନିଜକୁ ହିଁ କ୍ଷତି ପହଞ୍ଚାଇବା କଥା ଅଟେ । ଅଲ୍ଲାଃତାଲା ମୁସଲମାନ ଜଗତକୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ବର୍ତ୍ତମାନ ବି ସମୟ ରହିଛି ସେମାନେ ବୁଝି ଯାଆନ୍ତୁ । କେବଳ ଆସ୍ଥା ବା ଧର୍ମମତ ଜନିତ ପାର୍ଥକ୍ୟତା ଯୋଗୁଁ ଇରାନ୍ ବିରୋଧୀ ହୋଇ ଯାଆନ୍ତୁ ନାହିଁ । ଇସ୍‌ଲାମ୍ ଧର୍ମ ଏକେଶ୍ୱବାଦ ସ୍ଥାପନ ସକାଶେ ଆସିଅଛି । ତେଣୁ ଏଥି ନିମନ୍ତେ ଉଦ୍ୟମ କରିବା ଉଚିତ୍ । ବଡ଼ ବଡ଼ ଶକ୍ତିମାନଙ୍କୁ ଆପଣମାନେ ଈଶ୍ୱର ବୋଲି ମନେକରନ୍ତୁ ନାହିଁ । କାରଣ ସାର୍ବକାଳୀନ ଅକ୍ଷୁର୍ଣ୍ଣ ଥିବା ଶକ୍ତି ହେଉଛି କେବଳ ଓ କେବଳ ଅଲ୍ଲାଃତାଲା । ଯଦି ଏହି ବଡ଼ ବଡ଼ ଶକ୍ତିମାନଙ୍କୁ ସବୁକିଛି ମନେ କରିନେଲ ତାହାହେଲ ଏହି ଲୋକମାନେ ଗୋଟିଏ ଗୋଟିଏ କରି ସମସ୍ତ ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କ ଉପରେ ଅଧିକାର କରିନେବେ ଓ ଯେଉଁ ପ୍ରକାଶ୍ୟଗତ ଇସ୍‌ଲାମୀୟ ରାଷ୍ଟ୍ର ରହିଛି ତାହା ମଧ୍ୟ ସମାପ୍ତ ହୋଇଯିବ । ଅତଏବ୍ ବର୍ତ୍ତମାନ ସମୟ ଆସିଯାଇଛି ଯେ, ମୁଣ୍ଡରେ ହେଜ (ବୁଦ୍ଧି) ପଶିବାର ଆବଶ୍ୟକତା ରହିଛି । ଈଶ୍ୱର ଆଡ଼କୁ ଆନତ ହୁଅନ୍ତୁ। ଏହି ସଂସାରପ୍ରିୟ ନେତାମାନେ ସଂସାରର ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ତଥା ବିଶେଷ କରି ମୁସଲମାନ ଜଗତର ଶାନ୍ତି ଶୃଙ୍ଖଳାକୁ ଧ୍ୱଂସ କରୁଛନ୍ତି ଏବଂ ଆଗକୁ ମଧ୍ୟ ଏମାନେ ଏହିପରି କରିବେ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ମୁସଲମାନମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରି କୁହନ୍ତି: وَاِنۡ طَآئِفَتٰنِ مِنَ الۡمُؤۡمِنِيۡنَ اقۡتَتَلُوۡا فَاَصۡلِحُوۡا بَيۡنَهُمَا ۚ فَاِنۡۢ بَغَتۡ اِحۡدٰٮهُمَا عَلَى الۡاُخۡرٰى فَقَاتِلُوا الَّتِىۡ تَبۡغِىۡ حَتّٰى تَفِىۡٓءَ اِلٰٓى اَمۡرِ اللّٰهِ ۚ فَاِنۡ فَآءَتۡ فَاَصۡلِحُوۡا بَيۡنَهُمَا بِالۡعَدۡلِ وَاَقۡسِطُوۡا ؕ اِنَّ اللّٰهَ يُحِبُّ الۡمُقۡسِطِيۡنَ **(ଅଲ୍ ହୁଜୁରାତ୍: 10) ଅନୁବାଦ:** ଏବଂ ଯଦି ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଦୁଇ ଗୋଟି ଗୋଷ୍ଠୀ ପରସ୍ପର ମଧ୍ୟରେ କଳହ କରନ୍ତି, ତେବେ ସେପରିପ୍ରେକ୍ଷୀରେ ସେ ଉଭୟଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରାଇ ଦିଅ ଏବଂ ଶାନ୍ତି ସ୍ଥାପନ ପରେ ଯଦି ସେମାନଙ୍କ ମଧ୍ୟରୁ କେହି ଅନ୍ୟ ଉପରେ ଆକ୍ରମଣ କରେ ତେବେ ସମସ୍ତେ ଏକତ୍ରିତ ହୋଇ ଆକ୍ରମଣକାରୀ ବିରୁଦ୍ଧରେ ଯୁଦ୍ଧ କର । ଯେପରିକି ସେ ଅଲ୍ଲାଃଙ୍କ ଆଦେଶ ପ୍ରତି (ଆଡ଼କୁ) ଫେରି ଆସିବ । ଏହାପରେ ଯଦି ସେ ଅଲ୍ଲାଃଙ୍କ ଆଦେଶାବଳୀ ଆଡ଼କୁ ଫେରି ଆସେ ତେବେ ସେ କଳହକାରୀମାନଙ୍କ ମଧ୍ୟରେ ନ୍ୟାୟପୂର୍ବକ ଶାନ୍ତି ସ୍ଥାପନ କର ଏବଂ ନ୍ୟାୟ ବିଚାରକୁ ପ୍ରାଧାନ୍ୟ ଦିଅ । କାରଣ ଅଲ୍ଲାଃତାଲା ନ୍ୟାୟ ବିଚାରକାରୀଙ୍କୁ ପସନ୍ଦ କରିଥାଆନ୍ତି ।

ଅତଏବ୍ ଏ ହେଉଛି ସେହି ନକ୍ସା (ବା ଦୃଶ୍ୟ), ଏ ହେଉଛି ସେହି ବିନ୍ଦୁ ଯାହା ସଂସାରର ଶାନ୍ତି ନିମନ୍ତେ ଏକାନ୍ତ ଜରୁରୀ ଅଟେ । କିନ୍ତୁ ଜଗତକୁ ତ' ବିଶେଷ ରୂପେ ଏହା ଉପରେ କାର୍ଯ୍ୟାନୁସରଣ କରିବା ଉଚିତ୍ । କାରଣ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ସେମାନଙ୍କ ନିମନ୍ତେ ସ୍ୱଷ୍ଟ ଆଦେଶ ଦେଇଛନ୍ତି । ଅତଏବ୍ ନ୍ୟାୟ ଓ ମୀମାଂସାର ଯେଉଁ ସର୍ତ୍ତାବଳୀ ରହିଛି ତାହାକୁ ପୂରଣ କରନ୍ତୁ ଏବଂ ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କର ଯେଉଁ ସଂଗଠନ ରହିଛି ସେମାନେ ମଧ୍ୟ ନିଜର ଭୂମିକା ନିର୍ବାହ କରନ୍ତୁ। ଉକ୍ତ କଥା ମଧ୍ୟ ସ୍ୱଷ୍ଟ ହେବା ଉଚିତ୍ ଯେ, ସନ୍ଧି ସ୍ଥାପନ ସମୟରେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସମ୍ମୁଖରେ ରଖିବା ଉଚିତ୍ ନୁହଁ ବରଂ ପ୍ରକୃତ ସମସ୍ୟାର ସମାଧାନ କରିବା ଉଚିତ୍। କାରଣ କେଉଁସବୁ କାରଣଗୁଡ଼ିକ ରହିଛି ଯଦ୍ଦ୍ୱାରା ଏପରି ସମସ୍ୟା ଉପୁଜିଛି। କାରଣ ତ' ତାହା ହିଁ ଯାହା ଆମକୁ ସ୍ୱଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ଅର୍ଥାତ୍ ଦଜ୍ଜାଲିକ ଶକ୍ତି ଆମମାନଙ୍କୁ ପରସ୍ପର ମଧ୍ୟ ଲଢିବା ନିମନ୍ତେ ପ୍ରୟାସ କରାଉଛି । ଯେଉଁ ଜାତିସଂଘ ୟୁ.ଏନ୍ ସ୍ଥାପିତ ହୋଇଛି ସେମାନେ ମଧ୍ୟ ସକାରାତ୍ମକ ଭୂମିକା ନିର୍ବାହ କଲେ ନାହିଁ । ବରଂ ବର୍ତ୍ତମାନ ତ' ସ୍ୱୟଂ ଏହି ଲୋକମାନେ ଏହା ବିରୁଦ୍ଧରେ କହିବାକୁ ଲାଗିଲେଣି। ଅତଏବ୍ ଆମେମାନେ ଯଦି ବ୍ୟକ୍ତିଗତ ସ୍ୱର୍ଥ ଠାରୁ ଉର୍ଦ୍ଧ୍ୱରେ ରହି, ନିଜର ଦେଶର ସ୍ୱାର୍ଥ ଠାରୁ ଉର୍ଦ୍ଧ୍ୱ ହୋଇ ଏହି କାର୍ଯ୍ୟ କରିବୁ ତେବେ ଯାଇ ଆମେମାନେ ବର୍ତ୍ତି ପାରିବୁ । ଅନ୍ୟଥା ଦଜ୍ଜାଲିକ ଶକ୍ତିର କୋଳରେ ଲକାଳାଗ୍ରତ ହୋଇ ଚାଲିବୁ । ଅତଏବ୍ ସମସ୍ତ ମୁସଲମାନ ରାଷ୍ଟ୍ରମାନଙ୍କୁ ଏକତ୍ରିତ ହେବାର ଆବଶ୍ୟକତା ରହିଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଏକ ଆୟତ୍‌ରେ କୁହନ୍ତି ଯେ, اِنَّمَا الۡمُؤۡمِنُوۡنَ اِخۡوَةٌ فَاَصۡلِحُوۡا بَيۡنَ اَخَوَيۡكُمۡ وَاتَّقُوا اللّٰهَ لَعَلَّكُمۡ تُرۡحَمُوۡنَ **(ଅଲ୍ ହୁଜୁରାତ୍: 11)** ଅର୍ଥାତ୍ ବିଶ୍ୱାସକାରୀମାନଙ୍କର ପରସ୍ପର ମଧ୍ୟରେ ସଂପର୍କ ଭ୍ରାତୃତ୍ୱ ତୁଲ୍ୟ । ସୁତରାଂ ତୁମେମାନେ କଳହରତ ଦୁଇ ଭାଇଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରାଅ ଏବଂ ଅଲ୍ଲାଃଙ୍କୁ ଭୟ କର ତାହାହେଲେ ତୁମମାନଙ୍କ ପ୍ରତି କରୁଣା କରା ହେବ ।

ଯଦି ମୁସଲମାନମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଯାଏ ଯେପରିକି ଇରାନ୍ ଏବଂ ଅନ୍ୟ କେତେକ ଆରବ୍ୟ ଦେଶମାନଙ୍କ ମଧ୍ୟରେ ମତଭେଦ ସଂପର୍କରେ କୁହାଯାଇଥାଏ ଯେ, ଏମାନଙ୍କ ମଧ୍ୟରେ ମତପାର୍ଥକ୍ୟତା ରହିଛି କିମ୍ବା ଅନ୍ୟ ମୁସଲମାନ ରାଷ୍ଟ୍ରମାନେ ରହିଛନ୍ତି ସେମାନଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି । ତେବେ ସେମାନଙ୍କୁ ମନେରଖିବା ଉଚିତ୍ ଯେ, ସେମାନଙ୍କର ପରସ୍ପର ମଧ୍ୟରେ ପ୍ରକୃତ ସଂପର୍କ ଇସ୍‌ଲାମୀୟ ଭ୍ରାତୃତ୍ୱତା ଏବଂ ଭାଇଚାରାର ସଂପର୍କ ରହିଛି । ଛୋଟ ଛୋଟ କଳହ ଇସ୍‌ଲାମୀୟ ଭ୍ରାତୃତ୍ୱତା ଭାଙ୍ଗିବା ଯୋଗୁଁ ସୃଷ୍ଟି ହେବା ଉଚିତ୍ ନୁହଁ ଏବଂ ଉକ୍ତ କଥା ଉପରେ ମୁସଲମାନ ରାଷ୍ଟ୍ରମାନଙ୍କୁ ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍ । ଅନ୍ୟଥା ଯେପରିକି ମୁଁ କହିଲି, ଇସ୍‌ଲାମ୍ ବିରୋଧୀ ଶକ୍ତିମାନେ ତହିଁରୁ ଲାଭ ଉଠାଇବେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସୁତରାଂ ଆରବ୍ୟ ଦେଶମାନଙ୍କ ପକ୍ଷେ ଏହା ଉଚିତ୍ ଏବଂ ଇରାନ୍‌ର ଦେଶ ପକ୍ଷେ ମଧ୍ୟ ଏହା ଉଚିତ୍ ସେମାନେ ସନ୍ଧିପୂର୍ଣ୍ଣ ସମାଧାନ ବାହାର କରନ୍ତୁ । ଚୀନ୍ ଏବଂ ଅନ୍ୟ କେତେକ ରାଷ୍ଟ୍ରମାନେ ଯହିଁରେ ପାକିସ୍ତାନ ମଧ୍ୟ ଅନ୍ତର୍ଭୁକ୍ତ ରହିଛି ସେମାନେ ସନ୍ଧି ନିମନ୍ତେ ନିଜର ଭୂମିକା ନିର୍ବାହ କରିବାକୁ ପ୍ରସ୍ତାବ ଉପସ୍ଥାପିତ କରିଛନ୍ତି । ଏପରି ହୁଅନ୍ତା କି ମୁସ୍‌ଲିମ୍ ଜଗତ ଉକ୍ତ କଥାକୁ ହୃଦୟଙ୍ଗମ କରି ନିଅନ୍ତେ। ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ସେ ଯାହା ହେଉ ଆମମାନଙ୍କର ତ' ଏହି କାର୍ଯ୍ୟ ରହିଛି ଯେ, ଆମେମାନେ ବିଶେଷ ରୂପେ ମୁସ୍‌ଲମାନ ଜଗତ ଏବଂ ନିରୀହ ଲୋକମାନଙ୍କ ନିମନ୍ତେ ଦୁଆ କରିବା ଉଚିତ୍ । ରମ୍‌ଜାନ୍ ମାସରେ ବିଶେଷ ରୂପେ କେବଳ ନିଜର ବ୍ୟକ୍ତିଗତ ଦୁଆ ଆଡ଼କୁ ଧ୍ୟାନ ଦିଅନ୍ତୁ ନାହିଁ । ବରଂ ମୁସଲମାନ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧ ପ୍ରଦାନ କରନ୍ତୁ । କାରଣ ସଂସାରରେ ଏବଂ ବିଶେଷ ରୂପେ ମୁସଲମାନ ଜଗତରେ ଶାନ୍ତି ସ୍ଥାପିତ ହୋଇପାରିବ । ମୁସଲମାନ ମୁସଲମାନର ସ୍କନ୍ଧଚ୍ୟୁତକାରୀ ନହେଉ। ଏହି ଲୋକମାନେ ପରସ୍ପର ମଧ୍ୟରେ ଯୁଦ୍ଧ କରି ଭୁଲ ଉପାୟରେ ପରସ୍ପରକୁ ହତ୍ୟା କରୁଛନ୍ତି । ଏହି କୃତ୍ୟ ଯୋଗୁଁ ସେମାନେ ଅଲ୍ଲାଃତାଲାଙ୍କ ଅପ୍ରସନ୍ନତା ଏବଂ କୋପର ପାତ୍ର ହେଉଛନ୍ତି । ଏପରି ଲୋକମାନେ କେବଳ ଏହି ସଂସାରରେ ନୁହେଁ ବରଂ ପରବର୍ତ୍ତୀ କାଳୀନ ସଂସାରରେ ମଧ୍ୟ କ୍ଷତି ସହ୍ୟ କରିବେ । ସେଇଥି ପାଇଁ ଉକ୍ତ କଥା ଆଡ଼କୁ ବିଶେଷ ରୂପେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ଏବଂ ଏଥି ନିମନ୍ତେ ଆମମାନଙ୍କୁ ବିଶେଷ ରୂପେ ଦୁଆ କରିବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ରୂପେ ଦୁଆ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଜି ମୁଁ କେତେକ ନମାଜ୍ ଯନାଜାଃ ଗାଏବ୍ ପାଠ କରାଇବି । ଅତଏବ୍ ଏଠାରେ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରି ଦେଉଛି । ସର୍ବ ପ୍ରଥମ ମୃତକା ହେଲେ ଶ୍ରୀମତୀ ସ୍ୱର୍ଗତା ସାହେବ୍‌ଜାଦି ଅମତୁଲ୍ ଜମିଲ୍ ସାହେବାଙ୍କର। ଆପଣ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ସର୍ବ କନିଷ୍ଠ କନ୍ୟା (ସବୁଠୁ ଛୋଟ ଝିଅ) ଥିଲେ ଏବଂ ସ୍ୱର୍ଗତ ନାସିର୍ ମୁହମ୍ମଦ ସିୟାଲ୍ ସାହେବଙ୍କର ପତ୍ନି ଥିଲେ । ଚୌଧୁରୀ ଫତେହ୍ ମୁହମ୍ମଦ୍ ସିୟାଲ୍ ସାହେବ ଯିଏ ଏଠାରେ ଅର୍ଥାତ୍ ଲଣ୍ଡନରେ ମୁବଲ୍ଲିଗ୍ ମଧ୍ୟ ରହିଥିଲେ ସ୍ୱର୍ଗତା ତାଙ୍କରି ବଧୂ ଥିଲେ । ପ୍ରାୟ ୫୨ ବର୍ଷ ବୟସରେ ବିଗତ ଦିନରେ ତାଙ୍କର ପରଲୋକ ହୋଇଯାଇଛି । اِنَّا لِلّٰهِ وَاِنَّا اِلَيۡهِ رَاجِعُوۡنَ ସ୍ୱର୍ଗତା ଓସିୟତ୍ କରିଥିଲେ। ହ. ସୟେଦା ମରିୟମ୍ ବେଗମ ସାହେବା ଉମ୍ମେ ତାହେର୍‌ଙ୍କ ସର୍ବ କନିଷ୍ଠ କନ୍ୟା ସନ୍ତାନ ଥିଲେ ଓ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସନ୍ତାନମାନଙ୍କ ମଧ୍ୟରୁ ସର୍ବ କନିଷ୍ଠ କନ୍ୟା ସନ୍ତାନ (ସବା ସାନ ଝିଅ) ଥିଲେ । ସ୍ୱର୍ଗତାଙ୍କର ନିକାହ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ 1955 ମସିହାରେ ପାଠ କରାଇଥିଲେ । ଯେହେତୁ ହୁଜୁର ର.ଅ ଅସୁସ୍ଥ ଥିଲେ, ଶଯ୍ୟା ଉପରେ ଶୋଇଥିବା ଅବସ୍ଥାରେ ଆପଣ ନିକାହ୍ ପାଠ କରାଇଥିଲେ ଏବଂ ଦୁଆ କରାଇଥିଲେ ଓ ନିଜ ପରିବାରର କେତେକ ସସଦ୍ୟମାନେ ମଧ୍ୟ ଉକ୍ତ ନିକାହ୍ ଅନୁଷ୍ଠାନରେ ସାମିଲ୍ ଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, କିନ୍ତୁ ଉଲ୍ଲେଖକାରୀ ଉଲ୍ଲେଖ କରନ୍ତି ଯେ, ଉକ୍ତ ଅନୁଷ୍ଠାନ ସମୟରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ହ. ଖଲିଫତୁଲ୍ ମସିହ ସାନି ର.ଅଙ୍କ ଉପରେ ଏକ ବିଶେଷ ପ୍ରକାରର ଅବସ୍ଥା ପରିବ୍ୟାପ୍ତ ରହିଥିଲା । ପୁନଶ୍ଚ ହ. ମୁସ୍‌ଲେହ୍ ମଉଦ୍ ର.ଅ 1956 ମସିହାରେ ସ୍ୱର୍ଗତାଙ୍କର ବିବାହ କରାଇଲେ ଏବଂ ଦୁଆର ସହିତ ସ୍ୱର୍ଗତାଙ୍କୁ ଶାଶୁ ଘରକୁ ବିଦାୟ ଜଣାଇଲେ । ସ୍ୱର୍ଗତାଙ୍କର 4ଟି କନ୍ୟା ସନ୍ତାନ ରହିଛନ୍ତି। ଗୋଟିଏ ପୁତ୍ର ଜାହିର୍ ମୁସ୍ତଫା ତାଙ୍କର ପ୍ରଥମ ସନ୍ତାନ ଅଟେ, ଏହି ପୁତ୍ର ସନ୍ତାନକୁ ସ୍ୱର୍ଗତା ନିଜର ଭଉଣୀ ଅମତୁଲ୍ କୟ୍ୟୁମ ସାହେବାଙ୍କୁ ଦେଇ ଦେଇଥିଲେ । ସ୍ୱର୍ଗତା ଅମତୁଲ୍ କୟ୍ୟୁମ୍ ସାହେବା ଜାହିର୍ ମୁସ୍ତଫା ସାହେବଙ୍କର ବାଲ୍ୟ କାଳରେ ଲାଳନ ପାଳନ କରିଥିଲେ । ସ୍ୱର୍ଗତାଙ୍କର ଏକ କନ୍ୟା ସନ୍ତାନ ରହିଛି ଯାହାଙ୍କ ନାମ ୟାସ୍‌ମିନ୍ ମଲିକ୍ ଅଟେ । ମହୋଦୟା ମଧ୍ୟ କାନାଡ଼ାରେ ବାସ କରନ୍ତି । ସାଦିୟା ଅହମଦ ଏଠାରେ ଅର୍ଥାତ୍ ୟୁ.କେର ରହୁଛନ୍ତି, ସୋଫିୟା ଅହମଦ ସାହେବା ରବ୍‌ୱାରେ ରହୁଛନ୍ତି । ନାଜିର୍ ଖିଦ୍‌ମତ୍ ଦରୱେଶାଁ ମିର୍ଜା ସମଦ୍ ଅହମଦଙ୍କର ପତ୍ନି ଅଟନ୍ତି । ଶ୍ରୀଯୁକ୍ତ ନାସିର୍ ମୁହମ୍ମଦ ସିୟାଲ୍ ସାହେବ ୱକଫେ ଜିନ୍ଦିଗୀ ଥିଲେ । ଯେତେବେଳେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଫଜ୍‌ଲେ ଉମର୍ ରିସର୍ଚ୍ଚ ଇନଷ୍ଟିଟ୍ୟୁଟ୍ ଆରମ୍ଭ କଲେ ସେତେବେଳେ ତହିଁରେ ତାଙ୍କୁ ରିସର୍ଚ୍ଚ ପାଇଁ ନିୟୋଜି କରାଗଲା । ଏତଦ୍‌ପରେ ଯେତେବେଳେ ରିସର୍ଚ୍ଚ ଇନ୍‌ଷ୍ଟିଟ୍ୟୁଟ୍ ବନ୍ଦ୍ ହୋଇଗଲା ସେତେବେଳେ ଜମାଅତ୍ ତାଙ୍କୁ ଅନୁମତି ପ୍ରଦାନ କଲା ଯେ, ସେ ନିଜର କାର୍ଯ୍ୟ କରନ୍ତୁ । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କ ସୁପୁତ୍ରୀ ସୋଫିୟା ସାହେବା ଉଲ୍ଲେଖ କରନ୍ତି ଯେ, ମାତାଶ୍ରୀ ଅଭାବି ଏବଂ ଦରିଦ୍ରମାନଙ୍କର

ଯତ୍ନ ନେଉଥିଲେ । ଅନ୍ୟ ଲୋକମାନେ ମଧ୍ୟ ମୋତେ ପତ୍ର ଲେଖିଛନ୍ତି ଯେ, ମାତାଶ୍ରୀ ମହୋଦୟା ଆମମାନଙ୍କର ଯତ୍ନ ନେଉଥିଲେ ଏବଂ ଆମମାନଙ୍କର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଉଦ୍ୟମ କରୁଥିଲେ । ମାତାଶ୍ରୀଙ୍କ ବାଲ୍ୟ କାଳ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସହିତ ତାଙ୍କର କେତେକ ଘଟଣାବଳୀ ମଧ୍ୟ ରହିଛି । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ କେତେକ ସ୍ୱପ୍ନ ମଧ୍ୟ ରହିଛି ଯହିଁରେ ତାଙ୍କର ଚର୍ଚ୍ଚା ରହିଛି । ସେହି ଦୃଷ୍ଟିରୁ ତାଙ୍କର ଚର୍ଚ୍ଚା ସହିତ କେତେକ ପୁରୁଣା ସ୍ମୃତି ଏବଂ ଇତିହାସ ମଧ୍ୟ ଆସି ଯାଇଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ସ୍ୱର୍ଗତା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ନୈତିକଜନିତ ଉପାସନା ଏବଂ ଜମାଅତୀୟ କର୍ମଚାରୀମାନଙ୍କର ସମ୍ମାନ ପ୍ରତି ଆପଣ ବେଶ୍ ଯତ୍ନବାନ୍ (ବା ଚିନ୍ତିତ) ଥିଲେ । ଏହାର ଏକ ପାରିବାରିକ ଘଟଣା ସେ ନିଜେ ମଧ୍ୟ ବର୍ଣ୍ଣନା କରିଛନ୍ତି । ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଜୋତା ବାହାରେ ପଡ଼ିଥିଲା ସେତେବେଳେ ସେହି ଜୋତାକୁ ଆପଣ ର.ଅ ପରିଷ୍କାର କରି ଦେଉଥିଲେ । ଅତଏବ୍ ସ୍ୱର୍ଗତା ନିଜର ଜୋତା ମଧ୍ୟ ସେଠାରେ ରଖିଦେଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଜୋତା ଉଠାଇବା ନିମନ୍ତେ ଆସିଲେ ଏବଂ କହିଲେ, ଏଇଟା କାହାର ଜୋତା ? ସେ ଯାହା ହେଉ ହୁଜୁର୍ ର.ଅ ବହୁତ୍ କ୍ରୋଧିତ ଥିଲେ, ତେଣୁ ଆପଣ ର.ଅ କିଛି କହିଲେ ନାହିଁ । ପରିଶେଷରେ ଆପଣ ର.ଅ କହିଲେ, ଆଛା କୁହ ଏହି ଜୋତାଟି କାହାର? ମୁଁ କିଛି କହିବି ନାହିଁ । ଯେହେତୁ ସ୍ୱର୍ଗତା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅତ୍ୟନ୍ତ ଅଲି ଅଳି ଓ ଗେହ୍ଲା କନ୍ୟା ଥିଲେ ତେଣୁ ସ୍ୱର୍ଗତା କହିଲେ, ପିତାଶ୍ରୀ ! ଏଇଟା ମୋର ଜୋତା ଅଟେ । ହ. ମୁସ୍‌ଲେହ୍ ମଉଦ୍ ର.ଅ କହିଲେ, ଆଗକୁ ତୁମେ ଯଦି ନିଜେ ନିଜର ଜୋତା ପଲିସ୍ କରିପାରୁ ନାହଁ ତେବେ ମୋତେ ଦେଇ ଦେବ । କିନ୍ତୁ ଜମାଅତ୍‌ର କର୍ମଚାରୀଙ୍କ ଠାରୁ ଜୋତା ପାଲିସ୍ କରାଇବ ନାହିଁ । ସେ ଯାହା ହେଉ ସ୍ୱର୍ଗତା ଦାନ ଧର୍ମକାରୀଣୀ ମହିଳା ଥିଲେ ଏବଂ ଅଭାବିମାନଙ୍କର ଯତ୍ନ ନେଉଥିଲେ । ସ୍ୱର୍ଗତାଙ୍କ ସୁପୁତ୍ରୀ କୁହନ୍ତି: " ମୁଁ ମାତାଶ୍ରୀଙ୍କ ପୁସ୍ତକ ମଧ୍ୟରୁ ପୁରୁଣା ଖାତା ଯେତେବେଳେ ବାହାର କଲି ସେତେବେଳେ ଅଭାବି ତଥା ଦରିଦ୍ର ବ୍ୟକ୍ତିମାନଙ୍କ ସାହାଯ୍ୟ ସକାଶେ ଯେଉଁ ଅର୍ଥ ବ୍ୟୟ ହୋଇଥିଲା ତାହାର ହିସାବ ସେହି ପୁରୁଣା ଖାତରେ ଲେଖା ହୋଇଥିଲା । ସେହି ଅର୍ଥ ମାତାଶ୍ରୀ ନିୟମିତ ରୂପେ ଅଭାବିମାନଙ୍କୁ ଦେଉଥିଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ସ୍ୱର୍ଗତା ମହୋଦୟା 7 ବର୍ଷର ହୋଇଥିଲେ ସେତେବେଳେ ଉମ୍ମେ ତାହିର୍ ଅର୍ଥାତ୍ ହ. ମରିୟମ୍ ସାହେବାଙ୍କ ଅକାଳ ବିୟୋଗ ହୋଇଥିଲା ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରିଛନ୍ତି ଯେ, "ସ୍ୱର୍ଗତାଙ୍କୁ ଧରି ଆମେ ଶେଖ୍ ବଶୀର୍ ଅହମଦ ସାହେବଙ୍କ ଘରେ ଯେତେବେଳେ ପହଞ୍ଚିଲୁ ସେତେବେଳେ କନିଷ୍ଠ କନ୍ୟା (ସାନ ଝିଅ) ଅମତୁଲ୍ ଜମିଲ୍ ଯେକି ତାଙ୍କର ଏବଂ ମୋର ବହୁତ ଗେହ୍ଲା ଝିଅ ଥିଲେ ଏବଂ ମୋଟ୍ ସାତ ବର୍ଷ ବୟସ ହୋଇଥିଲା । ମୁଁ ଯେତେବେଳେ ଅମତୁଲ୍ ଜମିଲ୍‌କୁ ଦେଖିଲି ସେତେବେଳେ ସେ ହେ ମା ! ହେ ମା ! ଚିତ୍କାର କରି କାନ୍ଦୁଥିଲା। ମୁଁ ସେହି କନ୍ୟା ପାଖକୁ ଗଲି ଏବଂ ତା'କୁ ଗେହ୍ଲରେ କହିଲି ଜମ୍ମି ! (ତା'କୁ ଆମେ ଗେହ୍ଲ ଜମ୍ମି କହିଥାଉ) । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ମୁଁ ତାକୁ ଅର୍ଥାତ୍ ଅମତୁଲ୍ ଜମିଲକୁ କହିଲି, ଜମ୍ମି ! ତୁମ ମାତାଶ୍ରୀ ଅଲ୍ଲାଃତାଲାଙ୍କ ଘରକୁ ଯାଇଛନ୍ତି । ସେଠାରେ ତାଙ୍କୁ ଅଧିକ ଆରାମ୍ ମିଳିବ (ସେଠାରେ ସେ ଭଲ ସେ ଅଛନ୍ତି) ଏବଂ ଅଲ୍ଲାଃତାଲାଙ୍କ ମଧ୍ୟ ଏହି ଇଚ୍ଛା ଥିଲା, ତେଣୁ ସେ ସେଠାକୁ ଚାଲି ଯାଇଛନ୍ତି । ଦେଖ ରସୁଲୁଲ୍ଲାଃ ସ.ଅ ମୃତ୍ୟୁବରଣ କରିଥିଲେ, ତୁମର ଦଦା (ହ. ମସିହ୍ ମଉଦ୍ ଅ.ସ) ମୃତ୍ୟୁବରଣ କଲେ । କ'ଣ ତୁମ ମାତା ଏମାନଙ୍କ ଠାରୁ ବଡ଼ ଥିଲେ?"

ପୁନଶ୍ଚ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ମୋ ଈଶ୍ୱରଙ୍କ ଛତ୍ରଛାୟା ଏହି କନ୍ୟା ଉପରେ ମୁହୂର୍ତ୍ତକ ପାଇଁ ମଧ୍ୟ ପୃଥକ ନହେଉ । ମୋର ଏହି ବାକ୍ୟ ପରେ ସେ ଅର୍ଥାତ୍ ଅମତୁଲ୍ ଜମିଲ୍ ମା ପାଇଁ ଆଜି ପର୍ଯ୍ୟନ୍ତ କୌଣସି ଚିତ୍କାର ଏବଂ ରୋଦନ ବିଳାପ କଲା ନାହିଁ । ସେ ମୋର ଏହି ବାକ୍ୟକୁ ଶୁଣିବା ମାତ୍ର କେବଳ ଯେ, ନିରବ ହୋଇଗଲା ତାହା ନୁହେଁ ବରଂ ପରବର୍ତ୍ତୀ ଦିନ ଯନାଜାଃ ସମୟରେ ଯେତେବେଳେ ତା'ର ବଡ଼ ଭଉଣୀ .....ମର୍ମାହତ ହେବା ଯୋଗୁଁ ଚିତ୍କାର କରି ଚେତାଶୂନ୍ୟ ହୋଇ ପଡ଼ିଲା ସେତେବେଳେ ମୋର କନିଷ୍ଠ ପତ୍ନି ମରିୟମ୍ ସିଦ୍ଦିକା ସାହେବାଙ୍କ ପାଖକୁ ଯାଇ ମୋର ଜମ୍ମି (ଅମତୁଲ୍ ଜମିଲ୍ ସାହେବା) କହିବାକୁ ଲାଗିଲା, ଛୋଟ ଅପା ! (ହ. ମରିୟାମ୍ ସିଦ୍ଦିକ ସାହେବାଙ୍କୁ ପିଲାମାନେ ଛୋଟ ଅପା ବୋଲି ଡାକନ୍ତି) ଯେ, ଦେଇ କେତେ ପାଗଳ ଅଟେ । ପିତାଶ୍ରୀ (ହ. ମୁସ୍‌ଲେହ୍ ମଉଦ୍ ର.ଅ) କୁହନ୍ତି: "ମାତାଶ୍ରୀଙ୍କ ବିୟୋଗରେ ଅଲ୍ଲାଃତାଲାଙ୍କର ଇଚ୍ଛା ରହିଥିଲା କିନ୍ତୁ ବଡ଼ ଦେଇ ତଥାପି କାନ୍ଦୁଛି ।" ପୁନଶ୍ଚ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ହେ ମୋର ପାଳନକର୍ତ୍ତା ! ହେ ମୋର ପାଳନକର୍ତ୍ତା ! ଯାହାର ସାନ ଝିଅ ତୁମ୍ଭ ପ୍ରସନ୍ନତା ସକାଶେ ନିଜ ମା'ର ମୃତ୍ୟୁ ଉପରେ ଦୁଃଖ ପ୍ରକାଶ କଲା ନାହିଁ, କ'ଣ ତୁମ୍ଭେ ସେହି ଝିଅକୁ ପରକାଳରେ ପ୍ରତ୍ୟେକ ପ୍ରକାରର ଦୁଃଖ କଷ୍ଟରୁ ସୁରକ୍ଷିତ ରଖିବ ନାହିଁ ?" ପୁନଶ୍ଚ ଆପଣ ର.ଅ ହ. ମରିୟମ୍ ସାହେବା, ହ. ଉମ୍ମେ ତାହିର୍ ସାହେବାଙ୍କ ନିମନ୍ତେ ଦୁଆ କଲେ ଯେ, ହେ ମୋର ଅଶେଷ ଦୟାବାନ ପରମେଶ୍ୱର ! ତୁମ୍ଭ ଠାରୁ ଏପରି ଆଶା ପୋଷଣ କରିବା ଭକ୍ତମାନଙ୍କର ଅଧିକାର ଅଟେ ଏବଂ ସେହି ଆଶା ତଥା ଭରସାକୁ ପୂରଣ (ସାକାର) କରିବା ତୁମ୍ଭର କର୍ତ୍ତବ୍ୟ ଅଟେ (ତୁମ୍ଭ ମର୍ଯ୍ୟାଦା ଉପରେ ନିର୍ଭରଶୀଳ ଅଟେ) । **(ମେରୀ ମରିୟମ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-17, ପୃ-365-366)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଚାନ୍ଦା ଇତ୍ୟାଦି ପ୍ରସଙ୍ଗରେ ସ୍ୱର୍ଗତା ଜମିଲ୍ ସାହାବା ଅତ୍ୟନ୍ତ ନିୟମିତ ଥିଲେ । ନିଜ ହିସ୍‌ସା ଯାଏଦାଦ୍ (ସମ୍ପତ୍ତି ଭାଗ) ସଂପୂର୍ଣ୍ଣ ରୂପେ ପୂର୍ବରୁ ହିଁ ପରିଷ୍କାର ରଖିଥିଲେ। ପଡ଼ୋଶୀମାନଙ୍କ ଘରେ ଯଦି କାହାର ମୃତ୍ୟୁ ଘଟୁଥିଲା ତେବେ ଆପଣ ସେମାନଙ୍କ ଘରକୁ ଆହାର (ଖାଇବା) ନିୟମିତ ରୂପେ ପଠାଉଥିଲେ ଏବଂ ସର୍ବଦା ଯାଆ ଆସ କରୁଥିବା ଲୋକମାନଙ୍କୁ କହୁଥିଲେ ଯେ, ହେ ଲୋକମାନେ ! ତୁମେମାନେ ମୋ ପାଇଁ ଦୁଆ କର । କାରଣ ଅଲ୍ଲାଃତାଲା ମୋର ପରିଣାମ ଭଲ କରନ୍ତୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ସ୍ୱର୍ଗତା ମୋତେ ମଧ୍ୟ କହିଥିଲେ ଯେ, ହୁଜୁର୍ ! ଆପଣ ମୋ ପାଇଁ ଦୁଆ କରନ୍ତୁ । କାରଣ ଅଲ୍ଲାଃତାଲା ମୋତ ପରିଣାମ ଭଲ କରନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ନାତୁଣୀ କୁହନ୍ତି: "ଆଈ ମା ନମାଜ ସମୟ ଠାରୁ ବହୁ ପୂର୍ବେ ପ୍ରସ୍ତୁତ ହୋଇ ଯାଉଥିଲେ ଏବଂ ଅତ୍ୟନ୍ତ ଉତ୍କଣ୍ଠାର ସହିତ ଓ ବ୍ୟାକୁଳତାର ସହିତ ଅପେକ୍ଷା କରୁଥିଲେ ତଥା ଆପଣ ବହୁତ ଦୀର୍ଘ ସମୟ ପର୍ଯ୍ୟନ୍ତ କେବଳ ଦୁଆ କରୁ ନଥିଲେ ବରଂ ଯେଉଁ ଲୋକମାନଙ୍କ ନିମନ୍ତେ ଆପଣ ଦୁଆ କରିବେ ସେହି ଲୋକମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ନେଉଥିଲେ । ସେ କୁହନ୍ତି ଯେ, ମୁଁ ବାଲ୍ୟକାଳରେ ଯେତେବେଳେ ଛୋଟ ବୟସର ହୋଇଥିଲି ସେତେବେଳେ ଆଈ ମାଙ୍କ ଦୀର୍ଘ ଏବଂ ରୋଦନମୟ ଦୁଆ ଶୁଣି ମୁଁ ବହୁତ ଘାବରେଇ ଯାଉଥିଲି । କିନ୍ତୁ ସେ ଯାହା ହେଉ ଆଈ ମା ସେହି ଲୋକମାନଙ୍କ ନିମନ୍ତେ ମଧ୍ୟ ଦୁଆ କରୁଥିଲେ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ହାଦି ଅଲୀ ସାହେବ ଉଲ୍ଲେଖ କରନ୍ତି ଯେ, ଯେପରିକି ମୁଁ କହିଲି ଯେ, ସ୍ୱର୍ଗତାଙ୍କ ସହିତ କେତେକ ପୁରୁଣା ସ୍ମୃତି ମଧ୍ୟ ସଂଶ୍ଳିଷ୍ଟ ରହିଛି, ଘଟଣାବଳୀ ରହିଛି ଏବଂ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସ୍ୱପ୍ନ ମଧ୍ୟ ରହିଛି। ସେ ଯାହା ହେଉ ହ. ହାଦି ଅଲୀ ସାହେବ ଉଲ୍ଲେଖ କରନ୍ତି ଯେ, "ଏକଦା ମୁଁ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ସହିତ କାର୍‌ରେ ଯାତ୍ରା କରୁଥିଲି ତେବେ ହୁଜୁର ର.ଅଙ୍କ ସହିତ ପଛ ସିଟ୍‌ରେ ମୁଁ ବସିଥିଲି । ମୁଁ ଦେଖିଲି ଯେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ବାରମ୍ବାର ଆଙ୍ଗୁଠିରେ କିଛି ତସ୍‌ବିହ୍ ଗଣୁଛନ୍ତି । ତେବେ ଆପଣ (ସ୍ୱର୍ଗତା ଅମତୁଲ୍ ଜମିଲ୍ ସାହେବା) ପଚାରିଲେ ଯେ, ପିତାଶ୍ରୀ ! ଆପଣ ଏ ଆଙ୍ଗୁଠିରେ କ'ଣ ଗଣୁଛନ୍ତି ? ତେବେ ହୁଜୁର୍ ର.ଅ କହିଲେ, ମୁଁ ବିଶ୍ୱର ସମସ୍ତ ରାଷ୍ଟ୍ରମାନଙ୍କରେ ନିଜର ମୁବଲ୍ଲିଗିନ୍‌ମାନଙ୍କର ସଂଖ୍ୟା ଆକଳନ କରୁଛି ଏବଂ ମୋତେ ସମଗ୍ର ବିଶ୍ୱରେ ଅନ୍ୟୁନ ଏତେ ଲକ୍ଷ ମୁବଲ୍ଲିଗିନ୍‌ମାନଙ୍କର ଆବଶ୍ୟକତା ରହିଛି, ତେବେ ଯାଇ ଆମେମାନେ ପ୍ରକୃତ ଇସ୍‌ଲାମ୍ ଧର୍ମ ସହିତ ଲୋକମାନଙ୍କୁ ଅବଗତ କରାଇ ପାରିବୁ । ଅତଏବ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କର ଏହି ଆକାଂକ୍ଷା ରହିଥିଲା । ସ୍ୱର୍ଗତାଙ୍କର ଏବଂ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ କେତେକ ବର୍ଣ୍ଣନା ଏଥି ସଂକ୍ରାନ୍ତରେ ରହିଛି ।"

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆଉ ଏକ ସ୍ୱପ୍ନ ମଧ୍ୟ ରହିଛି । ଯେହେତୁ ଆପଣ ର.ଅଙ୍କ ସଂପର୍କରେ ରହିଛି ତେଣୁ ତାହା ମୁଁ ବର୍ଣ୍ଣନା କରି ଦେଉଛି । ସେହି ସ୍ୱପ୍ନଟି ଜୁନ୍ 1948 ମସିହାର ସ୍ୱପ୍ନ ଅଟେ । ଆପଣ ର.ଅ କହିଲେ, ମୁଁ ଜୁନ୍ ମାସରେ ସିନ୍ଧ୍ ଅନ୍ତର୍ଗତ ନାସ୍‌ରାବାଦ୍ ଠାରେ ଥିଲି । ସେଠାରେ ମୁଁ ଦେଖିଲି ଯେ, ଏକ ମିନାରା ରହିଛି ଏବଂ ସେହି ମିନାରାଟି ସୁଉଚ୍ଚ ଏବଂ ଧଳା ରଙ୍ଗର ଅଟେ । ସେହି ମିନାରା କାଦିୟାନ୍‌ର ମିନାରା ପରି ଅଟେ । ମିନାରାର ତଳ ମହଲାର ଉପେର ବାଲ୍‌କୋନି କବାଟ ପାଖରେ ମୋର କନ୍ୟା (ଝିଅ) ଅମତୁଲ୍ ଜମିଲ୍ ବସିଛି ଏବଂ ଅତ୍ୟନ୍ତ ନିରାଡମ୍ବରତାର ସହିତ ସେ (ଝିଅ) ବାଲକୋନି (ଘରର ଉପର ମହଲା କାନ୍ଥରୁ ବାହାରିଥିବା ଘେରା ବାରଣ୍ଡା) ତଳକୁ ଗୋଡ଼ ଓହଳାଇ ବସିଛି । ଠିକ୍ ସେତିକିବେଳେ ମୋର ଦୃଷ୍ଟି ମିନାରା ଉପରେ ପଡ଼ିଲା ତେବେ ମୁଁ ଦେଖିଲି ଯେ, ମିନାରାର ସବୁଠୁ ଉପର ମହଲାର ଅର୍ଥାତ୍ ତଳ ମହଲାର କବାଟରେ ଏକ ବଡ଼ ସର୍ପ (ସାପ)ଯାହାକି ଅନେକ ଗଜ ଲମ୍ବା ଏବଂ ଦେଢ ଫୁଟ୍ ମୋଟା ଅଟେ । ସେହି ସର୍ପଟି ସବୁଜ ରଙ୍ଗର ଅଟେ । ସେହି ସର୍ପ ମୁଣ୍ଡ ବାହାରକୁ ବାହାର କରି ତଳ ମହଲା ଆଡ଼କୁ ଆସୁଅଛି । (ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଘଟଣାଟି ଦୀର୍ଘ ଅଟେ (ମୁଁ ସଂକ୍ଷିପ୍ତ ବର୍ଣ୍ଣନା କରି ଦେଉଛି) । ଏପର୍ଯ୍ୟନ୍ତକି ସବୁଠୁ ତଳ ମହଲାରୁ ଉପର ମହଲାକୁ ପହଞ୍ଚିଗଲା ଏବଂ ପୁନଶ୍ଚ ତଳ ମହଲାର ଛାତ ଆଡ଼କୁ ଅଗ୍ରସର ହେଲା । ସେତେବେଳେ ମୋ (ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ) ମନରେଏହି ଧାରଣା ଜାତ ହେଲା ଯେ, ଆରେ ଅମତୁଲ୍ ଜମିଲ୍ ତ' କବାଟ ପାଖରେ ବସିଛି । ଏପରି ନହେଉ ଯେ, ସେହି ସର୍ପ (ସାପ)ଟି ମୋ କନ୍ୟାକୁ ଦଂଶନ (କାମୁଡ଼ି) କରିନେଉ। ତତ୍‌ସହିତ ମୁଁ ଡରୁଛି (ଆଶଙ୍କା କରୁଛି) ଯେ, ଯଦି ମୋ କନ୍ୟା ସେଠାରୁ ଟିକିଏ ବି ଏପଟ ସେପଟ ହେଲା ଅର୍ଥାତ୍ ହଲିଲା ତେବେ ମୋ ଝିଅ ତଳେ ଗଳି ପଡ଼ିଯିବ ଓ ଏହା ଦ୍ୱାରା ସେ ଆହତ ହୋଇଯିବ । ତେବେ ମୁଁ ଅତ୍ୟନ୍ତ ନମ୍ରତା ଓ ସବିନୟପୂର୍ବକ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଦୁଆ କରିବା ଆରମ୍ଭ କରିଦେଲି । ସେହି ଦୁଆର ଏକ ପଂକ୍ତି ମୋର ମନେଅଛି ଏବଂ ତାହା ଏହିପରି ଯେ, اَللّٰهُمَّ اَعِذْهَا لِيْ وَلِلْجَمَاعَةِ الْاَحْمَدِيَّةِ وَلِغُرَبَائِهَا ଅର୍ଥାତ୍ ହେ ମୋର ଅଲ୍ଲାଃ ! ତାକୁ ଅର୍ଥାତ୍ ମୋ କନ୍ୟାକୁ ମୋ ସକାଶେ, ଜମାଅତ୍ ଅହମଦିୟା ସକାଶେ, ଏବଂ ତା'ର ଦରିଦ୍ରମାନଙ୍କ ସକାଶେ ସେହି ବିପତ୍ତିରୁ ମୁକ୍ତି ପ୍ରଦାନ କର (ଉଦ୍ଧାର କର) ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, "ଆରବୀ ଭାଷାରେ 'ଗୁରବା'ର ଅର୍ଥ ଯାତ୍ରୀ ଅଟେ ଏବଂ ଉର୍ଦ୍ଦୁ ଭାଷାରେ ଗୁରବାର ଅର୍ଥ ଅଭାବି ତଥା ଦରିଦ୍ର ଅଟେ । ଅଲ୍ଲାଃତାଲା ହିଁ ସର୍ବଜ୍ଞ ଓ ଅନ୍ତର୍ଯାମୀ ଅଟନ୍ତି ଯେ, ଏଠାରେ ଉର୍ଦ୍ଦୁ ପ୍ରବାଦ ବ୍ୟବହୃତ ହୋଇଛି ନା ଆରବୀ ପ୍ରବାଦ ବ୍ୟବହୃତ ହୋଇଛି? ତହିଁରେ କେତେକ ଯାତ୍ରୀମାନଙ୍କ ଆଡ଼କୁ ଇଙ୍ଗିତ କରାଯାଇଛି । ସେ ଯାହା ହେଉ ମୁଁ ଏହି ଦୁଆ (ପ୍ରାର୍ଥନା) କରି ଚାଲିଲି ଏବଂ ମୁଁ ଦେଖିଲି ଯେ, ଅମତୁଲ୍ ଜମିଲ୍ ସ୍ୱୟଂ

ବିପଦ ଅନୁଭବ କରି ବାଲକୋନି ଠାରୁ ଘୁଞ୍ଚିବା ଆରମ୍ଭ କଲା ଏବଂ ଘୁଞ୍ଚି ଘୁଞ୍ଚି ଅନେକ ଗଜ ଅର୍ଥାତ୍ ଦୂର ହୋଇ କବାଟ୍ ଠାରୁ ହଟିଗଲା । ଠିକ୍ ସେତିକିବେଳେ ସାପ ସେହି କବାଟ ପାଖରୁ ଓହ୍ଲାଇ ଜମିଲ୍ ମୁହାଁ ହେଲା । କିନ୍ତୁ ଯେହେତୁ ସେ ଟିକିଏ ଦୂରରେ ଥିଲା ତେଣୁ ତା'ର ପିଛା କଲା ନାହିଁ । ବରଂ ଭୂମି ଆଡ଼କୁ ଓହ୍ଲାଇବା ଆରମ୍ଭ କଲା। ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ଏହି ସ୍ୱପ୍ନ ପ୍ରକାଶ୍ୟ ରୂପେ ମୋ କନ୍ୟା (ଝିଅ) ନିମନ୍ତେ ଅତ୍ୟନ୍ତ କଲ୍ୟାଣମୟ ଅଟେ । ଅର୍ଥାତ୍ ଉକ୍ତ ସ୍ୱପ୍ନରେ ଦୁଆ ରହିଛି । ତାହା ମୋ ନିମନ୍ତେ ଶୀତଳତାର କାରଣ ହେବା ବ୍ୟତୀତ ଜମାଅତ୍ ଏବଂ ଅଭାବି ତଥା ଦରିଦ୍ରମାନଙ୍କ ସକାଶେ ଲାଭଦାୟକ ହେବ । **ୱଲ୍ଲାଃହୁ ଆଲମ୍** (ଅଲ୍ଲାଃତାଲା ସର୍ବାଧିକ ଜାଣନ୍ତି) ।" **(ରୋୟା ୱ କୁସୁଫ୍, ସୟେଦିନା ମହ୍ମୁଦ୍ ର.ଅ, ପୃ-416-417) (ଅଲ୍ ଫଜଲ୍, ଗ୍ରନ୍ଥଖଣ୍ଡ-2, ସଂଖ୍ୟା-287, ତା-1948 ମସିହା ଡିସେମ୍ବର ମାସ 19 ତାରିଖ, ପୃ-3ରୁ ଉଦ୍ଧୃତ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆହୁରି ସ୍ୱପ୍ନ ମଧ୍ୟ ରହିଛି ଯହିଁରେ ସ୍ୱର୍ଗତାଙ୍କର ଚର୍ଚ୍ଚା ରହିଛି । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, **ଦ୍ୱିତୀୟ ଯନାଜାଃ** ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଲାଣ୍ଡର ଅଧିବାସୀ ସ୍ୱର୍ଗତ ଡାକ୍ତର ରଶିଦ୍ ଅହମଦ ଖାନ୍ ସାହେବଙ୍କର । ଆପଣ ନିଜାମୁଦ୍ଦୀନ୍ ସାହେବଙ୍କର ସୁପୁତ୍ର ଥିଲେ । ବିଗତ ଦିନ 91 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । اناللہواناالیہراجعون । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମୁସି (ୱସିୟତ୍ କରିଥିଲେ) ଥିଲେ ଏବଂ ତାଙ୍କର 4ଟି ପୁତ୍ର ସନ୍ତାନ ଅଛନ୍ତି ଏବଂ 4ଟି କନ୍ୟା ସନ୍ତାନ ମଧ୍ୟ ଅଛନ୍ତି । ଡାକ୍ତର ରଶିଦ୍ ସାହେବଙ୍କ ପିତାଶ୍ରୀ ନିଜାମୁଦ୍ଦୀନ୍ ସାହେବ ସରହଦ୍ ରାଜ୍ୟର ପୂର୍ବତନ ଅମୀର୍ ଜିଲ୍ଲା ଡାକ୍ତର ଫତେହ୍ ଦୀନ୍ ସାହେବଙ୍କ କନିଷ୍ଠ ଭାଇ ଥିଲେ ଏବଂ ତାଙ୍କ ମାଧ୍ୟମରେ ହିଁ ତାଙ୍କର ବଂଶରେ ଅହମଦିୟତ୍ ପ୍ରବିଷ୍ଟ ହୋଇଥିଲା । **(ପ୍ରାମାଣ୍ୟ-ରାଜ୍ୟ- ପଖତୁନ୍ ଖ୍ୱା (ସରହଦ୍‌ର ପୂର୍ବତନ ରାଜ୍ୟ)ରେ ଅହମଦିୟାର ପ୍ରବିଷ୍ଟ, ପୃ-107ରୁ ଉଦ୍ଧୃତ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, 1905 ମସିହାରେ ହ. ମସିହ୍ ମଉଦ୍ ଅ.ସ ଲୁଧିୟାନାରେ ଏକ ଉଦ୍‌ବୋଧନ ଦେଇଥିଲେ । ସେତେବେଳେ ଡାକ୍ତର ଫତେହ୍ ଦିନ୍ ସାହେବ ସ୍କୁଲରେ (ବିଦ୍ୟାଳୟରେ) ପାଠ ପଢୁଥିଲେ । ବିଦ୍ୟାଳୟର ଶିକ୍ଷକମାନେ ରୋକ୍ ଠୋକ୍ ଭାବରେ ଛାତ୍ରମାନଙ୍କୁ ବାରଣ (ମନା) କରିଦେଇଥିଲେ ଯେ, ସେମାନେ ମସିହ୍ ମଉଦ୍ ଅ.ସଙ୍କର ଭାଷଣ କେବେ ବି ସେଠାକୁ ଶୁଣିବାକୁ ଯିବେ ନାହିଁ । ମସିହ୍ ମଉଦ୍ ଅ.ସ ଯାଦୁକର (କୁହୁକ ବିଦ୍ୟା ବିଶାରଦ) ଅଟନ୍ତି ଏବଂ ସେମାନଙ୍କୁ କାବୁ କରିନେବେ। ଏହି ଆରୋପଟି ସର୍ବଦା ଅବତାରମାନଙ୍କ ଉପରେ ଆରୋପଣ କରାଯାଇ ଆସିଛି। ଏହି ଆରୋପ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ମଧ୍ୟ ମୌଲବୀମାନେ ଲଗାଉଥିଲେ। ସେ ଯାହା ହେଉ ସ୍ୱର୍ଗତ ମହୋଦୟ କୁହନ୍ତି ଯେ, ଫତହ୍ ଦୀନ୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ଉଦ୍‌ବୋଧନ ଶୁଣିବାକୁ ଚାଲିଗଲେ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ମୁଖମଣ୍ଡଳ ଦେଖି ସ୍ୱଳ୍ପ ବୟସରେ ହିଁ ତାଙ୍କୁ ବିଶ୍ୱାସ ହୋଇଗଲା ଯେ, ହ. ମସିହ୍ ମଉଦ୍ ଅ.ସ ସତ୍ୟବାଦୀ ଅଟନ୍ତି । ସୁତରାଂ ପରବର୍ତ୍ତୀ ସମୟରେ ଶିକ୍ଷା ସମାପ୍ତ କରିବା ପରେ 1914 ମସିହାରେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ କାଳରେ ଯାଇ ସେ ବୈଅତ୍ କରିଥିଲେ । ସେ ବହୁତ ପୁଣ୍ୟ ସ୍ୱଭାବର ଅଧିକାରୀ ଥିଲେ । ସ୍ୱର୍ଗତ ରଶିଦ୍ ସାହେବ୍ ମଧ୍ୟ ଅତ୍ୟନ୍ତ ପୁଣ୍ୟ ସ୍ୱଭାବର ଅଧିକାରୀ ଥିଲେ । ଆପଣ ସାଧୁ, ମେଳାପୀ ପ୍ରିୟ, ଈଶ୍ୱରଭୀରୁ, ସଂପର୍କୀୟମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ । ଅନ୍ୟମାନଙ୍କ ପାଇଁ ନିଜକୁ ବିପଦରେ ପକାଉଥିଲେ । ଆପଣ ଅଭାବି, ଦୀନ ଦରିଦ୍ର ଲୋକମାନଙ୍କର ଲାଳନ ପାଳନ, ଅଭାବିମାନଙ୍କୁ କିଛି ନ କହି ସାହାଯ୍ୟ କରୁଥିଲେ । ଅନେକ ନବଦୀକ୍ଷିତମାନେ ଯେଉଁମାନଙ୍କ ଉପରେ ବିରୋଧୀମାନେ ମିଛ ମକଦ୍ଦମା ଦାଏର୍ କରି ନେଉଥିଲେ, ସେମାନଙ୍କୁ ଜାମିନ୍‌ରେ ଛଡ଼ାଇ ଆଣିବା ପାଇଁ ଆପଣ ଚାଲି ଯାଉଥିଲେ । ଆପଣ ଫୁର୍କାନ ଫୋର୍ସରେ ମଧ୍ୟ ସାମିଲ୍ ଥିଲେ । ଏହି ସୌଭାଗ୍ୟ ତାଙ୍କୁ, ତାଙ୍କର ଶ୍ୱଶୁର ଅବ୍‌ବାସ୍ ଖାନ୍ ସାହେବଙ୍କୁ ଓ ତାଙ୍କର ଭାଇ ମନ୍‌ଜୁର୍ ସାହେବଙ୍କୁ ପ୍ରାପ୍ତ ହୋଇଥିଲା । ଏମାନଙ୍କୁ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ୱକ୍‌ଫେ ଜଦିଦ୍ ଅଧୀନରେ ବିଭିନ୍ନ ଅଞ୍ଚଳରେ ପ୍ରେରଣ କରିଥିଲେ ଏବଂ ଏହି ଦାୟିତ୍ୱ ଅର୍ପଣ କରିଥିଲେ ଯେ, ପୁରୁଣା ଅହମଦି ପରିବାର (ବଂଶ) ସହିତ ସଂପର୍କକୁ ପୁଣିଥରେ ସ୍ଥାପନ କରାଯାଉ । ସୁତରାଂ ଏମାନେ ଉକ୍ତ କାର୍ଯ୍ୟକୁ ଅତ୍ୟନ୍ତ ଆନନ୍ଦର ସହକାରେ ସମ୍ପାଦନ କରିଥିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କୁ ତବ୍‌ଲିଗ୍ କରିବାର ବହୁତ ସୌକ୍ ଥିଲା। ଜଣେ ବନ୍ଧୁ ଯାହାଙ୍କ ନାମ ଦୌଲତ୍ ଖାନ୍ ସାହେବ ଅଟେ ତାହାଙ୍କୁ ତବ୍‌ଲିଗ୍ କରି ବୈଅତ୍ କରାଇଥିଲେ । ଫଳତଃ ସ୍ୱର୍ଗତଙ୍କ ଉପରେ ଏବଂ ବନ୍ଧୁ ଦୌଲତ୍ ଖାନ୍ ସାହେବ ଉଭୟଙ୍କ ଉପରେ ମକଦ୍ଦମା ଆରମ୍ଭ ହୋଇଗଲା ଓ ଉଭୟଙ୍କୁ ଗିରଫ କରି ନିଆଗଲା। ଜାମିନ୍ ଆବେଦନ ପାଇଁ କେହି ବି ସାମ୍ନାକୁ ଆସୁ ନଥିଲା । ମୁଚାଲିକା (ଅଙ୍ଗୀକାର ପତ୍ର) ସ୍ୱୀକୃତ ହେଉ ନଥିଲା । ତେବେ ରଶିଦ୍ ସାହେବ ସ୍ୱୟଂ ନିଜର ଭ୍ରାଇଙ୍କୁ ଧରି ସେଠାକୁ ଗଲେ । ସେଠାରେ ମୌଲବୀମାନଙ୍କର 5 ହଜାର ଜୁଲୁସ୍ (ଭିଡ଼) ରହିଥିଲା । ସେମାନେ ଅର୍ଥାତ୍ ମୌଲବୀ ଓ ସାମେନଙ୍କର ସମର୍ଥକମାନେ ଟେକା ପଥର ଫିଙ୍ଗିବା ଆରମ୍ଭ କରିଦେଲେ । ସ୍ୱର୍ଗତଙ୍କ ଭ୍ରାଇଙ୍କ ମୁଣ୍ଡରେ ଯେତେବେଳେ ପଥର ବାଜିଲା ସେତେବେଳେ ସେ ତଳେ ପଡ଼ିଗଲା ଏବଂ ତାଙ୍କୁ ଲୋକ୍‌ମାନେ ମାଡ ମାରିଲେ । ପରିଶେଷରେ ସେ ସେହି ଠାରେ ହିଁ ଶାହାଦତ୍ ପ୍ରାପ୍ତ କଲେ (ବୀରଗତି ପ୍ରାପ୍ତ କଲେ) । ସ୍ୱର୍ଗତଙ୍କ ଅନୁଯାୟୀ ଯେପରି ସୈତାନମାନଙ୍କର କୃତ୍ୟ ଅଟେ ସେହିପରି ପୋଲିସ୍ ମଧ୍ୟ ଭ୍ରାଇଙ୍କୁ ମୂର୍ମୂଷ ଅବସ୍ଥାରେ ମଧ୍ୟ ମାଡ଼ ମାରୁଥିଲା ଏବଂ କହୁଥିଲା ଯେ, ଆମେମାନେ ପୁଣ୍ୟ ପ୍ରାପ୍ତ କରୁଛୁ । ପୁନଶ୍ଚ ପୋଲିସ୍ ମଧ୍ୟ ଶବକୁ ଗୋଇଠା ମାରିବାକୁ ଲାଗିଲା । ସେ ଯାହା ହେଉ ସ୍ୱର୍ଗତଙ୍କୁ ଏବଂ ସ୍ୱର୍ଗତଙ୍କ ଭ୍ରାଇଙ୍କୁ ମାଡ଼ ମରାଗଲା । ବିରୋଧୀମାନେ ସ୍ୱର୍ଗତଙ୍କ ଶରୀର ପ୍ରାୟ ସମସ୍ତ ହାଡ଼ ଭାଙ୍ଗି ଦେଲେ । ସ୍ୱର୍ଗତଙ୍କୁ ବହୁତ ଆଘାତ ଲାଗିଥିଲା ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ତାଙ୍କ ଆଘାତର ଚିହ୍ନ ମଧ୍ୟ ପରେ ଅର୍ଥାତ୍ ସୁସ୍ଥ ହେବା ପରେ ମଧ୍ୟ ମୁଁ ଦେଖିଛି । ତାଙ୍କ ଚେହେରାରେ ଚିହ୍ନ ଥିଲା ଏବଂ କାନ୍ଧ ମୋଡ଼ି ହୋଇଯାଉଥିଲା । ସେହି ଆଘାତ ଯୋଗୁଁ ତାଙ୍କର କାନ୍ଧ ମୋଡ଼ି ହୋଇଯାଇଥିଲା । କିନ୍ତୁ ଅଲ୍ଲାଃଥାଲା ତାଙ୍କୁ ରକ୍ଷା କରିନେଲେ । ଅଣଅହମଦିମାନେ ତାଙ୍କୁ ମାରି ମାରି ଦରମରା କରି ଏହା ଭାବି ଛାଡ଼ିଦେଲେ ଯେ, ସେ ମରି ଯାଇଛନ୍ତି । ପରବର୍ତ୍ତୀ ସମୟରେ ପୋଲିସ୍ ତାଙ୍କର ଶବକୁ ଧରି ଶବ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ଯାଉଥିଲା । ଯେତେବେଳେ ସ୍ୱର୍ଗତ ଡାକ୍ତରଖାନା ପାଖରେ ପହଞ୍ଚିଲେ ସେତେବେଳେ ସେ ପୋଲିସକୁ କହିଲେ, ଆଜ୍ଞା ପୁଲିସ୍ ମହୋଦୟ ! ମୁଁ ଜୀବିତ ଅଛି ଏବଂ ମୋତେ ଅମକ ସ୍ଥାନ ପହଞ୍ଚାଇ ଦିଅନ୍ତୁ । ସେ ଯାହା ହେଉ ଡାକ୍ତରମାନେ ତାଙ୍କୁ ଦେଖିଲେ । ସେମାନେ ଆଶ୍ଚର୍ଯ୍ୟ ଚକିତ ହୋଇ ତାଙ୍କୁ ଦେଖିଲେ । ସେମାନେ ଅର୍ଥାତ୍ ଡାକ୍ତରମାନେ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ଥିଲେ ଯେ, ସ୍ୱର୍ଗତ ମହୋଦୟ କିପରି ଜୀବିତ ଅଛନ୍ତି । ସେ ଯାହା ହେଉ ଅଲ୍ଲାଃତାଲା ସ୍ୱର୍ଗତଙ୍କୁ ଜୀବିତ ରଖିବାର ଥିଲା । ତେଣୁ ଏହାପରେ ଅର୍ଥାତ୍ ଆଘାତ ସତ୍ତ୍ୱେ ମଧ୍ୟ ସେ 30 ବର୍ଷରୁ ଊର୍ଦ୍ଧ୍ୱ କାଳ ଜୀବିତ ରହିଲେ ଏବଂ ଅତ୍ୟନ୍ତ active ରହିଲେ । ସେ ଯାହା ହେଉ ସ୍ୱର୍ଗତ ପୋଲିସ୍‌କୁ ଅନୁରୋଧ କଲେ ଯେ, ଆଜ୍ଞା ମୋତେ ପେଶାୱର୍ ପହଞ୍ଚାଇ ଦିଅନ୍ତୁ ଏବଂ ସେଠାରେ ପୋଲିସ୍ ମଧ୍ୟ ସ୍ୱର୍ଗତଙ୍କ ବିରୋଧୀ ଥିଲା । ପେଶାୱର୍ ପହଞ୍ଚାଇବା କଷ୍ଟକର ଥିଲା । କିନ୍ତୁ ସେଠାରେ କେତେକ ଲୋକମାନଙ୍କୁ ଏହି ଲାଭ ମଧ୍ୟ ହୋଇଯାଇଥାଏ ଯେ, ଯଦି ପୋଲିସ୍‌କୁ ଦି ପଇସା ଦେଇ ଦିଆଯାଏ ତେବେ କାମ ସହଜ ହୋଇଯାଇଥାଏ । ତେବେ ସେ ଅର୍ଥାତ୍ ସେ ପୋଲିସକୁ କହିଲେ, ଆଜ୍ଞା ! ଆପଣମାନେ ଯାହା ପଇସା ନେବେ ନିଅନ୍ତୁ, କିନ୍ତୁ ମୋତେ ସେଠାରେ ପହଞ୍ଚାଇ ଦିଅନ୍ତୁ । ସେ ଯାହା ହେଉ ପ୍ରତିକ୍ରିୟା ସ୍ୱରୂପ ସେଠାରେ ଯେଉଁ ପୋଲିସ୍ ଅଧିକାରୀ ରହିଥିଲା ସେ ରାଜି ହୋଇଗଲା ଏବଂ ତାଙ୍କୁ ପେଶାୱର ପହଞ୍ଚାଇ ଦେଲା । ପୁନଶ୍ଚ ଆପଣ ରବ୍‌ୱା ଆସିଲେ, ତାଙ୍କର ଚିକିତ୍ସା ହେଲା ଓ ଅଲ୍ଲାଃତାଲାଙ୍କ କୃପାରୁ ଅଲ୍ଲାଃତାଲା ସ୍ୱର୍ଗତଙ୍କୁ ଏକ ନୂତନ ଜୀବନ ଦେଲେ। କେଉଁଠି ଏହା ଥିଲା ଯେ, ସ୍ୱର୍ଗତଙ୍କୁ ଶବ ବ୍ୟବଚ୍ଛେଦ ଗୃହକୁ ପଠା ଯାଉଥିଲା, ଆଉ କେଉଁଠି ଅଲ୍ଲାଃତାଲା ସ୍ୱର୍ଗତଙ୍କୁ ଉକ୍ତ ଘଟଣା ପରେ ମଧ୍ୟ 30 ବର୍ଷ କାଳ ପର୍ଯ୍ୟନ୍ତ ଜୀବିତ ରଖିଲେ ଏବଂ ସେ active ମଧ୍ୟ ଥିଲେ । ସ୍ୱର୍ଗତ ମହୋଦୟ ହଲାଣ୍ଡ୍‌ରେ ମଧ୍ୟ ରହିଥିଲେ । ସେଠାରେ ଜମାଅତ୍‌ର କାମ ମଧ୍ୟ କରୁଥିଲେ । 74 ବର୍ଷରେ ମଧ୍ୟ ଶତ୍ରୁମାନେ ତାଙ୍କ ଉପରେ ବନ୍ଧୁକ ରଖି ଦେଇଥିଲେ ସେତେବେଳେ ମଧ୍ୟ ସେ ଅତ୍ୟନ୍ତ ସାହସିକତାର ସହିତ କହିଥିଲେ । ଅର୍ଥାତ୍ ମୌଲବୀମାନେ ଯେତେବେଳେ ତାଙ୍କୁ କହିଲେ ଯେ, ତୁମେ କଲ୍‌ମା ପଢ ଏବଂ ମୁସଲମାନ ହୋଇଯାଅ ସେତେବେଳେ ସେ କହିଲେ لاالہ الااللہ محمد رسول اللہ ତ' ମୁଁ ପୂର୍ବରୁ ହିଁ ପାଠ କରେ । ଏହାରି ଉପରେ ମୋର ବିଶ୍ୱାସ ରହିଛି ଏବଂ ମୁଁ ଆଉ କିପରି ମୁସଲମାନ ହେବି ? ମୌଲବୀମାନେ ସ୍ୱର୍ଗତଙ୍କୁ କହିଲେ, ତୁମେ ମିର୍ଜା ସାହେବଙ୍କୁ ଗାଳି ଦିଅ । ସେ କହିଲେ, ମୁଁ ଗାଳି ତ' ଦେଇ ପାରିବି ନାହିଁ । ଏହା କୌଣସି ଇସ୍‌ଲାମ୍ ନୁହେଁ । ତପୃରେ ସେ କହିଲେ, ଆଜ୍ଞା ମୁଁ ତ' ଦୁରୁଦ୍ ଶରୀଫ୍ ପାଠକାରୀ ବ୍ୟକ୍ତି ଅଟେ ଏବଂ ଆଁହଜରତ୍ ସ.ଅଙ୍କ ଶିକ୍ଷା ଉପରେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ଅଟେ । ମୁଁ ଏଭଳିଆ ଆଚରଣ କଦାପି କରି ପାରିବି ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସ୍ୱର୍ଗତ ମହୋଦୟ କହିଲେ, "ମୁଁ ସେମାନଙ୍କୁ ଜଣେ ଆଁହଜରତ୍ ସ.ଅଙ୍କ ସାହାବିଙ୍କର ଘଟଣା ଶୁଣାଇଲି ଯେ, ଯେତେବେଳେ ୱହୋଦ୍ ଯୁଦ୍ଧରେ ଆଁହଜରତ୍ ସ.ଅଙ୍କ ଶାହାଦତ୍ ଖବର ପ୍ରାଚାର ହୋଇଗଲା ଯେ, ଆଁହଜରତ୍ ସ.ଅ ନାଉଜୁବିଲ୍ଲାଃ ଶହୀଦ୍ ହୋଇଯାଇଛନ୍ତି, ସେତେବେଳେ ସେହି ସାହାବି ଜଣକ କହିଲେ, ମୋ ମଧ୍ୟରେ ଏବଂ ସ୍ୱର୍ଗ ମଧ୍ୟରେ ଏକ ଖଜୁରୀ କୋଳି ରହିଛି ଏବଂ ସେହି ଖଜୁରୀ କୋଳିକୁ ଗୋଟାଇ ଗୋଟିଏ ପାର୍ଶ୍ୱରେ ଫିଙ୍ଗିଦେଲେ ଏବଂ ଶତ୍ରୁ ଉପରେ ଏକୁଟିଆ ଆକ୍ରମଣ କରିଦେଲେ । ଫଳତଃ ଶତ୍ରୁମାନେ ମଧ୍ୟ ସେହି ସାହାବିଙ୍କ ଉପରେ ଆକ୍ରମଣ କଲେ ଏବଂ ତାଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ। ସ୍ୱର୍ଗତ ମହୋଦୟ କୁହନ୍ତି ଯେ, ମୁଁ ଏହି ଘଟଣା ସେହି ମୌଲବୀ ଏବଂ ସେମାନଙ୍କର ସମର୍ଥକମାନଙ୍କୁ ଶୁଣାଇଲି ଏବଂ କହିଲି, ମୋ ମଧ୍ୟରେ ଏବଂ ତୁମମାନଙ୍କ ମଧ୍ୟରେ ତ' ଏହି ଖଜୁରୀ କୋଳି ବର୍ତ୍ତମାନ ଛିଡ଼ା ହୋଇ ନାହିଁ । କିନ୍ତୁ ଯେହେତୁ ତୁମେମାନେ ମୋ ଛାତି ଉପରେ ବନ୍ଧୁକ ରଖିଛ ତେଣୁ ତୁମେମାନେ ବନ୍ଧୁକ ଚଳାଅ ଏବଂ ମୋତେ ଶହୀଦ୍ କରିଦିଅ । କିନ୍ତୁ ହେ ବିରୋଧୀମାନେ ! ତୁମେମାନେ ମୋତେ ଯେଉଁ କଥା କହୁଛ ମୁଁ ସେକଥା ଆଦୌ କରିବି ନାହିଁ । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ଯେଉଁ ଗାଳି ଦେବା କଥା ତୁମେମାନେ କହୁଛ ସେକଥା ମୁଁ କଦାପି କହିବି ନାହିଁ । ସୁତରାଂ ସ୍ୱର୍ଗତ ମହୋଦୟ ଅତ୍ୟନ୍ତ ସାହସିକତା ପ୍ରଦର୍ଶନ କଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ। ସ୍ୱର୍ଗତଙ୍କର ସନ୍ତାନ ସନ୍ତତିମାନଙ୍କୁ ସ୍ୱର୍ଗତଙ୍କ ପୁଣ୍ୟାବଳୀକୁ ଅବ୍ୟାହତ ଓ ସ୍ଥାପିତ କରିବା **(ଅବିଶିଷ୍ଟାଂଶ....ପୃ-12ରେ)**

# (ଖୁତ୍‌ବା ଜୁମା)

**ଏକେଶ୍ୱରବାଦ ସ୍ଥାପନ ସଂପର୍କରେ ଆଁହଜରତ୍ ସ.ଅଙ୍କ ମନରେ ଥିବା ବେଦନା ଓ ଆପଣ ସ.ଅଙ୍କ ପବିତ୍ର ଜୀବନୀର ହୃଦୟାସୀନ ଏବଂ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା ।**

**ସେହିପରି ଇସଲାମ୍ ଧର୍ମାବଲମ୍ବୀମାନେ ପ୍ରକୃତ ଏକେଶ୍ୱରବାଦକୁ ବୁଝିବା ସଂପର୍କରେ ଦୁଆ କରିବା ନିମନ୍ତେ ଜମାଅତର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବ ପ୍ରଦତ୍ତ 13 March 2026 ମସିହା ଅନୁଯାୟୀ ୧୩ ଆମାନ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ଜୀବନୀ ସଂପର୍କରେ ଦୁଇ ଜୁମା ପୂର୍ବେ ମୁଁ ଆପଣ ସ.ଅଙ୍କ ଜୀବନୀର କେତେକ ଦିଗ ତଥା ପାର୍ଶ୍ୱ **"ଏକେଶ୍ୱରବାଦ ସକାଶେ ଆଁହଜରତ୍ ସ.ଅଙ୍କ ମନରେ ଥିବା ବେଦନା"**ର ଚର୍ଚ୍ଚା କରିଥିଲି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ସେହି ଅଭିପ୍ରାୟ ଯାହାର ସ୍ଥାପନ ନିମନ୍ତେ ଆପଣ ସ.ଅ ଆସିଥିଲେ ଏବଂ ଏଥି ନିମନ୍ତେ କେବଳ ଆପଣ ସ.ଅ ନିଜର କଥନ ଏବଂ କରଣ ଦ୍ୱାରା ବେଦନାର ପରିପ୍ରକାଶ ହେଉଥିଲା ତାହା ନୁହେଁ ବରଂ ଆପଣ ସ.ଅ ନିଜ ସାହାବମାନଙ୍କ ମଧ୍ୟରେ, ନିଜର ଅନୁଗାମୀମାନଙ୍କୁ ମଧ୍ୟ ଏକେଶ୍ୱରବାଦ ସକାଶେ ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ରହିବା ନିମନ୍ତେ ଏପରି ଆତ୍ମା ଫୁଙ୍କିଲେ (ସଂଚାର କଲେ) ଯାହାର ଦୃଷ୍ଟାନ୍ତ ଆଜି ପର୍ଯ୍ୟନ୍ତ ମିଳୁ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଆଜି ମଧ୍ୟ ମୁଁ ଆପଣ ସ.ଅଙ୍କ ଜୀବନର ସେହି ପକ୍ଷର ଚର୍ଚ୍ଚା କରିବି ଓ ସେଥି ସଂପର୍କରେ ସାହାବାମାନଙ୍କର କେତେକ ବଳିଦାନର ଚର୍ଚ୍ଚା ମଧ୍ୟ କରିବି । ଆପଣ ସ.ଅଙ୍କ ବ୍ୟବହାରିକ ଉଦାହରଣ, ଈଶ୍ୱରଙ୍କ ସକାଶେ ଉତ୍କଣ୍ଠା ଏବଂ ବେଦନା ଓ ଦୁଆର ହିଁ ପରିଣାମ ଥିଲା ଯେ, ସାହାବାମାନେ ସେହି ସ୍ତର ପ୍ରାପ୍ତ କରି ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ହେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଆଁହଜରତ୍ ସ.ଅଙ୍କ ନିର୍ଯାତନା ସହ୍ୟ କରିବାର ବର୍ଣ୍ଣନା ଏହିପରି ବର୍ଣ୍ଣିତ ହୋଇଛି ଯେ, ଏକଦା ଅବିଶ୍ୱାସକାରୀମାନେ । ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ହେ ମୁହମ୍ମଦ୍ ସ.ଅ ! କ'ଣ ତୁମେ ଆମ ପିତୁଳା ଦେବତାମାନଙ୍କ ସଂପର୍କରେ ଅମକ କଥା କହୁ ନାହଁ । ଆପଣ ସ.ଅ କହିଲେ, ହଁ । ପ୍ରତ୍ୟୁତ୍ତରରେ ସେମାନେ ଆପଣ ସ.ଅଙ୍କ ଚାରିପଟେ ଏକତ୍ରିତ ହୋଇଗଲେ । ଠିକ୍ ସେତିକିବେଳେ କେହି ଜଣେ ଆସି ହ. ଅବୁ ବକ୍କର ର.ଅଙ୍କୁ କହିଲା, ହେ ଅବୁ ବକ୍କର ! ତୁମେ ନିଜ ସାଙ୍ଗ କଥା ବୁଝ । ଅବିଶ୍ୱାସକାରୀମାନେ ତାଙ୍କୁ ଘେରି ଯାଇଛନ୍ତି । ହ. ଅବୁ ବକ୍କର ର.ଅ ଘରୁ ବାହାରିଲେ ଏବଂ ଯାଇ ମସଜିଦ୍ ହରାମ୍ ଠାରେ ପହଞ୍ଚିଲେ । ଆପଣ ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ ଏହି ଅବସ୍ଥାରେ ପାଇଲେ ଯେ, ଲୋକମାନେ ଆପଣ ସ.ଅଙ୍କ ଚାରିପଟେ ଏକତ୍ରିତ ଥିଲେ । ହ. ଅବୁ ବକ୍କର ର.ଅ କହିଲେ, ହେ ଅବିଶ୍ୱସାକାରୀମାନେ ! ତୁମର ଅନିଷ୍ଟ ହେଉ । ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇଛି ଯେ, ଆପଣ ର.ଅ କହିଲେ, أَتَقْتُلُوْنَ رَجُلًا أَنْ يَّقُوْلَ رَبِّيَ اللّٰهُ وَقَدْ جَآءَكُمْ بِالْبَيِّنٰتِ مِنْ رَّبِّكُمْ **(ଅଲ୍ ମୁମିନ୍: 29)** ଅର୍ଥାତ୍ ହେ ଲୋକମାନେ ! କ'ଣ ତୁମେମାନେ ଜଣେ ଲୋକକୁ କେବଳ ଏଥି ସକାଶେ (ଏଇଥି ପାଇଁ) ହତ୍ୟା କରିବ ଯେହେତୁ ସେ କହୁଛି ଯେ, ଅଲ୍ଲାଃ ହିଁ ମୋର ପାଳନକର୍ତ୍ତା, ଅଥଚ ସେ ତୁମମାନଙ୍କ ପାଳନକର୍ତ୍ତାଙ୍କ ନିକଟରୁ ପ୍ରକାଶ୍ୟ ନିଦର୍ଶନମାନ ମଧ୍ୟ ଆଣିଅଛି । ଏକଥା ଶୁଣି ଅବିଶ୍ୱାସକାରୀମାନେ ଆଁହଜରତ୍ ସ.ଅଙ୍କୁ ତ' ଛାଡ଼ିଦେଲେ ଏବଂ ହ. ଅବୁ ବକ୍କର ର.ଅଙ୍କ ଆଡ଼କୁ ଧାଇଁଲେ ଏବଂ ତାଙ୍କୁ ମାରିବାକୁ ଲାଗିଲେ । ହ. ଅବୁ ବକ୍କର ର.ଅଙ୍କ ସୁପୁତ୍ରୀ ହ. ଅସ୍‌ମା ର.ଅ କୁହନ୍ତି ଯେ, ପିତାଶ୍ରୀ ଆମ ପାଖକୁ ସେହି ଅବସ୍ଥାରେ ଆସିଲେ ଯେ, ଆପଣ ର.ଅ ନିଜର କେଶକୁ ଯେତେବେଳେ ହାତ ଦ୍ୱାରା ସ୍ପର୍ଶ କରୁଥିଲେ ସେତେବେଳେ କେଶ ଆପଣ ର.ଅଙ୍କ ହାତକୁ ଚାଲି ଆସୁଥିଲା । ସେମାନେ ଏତେ ଜୋରରେ ଆପଣ ର.ଅଙ୍କ କେଶକୁ ଟାଣିଲେ ଯେ, ତାହା ମୂଳରୁ ଉପାଡ଼ି ଯାଇଥିଲା ଏବଂ ଆପଣ ର.ଅ ଏହା କହି ଯାଉଥିଲେ ଯେ, تَبَارَكْتَ يَا ذَا الْجَلَالِ وَالْإِكْرَامِ । ଅର୍ଥାତ୍ ହେ ପ୍ରତାପୀ ଏବଂ ମର୍ଯ୍ୟାଦାଶାଳୀ ପ୍ରଭୁ ! ତୁମ୍ଭେ କଲ୍ୟାଣମୟ ଅଟ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅବିଶ୍ୱାସକାରୀମାନେ ଆଁହଜରତ୍ ସ.ଅଙ୍କ ମୁଣ୍ଡ ଏବଂ ପବିତ୍ର କେଶକୁ ଏତେ ଜୋରରେ ଭିଡ଼ିଲେ (ଟାଣିଲେ) ଯେ, ଆପଣ ସ.ଅଙ୍କ ଅଧିକାଂଶ କେଶ ଝଡ଼ିଗଲା । ଏହା ଦେଖି ହ. ଅବୁ ବକ୍କର୍ ର.ଅ ଆପଣ ସ.ଅଙ୍କୁ ବଞ୍ଚାଇବାକୁ ଛିଡ଼ା ହେଲେ ଏବଂ ସେ ଏହା କହୁଥିଲେ ଯେ, أَتَقْتُلُوْنَ رَجُلًا أَنْ يَّقُوْلَ رَبِّيَ اللّٰهُ ଅର୍ଥାତ୍ ହେ ଲୋକମାନେ ! କ'ଣ ତୁମେମାନେ ଜଣେ ଲୋକକୁ କେବଳ ଏଥି ସକାଶେ (ଏଇଥି ପାଇଁ) ହତ୍ୟା କରିବ ଯେହେତୁ ସେ କହୁଛି ଯେ, ଅଲ୍ଲାଃ ହିଁ ମୋର ପାଳନକର୍ତ୍ତା । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ଅବୁ ବକ୍କର ! ତୁମେ ଏମାନଙ୍କୁ ଛାଡ଼ିଦିଅ । ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ରହିଛି ! ମୁଁ ଏମାନଙ୍କ ଆଡ଼କୁ ପ୍ରେରିତ ହୋଇଅଛି । କାରଣ ମୁଁ ଉତ୍ସର୍ଗ ହୋଇଯିବି । ଫଳତଃ ସେମାନେ ରସୁଲ୍ କରୀମ୍ ସ.ଅଙ୍କୁ ଛାଡ଼ିଦେଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-1, ପୃ-417, ଇସ୍ତିଖ୍‌ଫାହୁ ସ.ଅ ଓ ଅସହାବିହି ଫି ଦାରିଲ୍ ଅର୍କମ୍ ବିନ୍ ଅବିଲ୍ ଅର୍କମ୍, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଅବିଶ୍ୱାସକାରୀମାନେ ଆଁହଜରତ୍ ସ.ଅଙ୍କୁ ମାଡ଼ ମାରୁଥିଲେ, ଆପଣ ସ.ଅଙ୍କ ଉପରେ ଅତ୍ୟାଚାର କରୁଥିଲେ ସେତେବେଳେ ହ. ଅବୁ ବକ୍କର୍ ର.ଅ ମଝିରେ ଆସିଲେ ଓ ଆଁହଜରତ୍ ସ.ଅ ହ. ଅବୁ ବକ୍କର ର.ଅଙ୍କୁ ଏହା କହିଲେ, ହେ ଅବୁ ବକ୍କର୍ ! ସେମାନଙ୍କୁ ଛାଡ଼ିଦିଅ । ସେହିପରି ହାରିସ୍ ବିନ୍ ହାରିସ୍ ଗାମାଦି ନାମକ ଜଣେ ବର୍ଣ୍ଣନାକାରୀ କୁରେଶ୍‌ମାନଙ୍କୁ ନବୀ କରୀମ୍ ସ.ଅଙ୍କ ଉପରେ ଆତ୍ୟାଚାର କରୁଥିବାର ଦେଖିଲେ ସେତେବେଳେ ସେ ନିଜର ଚଚାଙ୍କୁ ପଚାରିଲେ ଯେ, ହେ ଚଚା ! ଏହି ଲୋକମାନେ କିଏ ? ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଇଟା କେବଳ ଗୋଟିଏ ଘଟଣା ନୁହେଁ ବରଂ ଏହିପରି ଅନେକ ସାଦୃଶ୍ୟମମୂଳକ ଘଟଣାମାନ ରହିଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ଅନେକ ଲୋକମାନେ ଦେଖିଲେ, ଅନେକ ଲୋକମାନେ ବର୍ଣ୍ଣନା କରିଛନ୍ତି, ବିଭିନ୍ନ ବର୍ଣ୍ଣନାକାରୀମାନେ ଅଛନ୍ତି । କେତେକ ବର୍ଣ୍ଣନାକାରୀମାନଙ୍କର ସବିଶେଷ ବିବରଣୀ ରହିଛି ତ' ଆଉ କେତେକ ବର୍ଣ୍ଣନାକାରୀମାନଙ୍କର ବିବରଣୀ ସ୍ୱଳ୍ପ ରହିଛି । ସେ ଯାହା ହେଉ ସେହି ସାହାବି ଜଣକ ଯେତେବେଳେ ଦେଖିଲେ ଏବଂ ନିଜର ପିତାଶ୍ରୀଙ୍କୁ ପଚାରିଲେ ଯେ, ପିତାଶ୍ରୀ! ଏମାନେ କିଏ ? ପିତାଶ୍ରୀ ଏମାନେ ତ' ଅତ୍ୟାଚାର କରୁଛନ୍ତି ? ସେହି ସାହାବିଙ୍କର ପିତାଶ୍ରୀ ନିଜର ପୁତ୍ରକୁ କହିଲେ, ପୁତ୍ର ! ଏହି ଲୋକମାନେ ନିଜର ସାବି (ମକ୍କାର ଲୋକମାନେ ନବୀ କରୀମ୍ ସ.ଅଙ୍କୁ ଏବଂ ମୁସଲମାନମାନଙ୍କୁ ବ୍ୟଙ୍ଗାତ୍ମକ ଭାବରେ ସାବି ବୋଲି କହୁଥିଲେ)ଙ୍କ ଚାରିପଟେ ଏକତ୍ରିତ ହୋଇଛନ୍ତି ।

ବର୍ଣ୍ଣନାକାରୀ କୁହନ୍ତି ଯେ, ଆମେମାନେ ମଧ୍ୟ ବାହନ ଉପରୁ ତଳକୁ ଓହ୍ଲାଇଲୁ ଏବଂ ଦେଖିଲୁ ଯେ, ରସୁଲୁଲ୍ଲାଃ ସ.ଅ ଲୋକମାନଙ୍କୁ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ ଏବଂ ତାହାଙ୍କ ଉପରେ ବିଶ୍ୱାସ ଆଣିବା ନିମନ୍ତେ ଆମନ୍ତ୍ରିତ କରୁଥିଲେ ଓ ଅବିଶ୍ୱାସକାରୀମାନେ ଆପଣ ସ.ଅଙ୍କୁ ଅସ୍ୱୀକାର କରୁଥିଲେ । ସେମାନେ ଆପଣ ସ.ଅଙ୍କୁ କଷ୍ଟ ଓ ନିର୍ଯାତନା ଦେଉଥିଲେ । ଏପର୍ଯ୍ୟନ୍ତକି ଦି ପହର ହୋଇଗଲା ଏବଂ ଲୋକମାନେ ଆପଣ ସ.ଅଙ୍କ ଚତୁର୍ପାର୍ଶ୍ୱରୁ ହଟିଗଲେ । **(ଅଲ୍‌ମୁଜିମୁଲ୍ କବିର୍, ଗ୍ରନ୍ଥଖଣ୍ଡ-3, ପୃ-304, ଅଲ୍ ହାରିସ୍ ବିନ୍ ଅଲ୍ ହାରିସୁଲ୍ ଗାମିଦି, ହଦିସ୍ ନଂ-3373, ମକ୍‌ତବା ଇବ୍‌ନେ ତୈମିୟାହ୍ ଅଲ୍ କାହିରାହ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ଉପରେ ଅତ୍ୟାଚାରର ଚର୍ଚ୍ଚା ବିଭିନ୍ନ ଇତିହାସର ପୁସ୍ତକରେ ଉଲ୍ଲେଖ ଥିବାର ମିଳେ । ସେହି ଇତିହାସରୁ ପ୍ରାମାଣ୍ୟମାନ ଆହରଣ କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରିଛନ୍ତି । ଅତଏବ୍ ଆପଣ ର.ଅ ଦିବାଚା ତଫସିରୁଲ୍ କୁରଆନ୍‌ର ଏକ ସ୍ଥାନରେ ଉଲ୍ଲେଖ କରନ୍ତି: "ଏକଦା ଆପଣ ସ.ଅ ବଜାର ମଧ୍ୟ ଦେଇ ଅତିକ୍ରମ କରୁଥିଲେ । ତେବେ ମକ୍କାର କେତେକ ବଦ୍‌ମାସ ଓ ଖଳ ପ୍ରକୃତିର ଏକ ଗୋଷ୍ଠୀ ଆପଣ ସ.ଅଙ୍କ ଚତୁର୍ପାର୍ଶ୍ୱରେ ଏକତ୍ରିତ ହୋଇଗଲେ ଏବଂ ବାଟ ସାରା ଆପଣ ସ.ଅଙ୍କ ବେକ ଉପରେ ଏହା କହି ମାଡ଼ ମାରି ଚାଲିଥିଲା ଯେ, ହେ ଦେଖରେ ! ଏହି ବ୍ୟକ୍ତି କହୁଛି ଯେ, ସେ କୁଆଡ଼େ ଅବତାର ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଲୋକମାନେ ଆପଣ ସ.ଅଙ୍କ ଘର ଉପରେ ଏବଂ ଆଖପାଖରେ ଥିବା ଘରମାନଙ୍କ ଉପରେ ଅହରହ ଟେକା ପଥର ଫିଙ୍ଗୁଥିଲେ। ଆପଣ ସ.ଅଙ୍କ ଘରେ ବର୍ଜ୍ୟବସ୍ତୁ ଫିଙ୍ଗୁଥିଲେ । ରୋଷେଇ ଶାଳରେ ଅପରିଚ୍ଛନ୍ନ, ଆବର୍ଜନା ବସ୍ତୁ ଫିଙ୍ଗା ଯାଉଥିଲା । ସେହି ଆବର୍ଜନା ମଧ୍ୟରେ ଛେଳୀ ତଥା ଖାସି ଓ ଓଟମାନଙ୍କର ଅନ୍ତବୁଜୁଳା ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଯେତେବେଳେ ଆପଣ ସ.ଅ ନମାଜ୍ ପାଠ କରୁଥିଲେ ସେତେବେଳେ ଆପଣ ସ.ଅଙ୍କ ଉପରେ ଧୂଳି ଫିଙ୍ଗା ଯାଉଥିଲା, ମାଟି ଫିଙ୍ଗା ଯାଉଥିଲା । ଏପର୍ଯ୍ୟନ୍ତକି ଆପଣ ସ.ଅ ବାଧ୍ୟ ହୋଇ ଏକ ଚଟ୍ଟାଣ ମଧ୍ୟ ଦେଇ ବାହାରିଥିବା ଏକ ପଥର ତଳେ ଯାଇ ଲୁଚିକି ନମାଜ୍ ପାଠ କରିବାକୁ ପଡୁଥିଲା ।"

**(ଦିବାଚା ତଫସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-198)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ସହସ୍ର ସହସ୍ର ଦୁରୁଦ୍ ଆପଣ ସ.ଅଙ୍କ କଲ୍ୟାଣମୟ ଅସ୍ତିତ୍ୱ ଉପରେ ଅବତୀର୍ଣ୍ଣ ହେଉ । କାରଣ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଆପଣ ସ.ଅଙ୍କ ମନରେ ଯେଉଁ ଉତ୍କଣ୍ଠା, ବ୍ୟାକୁଳତା ଏବଂ ବେଦନା ରହିଥିଲା ତାହା ମୁହୂର୍ତ୍ତକ ପାଇଁ ମଧ୍ୟ ହ୍ରାସ ପାଇଲା ନାହିଁ । ସେହି ସମସ୍ତ ନିର୍ଯାତନାକୁ ଆପଣ ସ.ଅ ସହାସ୍ୟରେ ଗ୍ରହଣ କରି ନେଇଥିଲେ । କିନ୍ତୁ ତଥାପି ମାନବ ଜାତି ସହିତ ଆପଣ ସ.ଅ ଦୟା ଓ ପ୍ରେମ ପ୍ରଦର୍ଶନରେ କେବେ ବି ହ୍ରାସ ପାଇଲା ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ଜୀବନର ଘଟଣାବଳୀକୁ ଅବଲୋକନ କରୁ ସେତେବେଳେ ଆମେମାନଙ୍କୁ ଏହି ଦାବି ବାସ୍ତବରେ ପୂରଣ ହେଉଥିବାର ଦୃଶ୍ୟମାନ ହୋଇଥାଏ ଏବଂ ଆମମାନଙ୍କୁ ପ୍ରତ୍ୟେକ ପାଦ ଏପରି ଘଟଣାବଳୀ ଦୃଶ୍ୟମାନ ହୋଇଥାଏ ଯାହା ଆପଣ ସ.ଅଙ୍କ ସେହି ଭବ୍ୟ ତଥା ମହାନ୍ ପ୍ରେମ ଓ ଦୟାର ପ୍ରମାଣ ଅଟେ । ଏହି ଦୟା ଓ ପ୍ରେମ ଆପଣ ସ.ଅ ମାନବ ଜାତି ସହିତ କରିଥିଲେ । ସୁତରାଂ ଆପଣ ସ.ଅ ଏକେଶ୍ୱରବାଦଙ୍କ ସନ୍ଦେଶ ପହଞ୍ଚାଇବା ନିମନ୍ତେ ବର୍ଷ ବର୍ଷ ଧରି ଏପରି ନିର୍ଯାତନା ମଧ୍ୟ ଦେଇ ଅତିକ୍ରମ କଲେ ଯେ, ଏହାର କୌଣସି ସୀମା ହିଁ ନାହିଁ । ଏକଦା ଅବିଶ୍ୱାସକାରମାନେ ଖାନା କାଆବା ଠାରେ ଆପଣ ସ.ଅଙ୍କ ବେକରେ ଗାମଛା ପକାଇ ଏତେ ଜୋରର ଭିଡ଼ିଲେ ଯେ, ଆପଣ ସ.ଅଙ୍କ ଚକ୍ଷୁ ଲାଲ୍ ହୋଇ ବାହାରକୁ ବାହାରି ଆସିଲା । ହ. ଅବୁ ବକ୍କର ର.ଅ ଯେତେବେଳେ ଏକଥା ଶୁଣିଲେ ସେତେବେଳେ ସେ ଦଉଡ଼ି ଆସିଲେ ଏବଂ ରସୁଲ୍ କରିମ୍ ସ.ଅଙ୍କୁ ଏହି ନିର୍ଯାତନା ଅବସ୍ଥାରେ ଦେଖି ଆପଣ ର.ଅଙ୍କ ଚକ୍ଷୁରୁ ଲୁହ ବାହାରି ଆସିଲା । ଆପଣ ର.ଅ ସେହି ଅବିଶ୍ୱାସକାରୀମାନଙ୍କୁ ହଟାଇ କହିଲେ, ହେ ଅବିଶ୍ୱାସକାରୀମାନେ! ତୁମେମାନେ ଈଶ୍ୱରଙ୍କୁ ଟିକେ ଡର । କ'ଣ ତୁମେମାନେ ଜଣେ ଲୋକକୁ କେବଳ ଏଥି ସକାଶେ (ଏଇଥି ପାଇଁ) ହତ୍ୟା କରିବ ଯେହେତୁ ସେ କହୁଛି ଯେ, ଅଲ୍ଲାଃ ହିଁ ମୋର ପାଳନକର୍ତ୍ତା ।

**(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-୨, ପୃ-316, ସଂସ୍କରଣ ବର୍ଷ-2003 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକଦା ଆପଣ ସ.ଅ ମସ୍‌ଜିଦେ ହରାମ୍ ଠାରେ ଛିଡ଼ା ହେଲେ ଏବଂ ମକ୍କାର ଅବିଶ୍ୱାସକାରୀମାନଙ୍କୁ ସମ୍ବୋଧିତ କରି କହିଲେ, ହେ ଅବିଶ୍ୱାସକାରୀମାନେ ! ତୁମେମାନେ ଏହା କୁହ ଯେ, لا اله الا الله ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ଯଦି ତୁମେମାନେ କହିବ ତେବେ ସଫଳ ହୋଇଯିବ । ଉକ୍ତ କଥା ଉପରେ କୁରୈଶ୍‌ମାନେ ଆପଣ ସ.ଅଙ୍କ ଉପରେ ଆକ୍ରମଣ କରିଦେଲେ । ଜଣେ ବ୍ୟକ୍ତି ଉଚ୍ଚ ସ୍ୱରରେ ଚିତ୍କାର କରି ଧାଇଁ ଆସିଲା । ଅର୍ଥାତ୍ ଆପଣ ସ.ଅଙ୍କ ଉପରେ ଆକ୍ରମଣ କରିବା ନିମନ୍ତେ ତ' ହାରିସ୍ ବିନ୍ ଅବି ହାଲା ସର୍ବ ପ୍ରଥମେ ଆପଣ ସ.ଅଙ୍କ ପାଖରେ ପହଞ୍ଚିଲେ । ଆପଣ ର.ଅ ସେହି ଲୋକମାନଙ୍କ ସହିତ ଯୁଦ୍ଧ କରିବା ଆରମ୍ଭ କରିଦେଲେ । ଅର୍ଥାତ୍ ହାରିସ୍ ର.ଅ ସେହି ଲୋକମାନଙ୍କ ଠାରୁ ଆଁହଜରତ୍ ସ.ଅଙ୍କୁ ପୃଥକ୍ କରିଦେଲେ । ପୁନଶ୍ଚ ସେହି ଅବିଶ୍ୱାସକାରୀମାନେ ତାଙ୍କ ଅର୍ଥାତ ହାରିସ୍ ର.ଅଙ୍କ ଉପରେ ଆକ୍ରମଣ କରିଦେଲେ । ଏପର୍ଯ୍ୟନ୍ତ ସେମାନେ ହ. ହାରିସ୍ ର.ଅଙ୍କୁ ଶହୀଦ୍ କରିଦେଲେ । **(ଇମ୍‌ତାଅଲ୍ ଅସ୍‌ମାଆ, ଗ୍ରନ୍ଥଖଣ୍ଡ-6, ପୃ-297, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1999 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକେଶ୍ୱରବାଦ ଆଡ଼କୁ ଡାକୁଥିବା ଅପରାଧରେ ମକ୍କାର ଅବିଶ୍ୱାସକାରୀମାନେ 3 ବର୍ଷ କାଳ ପର୍ଯ୍ୟନ୍ତ ଆପଣ ସ.ଅଙ୍କୁ ଏବଂ ଆପଣ ସ.ଅଙ୍କ ବଂଶର ଲୋକକମାନଙ୍କୁ ଶୋଓବେ ଅବି ତାଲିବ୍ ଠାରେ ମଧ୍ୟ ଏପରି ଭାବରେ ବନ୍ଦୀ ରଖିଲେ ଯେ, ଆପଣ ସ.ଅଙ୍କୁ ପ୍ରତ୍ୟେକ ପ୍ରକାରର ସାମାଜିକ ବହିଷ୍କାର କରିଦିଆଗଲା । ଯେତେବେଳେ ଏହି ପ୍ରତିବନ୍ଧକ ବା ସାମାଜିକ ବହିଷ୍କାରର ସମୟ ସମାପ୍ତ ହେଲା ସେତେବେଳେ ଆପଣ ସ.ଅ ଏକେଶ୍ୱରବାଦର ପ୍ରଚାର ପୁଣିଥରେ ସମଗ୍ର ମକ୍କାରେ ପୂର୍ବ ସଂକଳ୍ପ ଏବଂ ଦୁଃସାହସର ସହିତ ସର୍ବସାଧାରଣ କରିଦେଲେ। ଏକ ପକ୍ଷରେ ଆଁହଜରତ୍ ସ.ଅ ଏକେଶ୍ୱରବାଦର ପ୍ରଚାର ପୂର୍ବାପେକ୍ଷା ଅଧିକ ସର୍ବସାଧାରଣ କରିଦେଲେ । ଅନ୍ୟ ପଟରେ କୁରୈଶ୍‌ମାନେ ରସୁଲୁଲ୍ଲାଃ ସ.ଅଙ୍କ ଉପରେ ପୁନଃ ଅତ୍ୟାଚାର କରିବା ଆରମ୍ଭ କରିଦେଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ତାଏଫ୍ ଯାତ୍ରାର ମଧ୍ୟ ବିଖ୍ୟାତ ଘଟଣା ରହିଛି । ଏହି ଘଟଣାଟି ମୁଁ ଅନେକ ଥର ବର୍ଣ୍ଣନା କରିଛି । ସେଠାରେ ଯେଉଁ ଅତ୍ୟାଚାର ହେଲା ତାହା ମଧ୍ୟ ଇତିହାସରେ ବିଭିନ୍ନ ରୂପରେ ବର୍ଣ୍ଣିତ ହୋଇଛି । ଏଥି ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହମଦ ସାହେବ ଉଲ୍ଲେଖ କରିଛନ୍ତି ଯେ, ଏକ ସ୍ଥାନରେ ଉକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରାଯାଇଛି ଯେ, "ଯେତେବେଳେ ଘେରାଉ କଟକଣା ଉଠିଗଲା ଏବଂ ଆଁହଜରତ୍ ସ.ଅଙ୍କୁ ନିଜର ଗତିବିଧିରେ ଏକ ପ୍ରକାରର ସ୍ୱାଧୀନତା ପ୍ରାପ୍ତ ହେଲା । ସେତେବେଳେ ଆପଣ ସ.ଅ ଏହି ଇଚ୍ଛା ପ୍ରକାଶ କଲେ ଯେ, ତାଏଫ୍ ଠାକୁ ଯାଇ ସେଠାକାର ଲୋକମାନଙ୍କୁ ଆପଣ ସ.ଅ ଇସ୍‌ଲାମ୍ ଧର୍ମର ସନ୍ଦେଶ ଦେଲେ ଏବଂ ସେମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ବିବରଣୀ ଏହିପରି ଯେ, "ତାଏଫ୍ ଏକ ବିଖ୍ୟାତ ସ୍ଥାନ ଅଟେ । ଏହା ମକ୍କା ଠାରୁ ଦକ୍ଷିଣପୂର୍ବ ଦିଗରେ 40 ମାଇଲ୍ ଦୂରତାରେ ଅବସ୍ଥିତ ଅଟେ ଏବଂ ସେହି କାଳରେ ବନୁ ସକିଫ୍ ସଂପ୍ରଦାୟ ସେଠାରେ ବାସ କରୁଥିଲା । ଖାନା କାଆବାର ଏହି ବିଶେଷତ୍ୱକୁ ପୃଥକ୍ କରି ତାଏଫ୍ ମକ୍କାର ସମକକ୍ଷ ଥିଲା । ସେଠାରେ ଅର୍ଥାତ ତାଏଫ୍ ଠାରେ ମକ୍କାର ବଡ଼ ବଡ଼ ପ୍ରତିଷ୍ଠିତ, ପ୍ରତପତ୍ତିଶାଳୀ, ପ୍ରଭାବଶାଳୀ ତଥା ଧନାଢ୍ୟ ବ୍ୟକ୍ତିମାନେ ବାସ କରୁଥିଲେ । ତାଏଫ୍‌ବାସୀଙ୍କ ଏହି ଗୁରୁତ୍ୱ ତଥା ବିଶେଷତ୍ୱତାକୁ ସ୍ୱୟଂ ମକ୍କାବାସୀମାନେ ମଧ୍ୟ ସ୍ୱୀକାରୋକ୍ତି ପ୍ରକାଶ କରିଥିଲେ । ସୁତରାଂ ମକ୍କାବାସୀଙ୍କ ହିଁ କଥନ ରହିଛି । ସେହି କଥନଟି ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇଛି । ଅର୍ଥାତ୍ لَوْلَا نُزِّلَ هٰذَا الْقُرْاٰنُ عَلٰى رَجُلٍ مِّنَ الْقَرْيَتَيْنِ عَظِيْمٍ ଅର୍ଥାତ୍ ଯଦି ଏହି କୁରଆନ୍ କରୀମ୍ ଈଶ୍ୱରଙ୍କ ତରଫରୁ ଅଟେ ତେବେ ମକ୍କା କିମ୍ବା ତାଏଫର କୌଣସି ବରିଷ୍ଠ ବ୍ୟକ୍ତିମାନଙ୍କ ଉପରେ ଏହି ପବିତ୍ର ଗ୍ରନ୍ଥ କାହିଁକି ଅବତୀର୍ଣ୍ଣ କରାଗଲା ନାହିଁ । ସୁତରାଂ ଶୱ୍ୱାଲ୍ ମାସ 10 ନବ୍‌ୱୀରେ ଆଁହଜରତ୍ ସ.ଅ ତାଏଫ୍ ଠାକୁ ଏକୁଟିଆ ଗମନ କଲେ କିମ୍ବା କେତେକ ବର୍ଣ୍ଣନାନୁଯାୟୀ ଜୈଦ୍ ବିନ୍ ହାରସା ର.ଅ ମଧ୍ୟ ଆପଣ ସ.ଅଙ୍କ ସାଙ୍ଗରେ ଥିଲେ । ସେଠାରେ ପହଞ୍ଚି ଆପଣ ସ.ଅ 10 ଦିନ ପର୍ଯ୍ୟନ୍ତ ଅବସ୍ଥାନ କଲେ ଏବଂ ସହରର ଅନେକ ଧନାଢ୍ୟ ବ୍ୟକ୍ତିମାନଙ୍କ ସହିତ ଗୋଟିଏ ପରେ ଗୋଟିଏ ସାକ୍ଷାତ୍ କଲେ । କିନ୍ତୁ ସେହି ସହରର ଭାଗ୍ୟରେ ମଧ୍ୟ ମକ୍କାବାସୀଙ୍କ ପରି ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ନିୟତିକୃତ ନଥିଲା। ସୁତରାଂ ସମସ୍ତ ତାଏଫ୍‌ବାସୀ ଆପଣ ସ.ଅଙ୍କ ସନ୍ଦେଶକୁ ଅସ୍ୱୀକାର କରିଦେଲେ ତାହା ନୁହେଁ ବରଂ ଆପଣ ସ.ଅଙ୍କ ପ୍ରତି ଉପହାସ କଲେ । ପରିଶେଷରେ ତାଏଫ୍‌ର ମହାଧିପତି ଅବ୍‌ଦେ ୟାଲିଲ୍ ନିକଟକୁ ଯାଇ ଆପଣ ସ.ଅ ଇସ୍‌ଲାମ୍ ଧର୍ମର ସନ୍ଦେଶ ଦେଲେ । କିନ୍ତୁ ସେ ମଧ୍ୟ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଦେଲା ଏବଂ ଆପଣ ସ.ଅଙ୍କୁ ଉପହାସ ଓ ତାଚ୍ଛଲ୍ୟ କରି କହିଲା, "ହେ ମୁହମ୍ମଦ୍ ସ.ଅ ! ଯଦି ଆପଣ ସ.ଅ ସତ୍ୟବାଦୀ ଅଟନ୍ତି ତେବେ ଆପଣ ସ.ଅଙ୍କ ସହିତ କଥାବାର୍ତ୍ତା କରିବାର ମୋର କାହିଁ ବା ସାମର୍ଥ୍ୟତା। ଯଦି ଆପଣ ସ.ଅ ମିଥ୍ୟାବାଦୀ ତେବେ କଥାବାର୍ତ୍ତା କରିବା ନିରର୍ଥକ ଅଟେ । କଥାବାର୍ତ୍ତା କରି କିଛି ଲାଭ ମିଳିବ ନାହିଁ ।" ସେହି ଅଧିପତି ଜଣକ ଆଁହଜରତ୍ ସ.ଅଙ୍କୁ ଏହି ଉତ୍ତର ଦେଲା ଏବଂ ପୁନଶ୍ଚ ଆପଣ ସ.ଅଙ୍କ କଥାର ଜାଦୁକରମୂଳକ ପ୍ରଭାବ ସହରର ଯୁବକମାନଙ୍କ ଉପରେ ନ ପଡ଼ିଯାଉ, ତେଣୁ ସେ କହିବାକୁ ଲାଗିଲା, ହେ ମୁହମ୍ମଦ୍ ସ.ଅ ! ଭଲ ହେବ ଯେ ଆପଣ ଏଠାରୁ ଚାଲି ଯାଆନ୍ତୁ । କାରଣ ଏଠାରେ କୌଣସି ବ୍ୟକ୍ତି ଆପଣ ସ.ଅଙ୍କ କଥାକୁ ଶୁଣିବା ନିମନ୍ତେ ପ୍ରସ୍ତୁତ ନାହିଁ । ଏତଦ୍‌ପରେ ସେହି ହତଭାଗ୍ୟ ସହରର ବାରବୁଲା ଲୋକମାନଙ୍କୁ ଆପଣ ସ.ଅଙ୍କ ପଛରେ ଲଗାଇ ଦେଲା। ଯେତେବେଳେ ଆପଣ ସ.ଅ ସହରରୁ ବାହାରକୁ ବାହାରିଲେ ସେତେବେଳେ ଏହି ଲୋକମାନେ ପାଟିତୁଣ୍ଡ କରି ଆପଣ ସ.ଅଙ୍କ ପଛରେ ଧାଇଁଲେ ଏବଂ ଆପଣ ସ.ଅଙ୍କ ଉପରେ ପଥର ବୃଷ୍ଟି କରିବାକୁ ଲାଗିଲେ । ଯଦ୍ୱାରାକି ଆପଣ ସ.ଅଙ୍କ ଶରୀର ରକ୍ତ ଦ୍ୱାରା ରକ୍ତାକ୍ତ ହୋଇଗଲା । ଏହି ଲୋକମାନେ ଅହରହ ତିନି ମଇଲ୍ ପର୍ଯ୍ୟନ୍ତ ଆପଣ ସ.ଅଙ୍କ ସହିତ ଗାଳି ଗୁଲଚ କରି ପଥର ବୃଷ୍ଟି କରି ଚାଲିଥିଲେ । ତାଏଫ୍ ଠାରୁ ତିନି ମାଇଲ୍ ବ୍ୟବଧାନରେ ମକ୍କାର ଅଧିପତି ଉତ୍‌ବା ବିନ୍ ରବିୟାହ୍‌ର ଏକ ଉଦ୍ୟାନ ଥିଲା । ଆଁହଜରତ୍ ସ.ଅ ସେହି ଉଦ୍ୟାନରେ ଆସି ଆଶ୍ରୟ ନେଲେ ଏବଂ ସେହି ଅତ୍ୟାଚାରୀ ଲୋକମାନେ କ୍ଳାନ୍ତ ହୋଇ ସେଠାରୁ ଫେରିଗଲେ । ସେହି ଉଦ୍ୟାନର ଛାୟୀ ତଳେ ଛିଡ଼ା ହୋଇ ଆପଣ ସ.ଅ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଏହି ଦୁଆ କଲେ ଯେ, اَللّٰهُمَّ اِلَيْكَ اَشْكُوْ ضُعْفَ قُوَّتِيْ وَقِلَّةَ حِيْلَتِيْ وَهَوَانِيْ عَلَى النَّاسِ۔ اَللّٰهُمَّ يَا اَرْحَمَ الرَّاحِمِيْنَ اَنْتَ رَبُّ الْمُسْتَضْعَفِيْنَ وَاَنْتَ رَبِّيْ ଅର୍ଥାତ୍ ହେ ମୋର ପାଳନକର୍ତ୍ତା ! ମୁଁ ନିଜର ଦୁର୍ବଳ ଶକିତ ଏବଂ ଉପାୟଶୂନ୍ୟ ହୋଇ ଲୋକମାନଙ୍କ ବିପକ୍ଷପେ ନିଜର ଅସହାୟତାର ଅଭିଯୋଗ ତୁମ୍ଭ ସମ୍ମୁଖରେ ପରିପ୍ରକାଶ କରୁଛି । ହେ ମୋର ଈଶ୍ୱର ! ତୁମ୍ଭେ ଅଶେଷ ଦୟାବାନ ଅଟ ଏବଂ ଦୁର୍ବଳ ଏବଂ ଅସହାୟମାନଙ୍କର ନିରୀକ୍ଷକ ଓ ରକ୍ଷକ ଅଟ । ତୁମ୍ଭେ ହିଁ ମୋର ପାଳନକର୍ତ୍ତା ଅଟ.....ପୁନଶ୍ଚ ଏହା ଆଗକୁ ଆପଣ ସ.ଅ କହିଲେ, ହେ ଈଶ୍ୱର ! ମୁଁ ତୁମ୍ଭ ତୁଣ୍ଡର ଆଲୋକରେ ଆଶ୍ରୟ ଭିକ୍ଷା କରୁଛି । କାରଣ ତୁମ୍ଭେ ହିଁ ସେହି ଈଶ୍ୱର ଅଟ ଯିଏ ଅନ୍ଧକାରକୁ ଦୂର କରିଥାଅ ଏବଂ ମାନବକୁ ସଂସାର ଏବଂ ଶେଷ ପୁଣ୍ୟର ଅଧିକାରୀ କରାଇଥାଅ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉତ୍‌ବା ବିନ୍ ଶୈବା ସେତେବେଳେ ସେହି ଉଦ୍ୟାନରେ ଉପସ୍ଥିତ ଥିଲେ । ଯେତେବେଳେ ସେ ଆପଣ ସ.ଅଙ୍କୁ ଏହି ରକ୍ତାକ୍ତ ଅବସ୍ଥାରେ ଦେଖିଲେ ସେତେବେଳେ ଦୂର ପାଖର ସଂପର୍କୀୟ କିମ୍ବା ଜାତୀୟ ଭାବାବେଗ ଅବା ଅଜ୍ଞାତ କୌଣସି ଧାରଣା ଦ୍ୱାରା ନିଜର ଖ୍ରୀଷ୍ଟ ଦାସ ଅଦ୍ଦ୍ ହାତରେ ଏକ ଡଙ୍ଗାରେ କିଛି ଅଙ୍ଗୁର ଦେଇ ପଠାଇଲା । ଆପଣ ସ.ଅ ସେହି ଅଙ୍ଗୁରକୁ ନେଲେ ଏବଂ ଅଦ୍ଦ୍‌କୁ ସମ୍ବୋଧିତ ହୋଇ କହିଲେ, ହେ ଅଦ୍ଦ୍! ତୁମ୍ଭେ କେଉଁଠିକାର ଅଧିବାସୀ ଅଟ ଓ କେଉଁ ଧର୍ମାବଲମ୍ବୀ ଅଟ ? ପ୍ରତ୍ୟୁତ୍ତରରେ ସେ କହିଲା, ଆଜ୍ଞା ମୁଁ ନେନ୍‌ୱାର ଅଧିବାସୀ ଅଟେ ଏବଂ ମୁଁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଅଟେ। ଆପଣ ସ.ଅ କହିଲେ, କ'ଣ ସେହି ନେନ୍‌ୱା ଯିଏ ଈଶ୍ୱରଙ୍କର ପୁଣ୍ୟବାନ୍ ଭକ୍ତ ହ. ୟୁନୁସ୍ ବିନ୍ ମତାଙ୍କର ଠିକଣା ଥିଲା । ଅଦ୍ଦ୍ କହିଲା, ଆଜ୍ଞା ହିଁ । କିନ୍ତୁ ଆପଣ ସ.ଅ ୟୁନୁସ୍ ଅ.ସଙ୍କ ଅବସ୍ଥା ସଂପର୍କରେ କିପରି ଜାଣିବାକୁ ପାଇଲେ ? ଆପଣ ସ.ଅ କହିଲେ, ହେ ଅଦ୍ଦ୍ ! ସେ ଅର୍ଥାତ୍ ୟୁନୁସ୍ ଅ.ସ ମୋର ଭାଇ ଥିଲେ । କାରଣ ସେ ମଧ୍ୟ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଥିଲେ ଏବଂ ମୁଁ ମଧ୍ୟ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ । ପୁନଶ୍ଚ ଆପଣ ସ.ଅ ତାକୁ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ (ଧର୍ମପ୍ରଚାର) କଲେ। ଏହାର ବହୁତ ପ୍ରଭାବ ତା' ଉପରେ ହେଲା ଏବଂ ସେ ଆଗକୁ ଅଗ୍ରସର ହୋଇ ନିଷ୍ଠାପୂର୍ଣ୍ଣ ଭାବରେ ଆପଣ ସ.ଅଙ୍କ ହାତକୁ ଚୁମ୍ବନ ଦେଲା । ଏହି ଦୃଶ୍ୟକୁ ଦୂରରେ ଛିଡ଼ା ହୋଇଥିବା ଉତ୍‌ବା ଓ ଶୈବା ମଧ୍ୟ ଦେଖିନେଲେ । ସୁତରାଂ ଯେତେବେଳେ ଅଦ୍ଦ୍ ସେମାନଙ୍କ ପାଖକୁ ଫେରିଲା ସେତେବେଳେ ସେମାନେ କହିଲେ, ହେ ଅଦ୍ଦ୍! ତୋତେ କ'ଣ ହୋଇଥିଲା ଯେ, ତୁ ସେହି ବ୍ୟକ୍ତିର ହାତକୁ ଚୁମ୍ବନ କରିବାକୁ ଲାଗିଲୁ?

ଏହି ବ୍ୟକ୍ତି ତ' ତୋର ଧର୍ମକୁ କଳୁଷିତ (ଖରାପ୍) କରିଦେବେ । କିନ୍ତୁ ତୋର ଧର୍ମ ତା' ଧର୍ମ ଅପେକ୍ଷା ଅଧିକ ଉତ୍ତମ ଓ ଶ୍ରେଷ୍ଠ ଅଟେ । ଆଁହଜରତ୍ ସ.ଅ ସେହି ଉଦ୍ୟାନରେ କିଛି ସମୟ ବିଶ୍ରାମ କଲେ ଏବଂ ପୁନଶ୍ଚ ସେଠାରୁ ବାହାରିଲେ ଏବଂ ନଖ୍‌ଲା ଠାରେ ପହଞ୍ଚିଲେ । ନଖ୍‌ଲା ମକ୍କା ଠାରୁ ଏକ ମାଇଲ୍ ଦୂରତାରେ ଅବସ୍ଥିତ ଅଟେ । ଆପଣ ସ.ଅ ସେଠାରେ କିଛି ଦିନ ଅବସ୍ଥାନ କଲେ । ତପୃରେ ଆପଣ ସ.ଅ ନଖ୍‌ଲାରୁ ପ୍ରସ୍ଥାନ କରି ହେରାହ୍ ଆସିଲେ । ଯେହେତୁ ତାଏଫ୍ ଯାତ୍ରା ପ୍ରକାଶ୍ୟ ରୂପେ ଅସଫଳତା ଯୋଗୁଁ ମକ୍କାବାସୀମାନେ ଅଧିକ ସାହସୀ ହୋଇଯିବାର ଯଥେଷ୍ଟ ସମ୍ଭାବନା ଥିଲା ଏବଂ ଏହି ଆଶଙ୍କ କରାଯାଉଥିଲା ଯେ, ମକ୍କାବାସୀମାନେ ଆହୁରି ଅଧିକ ଅତ୍ୟାଚାର କରିବେ । ତେଣୁ ଏଠାରୁ ଆପଣ ସ.ଅ ମୁତ୍‌ଇମ୍ ବିନ୍ ଅଦି ନାମକ ଜଣେ ବ୍ୟକ୍ତିକୁ ଡକାଇଲେ ଯେ, ମୁଁ ମକ୍କାରେ ପ୍ରବେଶ କରିବାକୁ ଚାହୁଁଛି, କ'ଣ ତୁମେ ମୋତେ ଏହି କାର୍ଯ୍ୟରେ ସାହାଯ୍ୟ କରିବ କି ? ମୁତ୍‌ଇମ୍ ପକ୍କା ଅବିଶ୍ୱାସକାରୀ ଥିଲା । କିନ୍ତୁ ସ୍ୱଭାବତଃ ଶିଷ୍ଟ ବ୍ୟକ୍ତି ଥିଲା । ଏପରି ପରିସ୍ଥିତିରେ ଅସ୍ୱୀକାର କରିବା ଆରବ୍ୟ ସାଧୁ ବ୍ୟକ୍ତିମାନଙ୍କ ସ୍ୱଭାବ ବିରୁଦ୍ଧୀୟ ଥିଲା । ତେଣୁ ସେ ନିଜର ପୁତ୍ର ଏବଂ ସଂପର୍କୀୟମାନଙ୍କୁ ସାଙ୍ଗରେ ନେଲା ଏବଂ ସମସ୍ତ ଅସ୍ତ୍ରଶସ୍ତ୍ର ଧରି କାଆବା ପାଖରେ ଛିଡ଼ା ହୋଇଗଲେ ଏବଂ ଆପଣ ସ.ଅଙ୍କୁ ଡକାଇଲେ ଯେ, ଆପଣ ସ.ଅ ଆସନ୍ତୁ । ଆପଣ ସ.ଅ ଆସିଲେ ଏବଂ କାଆବାର ପରିକ୍ରମା କଲେ ଏବଂ ସେଠାରେ ମୁତ୍‌ଇମ୍ ଓ ତା'ର ସନ୍ତାନର ଖଡ଼୍‌ଗ ସୁରକ୍ଷାରେ ନିଜ ଘରେ ପ୍ରବେଶ କଲେ । ବାଟରେ ଅବୁ ଜହଲ୍ ମୁତ୍‌ଇମ୍‌କୁ ଏପରି ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟଚକିତ ହୋଇ କହିବାକୁ ଲାଗିଲା, أَمُجِيرٌ أَمْ تَابِعٌ ଅର୍ଥାତ୍ ହେ ମୁତ୍‌ଇମ୍ ! କ'ଣ ତୁମେ କେବଳ ମୁହମ୍ମଦ ସ.ଅଙ୍କୁ ଆଶ୍ରୟ ପ୍ରଦାନ କରିଛ ଅବା ତୁମେ ମୁହମ୍ମଦର ବଶ୍ୟତା ସ୍ୱୀକାର କରି ନେଇଛ ? ମୁତ୍‌ଇମ୍ କହିଲା, ହେ ଅବୁ ଜହଲ୍ ! ମୁଁ କେବଳ ମୁହମ୍ମଦ୍ ସ.ଅଙ୍କୁ ଆଶ୍ରୟ ପ୍ରଦାନ କରିଛି, ମୁଁ ତା'ର ଅନୁଗାମୀ ଓ ବଶ୍ୟତା ସ୍ୱୀକାର କରି ନାହିଁ । ମୁତ୍‌ଇମ୍ ଅବିଶ୍ୱାସକାରୀ ଅବସ୍ଥାରେ ହିଁ ମୃତ୍ୟୁବରଣ କଲା.......ଏହା ତା'ର ଏକ ପୁଣ୍ୟ ଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ଏକଦା ହ. ଆଏଶା ର.ଅ ଆଁହଜରତ୍ ସ.ଅଙ୍କୁ ପଚାରିଲେ ଯେ, କ'ଣ ଆପଣ ସ.ଅଙ୍କୁ ୱହୋଦ୍ ଯୁଦ୍ଧ ଅପେକ୍ଷା ଅଧିକ ତାଏଫ୍‌ରେ କଷ୍ଟ ପହଞ୍ଚିଥିଲା ? ଆପଣ ସ.ଅ କହିଲେ, ହେ ଆଏଶା! ତୁମ ଜାତି ପକ୍ଷରୁ ମୋତେ ସର୍ବାଧିକ କଷ୍ଟ ଏବଂ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ପୁନଶ୍ଚ ଆପଣ ସ.ଅ ତାଏଫ୍ ଯାତ୍ରାର ଅନୁଭୂତି ହ. ଆଏଶା ର.ଅଙ୍କ ସମ୍ମୁଖରେ ବଖାଣିଲେ। ଆପଣ ସ.ଅ କହିଲେ, ଉକ୍ତ ଯାତ୍ରାରୁ ପ୍ରତ୍ୟାବର୍ତ୍ତନ ପରେ ମୋ ପାଖକୁ ପର୍ବତ ରାଜ (ଦେବଦୂତ) ଆସିଲେ ଏବଂ କହିବାକୁ ଲାଗିଲେ ଯେ, ହେ ମହାବତାର! ଈଶ୍ୱର ମୋତେ ଆପଣ ସ.ଅଙ୍କ ପାଖକୁ ପଠାଇଛନ୍ତି । ତେଣୁ ଆପଣ ସ.ଅ ଯଦି ମୋତେ ଆଦେଶ ଦିଅନ୍ତି ତେବେ ମୁଁ ଉଭୟ ପାର୍ଶ୍ୱସ୍ଥ ପର୍ବତକୁ ପରସ୍ପର ମଧ୍ୟରେ ସଂଲଗ୍ନ କରି ପର୍ବତ ମଧ୍ୟରେ ବାସ କରୁଥିବା ଲୋକମାନଙ୍କର ଅନ୍ତ ଘଟାଇଦେବି । ଅର୍ଥାତ୍ ପର୍ବତ ଖସାଇ ସେମାନଙ୍କର ବିନାଶ ଓ ବିପର୍ଯ୍ୟୟ ଘଟାଇଦେବି । ଆପଣ ସ.ଅ କହିଲେ, ନା ନା ! ମୁଁ ଆଶା କରୁଛି ଯେ, ଅଲ୍ଲାଃତାଲା ସେହି ଲୋକମାନଙ୍କ ମଧ୍ୟରୁ ହିଁ ଏପରି ଲୋକ ସୃଷ୍ଟି କରିବେ ଯେଉଁମାନେ ଏକେଶ୍ୱରବାଦଙ୍କ ଉପାସନା କରିବେ ।"**(ସିରତ୍ ଖାତମୁନି ନବୀୟିନ୍, ପୃ-203-206, ନୂତନ ସଂସ୍କରଣ)**

ହୁଜୁର ଅନୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ମନରେ ଲୋକମାନଙ୍କ ପ୍ରତି ସହାନୁଭୂତି ଭାବ ସଂପ୍ରସାରିତ ହୋଇଗଲା ଏବଂ ଆପଣ ସ.ଅଙ୍କୁ ଉକ୍ତ କଥା ଉପରେ ପୂର୍ଣ୍ଣ ବିଶ୍ୱାସ ରହିଥିଲା ଯେ, ଦିନେ ନା ଦିନେ ସେହି ଲୋକମାନଙ୍କର ଆଗାମୀ ବଂଶଧରମାନେ ଅବଶ୍ୟ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବେ ଏବଂ ଏକେଶ୍ୱରବାଦ ଉପରେ ସ୍ଥାପିତ ଓ ପ୍ରତିଷ୍ଠିତ ହୋଇଯିବେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ଏକେଶ୍ୱରବାଦ ସକାଶେ ଯେଉଁ ନିର୍ଯାତନା ଏବଂ କଷ୍ଟ ସହ୍ୟ କରିଥିଲେ ସେହି ଘଟଣାକୁ ଏକ ସ୍ଥାନରେ ହ. ମୁସ୍‌ଲେହ୍ ଏହିପରି ବର୍ଣ୍ଣନା କରିଛନ୍ତି ଯେ: "ଆପଣ ସ.ଅଙ୍କୁ ଶତ୍ରୁମାନେ ଯେଉଁ ନିର୍ଯାତନା ଦେଇଥିଲେ ତାହା ଏକେଶ୍ୱରବାଦର ପ୍ରକାଶନ ଯୋଗୁଁ ହିଁ ଦେଇଥିଲେ । ଆପଣ ସ.ଅଙ୍କୁ ମାଡ଼ ମରାଯାଉଥିଲା, ଆପଣ ସ.ଅଙ୍କ ପଛରେ କୁକୁର ଓ ବାରବୁଲା ପିଲାମାନଙ୍କୁ ଛାଡ଼ି ଦିଆଯାଉଥିଲେ । ଏକଦା ଆପଣ ସ.ଅ ଯେତେବେଳେ ତାଏଫ୍ ଠାକୁ ଗଲେ ସେତେବେଳେ ସେଠାକାର ଲୋକମାନେ ଆପଣ ସ.ଅଙ୍କୁ ଏପରି ନିର୍ମମ ଭାବରେ ମାଡ ମାରିଲେ ଯେ, ଆପଣ ସ.ଅ ଆପାଦ ମସ୍ତକ (ମୁଣ୍ଡରୁ ପାଦ ପର୍ଯ୍ୟନ୍ତ) ଲହୁ ଲୁହାଣ ହୋଇଗଲେ । ଆପଣ ସ.ଅ କଷ୍ଟ ଯୋଗୁଁ ପଡ଼ି ଯାଉଥିଲେ । କିନ୍ତୁ ଯେତେବେଳେ ଉଠୁଥିଲେ ସେତେବେଳେ ସେହି ଲୋକମାନେ ପୁଣି ଆପଣ ସ.ଅଙ୍କ ଉପରେ ପଥର ବୃଷ୍ଟି କରୁଥିଲେ । ଏପରି ଅବସ୍ଥାରେ ମଧ୍ୟ ଆପଣ ସ.ଅଙ୍କ ପାଟିରୁ ଏହା ହିଁ ବାହାରୁଥିଲା ଯେ, ହେ ଈଶ୍ୱର ! ସେହି ଲୋକମାନଙ୍କୁ କ୍ଷମା କରିଦିଅ । କାରଣ ଏମାନେ ବାସ୍ତବତା ଠାରୁ ଅପରିଚିତ (ଅନବଗତ ବା ଅଜ୍ଞାତ) ଅଟନ୍ତି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ସମସ୍ତ ପରିସ୍ଥିତି ମଧ୍ୟ ଦେଇ ଅତିକ୍ରମ କରି ଆପଣ ସ.ଅ ଏକେଶ୍ୱରବାଦର ତବ୍‌ଲିଗ୍ କରିବା ପରିତ୍ୟାଗ କରିଦେଲେ ନାହିଁ । ଆପଣ ସ.ଅ ଏହା ହିଁ କହୁଥିଲେ ଯେ, ସେ ଯାହା ହୋଇଯାଉ , ଏହି ଲୋକମାନେ ଯାହା କରନ୍ତୁ ମୁଁ କିନ୍ତୁ ଏକେଶ୍ୱରବାଦର ତବ୍‌ଲିଗ୍ କରିବା ପରିତ୍ୟାଗ (ଛାଡ଼ି ପାରିବି) କରି ପାରିବି ନାହିଁ । ପୁନଶ୍ଚ ଯେତେବେଳେ ଆପଣ ସ.ଅଙ୍କ ବିୟୋଗ ସମୟ ପାଖେଇ ଆସିଲା ସେତେବେଳେ ମଧ୍ୟ ଆପଣ ସ.ଅ ଏହା କହି ମୃତ୍ୟବରଣ କଲେ ଯେ: "ହେ ମୁସଲମାନମାନେ ! ତୁମେମାନେ ମୋ ପରେ ଶିର୍କ କରିବ ନାହିଁ ।" ଅର୍ଥାତ୍ ଆପଣ ସ.ଅଙ୍କ ସମଗ୍ର ଜୀବନ ଏକେଶ୍ୱରବାଦ ଉପରେ ହିଁ ପର୍ଯ୍ୟବେସିତ ଥିଲା । ଉଲ୍ଲେଖକାରୀମାନେ ଉଲ୍ଲେଖ କରନ୍ତି ଏବଂ ମୁଁ ଭାବୁଛି ଯେ, ରସୁଲ୍ କରୀମ୍ ସ.ଅଙ୍କ ଜନ୍ମ ମସୟରେ ମଧ୍ୟ ଈଶ୍ୱର ନିଜର ଏକେଶ୍ୱରବାଦର ପ୍ରମାଣ ଆପଣ ସ.ଅଙ୍କ ପିତାଶ୍ରୀଙ୍କୁ ଜନ୍ମ ହେବା ପୂର୍ବରୁ ହିଁ ମୃତ୍ୟୁ ପ୍ରଦାନ କଲେ । ସେହିପରି ଆପଣ ସ.ଅଙ୍କ ମାତାଶ୍ରୀଙ୍କୁ ଆପଣ ସ.ଅଙ୍କ ଜନ୍ମ ହେବାର କିଛି କାଳ ପରେ ଶୀଘ୍ର ମୃତ୍ୟୁ ପ୍ରଦାନ କରିଥିଲେ । ଆପଣ ସ.ଅଙ୍କ ଅଭିଭାବକମାନଙ୍କ ମୃତ୍ୟୁରେ ବାସ୍ତବରେ ଅଲ୍ଲାଃତାଲାଙ୍କ ଏହି ଉଦ୍ଦେଶ୍ୟ ରହିଥିଲା ଯେ, ଅଲ୍ଲାଃତାଲା ନିଜ ଏକେଶ୍ୱରବାଦର ପ୍ରମାଣ ଦିଅନ୍ତୁ । ଆପଣ ସ.ଅଙ୍କ ଅସହାୟତା ସେତେବେଳେ ଆରମ୍ଭ ହେଲା ଯେତେବେଳେ ଆପଣ ସ.ଅଙ୍କ ପିତା ଏହି ଦୁନିଆରେ ରହିଲେ ନାହିଁ, ମାତା ଏହି ଦୁନିଆରେ ରହିଲେ ନାହିଁ । ଅତଏବ୍ ଆଁହଜରତ୍ ସ.ଅଙ୍କ ଭବ୍ୟ ପରିଣାମ ସ୍ୱୟଂ ଈଶ୍ୱରଙ୍କ ଏକେଶ୍ୱରବାଦର ବଳିଷ୍ଠ ପ୍ରମାଣ ଥିଲା । **(ସିରତୁନ୍ ନବୀ ସ.ଅ, ଗ୍ରନ୍ଥଖଣ୍ଡ-3, ପୃ-188)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉକ୍ତ କଥାରୁ ଏହା ସିଦ୍ଧ ହୁଏ ଯେ, ଅଲ୍ଲାଃତାଲା ଯାହାଙ୍କ ଏକେଶ୍ୱରବାଦର ପ୍ରଚାର ଆପଣ ସ.ଅ କରୁଥିଲେ ସେହି ଏକେଶ୍ୱର (ଅଲ୍ଲାଃତାଲା) ହିଁ ଆପଣ ସ.ଅଙ୍କୁ ବାଲ୍ୟ କାଳରୁ ଆରମ୍ଭ କରି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସମ୍ଭାଳି ଥିଲେ ଓ ଆପଣ ସ.ଅଙ୍କର ଯତ୍ନ ନେଇଥିଲେ । ହୁଜୁର ଅନୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ଆରବର ବଜାରରେ ମଧ୍ୟ ତବ୍‌ଲିଗ୍ କରିବାର ଚର୍ଚ୍ଚା ମଧ୍ୟ ମିଳିଥାଏ। ସୁତରାଂ ଉଲ୍ଲେଖ ରହିଛି ଯେ, ଆଁହଜରତ୍ ସ.ଅ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ମକ୍କାରେ ଏକୁଟିଆ ଏବଂ ଏକତ୍ରିତ ପ୍ରଚାରର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ମକ୍କା ବାହାରେ ଲୋକମାନେ ବିଭିନ୍ନ ସ୍ଥାନରେ ଏକତ୍ରିତ ହେଉଥିଲେ, ଯେଉଁଠି କିଣା ବିକା ମଧ୍ୟ ହେଉଥିଲା ଏବଂ ଲୋକମାଙ୍କ ଗହଳି ହେଉଥିଲା ସେହି ବଜାରକୁ ଅସ୍‌ୱାକୁଲ୍ ଅରବ୍ ବୋଲି କୁହାଯାଉଥିଲା । ଅର୍ଥାତ୍ ଆରବର ବଜାର । ଭାରତ ଏବଂ ପାକିସ୍ତାନ ସଂସ୍କୃତିରେ ସେହି ବଜାରକୁ ମେଳା ବୋଲି କୁହନ୍ତି । ଅତଏବ୍ ଆଁହଜରତ୍ ସ.ଅଙ୍କ କାଳରେ ସେହିପରି ମେଳା ଅନୁଷ୍ଠିତ ହେଉଥିଲା । مَجَنَّه، عُكاظ ଏବଂ ذوالمجاز, କୁରୈଶ୍ ଇତ୍ୟାଦ ଆରବର ପ୍ରମୁଖ ବଜାର ଥିଲା । ସେହି ବଜାରମାନଙ୍କ ମଧ୍ୟରୁ ସର୍ବ ବୃହତ୍ ବଜାର ଉକାଜ୍ ଥିଲା । ଏହି ବଜାର ମକ୍କା ଠାରୁ ତିନି ରାତ୍ର ବ୍ୟବଧାନରେ ଅବସ୍ଥିତ ଥିଲା । ଉକାଜ୍‌ର ବଜାରରେ ଆରବ୍ୟମାନେ ସଂପୂର୍ଣ୍ଣ ଶୱାଲ୍ ମାସ ଅବସ୍ଥାନ କରୁଥିଲେ । ପୁନଶ୍ଚ ଆରବ୍ୟମାନେ ମଜନ୍ନା ବଜାର ମୁହାଁ ହେଉଥିଲେ । ଏହି ମଜନ୍ନା ବଜାର ମକ୍କା ଠାରୁ କିଛି ମାଇଲ୍ ବ୍ୟବଧାନରେ ମର୍‌ରୁଜ୍ ଜହ୍‌ରାନ୍ ଠାରେ ଅବସ୍ଥିତ ଥିଲା ଏବଂ ସେଠାରେ 20 ଜି କାଆଦା ପର୍ଯ୍ୟନ୍ତ ଆରବ୍ୟମାନେ ଅବସ୍ଥାନ କରୁଥିଲେ। ପୁନଶ୍ଚ ଆରବ୍ୟମାନେ ଜୁଲ୍ ମଯାଜ୍‌ର ବଜାର ମୁହାଁ ହେଉଥିଲେ । ଏହି ବଜରାଟି ଅରଫାତ୍‌ର ଭୂମି ଠାରୁ ତିନି ମାଇଲ୍ ବ୍ୟବଧାନରେ ଅବସ୍ଥିତ ଥିଲା ଏବଂ ସେଠାରେ ହଜ୍ ଦିନ ପର୍ଯ୍ୟନ୍ତ ଲୋକମାନେ ଏବଂ ଆରବ୍ୟମାନେ ଅବସ୍ଥାନ କରୁଥିଲେ । ସେହି ସବୁ ସ୍ଥାନମାନଙ୍କୁ ଯାଇ ଆଁହଜରତ୍ ସ.ଅ ତବ୍‌ଲିଗ୍ (ପ୍ରଚାର) କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମକ୍କାରେ 10 ବର୍ଷ ପର୍ଯ୍ୟନ୍ତ କାଳ ଅବସ୍ଥାନ କଲେ । ହଜ୍ ଦିନମାନଙ୍କରେ ଆପଣ ସ.ଅ ଉକାଜ୍ ଏବଂ ମଜନ୍ନା ବଜାରର ମାଇ୍‌ଲ ମାଇଲ୍ ଦୂର ସ୍ଥାନକୁ ଯାଉଥିଲେ ଏବଂ ଲୋକମାନଙ୍କ ଘରକୁ ଏବଂ ରହଣୀ ସ୍ଥାନମାନଙ୍କୁ ଯାଇ ସେମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରୁଥିଲେ । ଆପଣ ସ.ଅ କହୁଥିଲେ: "କିଏ ସେହି ବ୍ୟକ୍ତି ଯିଏ ମୋତେ ଆଶ୍ରୟ ପ୍ରଦାନ କରିବ, କିଏ ସେହି ବ୍ୟକ୍ତି ଯିଏ ମୋତେ ସାହାଯ୍ୟ କରିବ ଏବଂ ମୁଁ ନିଜ ପାଳନକର୍ତ୍ତାଙ୍କ ସନ୍ଦେଶ ପହଞ୍ଚାଇଦେବି ଓ ସେହି ବ୍ୟକ୍ତି ନିମନ୍ତେ ସ୍ୱର୍ଗ ଉଦ୍ଦିଷ୍ଟ ହେବ ।" **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନେ କସିର୍, ଅଲ୍ ଯୁଜ୍‌ଉସ୍ ସାନି, ପୃ-194, ଦାରୁଲ୍ ମାଆରିଫତା, ବୈରୁତ୍-1976 ମସିହା) (ଇମ୍‌ତାଅଲ୍ ଅସ୍‌ମାଆ, ଗ୍ରନ୍ଥଖଣ୍ଡ-8, ପୃ-309, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ରବିୟାହ୍ ବିନ୍ ଇବାଦ୍ ର.ଅ ବର୍ଣ୍ଣନା କରନ୍ତି ମୁଁ ଅଶିକ୍ଷିତ ଯୁଗ ପାଇଥିଲି ଓ ପରବର୍ତ୍ତୀ କାଳରେ ମୁଁ ମୁସଲମାନ ହୋଇଯାଇଥିଲି। ମୁଁ ଜୁଲ୍ ମଯାଜ୍ ବଜାରରେ ରସୁଲୁଲ୍ଲାଃ ସ.ଅଙ୍କୁ ନିଜ ଆଖିରୁ ଦେଖିଥିଲି । ଆପଣ ସ.ଅ ଲୋକମାନଙ୍କୁ କହୁଥିଲେ ଯେ, ହେ ଲୋକମାନେ ! ତୁମେମାନେ କୁହ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ଏପରି କହିବା ଦ୍ୱାରା ତୁମେମାନେ ସାଫଲ୍ୟମଣ୍ଡିତ ହୋଇଯିବ । ଆପଣ ସ.ଅ ବଜାରର ଗଳିରେ ଆଗକୁ ଅଗ୍ରସର ହେଉଥିଲେ ଏବଂ ଲୋକମାନେ ଆପଣ ସ.ଅଙ୍କୁ ପାଟି କରୁଥିଲେ । କିନ୍ତୁ ମୁଁ କାହାରିକୁ ଏହା କହୁଥିବାର ଶୁଣି ନାହିଁ ଯେ, ଆପଣ ସ.ଅଙ୍କ କଥାକୁ ଗ୍ରହଣ କରିନିଆଯାଉ । ଏସବୁ ସତ୍ତ୍ୱେ ଆପଣ ସ.ଅ ନିରବ ହେଉ ନଥିଲେ ଏବଂ ଅହରହ କହୁଥିଲେ ଯେ, ହେ ଲୋକମାନେ ! ତୁମେମାନେ କୁହ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । **(ମସ୍‌ନଦ୍ ରବିଇୟାହ୍ ବିନ୍ ଅବ୍‌ବାଦ୍, 16119, ଆଲିମୁଲୁ କୁତୁବ୍ ବୈରୁତ୍, 1998 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକେଶ୍ୱରବାଦର ବାର୍ତ୍ତା (ସନ୍ଦେଶ) ପହଞ୍ଚାଇବା ଯୋଗୁଁ ପର ଏବଂ ଆପଣାଙ୍କ ପକ୍ଷରୁ ଆପଣ ସ.ଅଙ୍କୁ ନାନା ଦୁଃଖ କଷ୍ଟ ତଥା ନିର୍ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଆପଣ ସ.ଅ ମୁକ୍ତ ଭାବରେ ଉପାସନା ମଧ୍ୟ କରିପାରୁ ନଥିଲେ । ଆଁହଜରତ୍ ସ.ଅ ଏକେଶ୍ୱରବାଦର ସନ୍ଦେଶ ପହଞ୍ଚାଇବା ସତ୍ତ୍ୱେ ମଧ୍ୟ ଏହା ଚାହୁଁ ନଥିଲେ ଯେ, ଲୋକମାନେ ଆପଣ ସ.ଅଙ୍କ ଉପାସନାରେ କୌଣସି ହସ୍ତକ୍ଷେପ କରନ୍ତୁ । ଆପଣ ସ.ଅଙ୍କ ଉପରେ ଆକ୍ରମଣ ନ କରି ଦିଅନ୍ତୁ ।

ଯେଉଁ ଲୋକମାନେ ମୁସଲମାନ ହେଉଥିଲେ ଅର୍ଥାତ୍ ଇସଲାମ୍ ଧର୍ମ ଗ୍ରହଣ କରୁଥିଲେ ସେମାନଙ୍କ ଉପରେ ନାନା ଅକଥନୀୟ ଅତ୍ୟାଚାର ହେଉଥିଲା । ସୁତରାଂ ଆଁହଜରତ୍ ସ.ଅଙ୍କ ଉପାସନା ଏବଂ ନମାଜ୍ ପାଠ ସଂପର୍କରେ ଏକ ବର୍ଣ୍ଣନାର ଚର୍ଚ୍ଚା ମିଳେ । ରସୁଲ୍ କରୀମ୍ ସ.ଅ ଏବଂ ହ. ଅଲୀ ର.ଅ ମକ୍କାର ପର୍ବତର କୌଣସି ଘାଟିକୁ ଯାଉଥିଲେ । ଘାଟିକୁ ଯାଇ ଲୋକମାନଙ୍କ ସହିତ ଗୁପ୍ତ ରୂପେ ନମାଜ୍ ପାଠ କ ରୁଥିଲେ ଏବଂ ଦୀର୍ଘ କାଳ ପର୍ଯ୍ୟନ୍ତ ଏହିପରି ଭାବରେ ଆପଣ ସ.ଅ ନମାଜ୍ ପାଠ କରୁଥିଲେ । ପୁନଶ୍ଚ ଅବୁ ତାଲିବ୍‌କୁ ଯେତେବେଳେ ଏଥି ସଂକ୍ରାନ୍ତରେ ସୂଚନା ମିଳିଲା ସେତେବେଳେ ସେ ଉଭୟଙ୍କୁ ଅର୍ଥାତ୍ ଆଁହଜରତ୍ ସ.ଅ ଓ ହ. ଅଲୀ ର.ଅଙ୍କୁ ନମାଜ୍ ପାଠ କରୁଥିବାର ଦେଖିନେଲେ। ଅତଏବ୍ ସେ ରସୁଲ୍ କରୀମ୍ ସ.ଅଙ୍କୁ ହ. ଅବୁ ତାଲିବ୍ ପଚାରିଲେ ଯେ, ହେ ମୋର ପୁତୁରା ! ଏଇଟା କେଉଁ ଧର୍ମ ଅଟେ ଯେଉଁ ଧର୍ମକୁ ତୁମେ ଅବଲମ୍ବନ କରିଛ? ଆପଣ ସ.ଅ କହିଲେ, ହେ ମୋର ଚଚା ! ଏଇଟା ଈଶ୍ୱରଙ୍କ ଧର୍ମ, ତାହାଙ୍କ ଦେବଦୂତ ଓ ତାହାଙ୍କ ବାର୍ତ୍ତାବହ ତଥା ଆମମାନଙ୍କର ପ୍ରିୟ ପିତାମହ ହ. ଇବ୍ରାହିମ ଅ.ସଙ୍କ ଧର୍ମ ଅଟେ । ଈଶ୍ୱର ମୋତେ ଏହି ଧର୍ମ ସାଙ୍ଗରେ ମୋତେ ବାର୍ତ୍ତାବହ କରି ପ୍ରେରଣ କରିଛନ୍ତି । ତେଣୁ ହେ ମୋର ଚଚା ! ଆପଣ ଉକ୍ତ କଥାର ସର୍ବାଧିକ ଅଧିକାରୀ ଯେ, ମୁଁ ଆପଣଙ୍କୁ ଉପଦେଶ ଦେବି ଓ ଆପଣଙ୍କୁ ସତ୍ମାର୍ଗ ଆଡ଼କୁ ଡାକିବି । ଆପଣ ଏହି ଧର୍ମ ତଥା ମୋର ସନ୍ଦେଶକୁ ସ୍ୱୀକାର କରିବା ଏବଂ ମୋତେ ସାହାଯ୍ୟ କରନ୍ତୁ । ହ. ଅବୁ ତାଲିବ୍ ର.ଅ କହିଲେ, ହେ ମୋର ପୁତୁରା ! ମୁଁ ନିଜର ବାପ ଅଜାଙ୍କ ଧର୍ମକୁ ପରିତ୍ୟାଗ କରି ପାରିବି ନାହିଁ । କିନ୍ତୁ ଯେପର୍ଯ୍ୟନ୍ତ ମୁଁ ଜୀବିତ ଅଛି ସେପର୍ଯ୍ୟନ୍ତ ତୁମକୁ ଶତ୍ରୁ କୌଣସି କ୍ଷତି ପହଞ୍ଚାଇ ପାରିବ ନାହିଁ । ମୁଁ ଯେମିତି ବି ହେଉ ତୁମକୁ ସାହାଯ୍ୟ କରିବି । ଅବୁ ତାଲିବ୍ ନିଜର ପୁତ୍ର ହ. ଅଲୀ ର.ଅଙ୍କୁ ମଧ୍ୟ ପଚାରିଲେ ଯେ, ହେ ଅଲୀ ! ତୁମେ କେଉଁ ଧର୍ମ ଅବଲମ୍ବନ କରିଛ ? ପ୍ରତ୍ୟୁତ୍ତରରେ ସେ (ହ. ଅଲୀ ର.ଅ) କହିଲେ, ହେ ଅବୁ ତାଲିବ୍ ! ମୁଁ ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଉପରେ ବିଶ୍ୱାସ ଆଣୁଛି। ଆପଣ ସ.ଅ ଯେଉଁ ଧର୍ମ ଆଣିଛନ୍ତି ସେହି ଧର୍ମର ମୁଁ ପୁଷ୍ଟି କରୁଛି । ମୁଁ ତାଙ୍କ (ହ. ମୁହମ୍ମଦ୍ ସ.ଅଙ୍କ) ସହିତ ନମାଜ ପାଠ କରୁଛି । ପ୍ରତ୍ୟୁତ୍ତରରେ ଅବୁ ତାଲିବ୍ କହିଲେ, ନିଃସନ୍ଦେହ ରୂପେ ମୁହମ୍ମଦ ସ.ଅ ତୁମକୁ ପୁଣ୍ୟ ଆଡ଼କୁ ଡାକିବେ । ସୁତରାଂ ତୁମେ ତାଙ୍କ ସାଙ୍ଗରେ ରୁହ । ହ. ଅବୁ ତାଲିବ୍ ର.ଅ ନିଜର ପୁତ୍ରକୁ କହିଲେ, ହେ ଅଲୀ ତୁମେ ମୁହମ୍ମଦ ସ.ଅଙ୍କ ସହିତ ରହିବ । **(ତାରିଖୁତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-1, ପୃ-539, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍, 1987 ମସିହା)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି ଏକେଶ୍ୱରବାଦ ସ୍ୱୀକାର କରିବା ଯୋଗୁଁ ସାହାବାମାନଙ୍କ ଉପରେ ମଧ୍ୟ ଅତ୍ୟାଚାର ହେଲା । ମକ୍କାର କୁରୈଶ୍‌ମାନେ ଏକ ପକ୍ଷରେ ନିଜର ଶକ୍ତି, ରାଜନୀତିର ବିଭିନ୍ନ କୌଶଳ ଅବଲମ୍ବନ କରି ରାଜଦୂତ ଏବଂ ଧମକପୂର୍ଣ୍ଣ ଶୈଳୀ ଆଁହଜରତ୍ ସ.ଅଙ୍କୁ କୌଣସି ନା କୌଣସି ଉପାୟରେ ଇସ୍‌ଲାମ୍ ଧର୍ମର ତବ୍‌ଲିଗରୁ ଅଟକାଇବା ନିମନ୍ତେ ଉଦ୍ୟମ କରୁଥିଲେ । ଅନ୍ୟ ପକ୍ଷରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ଯୋଗୁଁ ଅନ୍ୟାୟ, ଅତ୍ୟାଚାରର ବଜାର ଉଷ୍ମ କଲେ ଏବଂ ଏପରି ନୃଶଂସନୀୟ ତଥା ବର୍ବରତାମୂଳକ ଆଚରଣ ପ୍ରଦର୍ଶନ କରେ ଯେ, ଏହାର ସବିଶେଷ ବିବରଣୀ ଲେଖିବା ନିମନ୍ତେ ନା କଲମରେ ସାମର୍ଥ୍ୟ ରହିଛି ଓ ନା ହିଁ ବର୍ଣ୍ଣନା କରିବାକୁ କୌଣସି ବ୍ୟକ୍ତି ମଧ୍ୟରେ ସାହସ ରହିଛି । ସେ ଯାହା ହେଉ ତଥାପି ଯାହା କିଛି ବର୍ଣ୍ଣନା କରାଗଲା ତାହା ଏପରି ଅଟେ ଯେ, ମନୁଷ୍ୟକୁ ଦୋହଲାଇ (ଆନ୍ଦୋଳିତ) କରି ଦେଇଥାଏ ।

ହ. ବିଲାଲ୍ ର.ଅ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ଉପରେ ବିଶ୍ୱାସ ଆଣିଲେ ସେତେବେଳେ ତାଙ୍କୁ ନାନା ପ୍ରକାରର ନିର୍ଯାତନା ଓ ଶାସ୍ତି ପ୍ରଦାନ କରାଯାଇଥିଲା । ଯେତେବେଳେ ଲୋକମାନେ ହ. ବିଲାଲ୍ ର.ଅଙ୍କୁ ଶାସ୍ତି ପ୍ରଦାନ କରିବାରେ କ୍ରୁରତା ପ୍ରଦର୍ଶନ କରୁଥିଲେ ସେତେବେଳେ ହ. ବିଲାଲ୍ ର.ଅ **ଅହଦ୍ ଅହଦ୍** କହୁଥିଲେ । ଅବିଶ୍ୱାସକାରୀମାନେ ହ. ବିଲାଲ୍ ର.ଅଙ୍କୁ କହୁଥିଲେ ଯେ, ହେ ବିଲାଲ୍ ! ଆମେମାନେ ଯେପରି କହୁଛୁ ତୁମେ ସେହିପରି କୁହ । ପ୍ରତ୍ୟୁତ୍ତରରେ ହ. ବିଲାଲ୍ ର.ଅ କହୁଥିଲେ ଯେ, ହେ କୁରୈଶ ! ତୁମେମାନେ ଯାହା କହୁଛି ମୋର ତୁଣ୍ଡ ସେହି ଶବ୍ଦକୁ ଭଲ ଭାବରେ ଉଚ୍ଚାରଣ କରିପାରିବ ନାହିଁ । ଅନ୍ୟ ଏକ ବର୍ଣ୍ଣନାରେ ହ. ବିଲାଲ୍ ର.ଅଙ୍କୁ ଯେତେବେଳେ କୌଣସି ଦୁଃଖ ଯନ୍ତ୍ରଣା ଦିଆଯାଉଥିଲା ଏବଂ ଅବିଶ୍ୱାସକାରୀମାନେ ଏହି ଇଚ୍ଛା ପ୍ରକାଶ କରୁଥିଲେ ଯେ, ସେମାନେ ହ. ବିଲାଲ୍ ର.ଅଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିନେବେ । କିନ୍ତୁ ହ. ବିଲାଲ୍ ର.ଅ କହୁଥିଲେ ଯେ, **ଅଲ୍ଲାଃ ! ଅଲ୍ଲାଃ ।**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ବିଲାଲ୍ ର.ଅ ଯେତେବେଳେ ବିଶ୍ୱାସ ଆଣିଲେ ସେତେବେଳେ ତାଙ୍କର ମାଲିକମାନେ ତାଙ୍କୁ ଧରି ଭୂମି ଉପରେ ଶୁଆଇ ଦେଲେ ଏବଂ ତାଙ୍କ ଉପରେ ପଥର ଗରଡ଼ା ମିଶ୍ରିତ ଗୋଡ଼ି ଏବଂ ଗାଈ ଚମଡ଼ା ପକାଇଲେ ଏବଂ କହିବାକୁ ଲାଗିଲେ ଯେ, ହେ ବିଲାଲ୍ ! ତୁମେ କୁହ ତୁମର ପାଳନକର୍ତ୍ତା ଲାତ୍ ଓ ଉଜ୍ଜା ଅଟନ୍ତି । କିନ୍ତୁ ଆପଣ ର.ଅ **ଅହଦ୍ ଅହଦ୍** ହିଁ କହୁଥିଲେ । ସେହି ମାଲିକମାନଙ୍କ ନିକଟକୁ ହ. ଅବୁ ବକ୍କର ର.ଅ ଆସିଲେ ଏବଂ କହିଲେ, ହେ କୁରୈଶ୍ ! ତୁମେମାନେ କେତେଦୂର ପର୍ଯ୍ୟନ୍ତ ଏହି ଦାସକୁ ନିର୍ଯାତନା ଦେଉଥିବ ? ହ. ଅବୁ ବକ୍କର ର.ଅ ହ. ବିଲାଲ୍ ର.ଅଙ୍କୁ 7 ଔକିୟାହ୍ (ଏକ ପ୍ରକାରର ପରିମାପକ)ରେ କିଣି ତାଙ୍କୁ ମୁକ୍ତ କରିଦେଲେ । ଔକିୟାହ୍ କହିଲେ, ଦିରହମ୍‌କୁ ବୁଝାଏ । ତେଣୁ ଗୋଟିଏ ଔକିୟାହ୍ 40 ଦିରହମ୍‌କୁ ବୁଝାଏ ଓ 7 ଔକିୟାହ୍ କହିଲେ 7×40=280 ଦିରହମ୍‌କୁ ବୁଝାଏ । ଅତଏହ୍ ହ. ଅବୁ ବକ୍କର୍ ର.ଅ ହ. ବିଲାଲ୍ ର.ଅଙ୍କୁ 280 ଦିରହମ୍‌ରେ କିଣି ମୁକ୍ତ କରିଦେଲେ । **(ଅତ୍‌ତ୍‌ବକାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଅଲ୍ ଯୁଜ୍‌ଉସ୍ ସାଲିସ୍, ପୃ-175-176, ବିଲାଲ୍ ବିନ୍ ରାବାହା, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍, 1990 ମସିହା) (ଶରହୁଜ୍ ଜର୍କାନୀ, ଗ୍ରନ୍ଥଖଣ୍ଡ-11, ପୃ-197, ମକ୍‌ତବା ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ତାଙ୍କ ବ୍ୟତୀତ ହ. ସୁମୈୟାହ୍, ହ. ଅମ୍ମାର ବିନ୍ ୟାସିର୍, ହ. ଖୁବ୍‌ବାବ୍ ର.ଅ ଏବଂ ବିଂଶାଧିକ ଦାସ, ମହିଳା ଓ ପୁରୁଷମାନେ ରହିଥିଲେ ଯେଉଁମାନେ ଏକେଶ୍ୱରବାଦ ଉପରେ ବିଶ୍ୱାସ ଆଣିଥିବା ହେତୁ ସେମାନଙ୍କୁ ମକ୍କାର ଅବିଶ୍ୱାସକାରୀମାନଙ୍କର ଜଘନ୍ୟ ଏବଂ ଯନ୍ତ୍ରଣାଦାୟକ ଅତ୍ୟାଚାରର ଶିକାର ହେବାକୁ ପଡ଼ିଥିଲା । ମକ୍କାର ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କ ଉପରେ ତ' ଅତ୍ୟାଚାର କରୁଥିଲେ ସତ, କିନ୍ତୁ ସ୍ୱୟଂ ଆଁହଜରତ୍ ସ.ଅଙ୍କ ପବିତ୍ର ଅସ୍ତିତ୍ୱ ମଧ୍ୟ ସେମାନଙ୍କ ଅତ୍ୟାଚାରରୁ ସୁରକ୍ଷିତ ନଥିଲା । ଯେପରିକି ମୁଁ ବର୍ତ୍ତମାନ ବର୍ଣ୍ଣନା କରି ଆସିଛି ଯେ, ଆଁହଜରତ୍ ସ.ଅଙ୍କ ପ୍ରତି ମକ୍କାର ଅବିଶ୍ୱାସକାରୀମାନେ କିପରି ଅକଥନୀୟ ଅତ୍ୟାଚାର କରୁଥିଲେ । ଯଦି ଦେଖାଯାଏ ତେବେ ସର୍ବାଧିକ ଦୁଃଖ କଷ୍ଟର ସମ୍ମୁଖୀନ ଆଁହଜରତ୍ ସ.ଅଙ୍କୁ ହିଁ ସହ୍ୟ କରିବାକୁ ପଡ଼ିଥିଲା । ଏହି ଦୁଃଖ କଷ୍ଟ କମ୍ ନଥିଲା କି ଆପଣ ସ.ଅଙ୍କ ନାମକୁ ମଧ୍ୟ ବିକୃତ କରି ଅବିଶ୍ୱାସକାରୀମାନେ ଡାକୁଥିଲେ । ଅର୍ଥାତ୍ ଅବିଶ୍ୱାସକାରୀମାନେ ମୁହମ୍ମଦ୍ ସ.ଅ ପରିବର୍ତ୍ତେ ମୁଜମ୍ମମ୍ ବୋଲି ଡାକୁଥିଲେ । ଅର୍ଥାତ୍ ମୁହମ୍ମଦ୍ କହିଲେ, ସର୍ବାଧିକ ପ୍ରଶଂସିତ ବ୍ୟକ୍ତିକୁ ବୁଝାଏ ଓ ମୁଜମ୍ମମ୍ କହିଲେ, ସର୍ବାଧିକ ତିରସ୍କୃତ ଓ ନିନ୍ଦିତ ବ୍ୟକ୍ତିକୁ ବୁଝାଏ, ତେଣୁ ଅବିଶ୍ୱାସକାରୀମାନେ ଏହି ନାମରେ ଆଁହଜରତ୍ ସ.ଅଙ୍କୁ ଡାକୁଥିଲେ । **ନାଉଜୁବିଲ୍ଲାଃ** । ଆଁହଜରତ୍ ସ.ଅ ହେଉଛନ୍ତି ସେହି ବ୍ୟକ୍ତି ତଥା ମହାବତାର ଯିଏ ସମଗ୍ର ମକ୍କାରେ ସର୍ବାଧିକ ସତ୍ୟବାଦୀ ବ୍ୟକ୍ତି ଥିଲେ। ଅବିଶ୍ୱାସକାରୀମାନେ ଆପଣ ସ.ଅଙ୍କୁ ମିଥ୍ୟାବାଦୀ ବୋଲି ଅଭିହିତ କରୁଥିଲେ । ଆପଣ ସ.ଅ ହେଉଛନ୍ତି ସେହି ବ୍ୟକ୍ତି ଯିଏ ନିଜ ଜାତିରେ ସର୍ବାଧିକ ଶୁଭେଚ୍ଛୁ ଓ ହିତୈଷୀ ଥିଲେ, ଆପଣ ସ.ଅଙ୍କୁ ଅବିଶ୍ୱାସକାରୀମାନେ ଲମ୍ପଟ, ଶଠ ଚଞ୍ଚକତାକାରୀ ତଥା ଧୋକାବାଜ୍ ବ୍ୟକ୍ତି କହୁଥିଲେ । କିନ୍ତୁ ଆପଣ ସ.ଅ ନିଜର ଯୌବନ, ସ୍ୱାସ୍ଥ୍ୟକୁ , ନିଜର ଦିନ ରାତିକୁ ସେହି ଜାତିର ସତ୍ମାର୍ଗ, ସଂସ୍କାର, ସଂଶୋଧନ ତଥା ଉନ୍ନତି ତଥା କଲ୍ୟାଣ ସକାଶେ ଉତ୍ସର୍ଗ କରି ଦେଇଥିଲେ ସେଭଳି ବ୍ୟକ୍ତିକୁ ମକ୍କାର ଅବିଶ୍ୱସାକାରୀମାନେ ପାଗଳ, ମାନସିକ ରୋଗୀ ରୂପେ ଅବିଶ୍ୱାସକାରୀମାନେ ଅଭିହିତ କରିବାକୁ ଲାଗିଲେ। କେତେବେଳେ ଆପଣ ସ.ଅଙ୍କ ବେକରେ ଗାମୁଛା ପକାଇ ଏତେ ଜୋରରେ ଅବିଶ୍ୱାସକାରୀମାନେ ଭିଡ଼ୁଥିଲେ ଯେ, ଆପଣ ସ.ଅଙ୍କ ଶ୍ୱାସ ରୁଦ୍ଧ ହୋଇଯାଉଥିଲା, ତ' ଆଉ କେତେବେଳେ ଆପଣ ସ.ଅଙ୍କ ଉପରେ ଅବିଶ୍ୱସାକାରୀମାନେ ଟେକା ପଥର ଫିଙ୍ଗୁଥିଲେ ଓ ଆଉ କେତେବେଳେ ସେମାନେ ଆପଣ ସ.ଅଙ୍କ ଉପରେ ଧୂଳି ପାଉଁଶ ମଧ୍ୟ ଫିଙ୍ଗୁଥିଲେ ।

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ଉରୱାହ ବିନ୍ କୁବୈର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ବିନ୍ ଆସି ର.ଅଙ୍କୁ ପଚାରିଲି ଯେ, ହେ ଅବ୍‌ଦୁଲ୍ଲାଃ! ମୁସରିକିନ (ଅବିଶ୍ୱାସକାରୀମାନେ)ମାନେ ଆଁହଜରତ୍ ସ.ଅଙ୍କ ପ୍ରତି କେଉଁ ବ୍ୟବହାର ପ୍ରଦର୍ଶନ କରୁଥିଲେ । ସେ କହିଲେ, ଏକଦା ନବୀ କରୀମ୍ ସ.ଅ ମସ୍‌ଜିଦେ ହରାମ୍‌ର ହତିମ୍ (ଖାନା କାଆବା ସହିତ ଯେଉଁ ଖାଲି ସ୍ଥାନଟି ରହିଥିଲା ତା'ର ଆଖପାଖରେ ଯେଉଁ ଛୋଟିଆ କାନ୍ଥ ରହିଛି ସେହି ଅଞ୍ଚଳକୁ ହତିମ୍ କୁହାଯାଏ) ଠାରେ ନମାଜ ପାଠ କରୁଥିଲେ । ଉକ୍‌ବା ବିନ୍ ଅବି ମୁଇତ୍ ଆସିଲା ଏବଂ ସେ ନିଜର କପଡ଼ା ଆପଣ ସ.ଅଙ୍କ ବେକରେ ପକାଇ ଆପଣ ସ.ଅଙ୍କ ଗଳାକୁ ଜୋରରେ ଭିଡ଼ି ଶ୍ୱାସରୁଦ୍ଧ କଲା । ଠିକ୍ ସେତିକିବେଳେ ହ. ଅବୁ ବକ୍କର୍ ର.ଅ ଆସି ପହଞ୍ଚିଗଲେ ଏବଂ ଆସି ଉକ୍‌ବାର କାନ୍ଧକୁ ଧରି ତାକୁ ଠେଲିଦେଲେ । ନବୀ କରୀମ୍ ସ.ଅଙ୍କ ପାଖରୁ ତାକୁ ହଟାଇଦେଲେ ଏବଂ କହିଲେ, أَتَقْتُلُونَ رَجُلًا أَنْ يَقُولَ رَبِّيَ اللّٰهُ ଅର୍ଥାତ୍ ହେ ଲୋକମାନେ ! କ'ଣ ତୁମେମାନେ ଜଣେ ଲୋକକୁ କେବଳ ଏଥି ସକାଶେ (ଏଇଥି ପାଇଁ) ହତ୍ୟା କରିବ ଯେହେତୁ ସେ କହୁଛି ଯେ, ଅଲ୍ଲାଃ ହିଁ ମୋର ପାଳନକର୍ତ୍ତା । **(ସହିହୁଲ୍ ବୁଖାରୀ, ଅନୁବାଦକ, ଗ୍ରନ୍ଥଖଣ୍ଡ-7, ପୃ-332, କିତାବୁଲ୍ ମନାକିବିଲ୍ ଅନ୍‌ସାରି, ବାବ୍- ମାଲକିୟନ୍ ନବୀୟା ସ.ଅ ୱ ଅସ୍‌ହାବିହି ମିନଲ୍ ମୁଶ୍ରିକିନା ବିମକ୍କତା, ହଦିସ୍ ନଂ-3856, ନଜାରତ୍ ଇଶାଅତ୍ )**

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ପୁନଶ୍ଚ ଆମେମାନେ ଏହା ମଧ୍ୟ ଦେଖିଥାଉ ଏବଂ ଅନେକ ଥର ବର୍ଣ୍ଣନା ମଧ୍ୟ କରାଯାଇଛି ଯେ, ଯୁଦ୍ଧରେ ମଧ୍ୟ ଆପଣ ସ.ଅ ସର୍ବଦା ଏକେଶ୍ୱରେବାଦର ସ୍ୱାଭିମାନ ପ୍ରଦର୍ଶନ କରିଛନ୍ତି । ଓହୋଦ୍ ଯୁଦ୍ଧର ଏକ ବିଖ୍ୟାତ ଘଟଣା ରହିଛି । ଏହି ଘଟଣା ସଂପର୍କରେ ଆମେମାନେ ସର୍ବଦା ଭାଷଣ ଏବଂ ଖୁତ୍‌ବାରେ ଶୁଣି ଆସିଛୁ ଯେ, ଯେତେବେଳେ ଅବୁ ସୁଫିୟାନ୍, ଆଁହଜରତ୍ ସ.ଅ, ହ. ଅବୁ ବକ୍କର୍ ର.ଅ, ହ. ଉମର୍ ର.ଅଙ୍କ ନାମ ଉଚ୍ଚାରଣ କରି କହିଲା, ଏମାନେ କେଉଁଠି ଅଛନ୍ତି ? କିନ୍ତୁ ଆଁହଜ ରତ୍ ସ.ଅ ସମସ୍ତଙ୍କୁ କହିଲେ, କେହି ଉତ୍ତର ଦେବ ନାହିଁ । କାରଣ ସେତେବେଳେ ଉତ୍ତର ଦେବା ମୁସଲମାନମାନଙ୍କର ଦୁର୍ବଳାବସ୍ଥା ଯୋଗୁଁ ସେମାନଙ୍କୁ ବିପଦାଗ୍ରସ୍ତ କରାଇ ପାରିଥାଆନ୍ତା । ତେଣୁ ଆପଣ ସ.ଅ ମୁସଲମାନମାନଙ୍କୁ ନିରବ ରହିବା ନିମନ୍ତେ କହିଲେ । ପ୍ରତ୍ୟୁତ୍ତରରେ ଅବୁ ସୁଫିୟାନ୍ କହିଲା, ହୁବୁଲ୍ ଦେବତାଙ୍କର ଜୟ ହେଉ । ଯେତେବେଳେ ଅବୁ ସୁଫିୟାନ୍ ଏପରି କଥା କହିଲା ସେତେବେଳେ ନବୀ କରୀମ୍ ସ.ଅ ବ୍ୟଗ୍ର ଓ ବ୍ୟାକୁଳ ହୋଇ ଉଠି କହିଲେ, ହେ ସାହାବାମାନେ ! ତୁମେମାନେ ଅବୁ ସୁଫିୟାନ୍ କଥାର ଉତ୍ତର ଦଅ ନାହିଁ । ସେମାନେ (ସାହାବାମାନେ)

କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କି ଉତ୍ତର ଦେବୁ ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହା କୁହ ଯେ, ଅଲ୍ଲାଃତାଲା ସର୍ବୋଚ୍ଚ ଏବଂ ସମସ୍ତ ମର୍ଯ୍ୟାଦାର ଅଧିକାରୀ ଓ ମହାନ୍ ଅଟନ୍ତି । ଅବୁ ସୁଫିୟାନ୍ କହିଲା, ଆମମାନଙ୍କ ନିମନ୍ତେ (ଆମର) ଉଜ୍ଜା ଠାକୁର ଅଛନ୍ତି ଏବଂ ତୁମର କେହି ଉଜ୍ଜା ଠାକୁର ନାହାନ୍ତି । ନବୀ କରୀମ୍ ସ.ଅ କହିଲେ, ହେ ମୁସଲମାନମାନେ ! ତୁମେମାନେ ଅବୁ ସୁଫିୟାନ୍ କଥାର ଉତ୍ତର ଦେଉ ନାହଁ ? ପ୍ରତ୍ୟୁତ୍ତରରେ ସହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କି ଉତ୍ତର ଦେବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହି ଉତ୍ତର ଦିଅ ଯେ, ଅଲ୍ଲାଃତାଲା ଆମମାନଙ୍କର ସାହାଯ୍ୟକର୍ତ୍ତା ଅଟନ୍ତି ଏବଂ ତୁମମାନଙ୍କର କେହି ସାହାଯ୍ୟକର୍ତ୍ତା ନାହାନ୍ତି । ସୁତରାଂ ଯେଉଁଠି ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ପ୍ରଶ୍ନ ଆସିଲା ସେଠାରେ ଆପଣ ସ.ଅ କୌଣସି ବିପଦ ପ୍ରତି ମଧ୍ୟ ଭ୍ରୂକ୍ଷେପ କଲେ ନାହିଁ । ଅତଏବ୍ ଏହା ସେତେବେଳେ ଏକେଶ୍ୱରବାଦ ନିମନ୍ତେ ଆପଣ ସ.ଅଙ୍କ ସ୍ୱାଭିମାନ ଥିଲା ଯେ, ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ତୁମେମାନେ ଏହା କୁହ ଯେ, اللہ اعلیٰ و اجل، اللہ اعلیٰ و اجل । ଅର୍ଥାତ୍ ହେ ଅବିଶ୍ୱାସକାରୀମାନେ ! ତୁମେମାନେ ମିଛ କହୁଛ, ହୁବୁଲ୍ ଦେବତାର ମର୍ଯ୍ୟାଦା ଉଚ୍ଚ ନୁହେଁ ବରଂ ଅଲ୍ଲାଃତାଲା ଯେକି ଏକ ଓ ଅଦ୍ୱିତୀୟ ଅଟନ୍ତି ସେ ସମ୍ମାନସ୍ପଦ ଏବଂ ତାହାଙ୍କ ମର୍ଯ୍ୟାଦା ଓ ଗାରିମା ସର୍ବୋଚ୍ଚ ଅଟେ ।

**(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍- ଗଜ୍ୱା ୱହୋଦ୍, ହଦିସ୍ ନଂ-4043)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଆଲେଖ୍ୟ ପାଠ କରିଦେଉଛି । ଏହି ଆଲେଖ୍ୟଟି ବାରମ୍ବାର ପଠନୀୟ ଓ ଶ୍ରବଣୀୟ ଅଟେ । ଅର୍ଥାତ୍ ସେହି ଆଲେଖ୍ୟଟି ଆଁହଜରତ୍ ସ.ଅଙ୍କ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ, ମର୍ଯ୍ୟାଦା ତଥା ସମ୍ମାନ ସଂପର୍କରେ ଆମମାନଙ୍କୁ ସୂଚନା ପ୍ରଦାନ କରିଥାଏ ଏବଂ ଆମମାନଙ୍କ ନିମନ୍ତେ ମାର୍ଗଦର୍ଶକ ଅଟେ । ଅର୍ଥାତ୍ କିପରି ଆମେମାନେ ଏହାର ସଠିକ୍ ଅବବୋଧ ପ୍ରାପ୍ତ କରିପାରିବୁ ? ଅତଏବ୍ ଆପଣ ଅ.ସ କୁହନ୍ତି: "ମୁଁ ସର୍ବଦା ଆଶ୍ଚର୍ଯ୍ୟ ଦୃଷ୍ଟିରେ ଦେଖିଥାଏ ଯେ, ଏହି ଆରବ୍ୟ ଅବତାର ଯାହାଙ୍କ ନାମ ମୁହମ୍ମଦ୍ ସ.ଅ ଅଟେ ସେହି ମହାବତାରଙ୍କ ଉପରେ ଶତ ଶତ ଦୁରୁଦ୍ (ଶାନ୍ତି) ଅବତୀର୍ଣ୍ଣ ହେଉ । ଏହି ବାର୍ତ୍ତାବହ ଅତ୍ୟୁଚ୍ଚ ମର୍ଯ୍ୟାଦାର ଅଧିକାରୀ ଅଟନ୍ତି । ଏହି ବାର୍ତ୍ତାବଙ୍କ ମର୍ଯ୍ୟାଦାର ଶେଷ ଅଜ୍ଞାତ ଅଟେ । ଏହାର ଐଶୀ ଲୀଳାତ୍ମକ ତଥା ଅଲୌକିକ ଶକ୍ତିର ଆକଳନ କରିବା ମନୁଷ୍ୟର କାର୍ଯ୍ୟ ନୁହେଁ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଯେପରି ସେହି ଅବାତରଙ୍କ ମର୍ଯ୍ୟାଦାକୁ ଚିହ୍ନା ଯାଇଥାଆନ୍ତା ସେପରି ତାହାଙ୍କର ମର୍ଯ୍ୟାଦାକୁ ଚିହ୍ନାଗଲା ନାହିଁ । ସଂସାରଲୋକରୁ ଯେଉଁ ଏକେଶ୍ୱରବାଦ ହଜି ଯାଇଥିଲା ସେହି ଏକେଶ୍ୱରବାଦକୁ ଏହି ମହାବତାର ତଥା ପହିଲମାନ ପୁନଃ ଏହି ସଂସାରରଲୋକକୁ ଫେରାଇ ଆଣିଲା । ସେହି ବାର୍ତ୍ତାବହ ଈଶ୍ୱରଙ୍କ ପ୍ରତି ଅନାବିଳ ପ୍ରେମ ଓ ମାନବଜାତି ପ୍ରତି ଅସୀମ ସହାନୁଭୂତି ପ୍ରଦର୍ଶନ କରି ନିଜର ପ୍ରାଣକୁ ଉତ୍ସର୍ଗ କରିଦେଲା ତେଣୁ ଈଶ୍ୱର ଯେକି ତାହାଙ୍କ ଅର୍ଥାତ୍ ବାର୍ତ୍ତାବହଙ୍କ ମନରେ ଥିବା ରହସ୍ୟ ପ୍ରତି ଅବଗତ (ଅଜ୍ଞ) ଥିଲେ, ସେହି ବାର୍ତ୍ତାବହଙ୍କୁ ଅଲ୍ଲାଃତାଲା ସକଳ ଅବତାରମାନଙ୍କ ଉପରେ, ସମସ୍ତ ପୂର୍ବାପର ଲୋକମାନଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କଲେ ଓ ସେହି ଅବତାରଙ୍କ ସମସ୍ତ ମନସ୍କାମନାକୁ ତାଙ୍କର ଜୀବନକାଳ ମଧ୍ୟରେ ହିଁ ସାକାର ତଥା ପୂର୍ଣ୍ଣ କରିଦେଲେ। ଉକ୍ତ ସୌନ୍ଦର୍ଯ୍ୟ ସେହି ପ୍ରସଙ୍ଗର ଅଟେ ଯେ, ଆପଣ ସ.ଅ ଅଲ୍ଲାଃତାଲାଙ୍କ ସହିତ ଅନାବିଳ ପ୍ରେମ ପ୍ରଦର୍ଶନ କଲେ ଓ ମାନବ ଜାତି ପ୍ରତି ମଧ୍ୟ ଆପଣ ସ.ଅ ଅସୀମ ସହାନୁଭୂତି ପ୍ରଦର୍ଶନ କରିଥିଲେ । ସେଇଥି ପାଇଁ ସେମାନେ ଅର୍ଥାତ୍ ଲୋକମାନେ ଅଲ୍ଲାଃତାଲାଙ୍କ ନିକଟବର୍ତ୍ତୀ ହୁଅନ୍ତୁ, ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ହୁଅନ୍ତୁ, ନିଜର ଇହକାଳ ଓ ପରକାଳକୁ ସୁଧାରି ନିଅନ୍ତୁ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସେ ହିଁ ଅଟନ୍ତି ଯିଏ ପ୍ରତ୍ୟେକ ପ୍ରକାରର କଲ୍ୟାଣ ଓ ଦୟାର ନିର୍ଝର (ଝରଣା) ଅଟନ୍ତି। ଯେଉଁ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ କଲ୍ୟାଣ, ଦୟା ତଥା ଉପକାର ବ୍ୟତୀତ ଅନ୍ୟ କୌଣସି ଶ୍ରେଷ୍ଠତା ତଥା ପ୍ରାଧାନ୍ୟତାର ଦାବି କରେ ତେବେ ସେହି ବ୍ୟକ୍ତି ମଣିଷ ନୁହେଁ ବରଂ ସୈତାନର ସନ୍ତାନ ଅଟେ । କାରଣ ପ୍ରତ୍ୟେକ ପ୍ରକାର ଶ୍ରେଷ୍ଠତାର କୁଞ୍ଜିକା (ଚାବି) ତାହାଙ୍କୁ (ଆଁହଜରତକ୍ ସ.ଅଙ୍କୁ) ପ୍ରଦାନ କରାଯାଇଛି ଓ ପ୍ରତ୍ୟେକ ପ୍ରକାରର ଅଧ୍ୟାତ୍ମ ନିଧି ଆପଣ ସ.ଅଙ୍କୁ ପ୍ରଦାନ କରାଯାଇଛି । ଯେଉଁ ବ୍ୟକ୍ତି ଆପଣ ସ.ଅଙ୍କ ମାଧ୍ୟମରେ ଏସବୁ କଲ୍ୟାଣ ପ୍ରାପ୍ତ କରେ ନାହିଁ ତେବେ ସେହି ବ୍ୟକ୍ତି ସଂପୂର୍ଣ୍ଣ ରୂପେ ସମସ୍ତ କଲ୍ୟାଣରୁ ବଞ୍ଚିତ ଅଟେ । ଆମେମାନେ କ'ଣ ଅଟୁ ଏବଂ ଆମମାନଙ୍କର ବାସ୍ତବତା କ'ଣ ? ଯେପର୍ଯ୍ୟନ୍ତ ଆମେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରି ନେଦେଇଛୁ ଯେ, ପ୍ରକୃତ ଏକେଶ୍ୱରବାଦ ଆମମାନଙ୍କୁ ଏହି ବାର୍ତ୍ତାବହ (ମହାବତାର ହ. ମୁହମ୍ମଦ୍ ମୁସ୍ତଫା ସ.ଅ)ଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଛି ଏବଂ ଜୀବନ୍ତ (ସାକ୍ଷାତ୍) ଈଶ୍ୱରଙ୍କ ପରିଚୟ ଆମେମାନଙ୍କୁ ସେହି ସର୍ବଗୁଣ ସମ୍ପନ୍ନ ଅବତାରଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଛି, ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ କରିବାର ଯେଉଁ ମର୍ଯ୍ୟାଦାର ରହିଥିଲା ତାହା ଆମେମାନେ ଆପଣ ସ.ଅଙ୍କ ମାଧ୍ୟମରେ ହିଁ ପ୍ରାପ୍ତ କରିଛୁ, ସେହି ମହାବତାରଙ୍କ ମାଧ୍ୟମରେ ଆମେମାନେ ସର୍ବଶକ୍ତିମାନ ଈଶ୍ୱରଙ୍କ ଲୀଳାତ୍ମକ ରୂପକୁ ଦର୍ଶନ କରିଥାଉ ସେପର୍ଯ୍ୟନ୍ତ ଆମେମାନେ ପୁରସ୍କାରର ପ୍ରତ୍ୟାଖ୍ୟାନକାରୀ ହେବୁ (ସାଜିବୁ) । ଏହି ସମସ୍ତ ପ୍ରସଙ୍ଗ ଆମମାନଙ୍କୁ ସେହି ମହାବତାରଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଛି । ସେହି ସତ୍ମାର୍ଗଜନିତ ସୂର୍ଯ୍ୟର ସୂର୍ଯ୍ୟକିରଣ ଆଲୋକ ପରି ଆମମାନଙ୍କ ଉପରେ ପଡ଼ିଥାଏ । ଅତଏବ୍ ଆମେମାନେ ଯେପର୍ଯ୍ୟନ୍ତ ସେହି ସୂର୍ଯ୍ୟକିରଣର ବିପରୀତ ଅର୍ଥାତ୍ ସମ୍ମୁଖରେ ଛିଡ଼ା ହୋଇଥିବୁ ସେପର୍ଯ୍ୟନ୍ତ ଆମେମାନେ ସେହି ସୂର୍ଯ୍ୟରଶ୍ମୀରୁ ଆଲୋକିତ ହେଉଥିବୁ ।" ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଅଲ୍ଲାଃତାଲାଙ୍କ ପ୍ରଯ୍ୟନ୍ତ ପହଞ୍ଚିବା ସକାଶେ, ପ୍ରକୃତ ଏକେଶ୍ୱରବାଦ କୁ ଚିହ୍ନିବାକୁ ହେଲେ ବର୍ତ୍ତମାନ ଆଁହଜରତ୍ ସ.ଅ ହିଁ ଏକମାତ୍ର ମାଧ୍ୟମ ଅଟନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେଉଁ ଲୋକମାନେ ଏହି ଭ୍ରମ ଧାରଣା ଉପରେ ଅବିଚଳ ଅଟନ୍ତି ଯେ, ଯେଉଁ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ଉପେରେ ବିଶ୍ୱାସ ନ ଆଣେ ତେବେ ସେହି ବ୍ୟକ୍ତି ମୁର୍ତ୍ତଦ୍ (ଧର୍ମଦ୍ରୋହୀ) ଅଟେ । ଅପରପକ୍ଷେ ଯେଉଁ ବ୍ୟକ୍ତି ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ଅଟେ, ଏକେଶ୍ୱରଙ୍କୁ ଏକ ଓ ଅଦ୍ୱିତୀୟ ବୋଲି ମନେକରେ ତେବେ ସେହି ବ୍ୟକ୍ତି ମଧ୍ୟ ମୋକ୍ଷ ପ୍ରାପ୍ତ କରିପାରିବ । ସେହିପରି ଯେଉଁ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ଉପରେ ବିଶ୍ୱାସ ନଆଣେ କିମ୍ବା ଧର୍ମଦ୍ରୋହୀ ହେବା ଯୋଗୁଁ ତା'ର କିଛି ବି କ୍ଷତି ଘଟିବା ନାହିଁ.......ଏପରି ଲୋକମାନେ ବାସ୍ତବରେ ଏକେଶ୍ୱରବାଦର ବାସ୍ତବତା ଠାରୁ ଅନବଗତ ଅଟନ୍ତି...... କିନ୍ତୁ ଈଶ୍ୱରଙ୍କୁ ଏକ ମନେ କରିବା ଦ୍ୱାରା ମୋକ୍ଷ ପ୍ରାପ୍ତ ହୋଇଯାଇ ନଥାଏ। ବରଂ ମୋକ୍ଷ ପ୍ରାପ୍ତି ଦୁଇଟି ପ୍ରସଙ୍ଗ ଉପରେ ନିର୍ଭଶୀଳ ଅଟେ, ଯଥା (1) ବ୍ୟକ୍ତି ପୂର୍ଣ୍ଣ ବିଶ୍ୱାସର ସହିତ ଈଶ୍ୱରଙ୍କ ଅସ୍ତିତ୍ୱ ଏବଂ ତାହାଙ୍କ ଏକେଶ୍ୱରବାଦ ଉପରେ ବିଶ୍ୱାସ ଆଣିବା ଉଚିତ୍ (2) ବ୍ୟକ୍ତି ହୃଦୟରେ ଅଲ୍ଲାଃତାଲାଙ୍କ ପ୍ରତି ଏପରି ପୂର୍ଣ୍ଣ ପ୍ରେମ ଆସନ୍ନିତ ହୋଇଯାଉ ଯେ, ସେହି ପ୍ରେମର ପିରବ୍ୟାପ୍ତ ତଥା ସଂପ୍ରସାରିତ ହେବାର ପିରଣାମ ଏହା ହେବ ଯେ, ଈଶ୍ୱରଙ୍କ ଆଜ୍ଞାବହତ୍ୱ ତା' (ବ୍ୟକ୍ତିର) ପ୍ରାଣ ପାଇଁ ଆଶ୍ୱସ୍ତିକର ହେବ । ଏହି ପ୍ରେମ ଏବଂ ଆଜ୍ଞାବହତ୍ୱ ବ୍ୟତୀରେକ ସେହି ବ୍ୟକ୍ତି କଦାପି ବଞ୍ଚି ପାରିବ ନାହିଁ ।" ଅର୍ଥାତ୍ ସେହି ଅବସ୍ଥାରେ ଏପରି ପରିବ୍ୟାପ୍ତ ହେବ ଉଚିତ୍ । "ଈଶ୍ୱରଙ୍କ ପ୍ରେମ ସମସ୍ତ ପର ପ୍ରେମକୁ ନଷ୍ଟ କରି ନିଶ୍ଚିହ୍ନ କରିଦେଉ । ଏହା ହିଁ ପ୍ରକୃତ ଏକେଶ୍ୱରବାଦ ଅଟେ। ଅର୍ଥାତ୍ ଆମ୍ଭର ପ୍ରିୟ ମୁନିବ୍ ମୁହମ୍ମଦ ସ.ଅଙ୍କ ଆଜ୍ଞାବହତ୍ୱ ପ୍ରକାଶ ବ୍ୟତୀତ ପ୍ରକୃତ ଏକେଶ୍ୱରବାଦ କଦାପି ପ୍ରାପ୍ତ ହୋଇ ପାରିବ ନାହିଁ । କାହିଁକି ହାଇ ପାରିବ ନାହିଁ ? ଏହାର ଉତ୍ତର ଏହିକି ଯେ, ଈଶ୍ୱରଙ୍କ ଅସ୍ତିତ୍ୱ ଆଦୃଷ୍ଟରୁ ଆଦୃଷ୍ଟତର ଏବଂ ଦୂରରୁ ଦୂରବର୍ତ୍ତୀ ଓ ଅତ୍ୟନ୍ତ ରହସ୍ୟାତ୍ମକ ରୂପେ ଅବସ୍ଥିତ ଓ ସଂଘଟିତ ହୋଇଅଛି। ଏହି ଅସ୍ତିତ୍ୱକୁ ମନୁଷ୍ୟ ନିଜର ବୁଦ୍ଧି ବଳରେ କଦାପି ଆବିଷ୍କାର କରିପାରିବ ନାହିଁ । କୌଣସି ବୌଦ୍ଧିକ ପ୍ରମାଣ ତାହାଙ୍କ ଅସ୍ତିତ୍ୱ ସଂପର୍କରେ ପୂର୍ଣ୍ଣ ପ୍ରମାଣ ବୋଲି ସିଦ୍ଧ ହୋଇପାରିବ ନାହଁ । କାରଣ ବୁଦ୍ଧିର ଗତି ଏବଂ ବେଗ କେବଳ ସେହି ପର୍ଯ୍ୟନ୍ତ ସୀମିତ ଯେପର୍ଯ୍ୟନ୍ତ ଏହି ଜଗତର ଶିଳ୍ପକଳାକୁ (ନିର୍ମାଣକୁ) ଦେଖି ଶିଳ୍ପୀ (ନିର୍ମାଣକର୍ତ୍ତା)ଙ୍କର ଆବଶ୍ୟକତାକୁ ଅନୁଭବ କରିଥାଏ । କିନ୍ତୁ ଆବଶ୍ୟକତାକୁ ଅନୁଭବ କରିବା ଅନ୍ୟ ଏକ ପ୍ରସଙ୍ଗ ଅଟେ ଓ ସେହି ସ୍ତରକୁ ବିଶ୍ୱାସ ପର୍ଯ୍ୟନ୍ତ ପହଞ୍ଚାଇବା ଯେ, ଯେଉଁ **(ଅବଶିଷ୍ଟାଂଶ....ପୃ-9ରେ)**

## ପୃ-12ରେ ବର୍ଣ୍ଣିତ ଖବର କାଗଜ ବଦରର ସଂକ୍ଷିପ୍ତ ପରିଚୟର ଅବଶିଷ୍ଟାଂଶ...

କାଗଜଟି ଜାରି ରହୁ । ଅଲ୍ଲାଃତାଲାଙ୍କ ନିକଟରେ ଏତିକି ଦୁଆ (ପ୍ରାର୍ଥନା) ଯେ, ସେ ଆମ ସମସ୍ତଙ୍କୁ ଉକ୍ତ ଖବର କାଗଜରୁ ଯଥାସାଧ ତଥା ଅଧିକରୁ ଅଧିକ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଅତଏବ୍ ଜିଲ୍ଲାର ସମସ୍ତ ଅମୀର୍ମାନଙ୍କୁ, ସ୍ଥାନୀୟ ଜମାଅତ୍ର ସଦର୍ମାନଙ୍କୁ, ମୁବଲ୍ଲିଗ୍ ଇନ୍ଚାର୍ଜ ସାହେବମାନଙ୍କୁ, ସ୍ଥାନୀୟ ମୁବଲ୍ଲିଗିନ୍ ଓ ମୁଅଲ୍ଲିମିନ୍ମାନଙ୍କୁ ବିଶେଷ ରୂପେ ଅନୁରୋଧ କି ସେମାନେ ଏଥି ସଂକ୍ରାନ୍ତରେ ଜମାଅତ୍ର ସଦସ୍ୟବୃନ୍ଦ ମଧ୍ୟରେ ଜାଗରଣ ସୃଷ୍ଟି କରନ୍ତୁ ଓ ନିଜ ନିଜ ଜମାଅତ୍ର ପ୍ରତ୍ୟେକଟି ଘରେ ଅନ୍ତତଃ ଗୋଟିଏ ଖଣ୍ଡ ଖବର କାଗଜ ଅବଶ୍ୟ ଜାରି କରାଇବା ନିମନ୍ତେ ଉଦ୍ୟମ କରନ୍ତୁ । ସେହିପରି ହୁଜୁର୍ ଅନ୍ୱର୍ ଅ.ବଙ୍କ ଉଦ୍ଦେଶ୍ୟ ତଥା ଅଭିପ୍ରାୟ ଓ ସର୍ବୋଚ୍ଚ ଆଶା ତଥା ଆକାଂକ୍ଷା ଅନୁଯାୟୀ ଏହାରେ କ୍ରେତା ଓ ପାଠକୀୟମାନଙ୍କର ସଂଖ୍ୟାକୁ ବୃଦ୍ଧି କରୁ ଥାଆନ୍ତୁ । **ଯଜାକୁମୁଲ୍ଲାଃହୁ ତାଆଲା ଅହ୍ସନଲ୍ ଯଜା ।(ବିନୀତ: ମ୍ୟାନେଜର, ଖବର କାଗଜ ବଦର୍, କାଦିୟାନ୍)**

☆--☆--☆

## 2026 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ସାରୁଲ୍ଲାଃଙ୍କର ବାର୍ଷିକ ଇଜ୍ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍ୱର୍ ଅ.ବ ମଜ୍ଲିସ୍ ଅନ୍ସାରୁଲ୍ଲାଃ ଭାରତର କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍ତିମା ନିମନ୍ତେ 2026 ମସିହା ଅକ୍ଟୋବର ମାସ 23, 24, 25 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବତ୍ସଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି ।

ତେଣୁ ଜମାଅତ୍ର ସମସ୍ତ ଅନ୍ସାର୍ ସଦସ୍ୟବୃନ୍ଦମାନଙ୍କୁ ଅବଗତ କରି ଦିଆଯାଉଅଛି ଯେ, ସେମାନେ ଉପର ଲିଖିତ ତାରିଖ ଅନୁଯାୟୀ ଅଧିକରୁ ଅଧିକ ସଂଖ୍ୟାରେ ଏହି ଆଧ୍ୟାତ୍ମିକ ଇଜ୍ତିମାରେ ସାମିଲ୍ ହୋଇ ପୁଣ୍ୟାର୍ଜନ କରିବା ଓ ଉପକୃତ ହେବା ନିମନ୍ତେ ଯଥାସମ୍ଭବ ପ୍ରୟାସ କରନ୍ତୁ । ସେହିପରି ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଉକ୍ତ ଇଜ୍ତିମାକୁ ସାଫଲ୍ୟ ମଣ୍ଡିତ କରନ୍ତୁ ଓ ଆପଣମାନେ ଇଜ୍ତିମାର କଲ୍ୟାଣମୟ ହେବା ନିମନ୍ତେ ମଧ୍ୟ ଦୁଆ ଜାରି ରଖନ୍ତୁ । **ଆମିନ୍।ଯଜମାକୁମୁଲ୍ଲାଃତୁ ତାଆଲା ୱ ଅହ୍ସନଲ୍ ଯଜା। (ସଦର୍ ମଜ୍ଲିସ୍ ଅନସାରୁଲ୍ଲାଃ, ଭାରତ)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 07-14 May 2026 Issue No. 19-20

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## 131 ତମ ଜଲ୍‌ସା ସାଲାନା କାଦିୟାନ୍, ତା- 25, 26, 27 ଡିସେମ୍ବର, 2026 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 131 ତମ ଜଲ୍‌ସା ସାଲାନା କାଦିୟାନ୍ 2026 ମସିହା ନିମନ୍ତେ ତା-25, 26, 27, ଡିସେମ୍ବର 2026 ମସିହା (ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ମଞ୍ଜୁର୍ (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ଆମମାନଙ୍କୁ ସେହି ସମସ୍ତ ଦୁଆର ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

☆☆☆

## 2026 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଲଜ୍‌ନା ଇମାଇଲ୍ଲାଃ ଓ ନାସ୍ରାତୁଲ୍ ଅମହମଦିୟା)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ 2026 ମସିହା ଅକ୍ଟୋବର ମାସ 23, 24, 25 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବତ୍ସଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି ।

ତେଣୁ ଜମାଅତ୍‌ର ସମସ୍ତ ଲଜ୍‌ନା ସଦସ୍ୟାଙ୍କୁ ଉପରୋକ୍ତ ତାରିଖ ସଂପର୍କରେ ଅବଗତ କରି ଦିଆଯାଉଅଛି ଯେ, ଆପଣମାନେ ଅଧିକରୁ ଅଧିକ ସଂଖ୍ୟାରେ ଲଜ୍‌ନା ଇମାଇଲ୍ଲାଃ ଭାରତ୍ ଓ ନାସ୍ରାତୁଲ୍ ଅହମଦିୟା ଭାରତ୍‌ର ଏହି ଆଧାତ୍ମିକ ଇଜ୍‌ତିମାରେ ଯୋଗ ଦେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । ସେହିପରି ନିଜ ଜିଲ୍ଲାରୁ କୌଣସି ନା କୌଣସି ପ୍ରତିନିଧିଙ୍କୁ ଉକ୍ତ ଲଜ୍‌ନାରେ ସାମିଲ୍ ହେବା ସୁନିଶ୍ଚିତ କରିବା ନିମନ୍ତେ ମଧ୍ୟ ଭରପୁର୍ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଉକ୍ତ ଇଜ୍‌ତିମାକୁ ସାଫଲ୍ୟ ମଣ୍ଡିତ କରନ୍ତୁ । **ଆମିନ୍** ।

**(ସଦର୍ ଲଜନା ଇମାଇଲ୍ଲାଃ ଭାରତ)**

## 2026 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦ୍ଦାମୁଲ୍ ଅହମଦିୟା ଓ ଅତଫାଲୁଲ୍ ଅମହମଦିୟା)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ 2026 ମସିହା ଅକ୍ଟୋବର ମାସ 23, 24, 25 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବତ୍ସଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି ।

ତେଣୁ ଜମାଅତ୍‌ର ସମସ୍ତ ଲଜ୍‌ନା ସଦସ୍ୟବୃନ୍ଦ ଯଥା ଖୁଦ୍ଦାମ୍ ଓ ଅତ୍‌ଫାଲମାନଙ୍କୁ ଅବଗତ କରି ଦିଆଯାଉଅଛି ଯେ, ସେମାନେ ଉପର ଲିଖିତ ତାରିଖ ଅନୁଯାୟୀ ଅଧିକରୁ ଅଧିକ ସଂଖ୍ୟାରେ ଏହି ଆଧାତ୍ମିକ ଇଜ୍‌ତିମାରେ ସାମିଲ୍ ହୋଇ ପୁଣ୍ୟାର୍ଜନ ତଥା ଉପକୃତ ହେବା ନିମନ୍ତେ ଯଥାସମ୍ଭବ ପ୍ରୟାସ କରନ୍ତୁ । ସେହିପରି ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଉକ୍ତ ଇଜ୍‌ତିମାକୁ ସାଫଲ୍ୟ ମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ମଧ୍ୟ ଦୁଆ ଜାରି ରଖନ୍ତୁ । **ଆମିନ୍ । ଯଜମାକୁମୁଲ୍ଲାଃତୁ ତାଆଲା ଓ ଅହ୍‌ସନଲ୍ ଯଜା। (ସଦର୍ ମଜଲିସ୍ ଖୁଦ୍ଦାମୁଲ୍ ଅହମଦିୟା ଭାରତ)**

## (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାଃ** ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଆଗ୍ରହୀ ଅହେମଦି ଛାତ୍ରମାନେ ଦୟାକରି ଧାନ ଦିଅନ୍ତୁ ! ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ଓ ମାଦ୍ରାସାତୁଲ୍ ହିଫଜ୍ ପାଇଁ ନାମଲେଖା ଆରମ୍ଭ ହେବାକୁ ଯାଉଛି....

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ ଓ ନିର୍ବାହ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ ମଧ୍ୟ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ସୟେଦିନା ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ସକାଶେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ତେଣୁ ଯେଉଁ ଛାତ୍ରମାନଙ୍କର ମ୍ୟାଟ୍ରିକ୍ ପରୀକ୍ଷା କିମ୍ବା +2ର ପରୀକ୍ଷା ସମାପ୍ତ ହୋଇଯାଇଛି ଏବଂ ଯେଉଁମାନେ ଯାମିୟା ଅହେମଦିୟାରେ କିମ୍ବା ସ୍ୱଳ୍ପ ଅବଧିର ବିଶିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "**ଶୋବା ୱକ୍‌ଫେ ନଅ ଭାରତ**" (ୱକ୍‌ଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ୱକ୍‌ଫେ ନଅ ଭାରତ ସ୍ଥିତ କାର୍ଯ୍ୟାଳୟକୁ କିମ୍ବା ନଜାରତ୍ ତାଲିମ୍‌କୁ ତୁରନ୍ତ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

**(1)** ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଉଚିତ୍ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ଥ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ । **(2)** ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସ୍‌ଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ । **(3)** ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍‌କାର ଏବଂ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହେମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ । **(4)** ବିବାହିତ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ପାଇଁ ସମୟ ସୀମା ଅଢେଇ ବର୍ଷ ବୋଲି ଧାର୍ଯ୍ୟ ହୋଇଛି । ଯହିଁରେ ଦୁଇ ବର୍ଷ ଅର୍ଥାତ୍ 24 ମାସ ପାଠପଢ଼ା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଅପରପକ୍ଷେ ମ୍ୟାଟ୍ରିକ/+2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନିମନ୍ତେ ସ୍ୱଳ୍ପ ଅବଧି ବିଶିଷ୍ଟ ମୁଅଲ୍ଲିମ୍ କୋର୍ସ ପାଇଁ ସାଢେ 3 ବର୍ଷ ଧାର୍ଯ୍ୟ ହୋଇଛି । ଯହିଁରେ 3 ବର୍ଷ ପାଠ ପଢା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । **(5)** ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ କରିବା ନିମନ୍ତେ ନିମ୍ନରେ ଠିକଣା ପ୍ରଦାନ କରାଗଲା ।

waqfenau@qadian.in

**WAQF-E-NAU DEPARTMENT (NAZARAT TALEEM) Darul Balagh, CIVIL LINE , QADIAN, DISTRICT: GURDASPUR, PUNJAB (INDIA) PIN: 143516, CONTACT: 01872-500975, 9988991775**

(ସଦର୍ ନ୍ୟାସ୍‌ନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan